# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୧୫/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 15/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଫାର୍ମରେ ନିଆଁ :୨୦ ଗାଈ ଦଗ୍ଧ**

ରାଜଧାନୀ ଦିଲ୍ଲୀର ରୋହିଣୀ ସାଭଦା ଗ୍ରାମର ଏକ ଫାର୍ମରେ ନିଆଁ ଲାଗିବା ଫଳରେ ୨୦ଟି ଗାଈ ଜଳିଯାଇଛନ୍ତି। ଶନିବାର ଅପରାହ୍ଣ ସାଢ଼େ ଗୋଟେ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୩ ପୋଲିସଙ୍କୁ ହତ୍ୟା କଲେ କୃଷ୍ଣସାର ମୃଗ ଶିକାରୀ

**ଭୋପାଳ,୧୪।୫:** ମଧ୍ୟପ୍ରଦେଶର ଗୁନା ଜିଲାରେ ଶୁକ୍ରବାର ବିଳମ୍ବିତ ରାତିରେ କୃଷ୍ଣସାର ମୃଗ ଶିକାରୀମାନେ ୩ ଜଣ ପୋଲିସଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଆରୋନ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଶିକାରୀ ରହିଥିବାରୁ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ପୋଲିସ ଅଧିକାରୀମାନେ ସେଠାକୁ ଯାଇଥିଲେ। ରାତି ପ୍ରାୟ ୨ଟା ୪୫ ସମୟରେ ପୋଲିସଙ୍କୁ ଦେଖି ଶିକାରୀମାନେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ଗୁଳି ଚଳାଇଥିଲେ ହେଁ ଆକ୍ରମଣକାରୀ ଘଞ୍ଚ ଜଙ୍ଗଲ ମଧ୍ୟରେ ଖସି ପଳାଇ ଯାଇଥିଲେ ବୋଲି ଏସ୍‌ପି ରାଜୀବ ମିଶ୍ରା କହିଛନ୍ତି। ଘଟଣାସ୍ଥଳରେ ପ୍ରାଣ ହରାଇଥିବା ପୋଲିସ କର୍ମଚାରୀମାନେ ହେଲେ ସବ୍‌ଇନ୍ସପେକ୍ଟର ରାଜକୁମାର ଜାତଭ, ହେଡ୍ କନ୍‌ଷ୍ଟେବଲ ସନ୍ତ କୁମାର ମୀନା ଏବଂ କନ୍‌ଷ୍ଟେବଲ ନୀରଜ ଭାର୍ଗବ। ପୋଲିସ ଗାଡ଼ି ଡ୍ରାଇଭର ମଧ୍ୟ ଶିକାରୀଙ୍କ ଗୁଳିରେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଶିକାରୀମାନେ ମାରିଥିବା ୪ କୃଷ୍ଣସାର ମୃଗ ଓ ଏକ ମୟୂରର ମୃତଦେହ ଜବତ ହୋଇଛି। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବ୍ୟକ୍ତିଗତ ଭାବେ ମାମଲାର ତଦାରଖ କରୁଛନ୍ତି। ଏହି ଘଟଣା ପରେ ଗ୍ୱାଲିୟର ଆଇଜି ଅନିଲ ଶର୍ମାଙ୍କୁ ହଟାଇ ଦିଆଯାଇଛି।

### ଶେଖ ମହମ୍ମଦ ବିନ୍ ଜାୟଦ୍ ୟୁଏଇ ରାଷ୍ଟ୍ରପତି



ଆବୁଧାବି, ୧୪।୫: ଆବୁଧାବି କ୍ରାଉନ୍ ପ୍ରିନ୍ସ ଶେଖ୍ ମହମ୍ମଦ ବିନ୍ ଜାୟଦ୍ ଶନିବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ନୂଆ ରାଷ୍ଟ୍ରପତି ହୋଇଛନ୍ତି। ବିନ୍ ଜାୟଦ ଫେଡେରାଲ ସୁପ୍ରିମ୍ କାଉନ୍‌ସିଲ ଦ୍ୱାରା ଏହି ତୈଳ ସମୃଦ୍ଧ ରାଷ୍ଟ୍ରର ତୃତୀୟ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ରାଷ୍ଟ୍ରପତି ତଥା ତାଙ୍କ ଭାଇ ଶେଖ ଖଲିଫାଙ୍କ ମୃତ୍ୟୁ ପରେ ଏମ୍‌ବିଜେଡ୍ ଭାବେ ଜଣା ୬୧ ବର୍ଷୀୟ ଜାୟଦ ପରବର୍ତ୍ତୀ ରାଷ୍ଟ୍ରପତି ହେବା ନେଇ ଚର୍ଚ୍ଚା ହେଉଥିଲା। ସେ ୟୁଏଇ ସଶସ୍ତ୍ର ବାହିନୀର ସୁପ୍ରିମ କମାଣ୍ଡର ରହିଛନ୍ତି। ମଜଭୁତ ବିଦେଶ ନୀତି, ପ୍ରତିରକ୍ଷା ଦକ୍ଷତା ବୃଦ୍ଧି ସହ ୟୁଏଇ ସେନାର ବିକାଶରେ ତାଙ୍କର ପ୍ରମୁଖ ଭୂମିକା ଥିବା କୁହାଯାଏ। ଶେଖ୍ ଖଲିଫା ଅସୁସ୍ଥ ଥିବାବେଳେ ଜାୟଦ ୟୁଏଇର ପ୍ରାୟ ସମସ୍ତ ପ୍ରମୁଖ ନୀତି ପ୍ରଣୟନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲେ। ସେ ଆବୁଧାବି ଶାସକ ହେବାର ଦିନକ ପରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।

### ମରାଠୀ ଅଭିନେତ୍ରୀ କେତକୀ ଚିଟାଲେଙ୍କ ବିରୋଧରେ ମାମଲା



**ପାୱାରଙ୍କ ବିରୋଧରେ ଅପମାନଜନକ ଫେସ୍‌ବୁକ୍ ପୋଷ୍ଟ**

**ମୁମ୍ବାଇ,୧୪।୫:** ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ବିରୋଧରେ ଅପମାନଜନକ ଫେସ୍‌ବୁକ୍ ପୋଷ୍ଟ ଶେୟାର କରିଥିବା ମରାଠୀ ଅଭିନେତ୍ରୀ କେତକୀ ଚିଟାଲେଙ୍କ ବିରୋଧରେ ମହାରାଷ୍ଟ୍ରର ଠାଣେ ସହରର କାଲୱା ଥାନାରେ ଶନିବାର ମାମଲା ରୁଜୁ ହୋଇଛି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ସିପି ନେତାମାନେ ଦାବି କରିଛନ୍ତି। ଟିଭି ଏବଂ ସିନେମା ଅଭିନେତ୍ରୀ କେତକୀ ଅନ୍ୟ ଦ୍ୱାରା ଲେଖାଯାଇଥିବା ଏକ ପୋଷ୍ଟକୁ ଶୁକ୍ରବାର ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ମରାଠୀ ଭାଷାରେ ଲେଖାଯାଇଥିବା ଉକ୍ତ ପୋଷ୍ଟରେ ପାୱାରଙ୍କୁ ଟାର୍ଗେଟ କରାଯାଇଥିଲା। ସେ ବ୍ରାହ୍ମଣଙ୍କୁ ଘୃଣା କରନ୍ତି, ତାଙ୍କ ପାଇଁ ନର୍କ ଅପେକ୍ଷା କରିଛି ଆଦି ଲେଖାଯାଇଥିଲା। ସ୍ୱପ୍ନିଲ ନେଟ୍‌କେଙ୍କ ଏତଲା କ୍ରମେ ଅଭିନେତ୍ରୀଙ୍କ ବିରୋଧରେ ଆଇପିସିର ଧାରା ୫୦୦ (ମାନହାନି), ୫୦୧ (ଅପମାନଜନକ ବିଷୟ ଛାପିବା), ୫୦୫(୨) (ଶତ୍ରୁତା, ଘୃଣା ବଢ଼ାଇବା ଓ ଗଣ୍ଡଗୋଳ ସୃଷ୍ଟି ଲାଗି ଗୁଜବ ପ୍ରସାର କରିବା) ଏବଂ ୧୫୩ ଏ’ରେ ମାମଲା ରୁଜୁ ହୋଇଛି।

# ରୁଷିଆରେ ହେବ ସେନା ବିଦ୍ରୋହ

**ୟୁକ୍ରେନ୍ ଗୋଇନ୍ଦା ମୁଖ୍ୟଙ୍କ ଦାବି**



ଭ୍ଲାଡିମିର ପୁଟିନ୍



କିର୍‌ୟିଲୋ ବୁଡାନୋଭ୍

**ବର୍ଷ ଶେଷ ସୁଦ୍ଧା ଯୁଦ୍ଧ ଜିତିପାରେ କିଭ୍**

କିଭ୍, ୧୪।୫

ଆସନ୍ତା ଅଗଷ୍ଟ କିମ୍ବା ବର୍ଷ ଶେଷ ସୁଦ୍ଧା ରୁଷିଆ ସହ ଲଢ଼େଇରେ ୟୁକ୍ରେନ୍ ବିଜୟ ଲାଭ କରିବ। ଏଥିସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଶାସନରୁ ହଟାଇବାକୁ ସେଠାରେ ସେନା ବିଦ୍ରୋହର ପ୍ରସ୍ତୁତି ଚାଲିଥିବା ୟୁକ୍ରେନ୍ ଗୋଇନ୍ଦା ମୁଖ୍ୟ ଜେନେରାଲ କିର୍‌ୟିଲୋ ବୁଡାନୋଭ୍ ଦାବି କରିଛନ୍ତି। ବର୍ଷ ଶେଷ ଆଡ଼କୁ ଯୁଦ୍ଧରେ ଏକ ବଡ଼ ଧରଣର ମୋଡ଼ ଆସିବ। ପ୍ରତ୍ୟକ୍ଷ ଲଢ଼େଇ ସମାପ୍ତ ହେବା ସହ ଡୋନ୍‌ବାସ ଏବଂ କ୍ରିମିଆ ଉପଦ୍ୱୀପ ସମେତ ୟୁକ୍ରେନ୍ ଏହାର ସମସ୍ତ ଅଞ୍ଚଳ ଉପରେ ନିୟନ୍ତ୍ରଣ ଆଣିବ ବୋଲି ଏକ ସାକ୍ଷାତ୍‌କାରରେ ସେ ପ୍ରକାଶ କରିଛନ୍ତି। ପୁଟିନ୍ ରକ୍ତ କର୍କଟରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ସେ ଉଭୟ ମାନସିକ ଓ ଶାରୀରିକ ଭାବେ ଅସୁସ୍ଥ ଥିବା ବୁଡାନୋଭ୍ ମଧ୍ୟ ଦାବି କରିଛନ୍ତି।

ପୂର୍ବ ୟୁକ୍ରେନ୍‌ର ଡୋନ୍‌ବାସ ଅଞ୍ଚଳରେ ଏବେ ମଧ୍ୟ ରୁଷିଆ ସୈନ୍ୟ ଆକ୍ରମଣ ଜାରି ରଖିଛନ୍ତି। ତେବେ ପୂର୍ବାପେକ୍ଷା ରୁଷିଆ ୟୁକ୍ରେନ୍‌ରେ ଅଧିକ ଆଗେଇବାରେ ସକ୍ଷମ ହୋଇପାରୁ ନ ଥିବା ଦେଖାଯାଇଛି। ବଡ଼ ସହର ଭାବେ କେବଳ ଖେରସନ୍‌କୁ ମସ୍କୋ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ନେଇଥିବା ଦାବି କରିଛି। ଅପରପକ୍ଷେ ଖର୍କିଭରୁ ରୁଷୀୟ ସୈନ୍ୟଙ୍କୁ ପଛକୁ ହଟାଯାଇଥିବା ଏହାର ମେୟର ଶନିବାର ସୂଚନା ଦେଇଛନ୍ତି।

### ରୁଷିଆରେ ମିଶିପାରେ ଜର୍ଜିଆ ବିଚ୍ଛିନ୍ନାଞ୍ଚଳ

**ଜୁଲାଇ ୧୭ରେ ଗଣଭୋଟ**

ବିଚ୍ଛିନ୍ନତାବାଦୀଙ୍କ କବଳରେ ଥିବା ଜର୍ଜିଆର ଦକ୍ଷିଣ ଓସେଟିଆ ଅଞ୍ଚଳ ରୁଷିଆରେ ମିଶିପାରେ। ଆସନ୍ତା ଜୁଲାଇ ୧୭ରେ ଏ ନେଇ ସେଠାରେ ଗଣଭୋଟ କରାଯିବ ବୋଲି ରିପବ୍ଲିକ ଅଫ୍ ସାଉଥ୍ ଓସେଟିଆର ଆତ୍ମଘୋଷିତ ରାଷ୍ଟ୍ରପତି ଆନାଟୋଲି ବିବିଲୋଭ୍ ଘୋଷଣା କରିଛନ୍ତି। ସୀମା ସଂଲଗ୍ନ ରୁଷିଆରେ ମିଶିବା ପାଇଁ ସ୍ଥାନୀୟ ଲୋକେ ବେଶ୍ ଉତ୍ସୁକ ଥିବା ଏକ ବିବୃତିରେ ପ୍ରକାଶ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ୭୯ତମ ଦିନରେ ଏହି ଖବର ସାମ୍ନାକୁ ଆସିଛି। ୨୦୦୮ ରୁଷିଆ-ଜର୍ଜିଆ ଯୁଦ୍ଧରେ ଅନ୍ୟ ବିଚ୍ଛିନ୍ନାଞ୍ଚଳ ଦକ୍ଷିଣ ଓସେଟିଆ କେନ୍ଦ୍ରସ୍ଥଳ ଥିଲା। ଯୁଦ୍ଧ ପରେ ରୁଷିଆ ଏହାକୁ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଇଥିଲା। ତେବେ ବିଶ୍ୱର ଅଧିକାଂଶ ଦେଶ ଦକ୍ଷିଣ ଓସେଟିଆକୁ ଜର୍ଜିଆର ଅଂଶ ବୋଲି ସ୍ୱୀକାର କରିଥାନ୍ତି। ତେବେ ଏଠାରେ ଭୋଟ ହେବାକୁ ଜର୍ଜିଆ ନିନ୍ଦା କରିବା ସହ ତାହାକୁ କେବେ ଗ୍ରହଣ କରାଯିବ ନାହିଁ ବୋଲି କହିଛି। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡୋନ୍‌ବାସ ଅଞ୍ଚଳର ଡୋନେସ୍କ ଓ ଲୁହାନ୍‌ସ୍କକୁ ସ୍ୱାଧୀନ ଦେଶ ଘୋଷଣା କରିଛନ୍ତି। ଡୋନ୍‌ବାସ ଅଞ୍ଚଳ ମଧ୍ୟ ବିଚ୍ଛିନ୍ନତାବାଦୀଙ୍କ କବଳରେ ଥିବାବେଳେ ସେମାନେ ରୁଷିଆରେ ମିଶିବା ପାଇଁ ଇଚ୍ଛା କରୁଛନ୍ତି।

### ନାଟୋ ସଦସ୍ୟତା ପାଇଁ ଆବେଦନ କରିବ ଫିନ୍‌ଲାଣ୍ଡ

**ପୁଟିନ୍‌ଙ୍କୁ ଫୋନ୍ କରି ଜଣାଇଲେ ରାଷ୍ଟ୍ରପତି**

**ସୀମାରେ ନାଟୋ ଅଣୁ ଅସ୍ତ୍ର ମୁତୟନ କଲେ କଡ଼ା ଜବାବ ଦିଆଯିବ: ରୁଷିଆ**

ହେଲ୍‌ସିଙ୍କି, ୧୪।୫

ରୁଷିଆ ପକ୍ଷରୁ ବଢ଼ୁଥିବା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଫିନ୍‌ଲାଣ୍ଡ ଏବଂ ସୁଇଡେନ୍ ସାମରିକ ମେଣ୍ଟ ନାଟୋରେ ଯୋଗ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ମସ୍କୋର ବିରୋଧ ସତ୍ତ୍ୱେ ଏହାର ସୀମାବର୍ତ୍ତୀ ଦେଶ ଆମେରିକା ନେତୃତ୍ୱାଧୀନ ନାଟୋରେ ସାମିଲ ହେବାକୁ ଅଧିକ ତତ୍ପରତା ଦେଖାଇଛି। ଏ ସମ୍ପର୍କରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜଣାଇବା ପାଇଁ ତାଙ୍କ ଫିନ୍‌ଲାଣ୍ଡ ପ୍ରତିପକ୍ଷ ସୌଲି ନିନିସ୍ତୋ ଏକ ଫୋନ୍ କଲ୍ କରିଛନ୍ତି। ଆସନ୍ତା କିଛି ଦିନ ଭିତରେ ଫିନ୍‌ଲାଣ୍ଡ ନାଟୋ ସଦସ୍ୟତା ପାଇଁ ଆବେଦନ କରିବ ବୋଲି ସେ ପୁଟିନ୍‌ଙ୍କୁ ସିଧାସଳଖ ଭାବେ ଜଣାଇଛନ୍ତି। ରୁଷିଆ ସହ ଫିନ୍‌ଲାଣ୍ଡ ଏକ ଲମ୍ବା ସୀମା ଶେୟାର କରୁଛି। ୧୯୧୭ରେ ଫିନ୍‌ଲାଣ୍ଡ ରୁଷିଆଠାରୁ ଅଲଗା ହୋଇଥିଲା। ତେବେ ଫିନ୍‌ଲାଣ୍ଡ ନାଟୋରେ ସାମିଲ ହେଲେ ଏହା ରୁଷିଆ ପାଇଁ ଏକ ବଡ଼ ବିପଦ ବୋଲି ପୁଟିନ୍ କହିଛନ୍ତି। ଏବେ ମସ୍କୋ ପକ୍ଷରୁ ଫିନ୍‌ଲାଣ୍ଡର ନିରାପତ୍ତା ଉପରେ କୌଣସି ବିପଦ ନାହିଁ। ନିରପେକ୍ଷ ନ ରହି ନାଟୋ ସଦସ୍ୟ ହେବା ଫିନ୍‌ଲାଣ୍ଡର ଏକ ବଡ଼ ଭୁଲ୍ ହେବ। ଏହା ପଡ଼ୋଶୀ ଭାବେ ଦୁଇ ଦେଶ ମଧ୍ୟରେ ଦୀର୍ଘ ବର୍ଷ ଧରି ରହିଥିବା ଭଲ ସମ୍ପର୍କ ଓ ସହଭାଗିତା ଉପରେ ଆଞ୍ଚ ଆଣିବ ବୋଲି ପୁଟିନ୍ କହିଛନ୍ତି। ରୁଷିଆ ସୀମାରେ ନାଟୋ ଆଣବିକ ଅସ୍ତ୍ର ମୁତୟନ କଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଡେପୁଟି ବହିର୍ବ୍ୟାପାର ମନ୍ତ୍ରୀ ଆଲେକ୍‌ଜାଣ୍ଡର ଗ୍ରୁସ୍‌କୋ ଚେତାବନୀ ଦେଇଛନ୍ତି। ଏପରିସ୍ଥିତିରେ ରୁଷିଆର ଏନର୍ଜି ସପ୍ଲାୟର ଆର୍‌ଏଓ ନର୍ଡିକ୍ ଫିନ୍‌ଲାଣ୍ଡକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଛି। ପୂର୍ବ ଯୋଗାଣ ବାବଦ ଦେୟ ଫିନ୍‌ଲାଣ୍ଡ ଦେଇ ନ ଥିବାରୁ ଏପରି କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ନାଟୋ ସଦସ୍ୟତା ପାଇଁ ଆବେଦନ କରିବାକୁ ଫିନ୍‌ଲାଣ୍ଡ କହିବା ପରେ ରୁଷିଆ ଏପରି କରିଥିବା ଚର୍ଚ୍ଚା ହେଉଛି।



ସୌଲି ନିନିସ୍ତୋ

### ଇଂଲଣ୍ଡରେ ଆଉ ୨ ମଙ୍କିପକ୍ସ ରୋଗୀ ଚିହ୍ନଟ

ଲଣ୍ଡନ,୧୪।୫

ଇଂଲଣ୍ଡରେ ଆଉ ୨ ଜଣ ମଙ୍କିପକ୍ସ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବ୍ରିଟେନ ସ୍ୱାସ୍ଥ୍ୟ ସୁରକ୍ଷା ସଂସ୍ଥା ପକ୍ଷରୁ ଶନିବାର ସ୍ପଷ୍ଟ କରାଯାଇଛି। ସେମାନେ ଗୋଟିଏ ପରିବାରର। ଗତ ସପ୍ତାହରେ ଚିହ୍ନଟ ହୋଇଥିବା ରୋଗୀଙ୍କ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ପୂର୍ବ ରୋଗୀ ନାଇଜେରିଆ ଯାଇଥିବାରୁ ସେଠାରେ ଉକ୍ତ ଭୂତାଣୁ ସଂସ୍ପର୍ଶରେ ଆସିଥିବା କୁହାଯାଇଥିଲା। ତେବେ ନୂଆ ରୋଗୀ ଦୁଇଜଣ କେଉଁଠୁ ମଙ୍କିପକ୍ସ ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ତାହା ଜାଣିବା ପାଇଁ ତଦନ୍ତ ଚାଲିଛି। ସେମାନଙ୍କଠାରୁ ଅନ୍ୟ କାହାକୁ ଯେପରି ଭୂତାଣୁ ନ ବ୍ୟାପେ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।

### ଦିଲ୍ଲୀରେ ହନୁମାନ ଚାଳିଶା ଗାନକଲେ ରାଣା ଦମ୍ପତି

ନୂଆଦିଲ୍ଲୀ,୧୪।୫

ମହାରାଷ୍ଟ୍ରରୁ ଶିବସେନା ଭଳି ସବୁଠୁ ବଡ଼ ବିପଦ ଅପସରି ଯିବା ଲାଗି ପ୍ରାର୍ଥନା କରି ସ୍ୱାଧୀନ ଏମ୍‌ପି ନବନୀତ ରାଣା ଓ ତାଙ୍କ ସ୍ୱାମୀ ତଥା ବିଧାୟକ ରବି ରାଣା ଶନିବାର ନୂଆଦିଲ୍ଲୀର ଏକ ହନୁମାନ ମନ୍ଦିରରେ ହନୁମାନ ଚାଳିଶା ଗାନ କରିଛନ୍ତି। ଗତ ମାସରେ ରାଣା ଦମ୍ପତି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବାସଭବନ ବାହାରେ ହନୁମାନ ଚାଳିଶା ଗାନ କରିବାକୁ କହିବା ପରେ ସେମାନଙ୍କୁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା। ୧୨ ଦିନ ପରେ ସେମାନଙ୍କୁ ଜାମିନରେ ଛଡ଼ାଯାଇଥିଲା। ଅମରାବତୀର ଲୋକ ସଭା ସଦସ୍ୟ ନବନୀତ ତାଙ୍କ ସ୍ୱାମୀ ଓ ବହୁସଂଖ୍ୟାରେ ସମର୍ଥକଙ୍କ ସହ ପଦଯାତ୍ରାରେ କନଟପ୍ଲେସ୍ଥିତ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ମହାରାଷ୍ଟ୍ର ପାଇଁ ଉଦ୍ଧବ ଠାକ୍‌ରେ ସବୁଠୁ ବଡ଼ ବିପଦ ବୋଲି ସେ କହିବା ସହ ତାଙ୍କଠାରୁ ମହାରାଷ୍ଟ୍ରର ସୁରକ୍ଷା ପାଇଁ ପ୍ରାର୍ଥନା କରିବାକୁ ଆସିଥିବା କହିଥିଲେ।

## ନ୍ୟାୟ ନ ମିଳିଲେ ଅରାଜକତା ସୃଷ୍ଟି ହେବ

ଶ୍ରୀନଗର,୧୪।୫(ପି.ଟି.)



ସିଜେଆଇ ଏନ୍.ଭି. ରମନା

ଲୋକଙ୍କ ଅଧିକାର ଓ ମର୍ଯ୍ୟାଦା ସ୍ୱୀକୃତି ଓ ସୁରକ୍ଷିତ ବୋଲି ସେମାନେ ଅନୁଭବ କରିବା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଶନିବାର କହିଛନ୍ତି। ନ୍ୟାୟରୁ ବଞ୍ଚିତ କରାଇବା ପରୋକ୍ଷରେ ଅରାଜକତା ଆଡ଼କୁ ନେଇଯିବ ବୋଲି ସେ ମତ ଦେଇଛନ୍ତି।

ଶ୍ରୀନଗରରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ପକ୍ଷମାନେ ଅତ୍ୟଧିକ ମାନସିକ ଚାପରେ ରହିଥାନ୍ତି। ସେମାନଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ଜଷ୍ଟିସ୍ ରମନା ଆଇନଜୀବୀ ଓ ବିଚାରପତିମାନଙ୍କୁ ଆହ୍ୱାନ ଦେଇଥିଲେ। ଭାରତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ଏବଂ ବ୍ୟୟବହୁଳ। ବିବାଦଗୁଡ଼ିକରେ ତ୍ୱରିତ୍ ନ୍ୟାୟ ପ୍ରଦାନ କରିବା ଏକ ସୁସ୍ଥ ଗଣତନ୍ତ୍ରର ହଲ୍‌ମାର୍କ ବୋଲି ସିଜେଆଇ କହିଥିଲେ। ଲୋକଙ୍କୁ ନ୍ୟାୟରୁ ବଞ୍ଚିତ କରାଇଲେ ସେମାନେ ଅଦାଲତକୁ ନ ଯାଇ ଅନ୍ୟ ବ୍ୟବସ୍ଥା ଖୋଜିବେ। ଫଳରେ ନ୍ୟାୟ ବ୍ୟବସ୍ଥାରେ ଅସ୍ଥିରତା ସୃଷ୍ଟି ହେବ ବୋଲି ସିଜେଆଇ କହିଛନ୍ତି।

ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟର ନୂଆ କମ୍ପ୍ଲେକ୍ସ ଶିଳାନ୍ୟାସ ପାଇଁ ଏଠାକୁ ଆସିଥିବା ସିଜେଆଇ କହିଥିଲେ, ଲୋକଙ୍କ ମର୍ଯ୍ୟାଦା ଓ ଅଧିକାର ସ୍ୱୀକୃତି ଓ ସୁରକ୍ଷିତ ବୋଲି ସେମାନେ ଯେତେବେଳେ ଅନୁଭବ କରିବେ, ସେତେବେଳେ ଶାନ୍ତି ବିରାଜମାନ କରିବ। ଭାରତରେ ଅଧିକାରର ସୁରକ୍ଷା କରିବା ଓ ସମ୍ବିଧାନର ଆଶା ଆକାଂକ୍ଷାକୁ ବଜାୟ ରଖିବା କୋର୍ଟଗୁଡ଼ିକର କର୍ତ୍ତବ୍ୟ। ଆଇନର ଶାସନ ଏବଂ ମାନବାଧିକାରର ସୁରକ୍ଷାରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ସମସ୍ତଙ୍କୁ ତ୍ୱରିତ୍ ଓ ସୁଲଭ ନ୍ୟାୟ ପ୍ରଦାନ କରିବାରେ ନ୍ୟାୟ ବ୍ୟବସ୍ଥାର ଅକ୍ଷମତା ବୋଲି ଜଷ୍ଟିସ ରମନା କହିଛନ୍ତି।

## ଦଳରେ ଦୁର୍ବଳ ଶ୍ରେଣୀ ପାଇଁ ୫୦% ସଂରକ୍ଷଣ ଯୋଜନା

ଉଦୟପୁର,୧୪।୫



**କଂଗ୍ରେସର ଚିନ୍ତନ ଶିବିର**

- **ରାଜ୍ୟ ସଭା ସଦସ୍ୟତା ୨ ଥରରେ ସୀମିତ ରଖିବାକୁ ଆଲୋଚନା**
- **ପ୍ରିୟଙ୍କାଙ୍କୁ ନେତୃତ୍ୱ ଦେବା କଥା ଉଠିଲା**

କଂଗ୍ରେସ ସଂଗଠନର ସବୁ ସ୍ତରରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ ୫୦ ପ୍ରତିଶତକୁ ବଢ଼ାଇବାକୁ ଦଳ ଯୋଜନା କରିଥିବା ଶନିବାର ଘୋଷଣା କରାଯାଇଛି। ରାଜସ୍ଥାନର ଉଦୟପୁରଠାରେ ୩ ଦିନିଆ ଚିନ୍ତନ ଶିବିରର ଦ୍ୱିତୀୟ ଦିନରେ ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ନେତା କେ. ରାଜୁ ଏହା କହିଛନ୍ତି। ଦଳକୁ ପୁନର୍ଜୀବିତ କରିବା ଲାଗି ଚିନ୍ତନ ଶିବିରରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଲାଗି ଦଳରେ ସାଂଗଠନିକ ସଂସ୍କାର ଅଣାଯିବ। କଂଗ୍ରେସ ଅଧ୍ୟକ୍ଷାଙ୍କୁ ସହାୟତା କରିବା ଲାଗି ଏକ ସାମାଜିକ ନ୍ୟାୟ ପରାମର୍ଶ ପରିଷଦ ଗଠନ ହେବ ବୋଲି ରାଜୁ କହିଛନ୍ତି।

ଚିନ୍ତନ ଶିବିରରେ ଦଳର ସବୁଠୁ ଲୋକପ୍ରିୟ ଚେହେରା ପ୍ରିୟଙ୍କା ଗାନ୍ଧୀଙ୍କୁ ନେତୃତ୍ୱ ଦେବା କଥା ଉଠିଥିଲା। ଯଦି ରାହୁଲ ଗାନ୍ଧୀ ଦାୟିତ୍ୱ ନେବାକୁ ରାଜି ନ ହୁଅନ୍ତି, ତେବେ ପ୍ରିୟଙ୍କା ନେତୃତ୍ୱ ନେବା ଆବଶ୍ୟକ ବୋଲି ଉତ୍ତରପ୍ରଦେଶ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କହିଥିଲେ।

ଗୋଟିଏ ପରିବାର ଗୋଟିଏ ଟିକେଟ ପ୍ରସ୍ତାବ ବ୍ୟତୀତ ଜଣେ କଂଗ୍ରେସ ନେତା ସର୍ବାଧିକ ଦୁଇଥର ରାଜ୍ୟ ସଭାକୁ ଯିବା ପ୍ରସ୍ତାବ ଉପରେ ମଧ୍ୟ ଚିନ୍ତନ ଶିବିରରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏହା ପରେ ସେମାନେ ଲୋକ ସଭା କିମ୍ବା ବିଧାନସଭା ପାଇଁ ନିର୍ବାଚନ ଲଢ଼ିପାରିବେ। ସେହିପରି ଦଳରେ ଯୁବ ନେତୃତ୍ୱକୁ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ହୋଇଥିବା କଂଗ୍ରେସ ନେତା ସଚିନ ପାଇଲଟ କହିଛନ୍ତି। ଅର୍ଦ୍ଧାଧିକ ଦଳୀୟ ନେତାଙ୍କ ବୟସ ୫୦ ବର୍ଷରୁ କମ୍ ହେବ। ମୁଖ୍ୟମନ୍ତ୍ରୀ ଚୟନରେ ମଧ୍ୟ ଯୁବ ନେତୃତ୍ୱକୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଛନ୍ତି।

ଚିନ୍ତନ ଶିବିର ଅବସରରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ବରିଷ୍ଠ ନେତାମାନଙ୍କ ସହ ଦଳର ଗଣ ଆନ୍ଦୋଳନ ଓ ଜନସମ୍ପର୍କ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଦେଶରେ ଦରଦାମ୍ ବୃଦ୍ଧି, ବେରୋଜଗାରୀ ଆଦି ସରକାରଙ୍କ ଭୁଲ୍ ନୀତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କଂଗ୍ରେସ ଅଧ୍ୟକ୍ଷା କହିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଜନଜାଗରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ।

## ମୁଣ୍ଡ୍‌କା ଅଗ୍ନିକାଣ୍ଡ: ଏବେ ବି ୨୯ ନିଖୋଜ

- **କମ୍ପାନୀ ମାଲିକ ଗିରଫ, ବିଲ୍ଡିଂ ମାଲିକ ଫେରାର**
- **ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଘୋଷଣା କଲେ କେଜ୍‌ରିୱାଲ**

ନୂଆଦିଲ୍ଲୀ,୧୪।୫



ଦିଲ୍ଲୀର ମୁଣ୍ଡ୍‌କା ମେଟ୍ରୋ ଷ୍ଟେଶନ ନିକଟ ୪ ମହଲା ବିଲ୍ଡିଂ ଅଗ୍ନିକାଣ୍ଡ ଘଟଣାରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ବି ୨୯ ଜଣଙ୍କ ପତ୍ତା ମିଳିନାହିଁ। ଶନିବାର ସକାଳେ ବିଲ୍ଡିଂ ପରିସରରୁ ଦେହାବଶେଷ ମିଳିଥିବାରୁ ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି ପାଇପାରେ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଅଗ୍ନିକାଣ୍ଡରେ ଆହତ ହୋଇଥିବା ୧୨ ଜଣଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ବିଲ୍ଡିଂର ଅଗ୍ନି ନିରାପତ୍ତା ସାର୍ଟିଫିକେଟ ନ ଥିଲା। ଏତେ ବଡ଼ ଅଟ୍ଟାଳିକାର ଗୋଟିଏ ପ୍ରବେଶ ଓ ଗୋଟିଏ ପ୍ରସ୍ଥାନ ପଥ ଥିଲା, ଯେଉଁଥିପାଇଁ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ମୁଖ୍ୟ ଅଗ୍ନିଶମ ଅଧିକାରୀ ଅତୁଲ ଗର୍ଗ କହିଛନ୍ତି।

ଏସିରେ ବିସ୍ଫୋରଣରୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ତଳ ମହଲାରେ ଅଫିସ ଥିବା ସିସିଟିଭି କ୍ୟାମେରା ଓ ରୋଟର ଉତ୍ପାଦନ କମ୍ପାନୀର ମାଲିକ ହରିଶ ଗୋଏଲ ଓ ତାଙ୍କ ଭାଇ ବରୁଣ ଗୋଏଲଙ୍କୁ ଗିରଫ କରାଯାଇଛି। ୨୭ ମୃତକଙ୍କ ମଧ୍ୟରୁ ମାତ୍ର ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମୃତକଙ୍କ ପରିବାର ଲାଗି ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡ ଘଟଣାରେ ଆଇପିସିର ଧାରା ୩୦୪, ୩୦୮, ୧୨୦ ଏବଂ ୩୪ରେ ମାମଲା ରୁଜୁ ହୋଇଥିବା ଡିସିପି ସମୀର ଶର୍ମା କହିଛନ୍ତି। ତେବେ ବିଲ୍ଡିଂର ମାଲିକ ମନୀଷ ଲାକ୍ରା ଫେରାର ହୋଇଯାଇଛନ୍ତି। ନିଆଁ ଲାଗିବା ବେଳେ ସେ ବିଲ୍ଡିଂରେ ଉପସ୍ଥିତ ଥିଲେ କି ନାହିଁ ଜଣାପଡ଼ି ନାହିଁ। ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।



ପଞ୍ଜାବ ଅମୃତସରର ଗୁରୁ ନାନକ ଦେବ ହସ୍ପିଟାଲରେ ଶନିବାର ନିଆଁ ଲାଗିବା ପରେ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି।

# ଧରିତ୍ରୀ
DHARITRI

ରବିବାର, ମେ ୧୫/୨୦୨୨ | Sunday, May 15/2022 | ପୃଷ୍ଠା-୧




## ଅଭିନୟରେ ସୁହାନାଙ୍କ ଏଣ୍ଟ୍ରି

ଜୋୟା ଅଖତରଙ୍କ ଦ୍ୱାରା ନିର୍ଦ୍ଦେଶିତ ହିନ୍ଦୀ ଫିଲ୍ମ 'ଦ ଆର୍ଚିଜ୍' ଜରିଆରେ ସୁପରଷ୍ଟାର ଶାହରୁଖଙ୍କ ଝିଅ ସୁହାନା ଅଭିନୟ ଜଗତରେ ପାଦ ଥାପିଛନ୍ତି।

୧୦

୧୪

## ସେରେନାଙ୍କ ରେକର୍ଡ ସମକକ୍ଷ ହେଲେ ସ୍ୱିଟେକ୍

ପୋଲାଣ୍ଡର ଇଗା ସ୍ୱିଟେକ କ୍ରମାଗତ ୨୭ଟି ମ୍ୟାଚ ଜିତି ସେରେନା ୱିଲିୟମ୍ସଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।



# ମାଟି ଅନୁକୂଳ, ବ୍ୟବସ୍ଥା ଦୁର୍ବଳ

## ତୈଳବୀଜ ଚାଷରୁ ଦୂରେଇ ଯାଉଛନ୍ତି ଚାଷୀ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବଜାରରେ ଖାଇବା ତେଲର ଅହେତୁକ ଦରବୃଦ୍ଧି ଖାଉଟିଙ୍କୁ କଲବଲ କରୁଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ତୈଳବୀଜ ଚାଷ ଏବଂ ସେଥିରୁ ତେଲ ଉତ୍ପାଦନ ଆଶାନୁରୂପ ହୋଇ ନ ପାରିବାରୁ ଏଭଳି ସ୍ଥିତି ଉପୁଜିଛି। ଓଡ଼ିଶା କଥା ଦେଖିଲେ, ଦିନକୁ ଖାଇବା ତେଲର ଆବଶ୍ୟକତା ପ୍ରାୟ ୧୭୦୦ ମେଟ୍ରିକ ଟନ୍ । ତାହାର ପ୍ରାୟ ୯୦ ଭାଗ ବାହାରୁ ଭରଣା କରାଯାଉଛି। ଏଠି ପ୍ରଶ୍ନ ଉଠୁଛି ତୈଳବୀଜ ଚାଷ ପାଇଁ ଓଡ଼ିଶା ମାଟି ଅନୁକୂଳ ଥିବା ସତ୍ତ୍ୱେ ଚାଷୀମାନେ କାହିଁକି ଏଥିପ୍ରତି ଯଥେଷ୍ଟ ଆଗ୍ରହ ଦେଖାଉନାହାନ୍ତି ଏବଂ ରାଜ୍ୟରେ କାହିଁକି ଖାଇବା ତେଲ ଉତ୍ପାଦନ ଚାହିଦା ମୁତାବକ ହୋଇପାରୁନାହିଁ। ବିଶେଷଜ୍ଞଙ୍କ ମତରେ ଏହାର ପ୍ରମୁଖ କାରଣ ହେଉଛି ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ନ ମିଳିବା ଏବଂ ସରକାରୀ ସ୍ତରରେ ତୈଳବୀଜ ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ ନ ହେବା।

ରାଜ୍ୟରେ ଏବେ ବାର୍ଷିକ ୨ ଲକ୍ଷ ୭୨ ହଜାର ୪୦୦ ମେଟ୍ରିକ ଟନ୍ ତୈଳବୀଜ ଉତ୍ପାଦନ ହେଉଛି। ସେଥିରୁ ୮୧ ହଜାର ୭୨୦ ମେଟ୍ରିକ ଟନ୍ ତେଲ ବାହାରିପାରିବ ବୋଲି କୃଷି ବିଭାଗରୁ ସୂଚନା ମିଳିଛି। ତେବେ ରାଜ୍ୟରେ ଭିତ୍ତିଭୂମି ନ ଥିବାରୁ ତେଲ ଉତ୍ପାଦନ ହେଉନାହିଁ। କହିବାକୁ ଗଲେ ଓଡ଼ିଶାରୁ ଧୀରେ ଧୀରେ ଖାଇବା ତେଲ ଉତ୍ପାଦନ ଉଭାନ ହେବାରେ ଲାଗିଛି। ଆଉ ଆଗଭଳି ଗାଁଗଣ୍ଡାରେ ଘଣାତେଲ ମିଳୁନାହିଁ। ଯଦି କେଉଁଠି କାଁଭାଁ ରହିଛି ତେବେ ତାହା ସବୁଦିନେ ଚଳାଇବା ସମ୍ଭବ ହେଉନାହିଁ। ସେହିପରି ଚାଷୀମାନେ ☞ପୃଷ୍ଠା-୨



## ସାହସ ଦେଇଛି 'ସୂର୍ଯ୍ୟମୁଖୀ'

ଭାପୁର, ୧୪।୫(ଡି.ଏନ୍.ଏ.)

**ପ୍ରୋତ୍ସାହନ ମିଳିଲେ ବଢ଼ିବ ଫସଲ**

କୃଷି ବିଭାଗର ବିନା ପ୍ରୋତ୍ସାହନରେ 'ସୂର୍ଯ୍ୟମୁଖୀ' ଭଳି ଅର୍ଥକରୀ ତୈଳବୀଜ ଚାଷ କରି ସାହସର ପରିଚୟ ଦେଇଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଓସ୍ତପାଳ ଅଞ୍ଚଳର ଚାଷୀ। ଚଳିତବର୍ଷ ଭଲ ଫସଲ ହୋଇଥିବାରୁ ଏଥିରୁ ଦି ପଇସା ରୋଜଗାର କରିବା ଲାଗି ଆଶା ବାନ୍ଧିଛନ୍ତି ସେମାନେ। ଏଭଳି ଏକ ତୈଳବୀଜ ଚାଷରୁ ଆତ୍ମନିର୍ଭରଶୀଳ ହେବାର ଯଥେଷ୍ଟ ସମ୍ଭାବନା ଥିଲେ ମଧ୍ୟ କୃଷି ବିଭାଗର ଆନ୍ତରିକତା ଅଭାବ ସେମାନଙ୍କ ମନରେ ନିରାଶ ଭରିଦେଉଛି।

ଢେଙ୍କାନାଳ ଜିଲାର ଜଳବାୟୁ ସୂର୍ଯ୍ୟମୁଖୀ ଚାଷ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଓଡ଼ାପଡ଼ା ବ୍ଲକର ଓସ୍ତପାଳ, ସଦର ବ୍ଲକର ଚନ୍ଦ୍ରଶେଖରପ୍ରସାଦ, ବେଗୁନିଆପାଳ, ଭାପୁରର ବହୁ ଚାଷୀ ଖରିଫ ଧାନ ପରେ ପଡ଼ିଆ ପଡୁଥିବା ଜମିରେ ଅଣଧାନ ଫସଲ ଭାବେ ନିଜେ ଅର୍ଥ ଖଟାଇ ଏହି ଚାଷ କରୁଛନ୍ତି। ହେଲେ ଏଥିଲାଗି କୃଷି ବିଭାଗ ପକ୍ଷରୁ ଯେତିକି ପ୍ରୋତ୍ସାହନ ☞ପୃଷ୍ଠା-୨

## ମାନିକ୍ ଶାହା ତ୍ରିପୁରା ମୁଖ୍ୟମନ୍ତ୍ରୀ



ମାନିକ୍ ଶାହା

■ ନିର୍ବାଚନ ପୂର୍ବରୁ ବିପ୍ଳବ ବିଦା

ଅଗରତାଲା,୧୪।୫

ତ୍ରିପୁରା ବିଧାନସଭା ନିର୍ବାଚନକୁ ବର୍ଷେରୁ କମ୍ ସମୟ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ପଦରୁ ବିପ୍ଳବ ଦେବ ଶନିବାର ଇସ୍ତଫା ଦେଇଛନ୍ତି। ଭାଜପା ଏମ୍‌ପି ମାନିକ୍ ଶାହା ତ୍ରିପୁରାର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିପ୍ଳବଙ୍କ ଇସ୍ତଫା ପରେ ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ବସି ଶାହାଙ୍କୁ ନେତା ନିର୍ବାଚନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ତ୍ରିପୁରା ଭାଜପା ସଭାପତି ୬୯ ବର୍ଷୀୟ ଶାହା ନୂଆ ମୁଖ୍ୟମନ୍ତ୍ରୀ ଘୋଷିତ ହେବା ପରେ ବିଦାୟୀ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରଠାରୁ ବିବାଦୀୟ ☞ପୃଷ୍ଠା-୨

## ରାୟଗଡ଼ା ଅବକାରୀ ଅଧୀକ୍ଷକ ଗିରଫ



ନୀନା ବେଉରା



ନୀହାର ରଞ୍ଜନ ମହାନ୍ତି

■ ଗାଡ଼ିରୁ ୬.୨୯ ଲକ୍ଷ ଟଙ୍କା ଜବତ

■ ମଦ ବ୍ୟବସାୟୀଙ୍କଠାରୁ ଆଣିଥିଲେ ଟଙ୍କା: ଭିଜିଲାନ୍ସ

■ ଥାନାରେ ଦେଖାମିଳିଲାନି, ଭିଜିଲାନ୍ସରେ ହାଜର ହେଲେ ଆଇଆଇସି ସ୍ୱାମୀ

ଭୁବନେଶ୍ୱର (ବ୍ୟୁରୋ)/ମାହାଙ୍ଗା (ସ୍ୱ.ପ୍ର.)/ରାୟଗଡ଼ା ଅଫିସ, ୧୪।୫

ରାୟଗଡ଼ା ଅବକାରୀ ଅଧୀକ୍ଷକ ନୀନା ବେଉରାଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ଏକ ଘରୋଇ ଗାଡ଼ି (ଓଡି-୧୮-ଜି-୫୪୪୫)ରେ ନଗଦ ୬ ଲକ୍ଷ ୨୯ ହଜାର ଟଙ୍କା ଧରି ରାୟଗଡାରୁ ଭୁବନେଶ୍ୱର ଆସୁଥିବା ବେଳେ ଭିଜିଲାନ୍ସ ଟିମ୍ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ଜାତୀୟ ରାଜପଥ-୧୬ର ଖୋର୍ଦ୍ଧା ନିକଟ ତୋଟାପଡ଼ା ଛକରେ ତାଙ୍କୁ ଧରିବାରେ ସଫଳ ହୋଇଛି। ଏତେଗୁଡିଏ ଟଙ୍କା କେଉଁଠୁ ଆଣିଲ ବୋଲି ନୀନାଙ୍କୁ ପଚରାଯିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସେ ଉକ୍ତ ଟଙ୍କା ମଦ ବ୍ୟବସାୟୀଙ୍କଠାରୁ ଆଣୁଥିଲେ ବୋଲି ସ୍ୱୀକାର କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏ ନେଇ ଭିଜିଲାନ୍ସ ୧୧/୨୨ ନମ୍ବରରେ ଏକ ମାମଲା ରୁଜୁ କରି ନୀନାଙ୍କୁ ଶନିବାର ☞ପୃଷ୍ଠା-୨

# ପୋଲିସକୁ ଚୋର ଭାବି ପିଟିଲେ

କୋରାପୁଟ/ମାଲକାନଗିରି, ୧୪।୫(ସ୍ୱ.ପ୍ର./ଡି.ଏନ.ଏ.)

ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ରାତିରେ ଧରିବାକୁ ଯାଇଥିବା ମାଲକାନଗିରି ପୋଲିସ ଉପରେ ସ୍ଥାନୀୟ ଗ୍ରାମବାସୀ ଚୋର ଭାବି ଆକ୍ରମଣ କରିଛନ୍ତି। କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ମାଟିଖାଲ ଗ୍ରାମରେ ଏପରି ଘଟଣା ଘଟିଛି। ଏହି ଗ୍ରାମରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ମାଲକାନଗିରି ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ର ଗ୍ରାମକୁ ୩୦ଜଣିଆ ଏକ ଟିମ୍ ପଠାଇଥିଲେ। ସାଦା ପୋଷାକରେ ଥିବା ପୋଲିସ ସମ୍ପୃକ୍ତ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବା ପାଇଁ ଚଢ଼ାଉ କରିଥିଲା। ଗ୍ରାମବାସୀ ପୋଲିସକୁ ଜାଣି ନ ପାରି ଚୋର ଭାବି ନିସ୍ତୁକ ମାଡ଼ ମାରିଥିଲେ। ପୋଲିସ ବ୍ୟବହାର କରିଥିବା ୨ଟି ମୋଟରସାଇକେଲକୁ ଭଙ୍ଗାରୁଜା କରିଥିଲେ। ପରେ ପୋଲିସ ଫାଙ୍କା ଗୁଳିଚଳାଇ ସେଠାରୁ ଖସି ଆସିଥିଲେ। ତେବେ ପ୍ରଦୀପ ନାୟକ ନାମକ ଜଣେ କନଷ୍ଟେବଲଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପରେ ମାଛକୁଣ୍ଡ ପୋଲିସ ଖବର ପାଇ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରିଥିଲା। ତେବେ ମାଲକାନଗିରି ପୋଲିସ ମାଛକୁଣ୍ଡ ପୋଲିସକୁ ନ ଜଣାଇ ଚଢ଼ାଉ କରିବାରୁ ଏପରି ଅପ୍ରୀତିକର ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି।




## ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଉଦ୍ୟମ

■ ପରିବାର ୧୨ବର୍ଷ ବାସନ୍ଦ

■ ନ୍ୟାୟ ନ ମିଳିବାରୁ ଚରମ ନିଷ୍ପତ୍ତି

ଛତ୍ରପୁର,୧୪।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ଅଫିସ ଆଗରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ହେଲେ ରମ୍ଭା ଥାନା ଅଧୀନ ବୋରିଗାଁର ବାଦଲ ସାହୁ। ଦୀର୍ଘ ୧୨ ବର୍ଷ ଧରି ବାଦଲଙ୍କ ପରିବାରକୁ ବୋରିଗାଁ ଲୋକେ ବାସନ୍ଦ କରି ରଖିଛନ୍ତି। ଏନେଇ ସେ ବାରମ୍ବାର ରମ୍ଭା ଥାନା ଓ ହୁମ୍ମା ଫାଣ୍ଡିକୁ ନ୍ୟାୟ ପାଇଁ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ କିଛିଦିନ ତଳେ ଗାଁରେ ଗାଳିଗୁଲଜ ଓ ଗଣ୍ଡଗୋଳ ନେଇ ସେ ଗିରଫ ମଧ୍ୟ ହୋଇଥିଲେ। ଶନିବାର ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଦିନସାରା ଅପେକ୍ଷା ସତ୍ତ୍ୱେ ଏସ୍‌ପିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ☞ପୃଷ୍ଠା-୨



ବାଦଲ ସାହୁ


ଆଜିର ସମ୍ପାଦକୀୟ

ପରିବର୍ତ୍ତନର ଆଶା


## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରହୁ

■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଇନ୍‌ଟାକ୍

■ ଆମ୍‌ସାର ଆଇନ ଅନୁଯାୟୀ କାର୍ଯ୍ୟ ହେଉ

ପୁରୀ ଅଫିସ,୧୪।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ ରଖିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଇଣ୍ଡିଆନ୍ ନ୍ୟାଶନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର୍ (ଇନ୍‌ଟାକ୍)ହେରିଟେଜ୍ ପକ୍ଷରୁ ଶନିବାର ଚିଠି ଲେଖାଯାଇଛି। ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ହେତୁ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖାଯାଉ ବୋଲି ଇନଟାକ୍ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି। ଯେହେତୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ☞ପୃଷ୍ଠା-୨








# 'ପୁରୁଷ' ଘୋଷିତ ମହିଳା ପୋଲିସ ଚାକିରି ପାଇବେ

ମୁମ୍ବାଇ, ୧୪।୫

ପୋଲିସ ବିଭାଗରେ ଚାକିରି ପାଇଁ ଆବେଦନ କରିଥିଲେ। ଲିଖିତ ଓ ଶାରୀରିକ ପରୀକ୍ଷାରେ ୨୦୦ରୁ ୧୭୧ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ। ହେଲେ ଡାକ୍ତରୀ ରିପୋର୍ଟରେ ଯେଉଁ ଫଳାଫଳ ଆସିଲା ତାହା ଆଶାୟୀ ଯୁବତୀଙ୍କୁ କେବଳ ବିସ୍ମିତ କରି ନ ଥିଲା, ବରଂ ଚିନ୍ତାରେ ମଧ୍ୟ ପକାଇ ଦେଇଥିଲା। ମେଡିକାଲ ଟେଷ୍ଟ ରିପୋର୍ଟରେ ସେ ଜଣେ 'ପୁରୁଷ' ବୋଲି ଦର୍ଶାଯିବା ପରେ ତାଙ୍କ ନିଯୁକ୍ତି ହୋଇପାରି ନ ଥିଲା। ଫଳରେ ସେ ବାଧ୍ୟ ହୋଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଆଶାୟୀଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ କହିବା ସହ ୨ ମାସ ମଧ୍ୟରେ ତାଙ୍କୁ ପୋଲିସ ବିଭାଗରେ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଶାରୀରିକ ଅସଙ୍ଗତିରେ ଆବେଦନକାରୀଙ୍କ କୌଣସି ଦୋଷ ନାହିଁ ବୋଲି ଜଷ୍ଟିସ୍ ରେବତୀ ମୋହିତ ଏବଂ ମାଧବ ଜମାଦାରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି।

ଘଟଣା ଅନୁସାରେ, ୨୦୧୮ରେ ମହାରାଷ୍ଟ୍ରର ଯୁବତୀ ଜଣକ ୧୯ ବର୍ଷର ହୋଇଥିବାବେଳେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗରେ ପୋଲିସ ବିଭାଗରେ ଚାକିରି ପାଇଁ ଆବେଦନ କରି ଆବଶ୍ୟକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେତେବେଳେ ସେ ନିଜକୁ ଜଣେ ମହିଳା ବୋଲି ଦର୍ଶାଇଥିଲେ। କିନ୍ତୁ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ମେଡିକାଲ ଟେଷ୍ଟ ରିପୋର୍ଟରେ ଯୁବତୀଙ୍କ ଶରୀରରେ ଗର୍ଭାଶୟ ଓ ଡିମ୍ବାଣୁ ନ ଥିବା ଜଣାପଡ଼ିଥିଲା। ଆଉ ଏକ ଟେଷ୍ଟରେ ତାଙ୍କ ଶରୀରରେ ଉଭୟ ପୁରୁଷ ଏବଂ ମହିଳା କ୍ରୋମୋଜୋମ୍ ଥିବା ରିପୋର୍ଟ ଆସିଥିଲା। ତେଣୁ ଏହି ଆଧାରରେ ତାଙ୍କୁ 'ପୁରୁଷ' ବୋଲି ଘୋଷଣା କରାଯାଇଥିଲା। ନିଯୁକ୍ତିରୁ ବାଦ୍ ପଡ଼ିବା ପରେ ଯୁବତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ଶାରୀରିକ ଅସଙ୍ଗତି ବିଷୟରେ କିଛି ଜାଣି ନ ଥିବା କହିଥିଲେ। ସେ ପିଲାବେଳୁ ଜଣେ ଝିଅ ଭାବେ ଚଳି ଆସିଛନ୍ତି। ଏପରି କି ପରିବାର ଲୋକେ ତାଙ୍କ ନାଁ ମଧ୍ୟ ଜଣେ ଝିଅଙ୍କ ଭଳି ରଖିବା ସହ ସମସ୍ତ ସାର୍ଟିଫିକେଟରେ ଲିଙ୍ଗ ବର୍ଗରେ ସେ ନିଜକୁ ଜଣେ ମହିଳା ଭାବେ ଦର୍ଶାଇଆସିଥିବା କହିଥିଲେ। ତେଣୁ ରାଜ୍ୟ ସରକାର ତାଙ୍କୁ ନିଯୁକ୍ତିପତ୍ର ଦେବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଆବେଦନରେ ଦର୍ଶାଇଥିଲେ। ଅଦାଲତ ଏହାକୁ ଏକ ସହାନୁଭୂତି ମାମଲା ଭାବେ ବିଚାର କରିବାକୁ କହିବା ସହ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ର ସରକାର ତାଙ୍କୁ ପୋଲିସ ଚାକିରି ଦେବା ପାଇଁ ବିଚାର କରୁଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ମାମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକାଶ କଇଁଆ
ଚିଲିକା ମାଛ।**

କଇଁଆ କୋଳି ଖଟା। ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହବ, ଚିଲିକାରୁ ମାଛ ଆସିବ, ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ବା ଅନିଶ୍ଚିତ କଥା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଗେ ଉଦର
ପଛେ ସୋଦର।**

ଆଗେ ପେଟ ଚିନ୍ତା, ପଛେ ଆତ୍ମୀୟସ୍ୱଜନଙ୍କ ଚିନ୍ତା। ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ ପୂରଣ ଲାଗି ସଦା ଚେଷ୍ଟିତ। ନିଜେ କିପରି ସୁଖ ସୁବିଧାରେ ରହିବେ, ଭଲରେ ଖାଇପିଇ ଚଳିବେ ତାହାକୁ ଅଧିକ ଗୁରୁତ୍ୱ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଛେଚିଲେ ଗ୍ରାମବାସୀ

## ଗାଡ଼ି ସହ ବ୍ରାଉନ୍‌ସୁଗାର ଜବତ

ଭୋଗରାଇ, ୧୪।୫(ଡି.ଏନ.ଏ.): ଅନେକ ସମୟରେ ନିଶାବେପାରୀମାନେ ପୋଲିସ କିମ୍ବା ଅବକାରୀ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଖସିଯିବାରେ ସକ୍ଷମ ହେଉଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ୍ ଥାନା ଉଦୟପୁର ଗ୍ରାମବାସୀ ଏକାଠି ହୋଇ ୨ ବେପାରୀଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ଶନିବାର ଦୁଇ ବଙ୍ଗୀୟ ନିଶା ବେପାରୀଙ୍କୁ ଗ୍ରାମର ସାହସୀ ଯୁବକମାନେ କୌଶଳକ୍ରମେ କାବୁ କରି ସେମାନଙ୍କଠାରୁ ୧୮ଟି ବ୍ରାଉନ୍‌ସୁଗାର ପୁଡ଼ିଆ ଜବତ କରିଛନ୍ତି। ପରେ ଉଭୟଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିବା ପରେ ଆଣିଥିବା ଟାଟା ମ୍ୟାଜିକ ସହ ତାଳସାରୀ ମେରାଇନ୍ ଥାନାରେ ଜିମା ଦେଇଛନ୍ତି। ଦୁଇ ନିଶାବେପାରୀ ହେଲେ ପଶ୍ଚିମବଙ୍ଗ ଦୀଘା ଥାନା ଅଞ୍ଚଳ ବିଲାମୁଣ୍ଡା ଗ୍ରାମର ଦିପୁ ସିଟ୍ ଓ ଦେବୁ ସିଟ୍। ଏମାନଙ୍କଠାରୁ ଜବତ ହୋଇଥିବା ବ୍ରାଉନ୍‌ସୁଗାର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଦୁଇ ନିଶାବେପାରୀଙ୍କ ସହିତ ଗାଡ଼ିକୁ ମେରାଇନ ଥାନାରେ ରଖାଯାଇ ଏକ ମାମଲା ରୁଜୁ କରାଯାଇଛି।

# ବଡ଼ ପ୍ରତିଷ୍ଠାନର ଅଗ୍ନି ନିରାପତ୍ତା ଅଡିଟ୍ ହେବ

## ଦିଲ୍ଲୀ ନିଆଁ ପରେ ଚେତା ପଶିଲା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଦିଲ୍ଲୀ ଅଗ୍ନିକାଣ୍ଡରେ ୨୭ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏହି ଘଟଣା ପରେ ଓଡ଼ିଶା ସରକାରଙ୍କ ଚେତା ପଶିଛି । ଓଡ଼ିଶା ଅଗ୍ନି ନିରୋଧକ ଏବଂ ଅଗ୍ନି ନିରାପତ୍ତା ରୁଲ୍ସ-୨୦୧୭କୁ କଡ଼ାକଡ଼ି ପାଳନ କରିବାକୁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ସମସ୍ତ ଜିଲାର ସହକାରୀ ଅଗ୍ନିଶମ ଅଧିକାରୀ, ସମସ୍ତ ସର୍କଲର ଡେପୁଟି ଅଗ୍ନିଶମ ଅଧିକାରୀ ଓ ରାଜ୍ୟର ରେଞ୍ଜ ଫାୟାର ଅଫିସରଙ୍କୁ ଶନିବାର ଏ ନେଇ ଚିଠି ଲେଖିଛନ୍ତି। ହୋଟେଲ, ଲଜ୍, ଗେଷ୍ଟ ହାଉସ, ଶିକ୍ଷାନୁଷ୍ଠାନ, ସିନେମା ହଲ୍, ମଲ୍ଟିପ୍ଲେକ୍ସ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, ଅଫିସ୍ ବିଲ୍‌ଡିଂ, ବିଜ୍‌ନେସ ଅଫିସ, ଅଡିଟୋରିୟମ, କୋଚିଂ ସେଣ୍ଟର, କନ୍‌ଭେନଶନ ହଲ୍, ହଷ୍ଟେଲ, କଳକାରଖାନା, ଶିଳ୍ପାନୁଷ୍ଠାନ ଆଦିରେ ଅଗ୍ନିଶମ ନିରାପତ୍ତା ଅଡିଟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତ ପ୍ରମାଣପତ୍ର ଯେପରି ଲାଗିବ ସେଥିଲାଗି ପଦକ୍ଷେପ ନେବାକୁ ସମସ୍ତ କ୍ଷେତ୍ରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି ।

ବିଭିନ୍ନ ପ୍ରତିଷ୍ଠାନରେ ଯାଞ୍ଚ କରିବା ଲାଗି ସମସ୍ତ ଅଗ୍ନିଶମ ଅଧିକାରୀ ତଥା ସହକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନି ନିରାପତ୍ତା ନେଇ ବିଭିନ୍ନ ମାର୍କେଟ କମିଟିର ସହଭାଗିତାରେ ପଦକ୍ଷେପ ନେବା ଲାଗି କୁହାଯାଇଛି । ଜିଲା ମୁଖ୍ୟାଳୟ ଡାକ୍ତରଖାନା, ଜିଲାପାଳଙ୍କ ଅଫିସ୍ ଏବଂ ବହୁତଳ ଅଟ୍ଟାଳିକାଗୁଡ଼ିକରେ ଆସନ୍ତା ୨୧ ତାରିଖ ସୁଦ୍ଧା ଅଗ୍ନି ନିରାପତ୍ତା ଯାଞ୍ଚ ଶେଷ କରିବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଜନଗହଳିପୂର୍ଣ୍ଣ ହାଟ ବଜାରଗୁଡ଼ିକରେ ଅଗ୍ନି ନିରାପତ୍ତା ପାଇଁ ବିଭିନ୍ନ ବଜାର କମିଟି ସହିତ ସହଯୋଗ କରିବାକୁ ସମସ୍ତ ଅଗ୍ନିଶମ ଷ୍ଟେଶନ ଅଧିକାରୀମାନଙ୍କୁ କୁହାଯାଇଛି। ଏଥିସହିତ ହାଟଗୁଡ଼ିକରେ ବସୁଥିବା ଦୋକାନୀମାନେ ଖୋଲା ବିଦ୍ୟୁତ୍ ତାର ବ୍ୟବହାର ନ କରିବାକୁ କୁହାଯାଇଛି। ସେଗୁଡ଼ିକ ଅତ୍ୟଧିକ ଲୋଡ୍ ସମ୍ଭାଳି ନ ପାରି ଶର୍ଟସର୍କିଟ ହେବାର ସମ୍ଭାବନା ରହିଛି। ବିଭିନ୍ନ ପ୍ରତିଷ୍ଠାନରେ ଥିବା ସୁପରଭାଇଜର ଅଗ୍ନି ନିରାପତ୍ତା ସୁରକ୍ଷା ନିଶ୍ଚିତ କରିବାକୁ ଅଗ୍ନିଶମ କେନ୍ଦ୍ର ଅଧିକାରୀମାନଙ୍କୁ କୁହାଯାଇଛି। ଅଗ୍ନିଜନିତ ବିପଦ ସମୟରେ ୧୧୨କୁ ଡାଏଲ କରିବା ଲାଗି ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ମାଟି ଅନୁକୂଳ,...

ପୂର୍ବରୁ ସୋରିଷ, ବାଦାମ, ରାଶି, ସୂର୍ଯ୍ୟମୁଖୀ, ଅଳସି ମଞ୍ଜି ସ୍ଥାନୀୟ ବଜାରରେ ବିକ୍ରି କରି ଭଲ ଦି'ପଇସା ପାଉଥିଲେ। ଏବେ ଏହି ଚାଷରୁ ସେମାନେ ମୁହଁ ଫେରାଇନେଇଛନ୍ତି। ଯାହା ବି ତୈଳବୀଜ ଉତ୍ପାଦନ ହେଉଛି ତାହା ଅନ୍ୟ ରାଜ୍ୟକୁ ବିକ୍ରି ହୋଇ ସେଠାରୁ ତେଲ ଓଡ଼ିଶାକୁ ଆସୁଛି। ରାଜ୍ୟରେ ଦୈନିକ ୧୫୦୦ରୁ ୧୭୦୦ ମେଟ୍ରିକ ଟନ୍ ତେଲ ଆବଶ୍ୟକ ହେଉଛି। ମାତ୍ର ସରକାରୀ ପ୍ରୋତ୍ସାହନ ଓ ବଜାର ସୁବିଧା ମିଳୁ ନ ଥିବାରୁ ଲଘୁ ଉଦ୍ୟୋଗୀ ତେଲ ଉଦ୍ୟୋଗ କରିବାକୁ ଆଗ୍ରହ ଦେଖାଉନାହାନ୍ତି । କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, କେନ୍ଦୁଝର ଆଦି ଜିଲାରେ ଚିନାବାଦାମ ପ୍ରଚୁର ଉତ୍ପାଦନ ହେଉଥିଲା। ମାତ୍ର ଗତ ଦୁଇ ଦଶନ୍ଧି ମଧ୍ୟରେ ଏସବୁ ଜିଲାରେ ଉତ୍ପାଦନ ବହୁମାତ୍ରାରେ ହ୍ରାସ ପାଇଛି। ୨୦ଟି ଜିଲାରେ ଉତ୍ପାଦନ ହାର ତଳକୁ ତଳ ଖସି ଚାଲିଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ତୈଳବୀଜ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହା ଏକ ଅର୍ଥକରୀ ଫସଲ। ଚାଷୀଙ୍କ ଆୟ ବଢ଼ାଇବାରେ ସୂର୍ଯ୍ୟମୁଖୀ, ସୋରିଷ ଓ ଚିନାବାଦାମ ଭଳି ଫସଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରାଜ୍ୟର ଅଧିକାଂଶ ଜିଲାରେ ଏହି ଚାଷ ପାଇଁ ମୃତ୍ତିକା ଓ ପାଗ ଅନୁକୂଳ ରହିଛି। ମାତ୍ର ଏବେ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ଚାଷୀ ଏହି ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଉଦାହରଣ ଭାବେ ସୂର୍ଯ୍ୟମୁଖୀ ମଞ୍ଜି କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୬୦୧୫ ଟଙ୍କା ଥିବା ବେଳେ ଚାଷୀମାନେ ୩ ହଜାର ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି। ସରକାର କେବଳ ଧାନ ଉତ୍ପାଦନକୁ ଗୁରୁତ୍ୱ ଦେଉଥିବା ବେଳେ ତୈଳବୀଜ ଚାଷ ନଜର ଆଢୁଆଳରେ ରହିଯାଉଛି।

ଓଡ଼ିଶା ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ରାଜ୍ୟରେ ବାର୍ଷିକ ସାଢ଼େ ୫ ଲକ୍ଷ ଟନ୍ ତେଲର ଆବଶ୍ୟକତା ଥିବା ବେଳେ ତେଲ ଉତ୍ପାଦନ ଅତି ନଗଣ୍ୟ। ଚିନାବାଦାମ ଚାଷରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲା। ଏବେ ରାଜ୍ୟରେ ଅଧା ଚାଷୀ ଚିନାବାଦାମ ଚାଷ କରୁନାହାନ୍ତି। ଯାହାକିଛି ଉତ୍ପାଦନ ହେଉଛି ତାହା ରାଜସ୍ଥାନ, ଗୁଜରାଟକୁ ଚାଲିଯାଉଛି। ସୋୟାବିନ ତେଲ ଉତ୍ତରପ୍ରଦେଶ ଓ ଗୁଜରାଟରୁ ଆମଦାନୀ କରାଯାଉଛି। ସେହିପରି ପାମୋଲିନ, ସନ୍‌ଫ୍ଲାୱାର(ସୂର୍ଯ୍ୟମୁଖୀ) ତେଲ ଅନ୍ୟ ଦେଶରୁ ଆମଦାନୀ ହେଉଛି। ଓଡ଼ିଶାରେ ବ୍ୟବସାୟିକ ଉତ୍ପାଦନ ଆଦୌ ନାହିଁ। ସରକାରୀ ସ୍ତରରେ ମଧ୍ୟ ସେପରି ଉଦ୍ୟମ ହେଉ ନାହିଁ। ଅନ୍ୟ ରାଜ୍ୟ ଓ ଦେଶ ଉପରେ ଓଡ଼ିଶାକୁ ନିର୍ଭର କରିବାକୁ ପଡୁଛି । କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ବର୍ତ୍ତମାନ ବଡ଼ ବଡ଼ କମ୍ପାନୀ ସହ ତାଳଦେଇ ଚାଲିବା ସମ୍ଭବ ହେଉ ନ ଥିବାରୁ ରାଜ୍ୟରେ ତେଲ ଉତ୍ପାଦନ ହୋଇପାରୁନାହିଁ। ସୋରିଷ ତେଲ କିଛିମାତ୍ରାରେ ଉତ୍ପାଦନ ହେଉଥିଲେ ମଧ୍ୟ ତାହା ମୂଲ୍ୟଯୁକ୍ତ ହୋଇପାରୁନାହିଁ। ପ୍ରଚାର ପ୍ରସାର ଅଭାବ ଯୋଗୁ ବଜାରରେ ତାହାର ଚାହିଦା ରହୁନାହିଁ। ଘଣାତେଲ କରି ପରିବାର ଚଳାଉଥିବା କେନ୍ଦ୍ରାପଡ଼ା ଜିଲାର ଦୟାନିଧି ସାହୁ କହିଛନ୍ତି, ପୂର୍ବପୁରୁଷରୁ ଘଣା ସୋରିଷ ଓ ନଡ଼ିଆ ତେଲ କରି ଚଳି ଆସୁଥିବା ବେଳେ ଗତ ୫ ବର୍ଷ ହେବ ତେଲ ବାହାର କରିବା ସମ୍ଭବ ହେଉନାହିଁ। ଖର୍ଚ୍ଚ ଉଠୁ ନ ଥିବାରୁ ଘଣା ବନ୍ଦ ହୋଇଯାଇଛି। ସୋରିଷ ଉତ୍ପାଦନ କମିଯାଇଛି। ସୋରିଷ ସାଢ଼େ ତିନି କିଲୋ ପେଡ଼ା ହେଲେ ୧ ଲିଟର ତେଲ ବାହାରିବ। ସମସ୍ତ ଖର୍ଚ୍ଚକୁ ମିଶାଇଲେ ୧ ଲିଟର ସୋରିଷ ତେଲ ପାଇଁ ପ୍ରାୟ ୨୮୦ରୁ ୩୦୦ ଟଙ୍କା ଖର୍ଚ୍ଚ ହେଉଛି। ବଜାରରେ ବିଭିନ୍ନ ବ୍ରାଣ୍ଡର ତେଲ ୨୦୦ରୁ ୨୨୦ ଟଙ୍କାରେ ମିଳୁଥିବାରୁ ଘଣାତେଲ ଦୋକାନୀ ନେଉନାହାନ୍ତି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ସୂର୍ଯ୍ୟମୁଖୀ ଗବେଷଣା ପ୍ରକଳ୍ପର କୃଷିବିତ୍ ଡ. ଅନୀତା ମହାପାତ୍ର କହିଛନ୍ତି, ଚାଷୀମାନେ ସୂର୍ଯ୍ୟମୁଖୀ ଉତ୍ପାଦନ କରିବା ପରେ ତାହାକୁ କିଣିବାକୁ ବଜାର ସୁବିଧା ମିଳୁ ନାହିଁ। ସୂର୍ଯ୍ୟମୁଖୀ ପାଇଁ ରାଜ୍ୟର କୌଣସି ସ୍ଥାନରେ ଧାନ ଭଳି ମଣ୍ଡି ବ୍ୟବସ୍ଥା ନାହିଁ। ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ମିଳୁ ନାହିଁ। ଫଳରେ ଚାଷୀମାନେ କମ୍ ମୂଲ୍ୟରେ ବିକିବାକୁ ବାଧ ହେଉଛନ୍ତି। ଚାଷୀ କ୍ଷତି ସହୁଥିବାରୁ ଏଥିପ୍ରତି ଆଗ୍ରହ ବଢୁ ନାହିଁ। ଏଥିପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

### ସାହସ ଦେଇଛି ...

ମିଳିବା କଥା, ତାହା ମିଳୁନାହିଁ। ବୈଷୟିକ ସହାୟତା ଓ ସରଞ୍ଜାମ ତ ଦୂରର କଥା, ଉନ୍ନତ କିସମର ବିହନ ମଧ୍ୟ ଯୋଗାଇ ଦିଆଯାଉନାହିଁ। ତେଣୁ ଇଚ୍ଛା ଓ ଆବଶ୍ୟକ ସୁବିଧା ଥିଲେ ବି ଅନେକ ଯୁବଚାଷୀ ଏହି ଚାଷ କରିବାକୁ ଆଗ୍ରହୀ ହେଉନାହାନ୍ତି। ଅପରପକ୍ଷେ ଅନେକ ଚାଷୀ ତୈଳବୀଜ ଚାଷକୁ ନେଇ କାର୍ଯ୍ୟକାରୀ ସରକାରୀ ଯୋଜନା ଏବଂ ପ୍ରୋତ୍ସାହନ ସମ୍ପର୍କରେ ଜାଣିପାରୁନାହାନ୍ତି। ତେଣୁ ସେମାନେ ପାରମ୍ପରିକ ଧାନ ଓ ପରିବା ଚାଷରୁ ବାହାରି ପାରୁନାହାନ୍ତି। ସେହିପରି ଧାନଚାଷ ପରେ ବହୁ ଏକର ଜମି ପଡ଼ିଆ ପଡୁଛି। ତେଣୁ ଜିଲା କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି 'ସୂର୍ଯ୍ୟମୁଖୀ' ଭଳି ଲାଭଜନକ ତୈଳବୀଜ ଫସଲ ଲାଗି ପ୍ରୋତ୍ସାହିତ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଳାଙ୍ଗ ପଞ୍ଚାୟତ କୃଷି ଅଧିକାରୀ ସୁରଜ ପ୍ରସାଦ ସାହୁ କୁହନ୍ତି, ଚଳିତବର୍ଷ ସୂର୍ଯ୍ୟମୁଖୀ ଚାଷ ପାଇଁ ବିହନ ଆସିନାହିଁ। ଏଥିପୂର୍ବରୁ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦିଆଯାଇଥିଲା। ଜଳସେଚନ ସୁବିଧା ଥିବା ଜମିରେ ଚାଷ କରିବାକୁ ଆଗ୍ରହୀ ଥିବା ଚାଷୀଙ୍କୁ ପ୍ରାଥମିକତା ଦିଆଯିବ।

### ଏକରରେ ହାରାହାରି ଦେଢ଼ଗୁଣା ଲାଭ

-ଗତ ଦୁଇବର୍ଷ ହେଲା ପରୀକ୍ଷାମୂଳକ ଭାବେ 'ସୂର୍ଯ୍ୟମୁଖୀ' ଚାଷ କରୁଛି। ଗୋଟିଏ ଏକର ଜମିରେ ଚାଷ ପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୨୫ ହଜାର ଟଙ୍କାର ତେଲ ବାହାରୁଛି। ଗୁଣାତ୍ମକଯୁକ୍ତ ହୋଇଥିବାରୁ ଏହି ତେଲର ଚାହିଦା ସ୍ଥାନୀୟ ବଜାରରେ ଅଧିକ। **-କାମେଶ ପରିଡ଼ା, ସୂର୍ଯ୍ୟମୁଖୀ ଚାଷୀ**

### ସହାୟତା ମିଳୁ ନ ଥିବାରୁ ଉତ୍ସାହ କମୁଛି

-'ସୂର୍ଯ୍ୟମୁଖୀ' ଏକ ଲାଭଜନକ ଫସଲ। ଏହାର ଚାହିଦା ମଧ୍ୟ ବଢୁଛି। ତେବେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ଉତ୍ସାହ କମିଯାଉଛି। ଆବଶ୍ୟକ ବିହନ, ସାର, କୃଷି ଉପକରଣ ଯୋଗାଇଦେଲେ ଚାଷୀ ଲାଭବାନ ହୋଇପାରନ୍ତା।

**-ପ୍ରଶାନ୍ତ ଖଟୁଆ, ସୂର୍ଯ୍ୟମୁଖୀ ଚାଷୀ**

### ରାୟଗଡ଼ା ଅବକାରୀ ...

କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ନୀନାଙ୍କ ସ୍ୱାମୀ ନୀହାର ରଞ୍ଜନ ମହାନ୍ତି କଟକ ଜିଲା ମାହାଙ୍ଗା ଥାନା ଅଧିକାରୀ ବୋଲି ଜାଣିବା ପରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ରାତି ପ୍ରାୟ ୩ଟାବେଳେ ଥାନାରେ ପହଞ୍ଚି ତାଙ୍କୁ ଖୋଜିଥିଲା। ମାତ୍ର ଆଇଆଇସି ମହାନ୍ତି ଥାନାରେ ନ ଥିଲେ। ଏପରିକି ଥାନା ପରିସରରେ ଥିବା ତାଙ୍କ ସରକାରୀ ବାସଭବନରେ ମଧ୍ୟ ତାଲା ପଡ଼ିବା ସହ ମୋବାଇଲ୍ ଫୋନ ସୁଇଚ୍ ଅଫ୍ ରହିଥିଲା। ଫଳରେ ଭିଜିଲାନ୍ସ ଟିମ୍ ଆଇଆଇସି ମହାନ୍ତିଙ୍କ ସରକାରୀ ବାସଭବନକୁ ସିଲ୍ କରି ଦେଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ଆଇଆଇସି ମହାନ୍ତିଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଜରିଆରେ ତାଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ହାଜର ହେବାକୁ କୁହାଯାଇଥିଲା। ତଦନୁଯାୟୀ ଶନିବାର ପୂର୍ବାହ୍ନରେ ସେ ଭୁବନେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ହାଜର ହୋଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ହେଲେ ଭିଜିଲାନ୍ସ ଟିମ୍ ତାଙ୍କୁ ଯୋଗାଯୋଗ କରି ନ ଥିବା ଆଇଆଇସି ମହାନ୍ତି କହିଛନ୍ତି।

ନୀନା ଏବଂ ତାଙ୍କ ସ୍ୱାମୀ ଆଇସିସି ମହାନ୍ତିଙ୍କର ସମ୍ପୃକ୍ତି ଥିବା ଭୁବନେଶ୍ୱର ସମେତ ରାୟଗଡ଼ା ଓ କଟକ ଜିଲାର କେତେକ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି। ସେଥିମଧ୍ୟରେ ରାୟଗଡ଼ା ସହରର ରାଣୀଗୁଡ଼ା ଫାର୍ମ ଅଞ୍ଚଳରେ ଥିବା ନୀନାଙ୍କ ଭଡ଼ାଘରକୁ ସ୍ଥାନୀୟ ଭିଜିଲାନ୍ସ ଡିଏସ୍‌ପି ଟାଉନ ଥାନା ପୋଲିସ ସହାୟତାରେ ଶନିବାର ସିଲ୍ କରିଛନ୍ତି। ସେହିପରି ଭୁବନେଶ୍ୱର ପଳାଶପଲ୍ଲୀରେ ଥିବା ବାସଭବନ, କଟକ ଚାଉଳିଆଗଞ୍ଜରେ ଥିବା ନୀନାଙ୍କ ବାପଘର, ଆଇଆଇସି ମହାନ୍ତିଙ୍କ ଘର ଏବଂ ମାହାଙ୍ଗା କ୍ୱାର୍ଟର୍ସରେ ଚଢ଼ାଉ ଚାଲିଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଚଢ଼ାଉ ଶେଷ ହୋଇ ନ ଥିବାବେଳେ ସେମାନଙ୍କ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଆଇଆଇସି ମହାନ୍ତିଙ୍କୁ ଭିଜିଲାନ୍ସର ପଚରାଉଚରା ଏବଂ ତାଙ୍କ ସ୍ତ୍ରୀ ନୀନା ଗିରଫ ହେବା ପରେ ଉଭୟଙ୍କୁ ନେଇ ଅନେକ ଚର୍ଚ୍ଚା ହେଉଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ଅଭିଯୁକ୍ତ ଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଆଇଆଇସି ମହାନ୍ତି ଘଣ୍ଟ ଘୋଡ଼ାଇବା ନେଇ ଅଭିଯୋଗ ହୋଇଥିଲା। ଏପରି କି ଏହି ମାମଲାରେ ଜେଏମ୍‌ଏଫ୍‌ସି କୋର୍ଟର ବାରମ୍ବାର ସମନ ସତ୍ତ୍ୱେ ଆଇଆଇସି ମହାନ୍ତି ହାଜର ନ ହୋଇ ବିବାଦକୁ ଆସିଥିଲେ। ସେହିପରି ରାୟଗଡ଼ାରେ ଗତବର୍ଷ ଅବକାରୀ ଏସ୍‌ପି ଥିବା ପ୍ରସନ୍ନ କୁମାର ନାୟକ ଜଣେ ମଦ ବ୍ୟବସାୟୀଙ୍କ ମ୍ୟାନେଜରଙ୍କୁ ଲାଞ୍ଚ ମାଗୁଥିବା ସମୟର ଭିଡିଓ ଭାଇରାଲ ହେବା ପରେ ସରକାର ତାଙ୍କୁ ଅନ୍ୟତ୍ର ବଦଳି କରିବା ସହ ୨ କନଷ୍ଟେବଲଙ୍କୁ ନିଲମ୍ବନ କରିଥିଲେ। ଏହାପରେ ୨୦୨୧ରେ ନୀନା ରାୟଗଡ଼ା ଅବକାରୀ ଏସ୍‌ପି ରୂପେ ଯୋଗ ଦେଇଥିଲେ। ଏହାପରେ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରିବାରେ ବ୍ୟତିକ୍ରମ ହୋଇଥିବା ନେଇ ତାଙ୍କ ନାମରେ ଅନେକ ଅଭିଯୋଗ ହୋଇଥିଲା।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ...

ରହିଛି, ଏଣୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକୁ ସ୍ଥଗିତ ରଖିବା ଦରକାର। ଏଥିସହ ପ୍ରକଳ୍ପ କାର୍ଯ୍ୟ ମେଘନାଦ ପ୍ରାଚୀରକୁ ପ୍ରଭାବିତ କରିପାରେ, ଏଣୁ ଆମସାର୍ ଆଇନ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ କରିବାକୁ ଇନ୍‌ଟାକ୍ ଉଲ୍ଲେଖ କରିଛି। ମାମଲାର ଶୁଣାଣି ବେଳେ ଏଏସ୍‌ଆଇ ନିଜ ପକ୍ଷ ରଖିଥିବା ହେତୁ, ସମ୍ପ୍ରତି ପ୍ରକଳ୍ପ କାର୍ଯ୍ୟ ରଖିଲେ କୌଣସି ପ୍ରକାର ବିଳମ୍ବ ହେବ ନାହିଁ ବୋଲି ଚିଠିରେ କୁହାଯାଇଛି।

ଇନ୍‌ଟାକ୍ ଓଡ଼ିଶା ଚାପ୍ଟର ଆବାହକ ଅଭୟ ଭୂଷଣ ତ୍ରିପାଠୀ କହିଛନ୍ତି, ଗତ ୯ ତାରିଖରେ ସମ୍ପୃକ୍ତ ମାମଲା ଉପରେ ହାଇକୋର୍ଟ ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କୁ ସାନି ରିପୋର୍ଟ ମାଗିଛନ୍ତି। ଏଏସ୍‌ଆଇ ରିପୋର୍ଟ ଦାଖଲ କରିବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଆମସାର୍ ଆକ୍ଟ ପରିସର ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ହେବା କଥା। ଶହେମିଟର ଭିତରେ ହେଉଥିବା କାର୍ଯ୍ୟକୁ ଏଏସ୍‌ଆଇ ବିରୋଧ କରୁଛି। ଶହେମିଟର ପରିଧି ମଧ୍ୟରେ ନିର୍ମାଣ ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରଭାବିତ କରିପାରେ। ଏଏସ୍‌ଆଇ ଡିଜି ନିର୍ମାଣସ୍ଥଳ ପରିଦର୍ଶନ କରି ଦେଇଥିବା ରିପୋର୍ଟରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ସମଗ୍ର ଓଡ଼ିଶାବାସୀ ଏହାକୁ ନେଇ ଚିନ୍ତିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ ଐତିହ୍ୟପ୍ରେମୀ। ଏଣୁ ସମ୍ପ୍ରତି ହାଇକୋର୍ଟ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖାଯାଉ। ଯେହେତୁ ହାଇକୋର୍ଟ ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଦେଲେ ନାହିଁ। ତେଣୁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଅପିଲ୍ କରିଛୁ। ଓଡ଼ିଶାବାସୀଙ୍କ ମନୋଭାବ ଓ ମାନସିକତାକୁ ବୁଝି ନିଷ୍ପତ୍ତି ନିଅନ୍ତୁ। ସେହିଭଳି ଆମସାର୍ ଆକ୍ଟ ପରିସର ମଧ୍ୟରେ ରହି ଯାହା କାର୍ଯ୍ୟ କରାଯାଉଛି ତାହା କରାଯାଉ। ଆଇନକୁ ଡେଇଁ କୌଣସି କାର୍ଯ୍ୟ ନ ହେଉ। ଶ୍ରୀମନ୍ଦିରର ସୁରକ୍ଷା ଭୂମିକାରେ ଗଜପତିଙ୍କୁ ଦେଖାଯାଉଥିବା ବେଳେ ସେ କିଭଳି ଭାବେ ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ କରିବାକୁ ରାଜିହେଲେ ତାହା ବିସ୍ମୟ କଲାଭଳି କଥା। ଏନେଇ ପୂର୍ବରୁ ମଧ୍ୟ ପ୍ରଶ୍ନ ଉଠାଇଛୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମାମଲା କୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଥମୁନାହିଁ। ଅନୁମତି ନ ଥିବା ସତ୍ତ୍ୱେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଠିକାସଂସ୍ଥା ଓ ଜିଲା ପ୍ରଶାସନ ମିଳିତ ଭାବେ କାମ ବଢାଉଛନ୍ତି। ଏନ୍‌ଏମ୍‌ଏର ଏନ୍‌ଓସି ପତ୍ର ଆଧାରରେ କାର୍ଯ୍ୟ କରାଯାଉଛି। ମାମଲାରେ ହାଇକୋର୍ଟ ରାୟ ନ ଆସିବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହେବା ଦରକାର ବୋଲି ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଶରତ କୁମାର ରାୟଗୁରୁ ଦାବି କରିଛନ୍ତି। ସେ କହିଛନ୍ତି, ଏଏସ୍‌ଆଇ ସବୁ ସମୟରେ ଚିଠି କରି ରାଜ୍ୟ ସରକାରଙ୍କୁ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅବମାନନା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଆମସାର୍-ଆକ୍ଟ (୧୯୫୮) ୩୦ଏ ଅନୁଯାୟୀ ପ୍ରକଳ୍ପର ଅଂଶୀଦାର ଓ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଏତଲା ଦିଆଯାଇପାରିବ। ମାତ୍ର ଏଏସ୍‌ଆଇ ଚୁପ୍ ରହିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଆଇନଜୀବୀ କହିଛନ୍ତି।

### ମାନିକ୍ ଶାହା ...

ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଆସିଥିବା ବିପ୍ଳବ ଦେବ ଶନିବାର ଅଚାନକ ରାଜଭବନ ଯାଇ ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଏହା ପରେ ନୂଆ ନେତା ନିର୍ବାଚନ ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାଓଡେ ଅଗରତାଲାରେ ପହଞ୍ଚିଥିଲେ। ଦଳୀୟ ସଂଗଠନକୁ ମଜଭୁତ କରିବା ଲାଗି ସେ କାର୍ଯ୍ୟ କରିବା ଭାଜପା ଚାହେଁ ବୋଲି ଇସ୍ତଫା ଦେବା ପରେ ବିପ୍ଳବ କହିଥିଲେ। ଗତ ଗୁରୁବାର ସେ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ରାଜ୍ୟ ବ୍ୟାପାର ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ତ୍ରିପୁରା ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ଜାରି ରହିଥିବା ନେଇ ଚର୍ଚ୍ଚା ହୋଇଆସୁଛି। ୨୦୧୮ ଫେବୃୟାରୀରେ ଅନୁଷ୍ଠିତ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ହେବା ପରେ ବିପ୍ଳବ ଦେବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସର ପ୍ରଭାବ ବଢୁଥିବାରୁ ଆଗାମୀ ନିର୍ବାଚନରେ ଭାଜପାକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି କୁହାଯାଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଯାଇଥିବା ଚର୍ଚ୍ଚା ହେଉଛି। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ଭାଜପା ପାଇଁ ନୂଆ ନୁହେଁ। ଏହା ପୂର୍ବରୁ ଭାଜପା ଶାସିତ ଉତ୍ତରାଖଣ୍ଡ, ଗୁଜରାଟ ଓ କର୍ଣ୍ଣାଟକରେ ନିର୍ବାଚନ ପୂର୍ବରୁ ସରକାରର ନେତୃତ୍ୱ ପରିବର୍ତ୍ତନ କରାଯାଇଥିଲା।

### ଏସ୍‌ପି ଅଫିସ ...

ଶେଷରେ ନିରାଶ ହୋଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କ ଶରୀରର ଅଧିକାଂଶ ଭାଗ ଜଳିଯାଇଛି। ତାଙ୍କୁ ପୋଲିସ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ପ୍ରଥମେ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଅବସ୍ଥା ଗୁରୁତର ଥିବାରୁ ବାଦଲଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କଟକ ପଠାଯାଇଛି। ଘଟଣା ସମ୍ପର୍କରେ ଛତ୍ରପୁର ହସ୍ପିଟାଲରେ ତାଙ୍କୁ ପଚରା ଯାଇଥିଲେ ହେଁ ସେ କିଛି କହିପାରି ନ ଥିଲେ। ଗଞ୍ଜାମ ଏସ୍‌ପିଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହା ଏକ ଦୁଃଖଦ ଘଟଣା ବୋଲି ସେ କହିଛନ୍ତି । ଗାଁରେ ଗାଳିଗୁଲଜ ଓ ଗଣ୍ଡଗୋଳ ନେଇ ବାଦଲଙ୍କ ନାମରେ ରମ୍ଭା ଥାନାରେ ହୋଇଥିବା ଏକ ଏତଲାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିଥିଲା। ଏନେଇ ବାଦଲଙ୍କୁ ପୋଲିସ ଗିରଫ ପରେ ସିଆରପିସି ୪୧ ଧାରାରେ ତାଙ୍କୁ ଥାନାରୁ ଛାଡି ଦିଆଯାଇଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଉକ୍ତ ମାମଲାର ଯାଞ୍ଚ ଚାଲିଥିବା ସେ କହିଛନ୍ତି। ସନ୍ଧ୍ୟାରେ ହଠାତ ବାଦଲ ଆସି କାହିଁକି ଦେହରେ ନିଆଁ ଲଗାଇଲେ ଏବଂ ଏସ୍‌ପି ଅଫିସ ଭିତରକୁ ଆସିଥିଲେ କି ନାହିଁ ସେ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭ କରି କାମଗୁଡ଼ିକୁ ସମ୍ପନ୍ନ କରିବାରେ କିଛି ଅସୁବିଧା ହେବ ନାହିଁ। ବନ୍ଧୁମାନଙ୍କ ପରାମର୍ଶାନୁସାରେ ପାରିବାରିକ ଝାମେଲା ସମାଧାନ ଆଡ଼କୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଙ୍ଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ, ଗମନାଗମନ ଓ ଜମିଜମା କ୍ଷେତ୍ରରେ ବିବାଦର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ପ୍ରତ୍ୟୁଷରୁ ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। ପଡ଼ୋଶୀଙ୍କ ସହାୟତାରେ ନୂତନ ବୈବାହିକ ସମ୍ପର୍କ ସ୍ଥାପନ ହୋଇଯିବ ।

**କର୍କଟ** ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ୍ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଆର୍ଥିକ ଅଭାବ ଦେଖାଦେଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟରୁ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାର ସୂଚନା ରହିଛି ।

**କନ୍ୟା** ସମସ୍ୟା ଜଡ଼ିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିବେ। ଯାନବାହନରେ ଲାଭ, ଦୋକାନ ବାଡ଼ିରେ ଉନ୍ନତି ସାଙ୍ଗକୁ ଗୃହ ଭୂମି ଲାଭ ଯୋଗ ରହିଛି। ପ୍ରଶାସନ, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା** ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ସହ ନିଜକୁ ଆଡ୍‌ଜଷ୍ଟ କରାଇ ଚଳିବା ଭଲ ହେବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜିର କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଅପ୍ରିୟ ସତ୍ୟ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** ଆଜି ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଅପରାହ୍ନେ ସୁଖବର ଆସିପାରେ।

**ମକର** ଶୁଭ ଗ୍ରହ ପ୍ରଭାବରୁ ଆଜି ଯାହାକୁ ଯାହା ମାଗିବେ, ସେହି ବ୍ୟକ୍ତି କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିପାରନ୍ତି । କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥାଭାବ କାରଣରୁ ଚଳିବାରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିବେ। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ** ବନ୍ଧୁଙ୍କ ପ୍ରାୟୋଜିତ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସମସ୍ୟା ଥିବା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

# ଦନ୍ତା ଆକ୍ରମଣରେ ମହିଳା ମୃତ

ଠାକୁରମୁଣ୍ଡା,୧୪।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ଶନିବାର ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କରଞ୍ଜିଆ ଥାନା ଅଧୀନ ସରୁଭା ଗ୍ରାମର ମାନି ନାଏକ। ଶନିବାର ପୂର୍ବାହ୍ନରେ ମାନି ଓ ତାଙ୍କ ସ୍ୱାମୀ ରାଜେନ୍ଦ୍ର ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ମାନିଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବନ ବିଭାଗ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ପଠାଇଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା।

# ତଣ୍ଟିଚିପି ମାରିବା ପରେ ନିଆଁ ଲଗାଇ ଦେଇଥିଲେ ସ୍ୱାମୀ

## ମା' ସହ ୨ ଶିଶୁ ପୋଡ଼ି ମରିବା ଘଟଣା

ସାରସକଣା, ୧୪।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଉଇଗାଁ ଗ୍ରାମ ଢ଼ିପାସାହିଠାରେ ପୋଡ଼ିହୋଇ ମା' ସହ ୨ ଶିଶୁଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ପାରିବାରିକ କଳହରୁ ସ୍ତ୍ରୀ ଓ ଦୁଇ ପିଲାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଥିବା ସ୍ୱାମୀ ମଙ୍ଗଲ ମାର୍ଣ୍ଡି ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ଡିପିଓ କେ.କେ. ହରିପ୍ରସାଦ କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଦିଆସିଲ କାଠି, ବେକରେ ବନ୍ଧାଯାଇଥିବା କପଡା ଓ ଦଉଡି ଜବତ କରିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ମଙ୍ଗଲ ମାର୍ଣ୍ଡିଙ୍କ ଘରେ ନିଆଁ ଲାଗିଯାଇଥିଲା। ଏହି ନିଆଁରେ ପୋଡ଼ି ହୋଇ ତାଙ୍କ ସ୍ତ୍ରୀ ସୁରୁକୁନି, ୫ବର୍ଷର ଝିଅ ସରିତା ଓ ୩ ମାସର ପୁଅ ଜଗଦୀଶ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ହଠାତ୍ ନିଆଁ ଲାଗି ସ୍ତ୍ରୀ, ପିଲା ପୋଡ଼ିଗଲେ ବୋଲି ମଙ୍ଗଲ ପୋଲିସ ଆଗରେ ମିଛ ଅଭିନୟ କରିଥିଲେ ହେଁ ପରେ ଦୋଷ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ମଙ୍ଗଲଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୦୫,୭୯,୬୯୯ | ୬୨,୮୭,୧୮୭ | ୪୭,୫୧,୪୧,୮୭୧ |
| ଭାରତ | ୪,୩୧,୧୯,୧୧୨ | ୫,୨୪,୨୦୧ | ୪,୨୫,୭୬,୮୧୫ |
| ଓଡ଼ିଶା | ୧୨,୮୮,୨୯୦ | ୯୧୨୬(+୫୩) | ୧୨,୭୮,୯୮୦ |

ଶନିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୨୮ ବର୍ଷ ପରେ ନିର୍ଦ୍ଦୋଷ

## ଫୁଡ୍ ଲାଇସେନ୍ସ ନ ଥିବାରୁ ତଳ କୋର୍ଟ ଦେଇଥିଲେ ଦଣ୍ଡାଦେଶ

**କଟକ ଅଫିସ୍, ୧୪।୫**

ଫୁଡ୍ ଲାଇସେନ୍ସ ନ ଥିବା ଅଭିଯୋଗରେ ଦଣ୍ଡିତ ହୋଇଥିବା ଟିଫିନ୍ ଷ୍ଟଲ ଦୋକାନୀ ୨୮ ବର୍ଷ ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୧୯୯୪ ମେ ୨୬ରେ ବଲାଙ୍ଗୀର ଜିଲା ତତ୍କାଳୀନ ଫୁଡ୍ ଇନ୍ସପେକ୍ଟର ଚିତ୍ତରଞ୍ଜନ ଦାସ ଅଗଲପୁର ଗସ୍ତ କରି ଭିକା ସାହୁଙ୍କ ଟିଫିନ୍ ଷ୍ଟଲ୍ ଯାଞ୍ଚ କରିଥିଲେ। ଉକ୍ତ ଷ୍ଟଲରେ ବିକ୍ରି ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ରହିଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଖାଦ୍ୟ ସାମଗ୍ରୀ ଯାଞ୍ଚ କରିବା ସହ ଫୁଡ୍ ଇନ୍ସପେକ୍ଟର ଦୋକାନୀଙ୍କୁ ଖାଦ୍ୟ ବିକ୍ରି ଲାଇସେନ୍ସ ଦେଖାଇବାକୁ କହିଥିଲେ, ହେଲେ ସେ ଏହା ଦେଖାଇବାରେ ବିଫଳ ହୋଇଥିଲେ। ପରେ ତଦନ୍ତ ସମୟରେ ଅଭିଯୁକ୍ତ ଭିକାଙ୍କ ପୁଅ ଟେଙ୍ଗୁନୁ ସାହୁଙ୍କ ନାମରେ ଯେଉଁ ଫୁଡ୍ ଲାଇସେନ୍ସ ଥିଲା ତାହା ୧୯୮୮ ଡିସେମ୍ବର ୩୧ଠାରୁ ବୈଧ ଶେଷ ହୋଇଥିବା ବେଳେ ଆଉ ପୁନଃ ନବୀକରଣ ହୋଇ ନ ଥିବା ଜଣାପଡ଼ିଥିଲା। ବୈଧ ଲାଇସେନ୍ସ ବିନା ଉଭୟ ବାପ ଓ ପୁଅ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ସେମାନଙ୍କ ବିରୋଧରେ ଖାଦ୍ୟପଦାର୍ଥ ଅପମିଶ୍ରଣ ନିରୋଧୀ(ପିଏଫ୍ଏ) ଆଇନରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ସ୍ଥାନୀୟ ଜେଏମ୍ଏଫ୍ସି ଅଦାଲତ ୨ ଅଭିଯୁକ୍ତ ଭିକା ଏବଂ ତାଙ୍କ ପୁଅ ଟେଙ୍ଗୁନୁଙ୍କୁ ୬ମାସ ସଶ୍ରମ ଜେଲ୍ ଦଣ୍ଡାଦେଶ ସହ ୫୦୦ଟଙ୍କା ଲେଖାଏ ଜରିମାନା ଦେଇଥିଲେ। ପରେ ତାହା ୩ ମାସ ଜେଲ୍‌ଦଣ୍ଡାଦେଶକୁ ହ୍ରାସ ହେବା ସହ ଜରିମାନା ଅପରିବର୍ତ୍ତିତ ରହିଥିଲା। କୋର୍ଟଙ୍କ ଉକ୍ତ ରାୟ ବିରୋଧରେ ଅଭିଯୁକ୍ତଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ଆବେଦନକାରୀ ଭିକାଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ଯଦିଓ ଟେଙ୍ଗୁନୁଙ୍କ ନାମରେ ଥିବା ଲାଇସେନ୍ସ ଅବଧି ଶେଷ ହୋଇଯାଇଥିଲା, ଟିଫିନ୍ ଷ୍ଟଲ୍‌ରେ ଚଢ଼ାଉ ସମୟରେ ସେ ଉପସ୍ଥିତ ନ ଥିଲେ। ତେଣୁ ଅପମିଶ୍ରିତ ଖାଦ୍ୟ ବିକ୍ରି କରିବା ଅଭିଯୋଗରେ ତାଙ୍କୁ ଦଣ୍ଡିତ କରିବା ଉଚିତ୍ ହେବ ନାହିଁ ବୋଲି ଦର୍ଶାଇ ଆବେଦନକାରୀଙ୍କୁ ମୁଖ୍ୟ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ସମୁଦ୍ରକୁ ଗଲେ ୨ କୋଟି କଇଁଛ ଶାବକ



ଗହୀରମଥାଠାରେ ଅଲିଭ୍ ରିଡ୍‌ଲେ କଇଁଛ ଶାବକଙ୍କୁ ସମୁଦ୍ରରେ ଛଡ଼ାଯାଉଛି।

**ରାଜନଗର, ୧୪।୫(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥାରେ ୫ ଦିନ ହେଲା ବିରଳ ଦୃଶ୍ୟ ଦେଖିବାକୁ ମିଳୁଛି। ଗାତରୁ ବାହାରି ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଶାବକ ସମୁଦ୍ରକୁ ଯାଇ ବିଚରଣ କରୁଛନ୍ତି। ୫ ଦିନ ମଧ୍ୟରେ ୨ କୋଟି ୨ ଲକ୍ଷ ୨୪ ହଜାର କଇଁଛ ଶାବକ ସମୁଦ୍ରକୁ ଯାଇସାରିଲେଣି। ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଗତ ୧୦ ତାରିଖରେ ୫୩ ଲକ୍ଷ ୭୬ ହଜାର କଇଁଛ ଶାବକ ଗାତରୁ ବାହାରି ସମୁଦ୍ରକୁ ଯାଇଥିବାବେଳେ ୧୧ରେ ୬୦ ଲକ୍ଷ ୮୦ ହଜାର, ୧୨ ତାରିଖରେ ୫୮ ଲକ୍ଷ ୮୮ ହଜାର, ୧୩ରେ ୨୫ ଲକ୍ଷ ୬୦ ହଜାର ଓ ୧୪ ତାରିଖ ସକାଳେ ୩ ଲକ୍ଷ ୨୦ ହଜାର କଇଁଛ ଶାବକ ସମୁଦ୍ରକୁ ଯାଇଛନ୍ତି। ଭୋର ଏବଂ ଅପରାହ୍ଣ ସମୟରେ କଇଁଛ ଶାବକ ଗାତରୁ ବାହାରି ସିଧା ସମୁଦ୍ରକୁ ଯାଉଛନ୍ତି। ଏହି ସମୟରେ କଇଁଛ ଛୁଆଙ୍କୁ କୁକୁର, ବିଲୁଆ ଓ ଶିକାରୀ ପକ୍ଷୀମାନେ ଖାଇଦେବାର ଆଶଙ୍କା ଥିବାରୁ ବନ ବିଭାଗ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଗହୀରମଥାର ନାସୀ-୨ରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। କଇଁଛ ଶାବକ ଗାତରୁ ବାହାରି ଯେପରି ଏଣେତେଣେ ନ ଯାଆନ୍ତି କିମ୍ବା କୌଣସି ବନ୍ୟଜନ୍ତୁ ଏ ଅଞ୍ଚଳକୁ ନ ଆସନ୍ତି ସେଥିପାଇଁ ୨ କିମି ୪୦୦ ମିଟର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ଚଳିତବର୍ଷ ମାର୍ଚ୍ଚ ଶେଷ ସପ୍ତାହରେ ନାସୀ-୨ରେ ୫ ଲକ୍ଷ ୧ ହଜାର ୧୪୭ ଅଲିଭ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନରେ ସାମିଲ ହୋଇଥିଲେ। ସନ୍ଧ୍ୟା ସମୟରେ ମା' କଇଁଛଗୁଡ଼ିକ ବେଳାଭୂମିର ବାଲୁକା ଶଯ୍ୟାରେ ୪୦ରୁ ୪୫ ସେମିର ମାଠିଆ ଆକୃତିର ଗାତ ଖୋଳି ଅଣ୍ଡାଦାନ କରିଥିଲେ। ପ୍ରତି କଇଁଛ ୧୦୦ରୁ ୧୮୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଅଣ୍ଡାଦାନ ପରେ ମା' କଇଁଛ ଗାତକୁ ବାଲିରେ ଘୋଡ଼ାଇ ଚାଲିଯାଇଥାଏ। ଅଣ୍ଡାଦାନର ୪୫ରୁ ୬୦ ଦିନ ମଧ୍ୟରେ ଅଣ୍ଡା ଫୁଟି ସେଥିରୁ ଛୁଆ ବାହାରିଥାନ୍ତି। ଗତ ୫ଦିନ ହେଲା ଅଲିଭ ରିଡ୍‌ଲେ ଶାବକ ଗାତରୁ ବାହାରି ସିଧା ସମୁଦ୍ରକୁ ଯାଉଛନ୍ତି।




ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଶନିବାର ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ 'ଭୋର ମୋତିର କାନଫୁଲ'ର ଲୋକାର୍ପଣ ଅବସରରେ ଲେଖକଙ୍କ ସହ ଅନ୍ୟମାନେ।

# 'ଜୀବନୀ, ଅନୁଭୂତି ଲେଖିବା ସ୍ୱାର୍ଥପରତା'

## ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଆତ୍ମଜୀବନୀ 'ଭୋର ମୋତିର କାନଫୁଲ' ଉନ୍ମୋଚିତ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ଜଣେ ଲୋକର ଜୀବନ, ବର୍ଷ ବର୍ଷର ଅନୁଭୂତିକୁ ସେ ନିଜେ ଲେଖିବା ହେଉଛି ସ୍ୱାର୍ଥପରତା। ଆଜିର ସନ୍ଧ୍ୟା ହେଉଛି ଏହି ସ୍ୱାର୍ଥପରତାର ନମୁନା। ଶନିବାର ପ୍ରେସ୍‌କ୍ଲବଠାରେ ନିଜର ଏକ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ ପୁସ୍ତକ 'ଭୋର ମୋତିର କାନଫୁଲ'କୁ ଲୋକାର୍ପଣ କରିବା ଅବସରରେ ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଏହା କହିଛନ୍ତି। କେତକୀ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ କହିଲେ, ବାହାରେ ରହିଥିଲେ ମଧ୍ୟ ଓଡ଼ିଶା ହେଉଛି ମୋ ନିଜ ଦେଶ। ଓଡ଼ିଶାରେ ରହିବା, ଓଡ଼ିଶାକୁ ନେଇ ଲେଖିବାକୁ ମୁଁ ବେଶି ପସନ୍ଦ କରେ। ପ୍ରାୟ ସବୁ ଲେଖା ଓଡ଼ିଶାକୁ ନେଇ ବୋଲି ସେ କହିଛନ୍ତି। ମଣିଷ ଜୀବନରେ କବିତାର ଗୁରୁତ୍ୱ ସମ୍ପର୍କରେ ସେ କହିଲେ, କବିତା ଭଲପାଇବାକୁ ସୁଯୋଗ ଦିଏ। ସେ ଭଲପାଇବା କାହା ସହ ବି ହୋଇପାରେ। ଜଣେ ଅନ୍ୟକୁ ଭଲ ପାଇଲେ ହିଁ କବିତା ଲେଖିହେବ। ଲେଖିଥିବା ବହିରେ ସେ ହୃଦୟର କଥାକୁ ବର୍ଣ୍ଣନା କରିଛନ୍ତି, ଯାହା ପାଠକଙ୍କୁ ଭଲ ଲାଗିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୩୬୦ ପୃଷ୍ଠାର ଏହି ଆତ୍ମଜୀବନୀ ପୁସ୍ତକକୁ ଜ୍ୟୋତି ରଞ୍ଜନ ସ୍ୱାଇଁ ଡିଜାଇନ କରିଥିବାରୁ ତାଙ୍କୁ ଲେଖକ କୃତଜ୍ଞତା ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ବିଚାରପତି ତଥା ଲେଖକ ଅରୁଣ ପରିଚ୍ଛା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଛଳଛଳ ହୃଦୟର ନିଚ୍ଛକ କଥା ଏହି ପୁସ୍ତକରେ ସ୍ଥାନ ପାଇଛି। ଜୀବନରେ ଘଟିଥିବା ସତ ସବୁକୁ ଲେଖକ ଲେଖିଛନ୍ତି। ଭାବନାକୁ ଭାଷା ଦେଇ ସେ ପାଠକଙ୍କ ସମ୍ମୁଖକୁ ଆଣି ପାରିଛନ୍ତି। ସୂର୍ଯ୍ୟ ଉଦୟ ପୂର୍ବରୁ ବର୍ଣ୍ଣିଳ ଆକାଶର ଛବି ସହ ଲେଖକ ଓ ତାଙ୍କ କୃତୀକୁ ସେ ତୁଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ରମ୍ଭକାର ଗୌରହରି ଦାସ ଯୋଗଦେଇ ପୁସ୍ତକ ବିଷୟରେ ସମ୍ୟକ ଆଲୋକପାତ କରିଥିଲେ। ଫାଉଣ୍ଡେଶନର ମୁଖ୍ୟ ରାମହରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬, ୩୦ ସ୍କୁଲ୍ ଛୁଟି

## ସ୍କୁଲ ଆସୁ ନ ଥିବା ପିଲାଙ୍କ ଅଭିଭାବକଙ୍କ ସହ ଆଲୋଚନା କରିବେ ଶିକ୍ଷୟିତ୍ରୀଶିକ୍ଷକ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟର ସମସ୍ତ ସ୍କୁଲ୍ ଆସନ୍ତା ୧୬ ଓ ୩୦ ତାରିଖ ଦିନ ଛୁଟି ରହିବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଘୋଷଣା କରିଛନ୍ତି। ୧୬ ସୋମବାର ବୁଦ୍ଧ ପୂର୍ଣ୍ଣିମା ଏବଂ ୩୦ ସୋମବାର ସାବିତ୍ରୀ ଅମାବାସ୍ୟାକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ଦୁଇବର୍ଷ ହେବ କରୋନା ପାଇଁ ପାଠପଢ଼ାରେ ବ୍ୟାଘାତ ହୋଇଥିବାରୁ ଏଥର ଶିକ୍ଷାଦାନର ଭରଣା କରିବା ପାଇଁ ରାଜ୍ୟ ସରକାର ଖରାଦିନ ବା ଗ୍ରୀଷ୍ମଛୁଟି କମାଇ ଦେଇଛନ୍ତି। ପୂର୍ବରୁ ଏପ୍ରିଲ ଶେଷରୁ ଜୁନ୍ ୧୬ପର୍ଯ୍ୟନ୍ତ ପ୍ରାୟ ଦୁଇମାସ ଖରାଛୁଟି ଦିଆଯାଉଥିବାବେଳେ ଏଥର ଜୁନ୍ ୬ରୁ ୧୬ତାରିଖ ପର୍ଯ୍ୟନ୍ତ ଖରାଛୁଟି ଘୋଷଣା କରାଯାଇଛି।

ସେପଟେ ରାଜ୍ୟରେ ଡ୍ରପ୍‌ଆଉଟ୍ ପିଲାଙ୍କୁ କିପରି ସ୍କୁଲ ଅଣାଯିବ ସେନେଇ ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ ୭୦ପ୍ରତିଶତ ଛାତ୍ରୀଛାତ୍ର ସ୍କୁଲ ଆସିଥିବାବେଳେ ୩୦ ପ୍ରତିଶତ ପିଲା ଅନୁପସ୍ଥିତ ଅଛନ୍ତି। ଶତପ୍ରତିଶତ ଉପସ୍ଥାନ ସଂଖ୍ୟା ରଖିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଏଦିଗରେ ଧ୍ୟାନ ଦେବା ସହ ସ୍କୁଲ୍ କର୍ତ୍ତୃପକ୍ଷ ଅଭିଭାବକଙ୍କ ସହ ଯୋଗାଯୋଗରେ ରହିବେ। ଏଥିସହ ଗ୍ରାମର ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ମହିଳାଙ୍କ ସହ ଆଲୋଚନା କରି କେଉଁ ଗ୍ରାମରେ କେତେ ଛାତ୍ରୀଛାତ୍ର ସ୍କୁଲ ଆସୁନାହାନ୍ତି ତା'ର ତଦାରଖ କରିବେ। ଆସନ୍ତା ଶିକ୍ଷାବର୍ଷରେ ସବୁ ପିଲା କେମିତି ଉପସ୍ଥିତ ରହିବେ ତା'ଉପରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ର ଅନୁପସ୍ଥିତ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ର ପ୍ରସଙ୍ଗରେ ସ୍କୁଲ ୱାରି ରିପୋର୍ଟ ମଗାଯାଇଛି। ଏଥିପାଇଁ ୧୦ଦିନ ସମୟ ଦିଆଯାଇଛି। ବର୍ତ୍ତମାନ ରିପୋର୍ଟ ଆସିବା ଆରମ୍ଭ ହୋଇଛି। ତଥ୍ୟ ଆସିବା ପାଇଁ କିଛି ସମୟ ଲାଗିବ। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ୭୦ ପ୍ରତିଶତ ପିଲା ସ୍କୁଲ ଆସୁଥିବାବେଳେ ବାକି ପିଲା କାହିଁକି ଆସୁନାହାନ୍ତି ଏ ନେଇ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର କାରଣ ଖୋଜିବା ପାଇଁ ଶୁକ୍ରବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିଲେ।






# ମଧ୍ୟସ୍ଥଙ୍କ ସହ ଜେଲ ଗଲେ ଭିଜିଲାନ୍ସ ଇନ୍ସପେକ୍ଟର

## ୧୦ ଲକ୍ଷ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ ମାନସୀ

**ସମ୍ବଲପୁର, ୧୪।୫(ବ୍ୟୁରୋ)**

ଲାଞ୍ଚ ନେବାବେଳେ ରାଜ୍ୟ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିବା ସମ୍ବଲପୁର ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନା ଓ ମଧ୍ୟସ୍ଥ ବରଗଡ଼ର ମୁକେଶ ସାହୁଙ୍କୁ ଶନିବାର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ବଲପୁରରେ କଟକ ଭିଜିଲାନ୍ସ ସେଲ୍ ଏସ୍‌ପି ଏମ୍. ରାଧାକୃଷ୍ଣ କହିଛନ୍ତି, ମାନସୀ ଓ ମୁକେଶଙ୍କୁ ଜେଲ ପଠାଇ ଦିଆଯାଇଛି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ତା'ର ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଜଣେ ସରକାରୀ ଅଧିକାରୀଙ୍କ ନାମରେ ଥିବା ମାମଲା ରଫାଦଫା କରିବା ପାଇଁ ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ମଧ୍ୟସ୍ଥ ମୁକେଶଙ୍କ ଜରିଆରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଧିକାରୀ ଜଣକ ଭିଜିଲାନ୍ସ ପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗର ଆଭ୍ୟନ୍ତରୀଣ ଟିମ୍ ଗଠନ ହୋଇଥିଲା। ଶୁକ୍ରବାର ମାନସୀଙ୍କ କହିବାନୁସାରେ ଅଧିକାରୀ ଜଣକେ ମୁକେଶଙ୍କୁ ୧୦ଲକ୍ଷ ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କା ମୁକେଶ ମାନସୀଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ ଟିମ୍ ସଦସ୍ୟ ମାନସୀଙ୍କ ସରକାରୀ କ୍ୱାର୍ଟର୍ସ ସହିତ ସୁନ୍ଦରଗଡ଼, ଭୁବନେଶ୍ୱର ଘରେ ଏବଂ ମୁକେଶଙ୍କ ବରଗଡ଼ସ୍ଥିତ ଘରେ ଚଢ଼ାଉ କରିଥିଲା। ଏ ନେଇ ସରକାରୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ଭିଜିଲାନ୍ସ ସେଲ୍‌ରେ ୫/୨୨ରେ ମାମଲା ରୁଜୁ ହୋଇଛି।

# ଟିଟିଲାଗଡ଼ରେ ୪୩.୨ ଡିଗ୍ରୀ

## ୧୭ ପର୍ଯ୍ୟନ୍ତ ଝଡ଼ତୋଫାନ ସହ ବଜ୍ରପାତ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟରେ ପୁଣି ଖରାତାତି ଅସହ୍ୟ ହେଲାଣି। ପୂର୍ବାହ୍ଣ ୧୧ଟା ପରେ ଘରୁ ବାହାରିବାକୁ ଡର ଲାଗୁଛି। ଶନିବାର ରାଜ୍ୟର ୧୧ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ସୋନପୁର ୪୩, ସୁନ୍ଦରଗଡ଼ ୪୨.୫, ଝାରସୁଗୁଡ଼ା ୪୨.୪, ସମ୍ବଲପୁର ୪୧.୬, ଭବାନିପାଟଣା ୪୧.୮, ବଲାଙ୍ଗୀର ୪୨.୨, ମାଲକାନଗିରି ୪୦, ବରଗଡ଼ ୪୦.୫, ଦେବଗଡ଼ ୪୨ ଓ ନୂଆପଡ଼ାର ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱର ୩୫.୫ ଓ କଟକରେ ୩୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। କିନ୍ତୁ ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ୧୭ ତାରିଖ ପର୍ଯ୍ୟନ୍ତ କେତେକ ଜିଲାକୁ ଝଡ଼ତୋଫାନ ସମୟରେ ପବନର ବେଗ ଘଣ୍ଟାପ୍ରତି ସର୍ବାଧିକ ୪୦ କିମି ରହିବ। ରବିବାର ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ ପବନର ବେଗ ୩୦ରୁ ୪୦ କିମି ରହିବ ଓ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ଗଜପତି, ରାୟଗଡ଼ା, କନ୍ଧମାଳ, ଯାଜପୁର ଏବଂ ଭଦ୍ରକରେ ଝଡ଼ତୋଫାନର ଆଶଙ୍କା ରହିଛି।

# ୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ

**ପୁରୀ ଅଫିସ, ୧୪।୫**

ପୁରୀରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଥିବା ବେଳେ ଶନିବାର ବ୍ରାଉନସୁଗାର ବେପାର ଚଳାଉଥିବା ୩ ବେପାରୀଙ୍କୁ ଧରିବାରେ ପୁରୀ ପୋଲିସ ସଫଳ ହୋଇଛି। ମଙ୍ଗଳାଘାଟ ଛକରୁ ୩ଜଣ ବ୍ରାଉନସୁଗାର ବେପାରୀଙ୍କୁ ବାସେଳିସାହି ଥାନା ପୋଲିସ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୩ କିଲୋ ୧୯୨ ଗ୍ରାମର ବ୍ରାଉନସୁଗାର ମିଳିଛି। ଯାହାର ଆନୁମାନିକ ମୂଲ୍ୟ ୩କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବ୍ରାଉନସୁଗାର ବେପାର କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ପୁରୀ ଆସିଥିବା ନେଇ ଶନିବାର ଏସ୍‌ପି କନୱର ବିଶାଲ ସିଂ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ବ୍ଲକର ସୁଶାନ୍ତ ପଟ୍ଟନାୟକ(୨୨), ରାଜକିଶୋର ସାହୁ(୨୪) ଓ ମାନସ ସାହୁ(୨୭)। ସେମାନଙ୍କଠାରୁ ୨୦ ହଜାର ଟଙ୍କା, ୪ଟି ମୋବାଇଲ ଫୋନ୍, ନୋଟ ଗଣତି ମେଶିନ୍ ଓ କାର୍ (ନଂ.ଓଆର୍ ୦୨ ଜେଡ୍ ୯୮୫୫) ଜବତ ହୋଇଛି। ଏ ନେଇ ଥାନାରେ କେସ ନଂ. ୧୧୩/୨୨ରେ ଏନ୍‌ଡିପିଏସ ଆକ୍ଟ ୨୧(ସି) ଓ ୨୯ରେ ମାମଲା ରୁଜୁ କରାଯାଇଛି।




ବାସେଳି ସାହି ଥାନା ଆଇଆଇସି କୁଳମଣି ସେଠୀଙ୍କ ସୂଚନା ଅନୁଯାୟୀ, ଗୋଇନ୍ଦା ରିପୋର୍ଟ ଆଧାରରେ ପୁରୀ ମଙ୍ଗଳାହାଟ ଛକ ଦେଇ ଶୁକ୍ରବାର କେତେଜଣ ବେପାରୀ ବ୍ରାଉନସୁଗାର କାରବାର କରିବାକୁ ଯାଉଥିବା ନେଇ ଖବର ମିଳିଥିଲା। ଫଳରେ ସକାଳ ୬ଟା ୩୦ ସମୟରେ ସ୍ପେଶାଲ ସ୍କ୍ୱାଡ ଓ ବାସେଳିସାହି ଥାନାର ଏକ ମିଳିତ ଟିମ୍ ଉକ୍ତ ଛକରେ ଜଗି ରହିଥିଲେ। ଏହି ସମୟରେ ଉକ୍ତ ୩ ଅଭିଯୁକ୍ତ ଆସି ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିବା ବେଳେ ପୋଲିସ ଚଢ଼ାଉ କରି ଧରିଥିଲା। ଯାଞ୍ଚବେଳେ ସେମାନଙ୍କଠାରୁ ବ୍ରାଉନସୁଗାର, ଅନ୍ୟ କିଛି ସାମଗ୍ରୀ ମିଳିଥିବାବେଳେ ବିକ୍ରି ପାଇଁ ଆସିଥିବା ଜଣାପଡ଼ିଥିଲା। ଏ ନେଇ ଏସ୍‌ପି ସିଂ କହିଛନ୍ତି, ପୁରୀ ପୋଲିସ ପକ୍ଷରୁ ଏହା ଏକ ବଡ଼ ସଫଳତା। ଅଭିଯୁକ୍ତମାନେ ବଡ଼ଧରଣର ରାକେଟ୍ ଚଳାଉଥିଲେ। ସିଣ୍ଡିକେଟ୍ ଗଠନ କରି ବ୍ରାଉନସୁଗାର ବେପାର କରାଯାଉଥିଲା। ୩ ବ୍ରାଉନସୁଗାର ବେପାରୀଙ୍କ ମଧ୍ୟରେ ଜଣେ ମାଷ୍ଟରମାଇଣ୍ଡ ମଧ୍ୟ ରହିଛନ୍ତି। ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିବ। ସେହିଭଳି କେଉଁ କେଉଁ ସ୍ଥାନରେ ବ୍ରାଉନସୁଗାର ଚାଲାଣ କରାଯାଉଛି ସେନେଇ ପୋଲିସ ଖୋଳତାଡ଼ କରୁଛି। ଅଭିଯୁକ୍ତଙ୍କଠାରୁ ପୁରୀ ସହ ଅନ୍ୟ କିଛି ସ୍ଥାନର ନାମ ମଧ୍ୟ ହସ୍ତଗତ ହୋଇଛି। ଯେଉଁମାନଙ୍କ ପାଖରେ ବ୍ରାଉନସୁଗାର ପହଞ୍ଚିବାର ଥିଲା ସେମାନଙ୍କର ନାମ ଜେରାବେଳେ ସାମ୍ନାକୁ ଆସିଛି। ତିନୋଟି ପୃଥକ ଟିମ୍ ଗଠନ କରାଯାଇ, ବ୍ରାଉନସୁଗାର ସିଣ୍ଡିକେଟ୍‌କୁ ଧରିବା ପାଇଁ ପୋଲିସ ଉଦ୍ୟମ କରୁଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ସମୁଦାୟ ୪କେଜି ୮ଶହ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ୩୩ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଏସ୍‌ପି ଆଣ୍ଟି ନାର୍କୋଟିକ୍ ହେଲ୍ପଲାଇନ୍ ନମ୍ବର(୭୭୩୫୮୪୮୮୬) ଜାରି କରିଛନ୍ତି। ବ୍ରାଉନସୁଗାର ଚାଲାଣ ସମ୍ପର୍କିତ ଖବର ମିଳିଲେ ପୁରୀ ପୋଲିସକୁ ସୂଚନା ଦେବା ପାଇଁ ଏସପି ଅପିଲ୍ କରିଛନ୍ତି।

■ ୩ ବେପାରୀ ଗିରଫ

■ ନୋଟ୍ ଗଣତି ମେଶିନ, କାର୍, ଟଙ୍କା ଜବତ




> ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ପରିବର୍ତ୍ତନର ଆଶା



ଆକାର ପଟେଲ

ସୁପ୍ରିମକୋର୍ଟ ଦେଶଦ୍ରୋହ ଆଇନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ଏହି ଉପନିବେଶିକ ଯୁଗର ଆଇନକୁ ହଟାଇଦେବାକୁ ଚାହାନ୍ତି ବୋଲି କେନ୍ଦ୍ର ସରକାର କହିଛନ୍ତି। ଏହା ଏକ ଉତ୍ତମ ପଦକ୍ଷେପ। ଏହି ଆଇନ କହେ- ଯେଉଁ ବ୍ୟକ୍ତି ସରକାର ବିରୋଧରେ ଲେଖନ୍ତି କିମ୍ବା କହନ୍ତି ଅଥବା ସଙ୍କେତ ମାଧ୍ୟମରେ ପ୍ରତ୍ୟକ୍ଷ ଅବା ଅନ୍ୟପ୍ରକାରେ ଘୃଣା, ଅସନ୍ତୋଷ କିମ୍ବା ଉତ୍ତେଜନା ସୃଷ୍ଟି କରନ୍ତି ବା କରାଇବାକୁ ଚେଷ୍ଟା କରନ୍ତି, ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବ। ଏଥିରେ ଆଜୀବନ ଜେଲ ଦଣ୍ଡର ପ୍ରାବଧାନ ରହିଛି। ଆର୍ଟିକିଲ-୧୪.କମ୍ ୱେବ୍‌ସାଇଟ ସରକାରଙ୍କ ଦ୍ୱାରା ଆଇନର ଅପବ୍ୟବହାର ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଏକ ବଡ଼ କାମ କରିଛି ଏବଂ ଏହି ବିଷୟକୁ ସାର୍ବଜନୀନ କରିଛି। ବିଶେଷଜ୍ଞମାନେ ମଧ୍ୟ ସତର୍କ କରିଦେଇଛନ୍ତି। ପ୍ରଥମରେ ଦେଶଦ୍ରୋହ ମାମଲାଗୁଡ଼ିକ ଏବେ ମଧ୍ୟ ସରକାରଙ୍କ ଦ୍ୱାରା ରୁଜୁ କରାଯାଇପାରିବ; ଦ୍ୱିତୀୟରେ ଆହୁରି ଅନେକ ଆଇନ, ଯେଉଁଥିରେ ସମସ୍ୟା ରହିଛି, ସେଗୁଡ଼ିକର ଅପବ୍ୟବହାର କରାଯାଇପାରେ। ଏହି ଦୁଇଟି ବିଷୟ ସତ୍ୟ। ତେବେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ପରେ ଆମେ ଆନନ୍ଦିତ ହେବା ଏବଂ ଏହି ଆଇନକୁ ହଟାଇବା ଲାଗି ସାହସର ସହ ଅଗ୍ରସର ହେବା ଦରକାର। ଥରେ ନ୍ୟାୟପାଳିକା ପରିସରକୁ ଯଦି ଏକବିଂଶ ଶତାବ୍ଦୀ ଗଣତନ୍ତ୍ରରେ ଥିବା ଅନୁପଯୁକ୍ତ ଆଇନଗୁଡ଼ିକ ଆସିଯାଏ, ତେବେ ସମସ୍ୟା ସୃଷ୍ଟିକାରୀ ଆଇନଗୁଡ଼ିକର ପତନ ଘଟିବ। ଯେତେବେଳେ ଏଭଳି ସତ୍ୟସବୁକୁ ଦେଶ ଅନୁଭବ କରିବ ସେତେବେଳେ ନିଜକୁ ନିଜେ ସୁଧୁରିଯିବ। ସମ୍ବିଧାନରେ ଆମକୁ ଦିଆଯାଇଥିବା ବ୍ୟକ୍ତିଗତ ସ୍ୱାଧୀନତାଗୁଡ଼ିକ ଦୃଷ୍ଟିକୋଣରୁ ବିଚାର କଲେ ଭାରତର ଅନେକ ଆଇନର ସମୀକ୍ଷା କରାଯିବା ଆବଶ୍ୟକ। ଦେଶଦ୍ରୋହ କେବଳ ଏକମାତ୍ର ଉପନିବେଶିକ ଆଇନ ନୁହେଁ, ଯାହାକୁ ଆମେ ସାମ୍ନା କରୁଛେ। ଗାନ୍ଧିଜୀ ରୌଲାତ ଆଇନକୁ ବିରୋଧ କରିଥିଲେ ଓ ଏହା ଜାଲିଆନୱାଲା ଗଣହତ୍ୟାର କାରଣ ପାଲଟିଥିଲା। ଏହି ଆଇନରେ ବିନା ଅଭିଯୋଗ କିମ୍ବା ବିଚାର ବା ମାମଲା(ଟ୍ରାଏଲ)ରେ ଲୋକଙ୍କୁ ଅଟକ ରଖାଯାଇ ପାରୁଥିଲା ଏବଂ ଏହାକୁ ମଧ୍ୟ ଆଇନଗତ ପ୍ରକ୍ରିୟାରେ ଶେଷ କରିଦିଆଗଲା। ପ୍ରଶାସନିକ ଅଟକ କହିଲେ ଜଣେ ଅପରାଧରେ ଜଡ଼ିତ ନ ଥିଲେ ମଧ୍ୟ ଭବିଷ୍ୟତରେ ଅପରାଧ ଘଟାଇବା ସନ୍ଦେହରେ  ଜେଲରେ ରଖାଯାଇଥାଏ। ଏବେ ଆମ ଦେଶରେ ଏଭଳି ଅନେକ ଆଇନ ଚାଲିଛି। ୨୦୧୫ରେ ଭାରତରେ ୩,୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସରକାର ଅଟକ ରଖିଥିଲେ। ଗୁଜରାଟରେ ୧୯୮୪ର ପ୍ରିଭେନ୍‌ସନ ଅଫ୍ ଆଣ୍ଟିସୋସିଆଲ ଆକ୍ଟିଭିଟିଜ୍ ଆକ୍ଟ ବିନା ଅଭିଯୋଗ କିମ୍ବା ଟ୍ରାଏଲ୍‌ରେ ବର୍ଷେ ଅଟକ ରଖିବାକୁ ଅନୁମତି ଦେଇଛି। ଉତ୍ତରପ୍ରଦେଶରେ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ(ଏନ୍‌ଏସ୍‌ଏ) ବା ଜାତୀୟ ସୁରକ୍ଷା ଆଇନରେ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ଜଣଙ୍କୁ ବର୍ଷେ ଯାଏ ଅଟକ ରଖାଯାଇପାରିବ। କୌଣସି ବାଟରେ ଯଦି ଜଣେ ଭାରତର ପ୍ରତିରକ୍ଷା, ବୈଦେଶିକ ସମ୍ପର୍କ କିମ୍ବା ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ଭଳି କାର୍ଯ୍ୟ କରୁଥାନ୍ତି ତେବେ ତାକୁ ରୋକିବା ଲାଗି ଏହି ଆଇନ ପ୍ରୟୋଗ କରାଯାଏ। ଏହା ବ୍ୟତୀତ କୌଣସି ବ୍ୟକ୍ତି କୌଣସି ବାଟରେ ଯଦି ରାଜ୍ୟର ସୁରକ୍ଷା, ସଦଭାବନା ପ୍ରତି ବିପଦ ସୃଷ୍ଟି କରନ୍ତି ଅଥବା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଯୋଗାଣ କିମ୍ବା ସେବାରେ ବିପଦ ସୃଷ୍ଟି କରୁଥାଆନ୍ତି ତେବେ ଏହି ଆଇନ ସେମାନଙ୍କ ଉପରେ ଲାଗୁ କରାଯାଏ। ଏନ୍‌ଏସ୍‌ଏ ଆଇନରେ ମଧ୍ୟପ୍ରଦେଶରେ ଗୋ ଚୋରା ଚାଲାଣ ଏବଂ ଗୋ ହତ୍ୟା ଅଭିଯୋଗରେ ମୁସଲ୍‌ମାନମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଛି। ତାମିଲନାଡୁ ଓ କର୍ନାଟକରେ ମଧ୍ୟ ଆଇନ ରହିଛି, ଯେଉଁଥିରେ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ଜେଲ ପଠାଇ ଦିଆଯାଉଛି।

ଆସାମରେ ପ୍ରିଭେନ୍‌ଟିଭ ଡିଟେନ୍‌ଶନ ଆଇନ, ୧୯୮୦ ରହିଛି। ଏହା ଜଣେ ବ୍ୟକ୍ତିଙ୍କୁ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ୨ ବର୍ଷ ପାଇଁ ଜେଲ୍‌ରେ ରଖିପାରିବ। ବିହାରରେ କଞ୍ଜରଭେଶନ ଅଫ୍ ଫରେନ ଏକ୍ସଚେଞ୍ଜ ଆଣ୍ଡ ପ୍ରିଭେନ୍‌ସନ ଅଫ୍ ସ୍ମଗ୍‌ଲିଙ୍ଗ ଆକ୍ଟ, ୧୯୮୪ ଚାଲିଛି। ଏହା ଦ୍ରବ୍ୟ ଚୋରା କାରବାର କିମ୍ବା ଏହାକୁ ସହାୟତା କରିବା ଅଥବା ଏଭଳି ସବୁ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଆଶ୍ରୟ ନେବା କିମ୍ବା ଚୋରା ଦ୍ରବ୍ୟ ରଖିବା ଓ ପରିବହନ କରିବା ଆଦିରେ ଜଡ଼ିତ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଅନୁମତି ଦେଇଛି। ଜମ୍ମୁକଶ୍ମୀରରେ ମଧ୍ୟ ୩ଟି ଆଇନ ଅଛି। ଗୋଟିକରେ ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ୬ ମାସ, ଦ୍ୱିତୀୟରେ ବର୍ଷେ ଓ ତୃତୀୟଟିରେ ୨ ବର୍ଷ ଯାଏ ଅଟକ ରଖାଯାଇପାରିବ। ପଶ୍ଚିମବଙ୍ଗରେ ପ୍ରିଭେନ୍‌ସନ ଅଫ୍ ଭାଓଲେଣ୍ଟ ଆକ୍ଟିଭିଟିଜ ଆକ୍ଟ,୧୯୭୦ ମଧ୍ୟ ଚାଲିଛି। ଛତିଶଗଡ଼ରେ ଏନ୍‌ଏସ୍‌ଏ ବଳରେ ନିୟମିତ ଭାବେ ସାମ୍ବାଦିକମାନଙ୍କୁ ସେମାନଙ୍କ ରିପୋର୍ଟିଂ ପାଇଁ ବର୍ଷେ ଯାଏ ଜେଲରେ ରଖାଯାଉଛି। ଆରମ୍ଭରୁ ଯଦି ଦେଖିବା ଏଗୁଡ଼ିକ ଇଂରେଜ ଅମଳର ଆଇନ ନୁହେଁ। ଆମେ ଏହି ସବୁ ଆଇନ ଆମ ପାଇଁ ଗଢିଛେ। ପ୍ରତ୍ୟେକ ରାଜ୍ୟ ଏହାକୁ ଅତ୍ୟଧିକ ବ୍ୟବହାର କରନ୍ତି ଏବଂ ନ୍ୟାୟପାଳିକାରୁ ଏହାକୁ ପ୍ରତିରୋଧ କରାଯାଏ ନାହିଁ।

ଆମେ ଆଜିକାଲି କିଛି ବର୍ଗର ଭାରତୀୟଙ୍କୁ 'ଦେଶଦ୍ରୋହୀ' କହି ଶତ୍ରୁଭାବେ ବର୍ଗୀକୃତ କରିଛୁ। ଏବେ ଆମର ଜାଲିଆନ୍‌ୱାଲା ବାଗ୍ ଭଳି ସମାବେଶ ନାହିଁ। ଯଦି ଆମେ ଏହି ସବୁ ଆଇନ ବିରୋଧରେ ସେଭଳି କରୁ, ତେବେ ଆମକୁ  ଦେଶ ବିରୋଧୀ ବା ଦେଶଦ୍ରୋହୀ କୁହାଯିବ। ଏକ ଶତାବ୍ଦୀ ପୂର୍ବେ ଥିବା ରୌଲତ ଆଇନ ଭଳି ଏବକାର ସ୍ଥିତି ଓ ସମୟରେ ଏହି ସବୁ ଆଇନ ଅନୁପଯୁକ୍ତ କହି ପ୍ରସଙ୍ଗକୁ ବଦଳାଇ ହେବ ନାହିଁ। ଏଥିପାଇଁ ଗଭୀର ଚିନ୍ତା କରିବାକୁ ପଡ଼ିବ। ତେବେ ଏକ ଗଣତାନ୍ତ୍ରିକ ଦେଶର ନାଗରିକ  ଭାବେ ଥରେ ଆମ ମଧ୍ୟରେ ବିଶେଷକରି ଉଚ୍ଚତର ନ୍ୟାୟପାଳିକାରେ ଏ ସମ୍ପର୍କରେ ବିଚାରବୋଧ ବା ସଚେତନତା ଉଦୟ ହେଲେ ଦେଶଦ୍ରୋହ ଆଇନରେ ପରିବର୍ତ୍ତନ ଅଣାଯାଇ ପାରିବ ବୋଲି ଆମେ ଆଶା କରିପାରିବା। ଏହା ନିଶ୍ଚିତ ଭାବେ ଆମ ଭବିଷ୍ୟତ ପାଇଁ ଏକ ଆଶାର କିରଣ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 1 | | | 3 | |
| | 8 | 4 | | | | | | |
| | | | 5 | | | 8 | | |
| | | 2 | 6 | | 8 | 4 | 9 | |
| | | | | | 4 | 2 | | |
| | 7 | 5 | | | | | | 3 |
| | 2 | | | | | | | |
| | 5 | 6 | | | | 9 | 2 | |
| | | | | | 3 | | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 3 | 5 | 2 | 8 | 9 | 7 |
| 2 | 8 | 9 | 4 | 7 | 6 | 3 | 5 | 1 |
| 3 | 5 | 7 | 8 | 9 | 1 | 6 | 4 | 2 |
| 7 | 1 | 4 | 9 | 6 | 3 | 5 | 2 | 8 |
| 5 | 9 | 2 | 7 | 4 | 8 | 1 | 3 | 6 |
| 6 | 3 | 8 | 2 | 1 | 5 | 9 | 7 | 4 |
| 1 | 4 | 3 | 5 | 8 | 7 | 2 | 6 | 9 |
| 9 | 2 | 6 | 1 | 3 | 4 | 7 | 8 | 5 |
| 8 | 7 | 5 | 6 | 2 | 9 | 4 | 1 | 3 |

ଗତ କାଲିର ଉତ୍ତର

# ପ୍ରତିଭା, ପ୍ରତିକୂଳତା ଓ କବି କାଳିନ୍ଦୀଚରଣ



ଡ. ହୃଷୀକେଶ ମଲ୍ଲିକ

ଭଲ କବିତା ଯେ ପ୍ରତିଭାମୂଳ- ଏ କଥାରେ ମତାନ୍ତର କ୍ୱଚିତ୍ ଥାଏ। ଏହି ଦୃଷ୍ଟିରୁ ବିଚାରକଲେ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ହେଉଛନ୍ତି ଓଡ଼ିଆ ଭାଷାର ଜଣେ ଉଚ୍ଚମାନର କୃତବିଦ୍ୟ କବି, ଯାହାଙ୍କ ଜୀବନରେ କବିତ୍ୱର ଉଦୟ ହୋଇଥିଲା ଛାତ୍ରାବସ୍ଥାରୁ। ମାଆ ଓ ମାଉସୀଙ୍କ ମୁହଁରୁ ଶୁଣିଥିବା ଗୀତରୁ ସେ ଚିହ୍ନିଥିଲେ କବିତା କ'ଣ। ନିଜର ଆତ୍ମଜୀବନୀ 'ଅଙ୍ଗେ ଯାହା ନିଭାଇଛି'ରେ କାଳିନ୍ଦୀ ଲେଖିଛନ୍ତି, ''...ଯେଉଁ କବିତା ମୁଁ ଶୁଣିଥିଲି, ପୁଣି ଏବେ ସୁଦ୍ଧା ଯାହା ପାସୋରି ଯାଇନାହିଁ, ସେ ହେଲା ନିଜ ବୋଉଙ୍କ ମୁହଁରୁ। ରାତି ଫସର ଫାଟି ଆସୁଥାଏ। କୁଆ କୋଇଲି ନ ଡାକୁଣୁ ବୋଉଙ୍କ କୋଳରେ ଶୋଇ ଯେତେବେଳେ କାନରେ ବାଜିଉଠେ ତାଙ୍କରି ସ୍ୱର- 'ଉଠ ନିଶି ପାହିଲା ଏଥର ହେ ବଂଶୀଧର!' ମନେହୁଏ ସେତେବେଳେ ପୃଥିବୀରେ ଗୋଟିଏ ମାତ୍ର ବଂଶୀଧ୍ୱନି, ଆଉ କିଛି ନାହିଁ।''

ଶୈଶବ ଓ କୈଶୋରର ସ୍ମୃତି ଯେତେବେଳେ ଅବକାଶ ଖୋଜି କବିଙ୍କ ଲେଖନୀରୁ ଝରିଯାଇଛି, ସେତେବେଳେ ତାହା ଅନ୍ତରାତ୍ମାର ନିବେଦିତ ଉଚ୍ଚାରଣ ହୋଇଥିବାରୁ କାଳାନ୍ତରକୁ ଅମର ହୋଇଯାଇଛି। କବିଙ୍କ ତିରୋଧାନର ବହୁ ବର୍ଷ ପରେ ବି ତାହା ଯେପରି ନିଅରରୁ ଜୀବନର ଅମୃତମୟ ବାଣୀ ହୋଇ ପ୍ରତିଟି ଓଡ଼ିଆ ପାଠକର ଉଦ୍‌ଗ୍ରୀବ କର୍ଣ୍ଣକୁହରରେ ନିକ୍ୱଣିତ ହୋଇ ଉଠୁଛି। ଜନ୍ମିତ ଗାଁର ସରୁଦାଣ୍ଡରେ କାହିଁ କେବେ ଜୀବନର ପ୍ରଥମ ଅବଧାନଙ୍କ ପାଖକୁ ଅକ୍ଷର ଶିଖି ଯାଇଥିଲେ କବି ବାପାଙ୍କର ହାତଧରି। କିନ୍ତୁ ତାଙ୍କ ରଚିତ 'ଗ୍ରାମ-ଚାଟଶାଳୀ' କବିତା (ଯାହାକୁ କବି ଲେଖିଥିଲେ ଅନେକ ବର୍ଷ ପରେ), ପଢ଼ିଲେ ଲାଗେ, ଏଇ ଯେମିତି ଆମ ଆଗେ ଆଗେ ଛୋଟ ପିଲାଟିଏ ବାପାଙ୍କ ସାଙ୍ଗରେ ଚାଲିଯାଉଛି ଚାହାଳି ଆଡ଼େ। ପୁରାତନ ନୂତନ ହେଇ ଜାଗିଉଠେ ପାଠକର ଚେତନାରେ- ''ମନେଅଛି ମୋର/ ଗ୍ରାମ -ଚାଟଶାଳୀ/ ଚିହ୍ନିଥିଲି ଯହିଁ ଅକ୍ଷର ଆଗେ,/ସରୁଦାଣ୍ଡ କଡ଼େ/ ଚାଳଘର ଖଣ୍ଡି/ଯାଇଥିଲି ଦିନେ ବାପାଙ୍କ ସଙ୍ଗେ।''

୧୯୪୪-୪୫, ଯେତେବେଳେ ତାଙ୍କର ବୟସ ବି ସେଇ ଚଉରାଳିଶ କି ପଇଁଚାଳିଶ କବି ଲେଖିବସନ୍ତି ତାଙ୍କର ବହୁ ପଠିତ ଓ ବହୁ ଚର୍ଚ୍ଚିତ କବିତା 'କିଏ ଶଳା ସଇତାନ?' 'ଶଳା' ପରି ଏକ ଶବ୍ଦକୁ ସେ ସାମ୍ୟବାଦୀ କାବ୍ୟ-ଭାବନାର କାଇଁଶିକା ଶର କରି ଶ୍ରେଣୀଶତ୍ରୁଙ୍କ ବିପକ୍ଷରେ ପେଷିଦିଅନ୍ତି। ଏହି 'ଶବ୍ଦ'ଟିର ପ୍ରୟୋଗରେ ଓଡ଼ିଆ କବିତାର ପ୍ରଚଳିତ Asthetics ଭାଙ୍ଗିଯାଇ ତିଆରି ହୁଏ ପ୍ରଥମ କରି ନୂଆ ସୌନ୍ଦର୍ଯ୍ୟବାଦ: ''ଜନ୍ମ ଆମର ମଣିଷ କୁଳରେ/ ନାହିଁ ଇଜ୍ଜତ ମାନ/ଆମ ଝିଅ ବୋହୂ ସବୁରି ଶାଳୀ ହେ/ ଆମେ ଶଳା ସଇତାନ!'' ଶବ୍ଦର ଆପାତଃ ଅବୈଧାନିକତାରେ ବୈଧାନିକତାର ରଂଜକ ଭରି କବିତାରେ ତିଆରି ହେଲା ପ୍ରତିବାଦର ଭାଷା। ଶିକ୍ଷାର ସଂସର୍ଗରେ କିପରି ସଂସ୍କାରିତ ହୁଏ ପ୍ରତିଭା, ଦୀକ୍ଷିତ ଗ୍ରାହକତାରେ କିପରି ଅଙ୍କୁରିତ ହୁଏ ସୃଜନଶୀଳତା- କାଳିନ୍ଦୀଚରଣଙ୍କ ବିଦ୍ୟାଳୟ-ଜୀବନକୁ ଫେରି ନ ଗଲେ ତା'ର ସୁରାକ ମିଳେନାହିଁ। ପୁରୀ ଜିଲା ସ୍କୁଲରେ ଏକ ପ୍ରତିଯୋଗିତାରେ କବି ବୋଲିଥିଲେ ରାଧାନାଥଙ୍କ 'ପାର୍ବତୀ' କାବ୍ୟରୁ ଏଇ ପଙ୍‌କ୍ତିଟି ତାଙ୍କ ସୁଲଳିତ କଣ୍ଠରେ- ''କେହି ରହିନାହିଁ/ ରହିବେ ନାହିଁଟି/ ଭବ-ରଙ୍ଗ-ଭୂମି ତଳେ/ ସର୍ବେ ନିଜ ନିଜ/ ଅଭିନୟ ସାରି/ ବାହୁଡ଼ିବେ କାଳବଳେ।'' ଗୀତଟି ଶୁଣି ସ୍କୁଲର କଡ଼ା ହେଡ୍‌ମାଷ୍ଟର ଦାଶରଥି ପାଣିଗ୍ରାହୀଙ୍କ ଗୋଲ୍ଡ ଫ୍ରେମ୍‌ର ଚଷମା ଭିତରୁ ଜକେଇ ଆସିଥିଲା ଦୁଇଆଖି। ଆବୃତ୍ତି ଶୁଣୁଥିବା ପଣ୍ଡିତ ଫକୀର ମିଶ୍ର କାବ୍ୟତୀର୍ଥଙ୍କୁ ସେ କହିଥିଲେ- 'ବାଃ, ଚମତ୍କାର!' ଏହା ଆବୃତ୍ତିର ସଫଳତା ପାଇଁ ଦାଶରଥିଙ୍କର ତାରିଫ କେବଳ ନ ଥିଲା, ଥିଲା କବିତାଟି ଭିତରେ ଥିବା ନଶ୍ୱରତାର ଦର୍ଶନରେ ବୈରାଗ୍ୟର ଉଦୟରାଗ। ଛାତ୍ର ଜୀବନରେ ଘଟିଥିବା ଏହିଭଳି ବିରଳ ଅନୁଭବ ଭିତରେ କାଳିନ୍ଦୀ ଚିହ୍ନିଥିଲେ କବିତାର ଅପରିମିତ ସୃଜନ-ସମ୍ଭାବନାକୁ, ଯାହା ପାଇଁ ଲୋଡ଼ାହୁଏ ଦୈବୀଦତ୍ତ ପ୍ରତିଭା।



ତିରୋଧାନ ଦିବସ ଉପଲକ୍ଷେ

ପୁରୀ ହେରାଗୋହିରୀ ସାହିର ସାମନ୍ତ ଚନ୍ଦ୍ରଶେଖର ହଲ୍‌ରେ 'ଛାତ୍ରସମାଜ'ର ସଭା ହେଉଥାଏ। ପୌରୋହିତ୍ୟ କରୁଥା'ନ୍ତି ଉତ୍କଳମଣି ଗୋପବନ୍ଧୁ ଓ ସଭା ମଣ୍ଡନ କରିଥା'ନ୍ତି ପଣ୍ଡିତ ନୀଳକଣ୍ଠ। ୧୯୧୯ ମସିହା। 'ଛାତ୍ରସମାଜ'ର ମୁଖପତ୍ର 'ଛାତ୍ର ଦର୍ପଣ'ର ଉଦ୍‌ଘାଟନ। ପତ୍ରିକାରେ ସ୍ଥାନିତ ହୋଇଥାଏ କାଳିନ୍ଦୀଙ୍କର କବିତା 'ବନ୍ଦନା' ପ୍ରଥମ ରଚନା ଭାବେ। କବିତାର ପଦଟିଏ ଏହିପରି: ''ଝରଝର ଝରେ ଝରଣାଧାର/ ମୁଖରିତ କରେ ଅଚଳ ଶିର/ ଛବିଳ ଉତ୍କଳେ ଲାଗିଅଛି ସଦା ଶୋଭାର ଏ ହାଟ ପରକୃତିର।'' କବିତାଟି ପଢ଼ି ନୀଳକଣ୍ଠ ଜାଣିବାକୁ ଚାହିଁଥିଲେ ଏ କବିତାର କବି କିଏ? ଏତକ ହିଁ ଯଥେଷ୍ଟ। ପ୍ରତିଭା ପାଇଛି ତା'ର ସତ୍କାରର ଠିକଣା। ସୃଜନଶୀଳତାକୁ ମିଳିଛି ସହୃଦୟତାର ସ୍ୱୀକୃତି।

କାଳିନ୍ଦୀ ତାଙ୍କ ରଚିତ 'କଟକ ରାଜନୀତି' ଓ 'ଚକ୍ରବାକ' କବିତା ଯୋଡ଼ିକର ସୃଜନ-ଉତ୍ସକୁ ସ୍ମରଣ କରି କହିଛନ୍ତି: ''ସାତ ସାହି ବୟାଳିଶ କନ୍ଦିର ପୁରୀ ସହର ଛାଡ଼ି କଟକ ସହରକୁ ମୁଁ ଭଲପାଇଲି- ବେଶି ଭଲପାଇଲି ତା'ର ଖଟିଖିଆ ମଣିଷକୁ; ପୁରୀର ଖାଲି ଠାକୁରଙ୍କ ରାଣ ପକାଇ ମାଗିଖିଆ ମଣିଷଠାରୁ କଟକରେ ଲାଗିଖିଆ ମଣିଷର ଭେଟପାଏଁ ମୁଁ ସବୁ ଗଳିକନ୍ଦି ଭିତରେ- ସେଇ କଟକ ଉପରେ ମୋର କବିତା 'କଟକ ରାଜନୀତି': ''ଉଡ଼ି ଚାଲିଥିଲି ଉପରେ ଆକାଶ-ରଥେ /କେତେ ଗିରିମାଳ ମନେ ନାହିଁ ତା'ର ନାମ/ କେତେ ନଦୀ ବିଲ, କେତେ ଶାଳବନ-ପଥେ/ କେତେ ଯେ ଦେଉଳ ଅପରୂପ କାରୁକାମ।/ କଟକ ସହର ଅଟକାଇଦେଲା ମତେ!/ ଦୋକାନ ବଜାର ସାହି ଗଳି ବାଟେ ଚାଲି/ ସବୁଠାରେ ଯାହା ଶୁଣିଲି ଦେଖିଲି ସତେ/ କଟକେ କେବଳ ରାଜନୀତି ଆଜିକାଲି।'' କୁଜଙ୍ଗରେ ସମବାୟ ବ୍ୟାଙ୍କ ମ୍ୟାନେଜର ଥିବା ବେଳେ ଦିନେ ସନ୍ଧ୍ୟାରେ ପାରି ହେଉଛନ୍ତି କବି ଚିତ୍ରୋତ୍ପଳା ନଦୀ। ଦେଖିଲେ ସ୍ୱଚ୍ଛ କ୍ଷୀଣସ୍ରୋତ ନିକଟରେ ବସି ରହିଛନ୍ତି ଦୁଇଟି ପକ୍ଷୀ। ପଚାରି ବୁଝିଲେ ପକ୍ଷୀ ଦୁଇଟି ଚକ୍ରବାକ। କବିଙ୍କୁ ନିକଟରେ ଦେଖି ବି ନାହିଁ ସତର୍କତାର ଚାଞ୍ଚଲ୍ୟ। ବସାକୁ ଫେରି ଲେଖିଲେ କବିତା: ''କ୍ଷୀଣ ସ୍ରୋତେ ଶୁଭ୍ର ବାଲି ପରେ/ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ ;/ ବସି ତହିଁ/ଉଦାସ ବେଦନା ବହି/ଚକ୍ରବାକ ନିର୍ବାକ୍ ଦମ୍ପତି/ ଭାଳେ ହରାଇବ ଅବା କି ସ୍ୱର୍ଗ-ସମ୍ପତ୍ତି!''

ଘର ଛାଡ଼ି ବୃତ୍ତିଗତ ଜୀବନର ଏକାନ୍ତବାସରେ ଯେଉଁ ଉଦାସୀନତାର ଅନୁଭବ, ତାହା ଯେପରି ପ୍ରତିଫଳିତ ହୋଇ ଉଠିଛି ସମାନ୍ତରାଳ ଏକ ଦୃଶ୍ୟରେ। କବିତାରେ ପର ଲାଗିଛି ପ୍ରତିଭାର।

ଅନେକତ୍ର ଦେଖାଯାଏ ଯେ, ଯେଉଁଠି ପ୍ରତିଭା, ତାକୁ ଆବୋରି ରହିଥାଏ ଚଉଦିଗରୁ ଅଜସ୍ର ପ୍ରତିକୂଳତା। କବି କାଳିନ୍ଦୀଚରଣ ବୃତ୍ତି ଜୀବନରେ ଥାଇ ସୃଜନଶୀଳତାରେ ଉଦ୍‌ବେଳିତ ହୋଇଉଠୁଥିବା ବେଳେ ତାଙ୍କ ତେଜୋଦୀପ୍ତ ପ୍ରତିଭାରେ ଚିରାଚରିତ ଆତଙ୍କିତ ହୋଇ ଉଠିଛି। ସେ ଚକ୍ରାନ୍ତର ଶିକାର ହୋଇ ସମବାୟ ବ୍ୟାଙ୍କରୁ ତାଙ୍କର ବୃତ୍ତି ହରାଇଛନ୍ତି। ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସମେତ କେତେକେତେ ରାୟବାହାଦୁର ହୋଇଛନ୍ତି ଏହି ପ୍ରତିଭା-ବିରୋଧୀ ଚକ୍ରବ୍ୟୂହରେ ଅଂଶୀଦାର। ଭାଗ୍ୟବାନ୍ ଯେ କବି, ପରିଶେଷରେ ଏହି ପଥ-ଅଜଣା ବ୍ୟୂହ ଭିତରୁ ବାହାରିଯିବାର ପଥ ହୋଇଉଠିଛି କବିତା। ଯେଉଁ କବି ଲେଖିଥିଲେ ''ବଧୂ ଆସେ ମୋର ଧୀର ସୁଲଳିତ/ ତୃତୀୟ ଜୋଛନା ସମ/ ବଢ଼ାଏ ମୋ' କରେ କମ୍ପିତ କର/ ସୁକୁମାର ଅନୁପମ।'' (ମଧୁ ବିବାହ, 'ଉତ୍କଳ ସାହିତ୍ୟ') ଓ ଯେଉଁ କବି ଲେଖିଥିଲେ, 'ଗାନ୍ଧାରୀର ଆଶୀର୍ବାଦ' ଓ 'ପାସୋରିଦେଲିରେ ଶିମୁଳିପାଳ' କବିତା, କବିତାରେ ସେଇ କବିଙ୍କ ପ୍ରଥମ ପଦପାତକୁ ପରିବାର ଭିତରୁ ମଧ୍ୟ ମିଳି ନ ଥିଲା ଅକୁଣ୍ଠିତ ସମର୍ଥନ। ତଥାପି ସେ ଲେଖିଥିଲେ କବିତା ଓ ଓଡ଼ିଆ କବିତାରେ ଏକ ନୂଆ ଯୁଗ ତାଙ୍କରି କବିତାର ନବାଲୋକରେ ଆଲୋକିତ ହୋଇ ଉଠିଥିଲା। ପ୍ରସିଦ୍ଧ ଇଂରେଜ କବି ଉଇଲିୟମ୍ କୁପର କବିତା ଲେଖିବାକୁ ଆକଟ କରୁଥିବା ଓ ମାଡ଼ ମାରୁଥିବା ତାଙ୍କ ବାପାଙ୍କୁ ଆଉ କେବେ ବି କବିତା ଲେଖିବେ ନାହିଁ ବୋଲି ଅନୁନୟ କରି କହିଥିଲେ: ''Papa! Papa! Bity take!!/ I shall never verses make!'' ହତଭାଗ୍ୟ କବି ବିଚାରା! ପ୍ରତିଭାର ତାଡ଼ନାରେ ସେ ଯେ ନିରୁପାୟ! କବିତାରୁ ତାକୁ ନିରସ୍ତ କରିବାର ପ୍ରତିକୂଳତାକୁ ଜବାବ ଦେବାର ଭାଷା ବି ତା'ର ଆହାଃ ପାଲଟିଯାଏ କବିତା! କାଳିନ୍ଦୀଚରଣ ତ ଖୋଦ୍ ଲେଖିଛନ୍ତି: ''ଦୈନନ୍ଦିନ ଜୀବନର, କେତେ ଯେ ବିସ୍ମୟ ଅଭିଭୂତ କରେ ପ୍ରତି ମୁହୂର୍ତ୍ତକୁ! କିଏ ଗଣେ ସେଇ ମୁହୂର୍ତ୍ତକୁ; କିଏ କରେ ତା'ର ମୂଲ୍ୟାୟନ!!'' ଆଜି କବିଙ୍କର ତିରୋଧାନ ଦିବସ। ଦିବସ-ଶର୍ବରୀ ଆଜି ଭରା ତାଙ୍କ କବିତାର ନିର୍ବାଣହୀନ ଗୁଣୁଗୁଣୁରେ। ତାଙ୍କୁ 'ଧରିତ୍ରୀ'ର ଅଜସ୍ର ପ୍ରଣାମ।

ମୋ: ୯୮୫୩୨୮୭୭୫୫

# 'ଦି ଆଟ୍‌ଲାଣ୍ଟିକ'ର ସାମ୍ବାଦିକା

ବବି ମ୍ୟାକ୍‌ଲାଭାଇନ୍ ଦେଖିବାକୁ ଥିଲେ ସୁନ୍ଦର ଓ ଉଚ୍ଚାକାଂକ୍ଷୀ ଯୁବକ। ୧୧ ସେପ୍ଟେମ୍ବର ୨୦୦୧ରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି)ରେ ଏକ ସମ୍ମିଳନୀରେ ଯୋଗଦେବାକୁ ଯାଇଥିଲେ। ଆତଙ୍କବାଦୀ ଆକ୍ରମଣରେ ଅନେକ ହଜାର ବ୍ୟକ୍ତିଙ୍କ ଭଳି ବବିଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଗତବର୍ଷ ୯/୧୧ ଆକ୍ରମଣକୁ ଦୁଇ ଦଶନ୍ଧି ପୂରଣ ହୋଇଥିଲା। ଆମେରିକାର ଅନ୍ୟତମ ପ୍ରସିଦ୍ଧ ପତ୍ରିକା 'ଦି ଆଟ୍‌ଲାଣ୍ଟିକ୍'ର ଫିଚର ରାଇଟର ଜେନିଫର ସିନିୟର ସେହି ଉଦୀୟମାନ ଯୁବକ ବବିଙ୍କ ବିଷୟରେ ବହୁତ କଥା ଜାଣିବାକୁ ପାଇଥିଲେ। ବବିଙ୍କୁ କେନ୍ଦ୍ରରେ ରଖି ପରିବାର ସଂକ୍ରାନ୍ତରେ ଲେଖା ପ୍ରସ୍ତୁତ କରିବାରେ ଲାଗିପଡ଼ିଥିଲେ। ପରିବାରବର୍ଗରେ ବବିଙ୍କୁ ନେଇ ଥିଲା ଅନେକ ସ୍ୱପ୍ନ। ତାଙ୍କର ଏକ ପ୍ରେମ କାହାଣୀ ଥିଲା। ସବୁ ଜାଣିବା ପରେ ଜେନିଫର ତାଙ୍କ ମାତାପିତା, ବନ୍ଧୁ, ସେତବେଳର ପ୍ରେମିକାଙ୍କୁ ଭେଟିଥିଲେ। ଘଟଣାକ୍ରମକୁ ଏକତ୍ର କରି ୨୦ ବର୍ଷ ତଳୁ ପରିବାର ସହିଥିବା କ୍ଷତିକୁ ସେ ଫିଚର ଆକାରରେ ଚିତ୍ରଣ କରିଥିଲେ ଏବଂ ତାହା ସେପ୍ଟେମ୍ବର ୨୦୨୧ରେ 'ଦି ଆଟଲାଣ୍ଟିକ୍'ର କଭର ଷ୍ଟୋରି ହୋଇଥିଲା। ଘଟଣାକୁ ନେଇ ତଥ୍ୟ ଓ ଚିତ୍ର ସଂଗ୍ରହ କରିବା ପରେ ତାଙ୍କ ବର୍ଣ୍ଣନା ଶୈଳୀ ଉକ୍ତ ଫିଚରକୁ ଏଭଳି ଜୀବନ୍ତ କରିଦେଇଥିଲା ଯେ, ତାହା ତାଙ୍କୁ ୨୦୨୨ ଲାଗି ଫିଚର ବର୍ଗରେ ପୁଲିଜର ପୁରସ୍କାର ଆଣିଦେଇଛି। ଉଲ୍ଲେଖଯୋଗ୍ୟ, ଖବରକାଗଜ ପ୍ରକାଶକ ଯୋଶେଫ୍ ପୁଲିଜରଙ୍କ ଉଇଲ୍ ଅନୁଯାୟୀ ୧୯୧୭ରେ 'ପୁଲିଜର ପୁରସ୍କାର' ପ୍ରତିଷ୍ଠା କରାଯାଇଥିଲା। ପ୍ରତିବର୍ଷ ଆମେରିକାରେ ଖବରକାଗଜ, ପତ୍ରିକା, ଅନ୍‌ଲାଇନ୍ ସାମ୍ବାଦିକତାରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସମେତ ସାହିତ୍ୟିକ ଓ ସଙ୍ଗୀତକାରମାନଙ୍କୁ ଏହା ପ୍ରଦାନ କରାଯାଇଆସୁଛି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ଚଳିତବର୍ଷ ପରଲୋକଗତ ଫଟୋ ଜର୍ନାଲିଷ୍ଟ ଡାନିସ୍ ସିଦ୍ଦିକ୍‌ଙ୍କ ସହ ୪ ଭାରତୀୟଙ୍କୁ ଫିଚର ଫଟୋଗ୍ରାଫି ବର୍ଗରେ ସମ୍ମାନିତ କରାଯାଇଛି। ତାଙ୍କ ଅନ୍ୟ ସହକର୍ମୀମାନେ ହେଲେ ଆଦନାନ ଆବିଦି, ସନ୍ନା ଇର୍ଶାଦ ମାଟ୍ଟୁ ଓ ଅମିତ୍ ଡାଭେ। ଏମାନେ ରଏଟର୍ସ ନ୍ୟୁଜ୍ ଏଜେନ୍ସି ଲାଗି କାର୍ଯ୍ୟ କରି ଏଭଳି ସମ୍ମାନଜନକ ପୁରସ୍କାର ପାଇବାକୁ ହକ୍‌ଦାର ହୋଇଛନ୍ତି। ତେବେ ଫିଚର ବର୍ଗରେ ଜେନିଫର ୨୦ ବର୍ଷ ତଳର ଏକ ଘଟଣାକୁ ଯେଭଳି ଢଙ୍ଗରେ ଚିତ୍ରଣ କରିଛନ୍ତି, ଏବେ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ନୂଆ ପିଢ଼ିର ସାମ୍ବାଦିକମାନେ ଜାଣିବା ଦରକାର।



ବ୍ୟକ୍ତିତ୍ୱ

ଜେନିଫର ସିନିୟର

ଜେନିଫର ଆମେରିକାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୫୨ ବର୍ଷ। ସେ ଏବେ ନ୍ୟୁୟର୍କର ବ୍ରୁକ୍‌ଲିନ୍‌ରେ ସ୍ୱାମୀ ଓ ପୁଅ ସହ ରହୁଛନ୍ତି। ହାଇସ୍କୁଲରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଜେନିଫର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଛନ୍ତି। ଲେଖାରେ ରୁଚି ଥିବାରୁ ସେ ପ୍ରଥମେ 'ନ୍ୟୁୟର୍କ ମାଗାଜିନ୍'ରେ ଷ୍ଟାଫ୍ ରାଇଟର ଭାବେ ଯୋଗଦେଇଥିଲେ। ସେଥିରେ ସେ ୧୮ ବର୍ଷ କାର୍ଯ୍ୟ କରିଥିଲେ। ସେହି ସମୟରେ ରାଜନୀତି, ସମାଜ ବିଜ୍ଞାନ ଓ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସେ ଅନେକ ଲେଖିଛନ୍ତି। ତାଙ୍କ ଲେଖା ଉଚ୍ଚକୋଟୀର ହେବାରୁ 'ନ୍ୟୁୟର୍କ ଟାଇମ୍ସ'ରେ ସେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ପ୍ରଥମେ ତାଙ୍କୁ ପୁସ୍ତକ ସମୀକ୍ଷକ ଦାୟିତ୍ୱ ମିଳିଥିଲା। ପରେ ଓପିନିୟନ୍ ପୃଷ୍ଠାରେ ସ୍ତମ୍ଭକାର ଭୂମିକା ନିର୍ବାହ କରିଥିଲେ। ସେଠାରେ ପାଞ୍ଚ ବର୍ଷିଆ ଚୁକ୍ତି ଶେଷ ହେବା ପରେ ସେ 'ଦି ଆଟଲାଣ୍ଟିକ୍'କୁ ଚାଲିଯାଇଥିଲେ। ସେବେଠାରୁ ସେଥିରେ ଷ୍ଟାଫ୍ ରାଇଟର ଭାବେ ରହିଆସିଛନ୍ତି। ଏନ୍‌ପିଆର୍ କାର୍ଯ୍ୟକ୍ରମରେ ଅତିଥି ହେବା ସହିତ ମର୍ନିଂ ଜୋ, ୱାଶିଂଟନ ଜର୍ନାଲ ଉଇଥ୍ ବ୍ରିଏନ୍ ଲାମ୍ବ, ଆଣ୍ଡରସନ୍ କୁପର ୩୬୦, ଗୁଡ୍‌ମର୍ନିଂ ଆମେରିକା, ଟୁଡେ ଏବଂ ଦି କ୍ରିସ୍ ମାଥ୍ୟୁଜ୍ ଆଦି ଟେଲିଭିଜନ କାର୍ଯ୍ୟକ୍ରମରେ ସେ ନିୟମିତ ଆସିଥାଆନ୍ତି।

ସାମ୍ବାଦିକତାରେ ଜେନିଫର କ୍ୟାରିୟର କରିଥିଲେ ମଧ୍ୟ ଜଣେ ଜଣାଶୁଣା ଲେଖିକା ଭାବେ ସୁପରିଚିତ। ୨୦୧୪ ମସିହାରେ ତାଙ୍କ ରଚିତ ପୁସ୍ତକ 'ଅଲ୍ ଜଏ ଆଣ୍ଡ୍ ନୋ ଫନ୍: ଦି ପାରାଡକ୍ସ ଅଫ୍ ମଡର୍ନ ପ୍ୟାରେଣ୍ଟହୁଡ୍' ନ୍ୟୁୟର୍କ ଟାଇମ୍ସ ବେଷ୍ଟ ସେଲର ତାଲିକାରେ ଆଠ ସପ୍ତାହ  ଶ୍ରେଷ୍ଠ ବହି ଭାବେ ସ୍ଥାନ ପାଇ ପାଠକୀୟ ଆଦୃତି ପାଇଥିଲା। ଏପରି କି ଏହା ୧୨ଟି ଭାଷାରେ ଅନୂଦିତ ହୋଇଛି। ଏଥିସହିତ ସେ ସିଡ୍‌ନୀ ଅପେରା ହାଉସ୍ ଏବଂ ଆମେରିକାର ମିଡିଆ ସଙ୍ଗଠନ ଟିଇଡି(ଟେକ୍ନୋଲଜି, ଏଣ୍ଟରଟେନ୍‌ମେଣ୍ଟ, ଡିଜାଇନ୍)ରେ ବକ୍ତା ହେବାର ଗୌରବ ଅର୍ଜନ କରିଛନ୍ତି। ଛାପା ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ସହ ମଞ୍ଚରେ ନିଜ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଥିବା ଜେନିଫର ସିନିୟରଙ୍କ ପ୍ରତିଟି କାର୍ଯ୍ୟ ଜୁନିୟର(କନିଷ୍ଠ) ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୁନିଆରେ ଏମିତି ପିଲା ଅଛନ୍ତି ଯେଉଁମାନଙ୍କର କେହି ବି ନାହାନ୍ତି, ନା ଅଛି ଘର ନା ଅଛି ଶିକ୍ଷା। ସେମାନେ ରାସ୍ତା କଡ଼ର ବାସିନ୍ଦା, ସେମାନେ ପୁଣି ନିର୍ଯାତିତ। ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଅନେକ ସମାଜସେବୀ ତଥା ସଂସ୍ଥା ପ୍ରୟାସ ଜାରି ରଖିଛନ୍ତି। ହେଲେ  ଏଭଳି ଶିଶୁମାନଙ୍କୁ ସାମାଜିକ କ୍ଷେତ୍ରରେ ସଶକ୍ତ କରିବାରେ ଫରିଦାବାଦର ବୀଣା ଲାଲଙ୍କ ଚେଷ୍ଟା କିନ୍ତୁ ନିଆରା। ତାଙ୍କ ଇଚ୍ଛାଶକ୍ତି ଓ ସେବା ମନୋଭାବ ସଭିଙ୍କ ହୃଦୟ ଜିତିପାରିଛି।  ସେ କାହାଠାରୁ କୌଣସି ଆର୍ଥିକ ଅନୁଦାନ ଗ୍ରହଣ ନ କରି  ନିଜସ୍ୱ ରୋଜଗାରରେ ଅସହାୟ ଶିଶୁମାନଙ୍କର ସାହାରା ପାଲଟିଛନ୍ତି। ବୀଣା ୧୯୯୭ରେ 'କର୍ମମାର୍ଗ' ଏନ୍‌ଜିଓ ଗଠନ କରି ସେବା ଜାରି ରଖିଛନ୍ତି। ସେ  ଅଦରକାରୀ ଖବରକାଗଜ, ପ୍ଲାଷ୍ଟିକ ବୋତଲ ଏବଂ ଅଦରକାରୀ କପଡ଼ା ବ୍ୟବହାର କରି ବିଭିନ୍ନ ଜିନିଷ ପ୍ରସ୍ତୁତ କରୁଛନ୍ତି ଓ ତାହାକୁ ବିକ୍ରି କରି ଯେତିକି ଟଙ୍କା ପାଉଛନ୍ତି ପିଲାଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କୁ ପଢ଼ାଇବା ସକାଶେ ସେ ମହିଳାମାନଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ପିଲାମାନଙ୍କୁ ପଢ଼ାଇବା ସହ ବିଭିନ୍ନ ଜିନିଷ ତିଆରି କଳାକୌଶଳ ଶିଖାଉଛନ୍ତି।  ଏବେ ସୁଦ୍ଧା ସେ ୧୫୦୦ ଶିଶୁଙ୍କୁ ଶିକ୍ଷା ଦେଇସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ସ୍ୱାସ୍ଥ୍ୟ, ଶିଳ୍ପ, ଫ୍ୟାଶନ୍ ଏବଂ ପ୍ରାଣୀ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଛନ୍ତି ବୋଲି କହନ୍ତି ୫୫ ବର୍ଷୀୟା ବୀଣା।

## ୨୫ ବର୍ଷ ତଳର ଧରିତ୍ରୀ

ୂ୧୫ ମେ ୧୯୯୭

- ତାମିଲ ଗେରିଲାଙ୍କ ବିରୁଦ୍ଧରେ ଅନ୍ତିମ ପର୍ଯ୍ୟାୟ ଅଭିଯାନରେ ଶ୍ରୀଲଙ୍କା ସେନା ଦ୍ୱାରା ଗେରିଲା ଅଧିକୃତ ଓମାନଥାଇ ସହର ଦଖଲ।
- ପାର୍ଲାମେଣ୍ଟକୁ ନ ଜଣାଇ ବୋଫର୍ସ ସଂକ୍ରାନ୍ତ କେତେକ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରେସ୍ ନିକଟରେ ପ୍ରକାଶ କରିଦେଇଥିବାରୁ ସିବିଆଇ ମୁଖ୍ୟ ଯୋଗୀନ୍ଦର ସିଂଙ୍କୁ ଲୋକସଭାରେ ତୀବ୍ର ସମାଲୋଚନା।

## ପାଠକ ଶ୍ରେଷ୍ଠ ବିଚାରକ

### କଂଗ୍ରେସର ଭାଗ୍ୟ

ମହାଶୟ,

ମଣିଷ ଯେତେବେଳେ ନିଜ ଉପରୁ ବିଶ୍ୱାସ ହରାଇଦିଏ ସେହି ସମୟରେ ଭାଗ୍ୟ ଏବଂ ଭଗବାନଙ୍କ ଶରଣାଗତ ହୋଇଥାଏ। କଂଗ୍ରେସ ଦଳ ଦେଶ ସ୍ୱାଧୀନତାରୁ ଜନ୍ମଲାଭ କରିଥିଲା। ଆଧୁନିକ ଭାରତବର୍ଷ ଗଠନରେ ପ୍ରମୁଖ ଭୂମିକା ନେଲା। ସମୟକ୍ରମେ ନୀତିରୁ ଦୁର୍ନୀତି ଜନ୍ମଲାଭ କରି ପ୍ରଶାସନକୁ ଗ୍ରାସ କରିବାରୁ ଦେଶର ଯୋଜନା ସବୁ ବାଟବଣା ହେଲା। ଜନସାଧାରଣ କଂଗ୍ରେସ ଦଳକୁ ଦୋଷୀ ମନେକରି ଦଳଠାରୁ ବିଶ୍ୱାସ ଫେରାଇ ନେବାରୁ କଂଗ୍ରେସ ଲୋକ ସଭାରେ ବିରୋଧୀ ଦଳ ପାଇଁ ସଂଖ୍ୟା ହାସଲ କରିପାରିଲା ନାହିଁ। ପଶ୍ଚିମବଙ୍ଗରେ ଶୂନ୍ୟ, ଉତ୍ତରପ୍ରଦେଶରେ ୨ଟି ବିଧାନସଭା ଆସନ, ଓଡ଼ିଶାରେ ଗୋଟିଏ ଲୋକ ସଭା ଆସନ ଲାଭ କରିଛି। ଓଡ଼ିଶାରେ ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଭୋଟ ହାର ମାତ୍ର ୧୨% ହେବାରୁ ଅନେକ ପ୍ରାର୍ଥୀ ଅମାନତ ହରାଇଛନ୍ତି। କିନ୍ତୁ କଂଗ୍ରେସ ଗାଦି ଲୋଭ ଛାଡୁନାହିଁ। କଂଗ୍ରେସ ଅଧୋଗତିର କାରଣ ଖୋଜିବା ପାଇଁ ଦଳରେ ସମୀକ୍ଷା ହେଉନାହିଁ। ନେତାମାନେ କେବଳ ପ୍ରତୀକ୍ଷାରେ ରହୁଛନ୍ତି। ମୋ ମତରେ  କଂଗ୍ରେସ ମିଡିଆ ସେଲ୍ ଦ୍ୱାରା ରାଜ୍ୟରେ ଥିବା କଂଗ୍ରେସପ୍ରେମୀଙ୍କଠାରୁ ଚିଠି ମାଧ୍ୟମରେ ମତ ସଂଗ୍ରହ ପାଇଁ ଆହ୍ୱାନ କରାଯାଉ। ସେହି ମତ ପେଡ଼ିରୁ ଦଳର ଦୋଷ ଦୁର୍ବଳତା ଓ ନେତାମାନଙ୍କ ଗୁମର ପେଡ଼ି ଖୋଲିଯିବ। ଏହାଦ୍ୱାରା ଦଳର ପ୍ରତିକାର ପାଇଁ ପଥ ସୁଗମ ହୋଇ ପୁନର୍ଗଠନ ସହଜ ହେବ।

-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

### ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସନ୍ଧ୍ୟୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା-ସହଚରୀ କିବା ଲେଖଇ ଅଳତା
ପକ୍ଷୀକଣ୍ଠେ ମୁଖରଇ କି ମଙ୍ଗଳ କଥା!
(ଚକ୍ରବାକ)

-କାଳିନ୍ଦୀଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୯୪୨ ମାମଲାରୁ ୨୫୪ ଫଇସଲା

## ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

■୧.୪୦ କୋଟି ଟଙ୍କା ଆଦାୟ

ଜଗତ୍‌ସିଂହପୁର ଅଫିସ,୧୪।୫

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗତ୍‌ସିଂହପୁର ଜିଲା କୋର୍ଟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବର୍ଷର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ମୋଟ ୯୪୨ ମାମଲା ମଧ୍ୟରୁ ୨୫୪ଟି ଫଇସଲା ହୋଇଛି। ଏନେଇ ୧,୪୦,୬୮,୯୯୭ ଟଙ୍କା ଆଦାୟ ହୋଇଛି। ସେହିପରି ୨୩୮ ବ୍ୟାଙ୍କ ସମ୍ବନ୍ଧୀୟ ପ୍ରାକ ମକଦ୍ଦମା ମଧ୍ୟରୁ ୭୬ଟିର ଫଇସଲା ହେବା ସହ ୪୫,୦୭,୭୦୦ ଟଙ୍କାର ଋଣ ଆଦାୟ କରାଯାଇଥିଲା।

ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ୍ ଅଶୋକ କୁମାର ପଣ୍ଡା, ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର, ପ୍ରାଧିକରଣ ସଚିବ ସୁନନ୍ଦା ପାଢୀ, ସବଜଜ୍ ସୁଦୀପ୍ତା ଦେହୁରି, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ର, ସବଜଜ୍ (ଏଲଆର୍) ଅଭୟ କୁମାର ଦାସ, ଏସ୍‌ଡିଜେଏମ୍ ବିଷ୍ଣୁ ପ୍ରସାଦ ଦେବତା, ଓ ଜେଏମ୍‌ଏଫ୍‌ସି ଝିଲିଲିନା ନାୟକ ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ପରିଚାଳନା କରିଥିଲେ। ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରସିକ୍ୟୁଟର ନଳିନୀକାନ୍ତ ମହାରଣା, ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ, ଶଲ୍ୟ ବିଭାଗ ଡାକ୍ତର ଶୟଦ ଇକ୍‌ବାଲ ହୁସେନ, ସାମାଜିକ କର୍ମୀ ସୁଷମା ପ୍ରଧାନ ଓ ମନସ୍ତତ୍ତ୍ୱବିତ୍ ସୁସ୍ମିତା ମାଝି ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଅନ୍ୟାନ୍ୟ ଦିୱାନୀ ମକଦ୍ଦମା ସହ ଜିଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମକଦ୍ଦମାଗୁଡ଼ିକର ଫଇସଲା ହୋଇଛି। ଜିଲା କୋର୍ଟ ବାଦ୍ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା କୋର୍ଟ ପ୍ରାଙ୍ଗଣରେ ମଧ୍ୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ।



ଲୋକ ଅଦାଲତରେ ମାମଲାର ଫଇସଲା କରାଯାଉଛି।

# ମହାପ୍ରଭୁ, ମାନବୀୟ ସେବାକୁ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ,୧୪।୫

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ଅପୂର୍ବ ଆନନ୍ଦ ଥାଏ। ଏଥିସହ ମାନବ ସେବା ଉପରେ ଗୁରୁତ୍ୱ ଦିଆଗଲେ ସମାଜର ବହୁବିଧ ଉନ୍ନତି ହୋଇପାରିବ। ସ୍ଥାନୀୟ ପାଟେଣୀଗାଁସ୍ଥିତ ବଟ ଶ୍ରୀକ୍ଷେତ୍ରର ପଞ୍ଚଦଶ ବାର୍ଷିକ ଉତ୍ସବର ତୃତୀୟ ବଳଭଦ୍ର ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ଏହା କହିଛନ୍ତି। ବଟ ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତାଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରାର୍ଥନା ଚ୍ୟାନେଲର ପ୍ରବଚକ ପଦ୍ମନାଭ ତ୍ରିପାଠୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା କଥା ବର୍ଣ୍ଣନା କରିବା ଛଳରେ ମହାପ୍ରଭୁଙ୍କ ପ୍ରତି ପଠାଣି ସାମନ୍ତଙ୍କ ଆତ୍ମନିବେଦନ ବିଷୟରେ ସୁନ୍ଦର ଭାବେ ଉପସ୍ଥାପିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର ପ୍ରାକ୍ତନ ବୈଜ୍ଞାନିକ ପ୍ରଫେସର ସୁଦର୍ଶନ ସାସମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଶୁଦ୍ଧ ଜୀବନ ପାଇଁ ଆଧ୍ୟାତ୍ମିକ ଚିନ୍ତନର ଜରୁରୀ। ତେଣୁ ସମସ୍ତେ ମହାପ୍ରଭୁଙ୍କ ଶ୍ରୀଚରଣରେ ଶରଣଗଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଉତ୍ସବରେ ଇଂ. ଗଣେଶ ଚନ୍ଦ୍ର ପଣ୍ଡାଙ୍କୁ ଶ୍ରୀ ବଳଭଦ୍ର ସମ୍ମାନ-୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଣ୍ଡା ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ଦାସିଆ ବାଉରୀ ଓ ଦୀନକୃଷ୍ଣ ଦାସଙ୍କ ପୀଠ କିପରି ଶ୍ରୀ ମନ୍ଦିର ସେବାରେ ଲାଗିଛି ତା'ଉପରେ ଆଲୋକପାତ କରିଥିଲେ। ଉତ୍ସବ ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଜଣାଅଜଣା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେଇଥିବାବେଳେ ପରିଚାଳନା କମିଟି ସଭାପତି ପଣ୍ଡିତ ରବିନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ଶେଷରେ କଟକସ୍ଥିତ ପରମବ୍ରହ୍ମ ନୃତ୍ୟ ଓ ସଂଗୀତ ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇଥିଲା।



ଗଣେଶ ଚନ୍ଦ୍ର ପଣ୍ଡାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

# ବିବାଦରେ କୁଜଙ୍ଗ ସାଂସ୍କୃତିକ ମହୋତ୍ସବ

କୁଜଙ୍ଗ,୧୪।୫ (ଡି.ଏନ୍.ଏ.)

କୁଜଙ୍ଗ ସାଂସ୍କୃତିକ ମହୋତ୍ସବ ଆୟୋଜନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଡିଓଙ୍କ ମନ୍ତବ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶନିବାର କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ସାଂସ୍କୃତିକ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କେତେଜଣ ଗଣମାଧ୍ୟମ ପ୍ରତିନିଧି କହିଥିଲେ, ପୂର୍ବରୁ କୁଜଙ୍ଗ ମହୋତ୍ସବ କମିଟି ରହିଛି। ୨୦୧୧ରୁ ଏହି ପଞ୍ଜୀକୃତ କମିଟି ଜରିଆରେ ମହୋତ୍ସବ ଆୟୋଜନ କରାଯାଉଥିଲା। କରୋନା କଟକଣା ଯୋଗୁ ୨୦୨୦ ଓ ୨୧ ବନ୍ଦ ରହିଥିଲା। ଏହି କମିଟିର ଅଧ୍ୟକ୍ଷ ପୂର୍ବତନ ଏମ୍‌ପି ଡା. କୁଳମଣୀ ସାମଲ ଅଛନ୍ତି । ଚଳିତ ବର୍ଷ ଏହି କମିଟି ଅଧୀନରେ ମହୋତ୍ସବ ଆୟୋଜନ କରା ନଯାଇ କାହିଁକି ନୂଆକରି ଗଠନ କରାଯାଇଥିବା ସାଂସ୍କୃତିକ ଅଧୀନରେ କରାଯାଉଛି । ଏଥିସହ ମହୋତ୍ସବ କମିଟିର ଅଧ୍ୟକ୍ଷଙ୍କୁ କେଉଁ କାରଣରୁ ନୂତନ କମିଟିରେ ସାମିଲ କରାଯାଇ ନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ସାଂସ୍କୃତିକ ମହୋତ୍ସବ କମିଟିର ସମ୍ପାଦକ ତଥା କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଥିଲେ, କୁଜଙ୍ଗ ମହୋତ୍ସବ କମିଟି ଅଲଗା ଓ ନୂଆକରି ଗଠନ ହୋଇଥିବା ସାଂସ୍କୃତିକ ମହୋତ୍ସବ କମିଟି ଅଲଗା। କୁଜଙ୍ଗରେ ଅନେକ ସଂସ୍କୃତି ପ୍ରେମୀ ଥାଇପାରନ୍ତି। ସଂସ୍କୃତି କାହା ବୋପା ସମ୍ପତ୍ତି ନୁହେଁ ବୋଲି ସେ କହିଥିଲେ।

ବିଡିଓଙ୍କ ଏଭଳି ମନ୍ତବ୍ୟକୁ ପୂର୍ବତନ ଏମ୍‌ପି ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ସାମଲ ନିନ୍ଦା କରିବା ସହ ଜଣେ ପ୍ରଶାସନିକ ଅଧିକାରୀଙ୍କ ମୁହଁରୁ ଏଭଳି ମନ୍ତବ୍ୟ ବାହାରିବା ଶୋଭନୀୟ ନୁହେଁ। ମହୋତ୍ସବ ଅଞ୍ଚଳବାସୀଙ୍କୁ ଏକ ସାଂସ୍କୃତିକ ବନ୍ଧନରେ ବାନ୍ଧିରଖିବା ପାଇଁ ପାଳନ ହୁଏ। ବିଡିଓ ଆଜି ଅଛନ୍ତି କାଲି ଅନ୍ୟତ୍ର ଚାଲିଯିବେ। ସେ କେବେ କୁଜଙ୍ଗ ସଂସ୍କୃତିରେ ବଢ଼ି ନ ଥିଲେ କି ଆଗକୁ ସଂସ୍କୃତି ସହ ବାନ୍ଧି ହୋଇ ରହିବାର ନାହିଁ। ତେଣୁ ବିଡିଓ ଅଞ୍ଚଳବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଡାକ୍ତର ସାମଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ମହୋତ୍ସବ କମିଟିର ସମ୍ପାଦକ ଆଡ୍‌ଭୋକେଟ୍ ସତ୍ୟାନନ୍ଦ ବିଶ୍ୱାଳ କହିଛନ୍ତି,ରାଜନୈତିକ କାରଣରୁ ଏହି ସାଂସ୍କୃତିକ ମହୋତ୍ସବ କମିଟି ଗଠନ କରାଯାଇଛି। ବିଡିଓ ଜଣେ ସଂସ୍କୃତି ପ୍ରେମୀ ହୋଇଥିଲେ ଏଭଳି ହୀନଶବ୍ଦ ବ୍ୟବହାର କରିନଥାନ୍ତେ।

## 'ଗାଁ, ମାଟିର ସ୍ୱପ୍ନକୁ ସାକାର କର'

**ବାଲିଆ,୧୪।୫:** ଜଗତ୍‌ସିଂହପୁର ଶିକ୍ଷା ଜିଲା ଅଧୀନ ଇଶାଣୀବ୍ରହ୍ମପୁର ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୧-୨୦୨୨ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ବିଦାୟ ଦିଆଯାଇ ପିଲାମାନଙ୍କୁ ଗାଁ ଓ ମାଟିର ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉତ୍ତମ ଚରଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ସସ୍ମିତା ସେଠୀ, ସୁଶାନ୍ତ କୁମାର ସେଠୀ, ନବକୁମାର ହୋତା, ସୁନାକର ଭୋଇ ଯୋଗ ଦେଇଥିଲେ।

# ନେହେରୁ ବଙ୍ଗଳାରୁ ପୁଣି ଚାଲିଲା ସ୍କୁଲ ବସ୍



ପାରାଦୀପ, ୧୪।୫ (ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶନିବାର ନେହେରୁବଙ୍ଗଳାଠାରୁ ବଡପଡ଼ିଆ ପର୍ଯ୍ୟନ୍ତ ଶନିବାରଠାରୁ ପୁଣି ସ୍କୁଲ ବସ୍ ସେବା ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ଗତ ଦୁଇ ବର୍ଷ ହେଲା ଏହି ସେବା ବନ୍ଦ ଥିଲା। ଏବେ ଆରମ୍ଭ ହେବାପରେ ଶ୍ରେୟ ନେବା ଲାଗି ପ୍ରମୁଖ ରାଜନୈତିକ ଦଳ ଓ କିଛି ସଂଗଠନ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ବିଶେଷକରି ସୋସିଆଲ ମିଡିଆରେ ନିଜ ନିଜର ପ୍ରଚାର କରିବାରେ ଲାଗିଛନ୍ତି।

ଏନେଇ ଆମ ପାରାଦୀପ ଆମ ପ୍ରଗତି (ଏପିଏପି)ମୁଖିଆ ଅରିନ୍ଦମ ସର୍ଖେଲ (ବାପି)ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି, ପୌର ନିର୍ବାଚନ ସମୟରେ ଆମ ସଂଗଠନ ପକ୍ଷରୁ ବସ ସେବା ପୁନର୍ବାର ଚାଲୁ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅନୁରୋଧ ରକ୍ଷା କରି ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ବସ ଚଳାଚଳ କରିଥିବାରୁ ତାଙ୍କୁ ଧନ୍ୟବାଦ। ସେହିପରି ବିଜେଡି ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି, ବନ୍ଦର ପ୍ରଶାସନ ଆମ୍ଭ ଅନୁରୋଧ ରଖିଥିବାରୁ ଧନ୍ୟବାଦ। ଭାଜପା ମଣ୍ଡଳ ସଭାପତି ତଥା ୯ ନଂ ୱାର୍ଡ କାଉନସିଲର ସୁବ୍ରତ ପ୍ରଧାନ ମଧ୍ୟ ସମାନ କଥା କହି ଅଧ୍ୟକ୍ଷ ହାରାନ୍ଧଙ୍କ ଧନ୍ୟବାଦ ଜଣାଇଛନ୍ତି।

ଏପରି ଆତ୍ମ ପ୍ରଚାର ଉପରେ ପାରାଦୀପ ବାସିନ୍ଦା କେଦାର ଜେନା କଟାକ୍ଷ କରି କହିଛନ୍ତି, ଏସବୁ କେବଳ ବାହାସ୍ଫୋଟ। ସେହିପରି ବନ୍ଦର କର୍ମଚାରୀ ତଥା ଶ୍ରମିକନେତା ନୃସିଂହ ଶତପଥୀ କହିଛନ୍ତି, କରୋନା କଟକଣା ପାଇଁ ଦୁଇବର୍ଷ ସ୍କୁଲ ବନ୍ଦ ଥିବାରୁ ବସ ଚଳାଚଳ ବନ୍ଦ ଥିଲା। ପୌର ନିର୍ବାଚନ ପୂର୍ବରୁ ଏହାକୁ ଚଳାଚଳ କରିବା ପାଇଁ ପୁନର୍ବାର ଟେଣ୍ଡର ହୋଇଥିଲା। ଏବେ କାର୍ଯ୍ୟକାରୀ ହୋଇଛି।ଏଥିରେ କାହାର ଦାବି କେତେ ପାରାଦୀପ ଲୋକ ଜାଣିଛନ୍ତି ବୋଲି ସେ କହିଛନ୍ତି।


यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ** (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୭.୦୬.୨୦୨୨ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ **ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** **ଋଣଗ୍ରହୀତା: ଶ୍ରୀ ସାରଦା ପ୍ରସାଦ ସାହୁ,** ପିତା: ନିରଞ୍ଜନ ସାହୁ, ମେସର୍ସ ନିଉ ଉମାଶଙ୍କର ଜୁଏଲର୍ସର ସତ୍ତ୍ୱାଧିକାରୀ, ସା:ମୁକୁନ୍ଦପୁର, ସିପି-୭୫୪୧୦୩, **ଜାମିନ୍‌ଦାର: ଶ୍ରୀ ମାନସ ରଞ୍ଜନ ସାହୁ,** ପିତା: ନିରଞ୍ଜନ ସାହୁ, ସା:ମୁକୁନ୍ଦପୁର, ସିପି, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡିଶା, ପିନ୍-୭୫୪୧୦୩/**ବକେୟା ରାଶି**:ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୯,୮୪,୨୭୪.୪୭ + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ମାନସ ରଞ୍ଜନ ସାହୁ** ଏବଂ **ଶ୍ରୀ ସାରଦା ପ୍ରସାଦ ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୨୨୫୮, ଖାତା ନଂ.୭୦୯ (ଏ୦.୦୬ ଡିସିମିଲି), ମୁକୁନ୍ଦପୁର ମୌଜା ଏବଂ ଗ୍ରାମ ଜଗତସିଂହପୁର ତହସିଲି, ସମୁଦାୟ ଏରିଆ: ଏ୦.୦୬ ବା ୨୬୧୩ ବର୍ଗଫୁଟ, ମୁକୁନ୍ଦପୁର, ପୋ/ଥାନା: ଜଗତସିଂହପୁର, ମୁକୁନ୍ଦପୁର ସିପି ଛକ ନିକଟ, ଜଗତସିଂହପୁର, ଓଡିଶା-୭୫୪୧୦୩। | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୨. | **କଟକ ବକ୍ସିବଜାର ଶାଖା, ମୋ.: ୮୯୦୪୪୭୨୦୫୧** (୧)ଶ୍ରୀ ପ୍ରଦୀପ ଚନ୍ଦ୍ର ମହାରଣା, (୨)ଶ୍ରୀମତୀ **ଲକ୍ଷ୍ମୀପ୍ରୀୟା ମହାରଣା,** ଠିକଣା:ସା- ଶାନ୍ତି ବିହାର, କନିକା ରୋଡ, ତୁଳସୀପୁର, କଟକ, ଜିଲ୍ଲା:କଟକ, ଓଡିଶା-୭୫୩୦୦୮ / **ବକେୟା ରାଶି:** ତା.୦୬.୦୪.୨୦୨୨ରିଖ ସୁଦ୍ଧା**ଟ.୧୫,୫୭,୧୯୧.୧୭** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀମତୀ ଲକ୍ଷ୍ମୀପ୍ରୀୟା ମହାରଣା**ଙ୍କ ନାମରେ ଥିବା ବାସୋପଯୋଗି ଜମି ଯାହାର ମୌଜା:ନୂଆପଡା, କଟକ ତହସିଲି ନଂ.୨୪୬, ଥାନା:କଟକ ସଦର, ଜିଲ୍ଲା:କଟକ,ଆରଓଆର ଖତିୟାନ ନଂ.୬୧୪/ ୨୬୧୬, ପ୍ଲଟ ନଂ.୨୫୩୨/୬୦୯୧, ଏରିଆ: ଏ୦.୦୩୬ ଡିସିମିଲି, ପ୍ଲଟ ନଂ.୨୫୩୧/୬୦୯୨, ଏରିଆ: ଏ୦.୦୫୬ ଡିସିମିଲି, କିସମ:ଘରବାରୀ, ୨ଟି ପ୍ଲଟର ସମୁଦାୟ ଏରିଆ: ଏ୦.୦୯୨ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ୧୦ ଓ ୧୧, ଦକ୍ଷିଣ- ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୨୯, ପଶ୍ଚିମ- ରାସ୍ତା। | ଟ.୬୯,୭୮,୦୦୦/- / ଟ.୬,୯୭,୮୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 008711980050000 IFSC Code: UBIN0800872 |
| ୩. | **ସିଡିଏ ବିଡାନାସୀ ଶାଖା, ମୋ.:୯୯୧୮୩୦୧୪୩୩** ଋଣଗ୍ରହୀତାମାନେ:(୧)ମେସର୍ସ ଡି ପି ପଲିମର, ସତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଭାଓଶିଙ୍କା, (୨) ଶ୍ରୀମତୀ ରେଖା ଭାଓଶିଙ୍କା, ସ୍ୱା:ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ଜାମିନ୍‌ଦାରମାନେ: (୧)୰ଦ୍ୱାରିକା ପ୍ରସାଦ ଭାଓଶିଙ୍କାଙ୍କ ଆଇନଗତ ଉତ୍ତରାଧିକାରୀମାନେ: (କ)ଶ୍ରୀମତୀ ଉମା ମୋଦି, ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ନରେନ୍ଦ୍ର କିଶୋର ମୋଦି, ଏସ୍‌ଏଚ୍‌କେ ପ୍ରସାଦ ମଠ ରେସିଡେନ୍ସି, ଫ୍ଲାଟ ନଂ.୪୦୧, ୫୦-୫୦-୩୫/୨, ବି ଏସ୍ ଲେଆଉଟ୍, ବିଶାଖାପାଟନମ୍-୫୩୦୦୧୩, **(ଖ) ଶ୍ରୀମତୀ ପାର୍ବତୀ ଅଗରୱାଲ,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ଠିକଣା: ପୁରୁଣା ପୋଷ୍ଟ ଅଫିସ୍ ରୋଡ, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, **(ଗ) ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (ପୁତ୍ର), ଠିକଣା: ମାତାମଠ, କ୍ୟାଣ୍ଟନମେଣ୍ଟ ରୋଡ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, **(ଘ) ଶ୍ରୀମତୀ ବିନୀତା ମୋଦି,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: କିଶାନ କୁମାର ମୋଦି, ସା: ନୟାସଡକ, ପୋ.: ଚାନ୍ଦିନୀ ଚୌକ, ଥାନା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯, **(ଙ) ଶ୍ରୀମତୀ ଅନୀତା ସରଓଗି,** ପିତା: ୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ରଞ୍ଜିତ କୁମାର ସରଓଗି, ଠିକଣା: ରାଞ୍ଚି ରୋଡ, ପୁରୁଲିଆ, ମୁନିସିପାଲିଟି ୱାର୍ଡ ନଂ.୩, ଟାକ୍ସି ଷ୍ଟାଣ୍ଡ, ପୁରୁଲିଆ, ପଶ୍ଚିମବଙ୍ଗ, ପିନ୍-୭୨୩୧୦୧ / **ବକେୟା ରାଶି:** ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୨,୮୬,୫୧,୬୨୪.୩୧ + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **୰ଦ୍ୱାରିକା ପ୍ରସାଦ ଭାଓଶିଙ୍କା** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୩୮/୧୦, ପ୍ଲଟ ନଂ.୨୪, ଏରିଆ: ଏ୦.୧୫୨ ଡିସିମିଲି, ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ଜିଲ୍ଲା: କଟକ, ଓଡିଶା-୭୫୩୦୦୧, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ରାଧେଶ୍ୟାମ ଗୋଇଙ୍କା, ଦକ୍ଷିଣ- ସାଜନ ଭାଓଶିଙ୍କା, ପୂର୍ବ- ରାସ୍ତା, ପଶ୍ଚିମ- ରାଧେଶ୍ୟାମ ଗୋଇଙ୍କା। | ଟ.୬,୦୩,୪୫,୦୦୦/- / ଟ.୬୦,୩୪,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 588601980050000 IFSC Code: UBIN0558869 |
| ୪. | **କଟକ ଇସିବି ଶାଖା, ମୋ.:୭୦୦୮୪୨୨୩୭୭** **(୧)ମେସର୍ସ ସାଇ ବାବା ଗ୍ଲାସ ହାଉସ୍, ସତ୍ତ୍ୱାଧିକାରୀ: ଶ୍ରୀ ଜୟନ୍ତ ପ୍ରସାଦ,** ପିତା: ୰ପରମାନନ୍ଦ ପ୍ରସାଦ, ରାଣୀହାଟ, ରାଧାକୃଷ୍ଣ ମନ୍ଦିର ନିକଟ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, **(୨)ସତ୍ତ୍ୱାଧିକାରୀ: ଶ୍ରୀ ଜୟନ୍ତ ପ୍ରସାଦ,** ପିତା: ୰ପରମାନନ୍ଦ ପ୍ରସାଦ, **(୩)ଶ୍ରୀମତୀ ଛାୟା ଦେବୀ,** ସ୍ୱା:୰ପରମାନନ୍ଦ ପ୍ରସାଦ,ଉଭୟଙ୍କ ଠିକଣା: ସା.-ଯୋବ୍ରା, ପରେଶ୍ୱର ସାହି, ପୋ.: କଲେଜ ଛକ, ଥାନା: ମାଲଗୋଦାମ, ଜିଲ୍ଲା:କଟକ, ଓଡିଶା-୭୫୩୦୦୩ / **ବକେୟା ରାଶି:** ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୨୪,୬୧,୦୫୭.୪୦** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀମତୀ ଛାୟା ଦେବୀ,** ସ୍ୱା:୰ପରମାନନ୍ଦ ପ୍ରସାଦଙ୍କ ନାମରେ ଥିବା ବାସୋପଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ.୭୫୮/୨୧୮, ପ୍ଲଟ ନଂ.୨୯୭/ ୨୨୬୮, ଏରିଆ: ଏ୦.୦୨୪ ଡିସିମିଲି, ଗ୍ରାମ/ ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୨୪, କଲେଜ ଛକ, ଥାନା:ମାଲଗୋଦାମ, ଜିଲ୍ଲା:କଟକ, ରାଜ୍ୟ:ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ମୁନିସିପାଲିଟି ରାସ୍ତା, ଦକ୍ଷିଣ- ପଲେଶ୍ୱର ମହାଦେବ, ପୂର୍ବ- ରେଭିନ୍ୟୁ ପ୍ଲଟ ନଂ.୨୯୮, ପଶ୍ଚିମ- ଏହି ପ୍ଲଟର ଅଂଶ। | ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 021121980050000 IFSC Code: UBIN0902110 |
| ୫. | **ଢେଙ୍କାନାଳ ଶାଖା, ମୋ.:୮୯୬୮୦୦୯୨୮୬** (୧)ମା ତାରିଣୀ ବର୍ତ୍ତନ ଭଣ୍ଡାର, ସତ୍ତ୍ୱାଧିକାରୀ: ଶ୍ରୀ ବାବୁଲି ଦାସ, (୨)ଶ୍ରୀ ବାବୁଲି ଦାସ, ପିତା: ୰ରଘୁନାଥ ଦାସ, (୩) ଶ୍ରୀମତୀ ପ୍ରତୀମା ଦାସ, ସ୍ୱା: ବାବୁଲି ଦାସ, (୪)ଶ୍ରୀ ମନୋଜ୍ କୁମାର ଦାସ, ପିତା: ବାବୁଲି ଦାସ, ସମସ୍ତଙ୍କ ଠିକଣା: କୁମ୍ଭାର ସାହି, କାଞ୍ଚନ ବଜାର, ଢେଙ୍କାନାଳ-୭୫୯୦୦୧, ଓଡିଶା / **ବକେୟା ରାଶି:** ଆକାଉଣ୍ଟ ନଂ.୧୨୮୮୧୩୧୦୦୦୦୨୧୯୩-ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୨୧,୧୧,୦୫୬.୨୬** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ, ଆକାଉଣ୍ଟ ନଂ.୧୨୮୮୩୧୧୦୦୦୦୦୫୧୧-ତା.୩୦.୦୪.୨୦୨୨ରିଖ ସୁଦ୍ଧା **ଟ.୧୩,୯୯,୩୨୬.୬୦** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ, ଆକାଉଣ୍ଟ ନଂ.୧୨୮୮୩୦୧୦୦୦୨୪୦୩୪-ତା.୧୫.୧୧.୨୦୨୧ରିଖ ସୁଦ୍ଧା **ଟ.୩,୪୫,୧୨୯/-** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ ବାବୁଲି ଦାସ,** ପିତା: ୰ରଘୁନାଥ ଦାସଙ୍କ (ଇନ୍ଦିପୁର, ଲୁଣି, ଢେଙ୍କାନାଳ-୭୫୯୦୨୫) ନାମରେ ଥିବା ବାସୋପଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୦୦୮(ଏରିଆ:ଏ୦.୦୦୫୭ଡିସିମିଲି), ପ୍ଲଟ ନଂ.୫୦୦୮/୬୧୪୭/୨୧୨୬୮ (ଏରିଆ:ଏ୦.୦୦୨୭ଡିସିମିଲି), ପ୍ଲଟ ନଂ.୫୦୦୮/୨୧୨୬୭ (ଏରିଆ: ଏ୦.୦୧୮୩ ଡିସିମିଲି), ପ୍ଲଟ ନଂ.୫୦୦୮/ ୬୧୪୭(ଏରିଆ:ଏ୦.୦୦୫୩ ଡିସିମିଲି), ଖାତା ନଂ.୩୪୭୦/୩୪୫୫, ମୌଜା: ଢେଙ୍କାନାଳ ଟାଉନ୍, ଏରିଆ: ଏ୦.୦୩୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଦୟାନିଧୀ ସେଣ, ଦକ୍ଷିଣ- ଭ୍ରମରବର ସାହୁ, ପୂର୍ବ- ରାସ୍ତା, ପଶ୍ଚିମ- ରାସ୍ତା। | ଟ.୬୬,୯୧,୦୦୦/- / ଟ.୬,୬୯,୧୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 197921980050000 IFSC Code: UBIN0919799 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୧୬.୦୬.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଇ-ନିଲାମ ତାରିଖ ଏବଂ ସମୟ: ତା.୧୭.୦୬.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ରଶ୍ମିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮**

ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



NIFTEM | MoFPI Ministry of Food Processing Industries, Government of India

**ଜାତୀୟ ଖାଦ୍ୟ ପ୍ରଯୁକ୍ତି ଉଦ୍ୟମିତା ଏବଂ ପରିଚାଳନା ଅନୁଷ୍ଠାନ, କୁଣ୍ଡଲି**

ଭାରତ ରାଜପତ୍ର ସିଜି-ଡିଏଲ୍-ଇ-୩୦୦୭୨୦୨୧-୨୨୮୬୧୪ ଅନୁଯାୟୀ ଜାତୀୟ ମହତ୍ତ୍ୱଧାରୀ ଅନୁଷ୍ଠାନ
ଇ-ମେଲ୍: admission@niftem.ac.in, ଫୋନ୍: ୦୧୩୦-୨୨୮-୧୧୦୧/୧୦୨୦,
ପ୍ଲଟ୍ ନଂ.୯୭, ସେକ୍ଟର-୫୬, ଏଚ୍‌ଏସ୍‌ଆଇଆଇଡିସି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, କୁଣ୍ଡଲି- ୧୩୧୦୨୮, ଜିଲ୍ଲା- ସୋନିପତ, ହରିୟାଣା

**ନାମଲେଖା ବିଜ୍ଞପ୍ତି ୨୦୨୨-୨୩**

**ଗୁରୁତ୍ୱପୂର୍ଣ୍ଣ ତାରିଖଗୁଡ଼ିକ**

| | |
|---|---|
| ଏମ୍.ଟେକ୍, ଏମ୍‌ବିଏ ଏବଂ ପିଏଚ୍.ଡି ପାଠ୍ୟକ୍ରମଗୁଡ଼ିକ ପାଇଁ ଅନ୍‌ଲାଇନ ଦରଖାସ୍ତ ଗ୍ରହଣ ଆରମ୍ଭ ହେବ | ୧୧।୦୫।୨୦୨୨ |
| ଅନ୍‌ଲାଇନ ଦରଖାସ୍ତ ଦାଖଲର ଶେଷ ତାରିଖ | ୧୧।୦୬।୨୦୨୨ |

କିପରି ଆବେଦନ କରିବେ: ଆବେଦନକାରୀମାନଙ୍କୁ ଅନ୍‌ଲାଇନ୍‌ରେ www.niftem.ac.inରେ ଆବେଦନ କରିବାକୁ ହେବ । ଅଣସଂରକ୍ଷିତ/ଓବିସି-ଏନ୍‌ସିଏଲ୍/ଇଡବ୍ଲ୍ୟୁଏସ୍/ଟିଏଫ୍‌ଡବ୍ଲ୍ୟୁ ବର୍ଗର ପ୍ରାର୍ଥୀମାନଙ୍କୁ ପ୍ରତ୍ୟେକ ଦରଖାସ୍ତ ଫର୍ମ ପାଇଁ ଟ.୧୦୦୦/-ର ଦେୟ ପୈଠ କରିବାକୁ ହେବ ଏବଂ ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି ବର୍ଗର ପ୍ରାର୍ଥୀମାନଙ୍କୁ ଟ.୫୦୦/- ପୈଠ କରିବାକୁ ହେବ । ବ୍ୟାଙ୍କ ଶୁଳ୍କ ପ୍ରାର୍ଥୀମାନଙ୍କ ଦ୍ୱାରା ବହନ କରାଯିବ । ଅଧିକ ବିବରଣୀ ଏବଂ ସମୟ ସମୟରେ କୌଣସି ଅପ୍‌ଡେଟ୍ ପାଇଁ ଆବେଦନକାରୀମାନେ ଏନ୍‌ଆଇଏଫ୍‌ଟିଇଏମ୍ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ ।

ଏନ୍‌ଆଇଏଫ୍‌ଟିଇଏମ୍, କୁଣ୍ଡଲି ନିମ୍ନଲିଖିତ ଶିକ୍ଷାଗତ ପାଠ୍ୟକ୍ରମ ପ୍ରଦାନ କରୁଛି:-

- ବି.ଟେକ୍.: ଖାଦ୍ୟ ପ୍ରଯୁକ୍ତି ଏବଂ ପରିଚାଳନା (ଏଫ୍‌ଟିଏମ୍)ରେ ଚାରିବର୍ଷିଆ ନିୟମିତ ଡିଗ୍ରୀ କାର୍ଯ୍ୟକ୍ରମ ।
- ଏମ୍.ଟେକ୍.: ପାଞ୍ଚଟି ସ୍ରୋତରେ ଦୁଇବର୍ଷିଆ ନିୟମିତ ଡିଗ୍ରୀ ପାଠ୍ୟକ୍ରମ, ୧. ଖାଦ୍ୟ ପ୍ରଯୁକ୍ତି ଏବଂ ପରିଚାଳନା (ଏଫ୍‌ଟିଏମ୍), ୨. ଖାଦ୍ୟ ପ୍ରକ୍ରିୟା ଯାନ୍ତ୍ରିକୀ ଏବଂ ପରିଚାଳନା (ଏଫ୍‌ପିଇଏମ୍), ୩. ଖାଦ୍ୟ ସୁରକ୍ଷା ଏବଂ ଗୁଣବତ୍ତା ପରିଚାଳନା (ଏଫ୍‌ଏସ୍‌କ୍ୟୁଏମ୍), ୪. ଖାଦ୍ୟ ଯୋଗାଣ ଶୃଙ୍ଖଳ ପରିଚାଳନା (ଏଫ୍‌ଏସ୍‌ସିଏମ୍) ଏବଂ ୫. ଖାଦ୍ୟ କାରଖାନା ସଂଚାଳନ ପରିଚାଳନା (ଏଫ୍‌ପିଓଏମ୍) ।
- ଏମ୍‌ବିଏ: ଦୋହରା ବିଶେଷଜ୍ଞତା ସହିତ ଦୁଇବର୍ଷିଆ ନିୟମିତ ଡିଗ୍ରୀ ପାଠ୍ୟକ୍ରମ, (୧) ଖାଦ୍ୟ ଏବଂ କୃଷି ବ୍ୟବସାୟ ପରିଚାଳନା (ବାଧ୍ୟତାମୂଳକ) ଏବଂ (୨) ବିପଣନ/ଫାଇନାନ୍ସ/ଅନ୍ତର୍ଜାତୀୟ ବ୍ୟବସାୟ (ଯେକୌଣସି ଗୋଟିଏ ବଛାଯିବ) ।
- ପିଏଚ୍.ଡି.: ପାଞ୍ଚଟି ସ୍ରୋତରେ ନିୟମିତ ଡିଗ୍ରୀ ପାଠ୍ୟକ୍ରମ, ୧. କୃଷି ଏବଂ ପରିବେଶ ବିଜ୍ଞାନ (ଏଇଏସ୍), ୨. ମୌଳିକ ଏବଂ ପ୍ରାୟୋଗିକ ବିଜ୍ଞାନ (ବିଏଏସ୍), ୩. ଖାଦ୍ୟ ଯାନ୍ତ୍ରିକୀ (ଏଫ୍‌ଇ), ୪. ଖାଦ୍ୟ ବ୍ୟବସାୟ ପରିଚାଳନା ଏବଂ ଉଦ୍ୟମିତା ବିକାଶ (ଏଫ୍‌ବିଏମ୍ ଆଣ୍ଡ ଇଡି) ଏବଂ ୫. ଖାଦ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି (ଏଫ୍‌ଏସ୍‌ଟି) ।

ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.niftem.ac.in/niftem.ac.in/newsite/page_id=1494

ନିବନ୍ଧକ



**କେନ୍ଦ୍ରୀୟ ସରକାରୀ କର୍ମଚାରୀ କଲ୍ୟାଣ ଆବାସ ସଙ୍ଗଠନ**
CGEWHO (ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର)

**ଇ-ନିଲାମ ସମ୍ବନ୍ଧୀୟ ଘୋଷଣା (ଜନସାଧାରଣଙ୍କ ପାଇଁ)**

**ବିବରଣୀ:** ବେଗୁନିଆବରାଇ, ଭୁବନେଶ୍ୱରଠାରେ କାର୍ ପାର୍କିଂ ସହିତ ୨ ବିଏଚ୍‌କେ, କ୍ଷେତ୍ର: ୧୦୮୧ ବର୍ଗଫୁଟ, ୨ୟ ମହଲାରେ (ଗୃହପ୍ରବେଶ ପାଇଁ ପ୍ରସ୍ତୁତ) ।

| ଆବେଦନ ରାଶି (ଟ.) (ଏନ୍‌ଆର୍) | ରିଜର୍ଭ ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଇଏମ୍‌ଡି (ଟଙ୍କାରେ) ଫେରସ୍ତଯୋଗ୍ୟ | ବର୍ଦ୍ଧନ ମୂଲ୍ୟ (ଟଙ୍କାରେ) |
|---|---|---|---|
| ୨୦୦୦/- | ୩୭,୨୬,୦୦୦/- | ୩,୭୨,୬୦୦/- | ୩୭,୨୬୦/- |

ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ : ୦୨।୦୫।୨୦୨୨ (ସୋମ)
ଅନ୍‌ଲାଇନ ପଞ୍ଜୀକରଣ ସମାପ୍ତି : ୨୫।୦୫।୨୦୨୨ (ବୁଧ)
ଇ-ନିଲାମର ତାରିଖ : ୨୭।୦୫।୨୦୨୨ (ଶୁକ୍ର)

ଅଧିକ ବିବରଣୀ ପାଇଁ ସିଜିଇଡବ୍ଲ୍ୟୁଏଚ୍‌ଓ ୱେବ୍‌ସାଇଟ୍ www.cgewho.in ପରିଦର୍ଶନ କରନ୍ତୁ କିମ୍ବା ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

davp 20105/12/0003/2223



यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଗତସିଂହପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଗତସିଂହପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଜଗତସିଂହପୁର ଶାଖା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ:(୧)ଶ୍ରୀ ବିମାଧର ସ୍ୱାଇଁ, ମେସର୍ସ ଲକ୍ଷ୍ମୀପ୍ରୀୟା ଫାର୍ମାସ୍ୟୁଟିକାଲ୍ସର ସତ୍ତ୍ୱାଧିକାରୀ, (୨)ଶ୍ରୀମତୀ ଲକ୍ଷ୍ମୀପ୍ରୀୟା ସ୍ୱାଇଁ, ସ୍ୱା: ଶ୍ରୀ ବିମାଧର ସ୍ୱାଇଁ, ଠିକଣା: ସା-ଜୟବାଡା, ପୋ/ଥାନା/ଜିଲ୍ଲା: ଜଗତସିଂହପୁର। | ତା.୦୭.୦୨.୨୦୨୨ସୁଦ୍ଧା ଟ.୩୦,୭୧,୦୦୦/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୨ / ୧୨.୦୫.୨୦୨୨ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୮୮/୬୯୭, ଖାତା ନଂ.୨୮୦, ମୌଜା: ଜୟବାଡା, ଥାନା: ଜଗତସିଂହପୁର, ନଂ.୨୨୮, ଜିଲ୍ଲା: ଜଗତସିଂହପୁର। |
| ଋଣଗ୍ରହୀତା: ଶ୍ରୀ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ପିତା: ୰ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ଆଚାର୍ଯ୍ୟ ନନ୍ ଓଭେନ୍ ଫେବ୍ରିକର ସତ୍ତ୍ୱାଧିକାରୀ, ଠିକଣା: ପାଇକଣ, କାଳିଆବୋରା, ଜଗତସିଂହପୁର-୭୫୪୧୦୩। | ତା.୦୭.୦୨.୨୦୨୨ ସୁଦ୍ଧା ଟ.୧୭,୮୮,୦୦୦/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୨ / ୧୨.୦୫.୨୦୨୨ | ଗୃହପୋଯୋଗି ଜମି ଯାହାର ଖାତା ନଂ.୩୬୩/୨୮୦, ପ୍ଲଟ ନଂ.୪୫, ମୌଜା: ପାଇକଣ, ଏରିଆ: ଏ୦.୧୨ ଡିସିମିଲି, ଗ୍ରାମ: ପାଇକଣ କାଳିଆବୋରା, ପୋ.: ଓଡିଶୋ, ଥାନା/ଜିଲ୍ଲା: ଜଗତସିଂହପୁର। |
| ଋଣଗ୍ରହୀତା: ଶ୍ରୀ କ୍ଷିରୋଦ ସେଠୀ, (ମେସର୍ସ ସ୍ୱସ୍ତିକ ର ସତ୍ତ୍ୱାଧିକାରୀ), ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପଲତା ସେଠୀ, ଉଭୟଙ୍କ ଠିକଣା: ସା- ବଗସାହି, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର। | ତା.୦୯.୦୫.୨୦୨୨ ସୁଦ୍ଧା ଟ.୬,୯୭,୭୨୨.୫୬ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୨୫.୧୦.୨୦୧୯ / ୧୨.୦୫.୨୦୨୨ | କ୍ଷିରୋଦ କୁମାର ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୮୭/ ୪୯୩୧ ଏବଂ ୮୮/୪୯୩୨, ଖାତା ନଂ.୨୭୫/୧୮, ମୌଜା: ମକୁନ୍ଦପୁର, ସିପି ସ୍କୋୟାର, ଜଗତସିଂହପୁର। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. RDM-LAA-BLS-0009-2021/14999/R&DM** **Dated: 09 MAY 2022**

No. XXI-33: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଖୁଦିଆମାଝିସାହି, ଥାନା: ରାଇବଣିଆ ସଂ. ୬୫, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବେହେରାସାହି ଡିଷ୍ଟ୍ରିବ୍ୟୁଟାରୀ ଏବଂ ମୁଣ୍ଡୁତୁଣିଆ ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୫୧୫୨ ତା୧୩।୦୫।୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଖୁଦିଆମାଝିସାହି, ଥାନା: ରାଇବଣିଆ ସଂ. ୬୫, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.balasore.nic.in/www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: ବାଲେଶ୍ୱର** **ତହସିଲ: ଜଳେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଖୁଦିଆମାଝିସାହି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୮୨.୪୬୫ | ଏକର ୩୧.୨୪ | ଏଥିସହିତ ସଂଲଗ୍ନ |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା: ବାଲେଶ୍ୱର** **ତହସିଲ: ଜଳେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୮।୦୭।୨୦୨୧।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା: ୭୯/୨୦୧୮
ଏ.୩୧.୨୪ଡି

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବେହେରାସାହି ଡିଷ୍ଟ୍ରିବ୍ୟୁଟାରି ଏବଂ ମୁଣ୍ଡୁତୁଣିଆ ସବ-ମାଇନର ନିମନ୍ତେ**
**ମୌଜା: ଖୁଦିଆମାଝିସାହି, ଥାନା: ରାଇବଣିଆ ନଂ. ୬୫, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 2 | 2358 | 0.23 | 0.05 | ଶାରଦ ଦୁଇ | ଅଗଣୀ ଦଣ୍ଡପାଟ, ରମାମଣୀ ଦଣ୍ଡପାଟ, ପି.: କୈଳାଶ ଦଣ୍ଡପାଟ, ସୃଷ୍ଟିଧର ପାତ୍ର, ଦୁଃଖିମଣି ପାତ୍ର, ଶକୁନ୍ତଳା ପାତ୍ର, ଗେହ୍ଲାମଣି ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା: ମାଝୀ, ବା: ନିଜଗାଁ |
| | 2358/ 3497 | 0.09 | 0.05 | ଶାରଦ ଦୁଇ | |
| 4 | 2835 | 0.29 | 0.17 | ଶାରଦ ଦୁଇ | ଅଜୟ କୁମାର ସାହୁ, ପି. ଶଶୀଭୂଷଣ ସାହୁ, ଜା: ସଦଗୋପ, ବା: ତୁଟାପଡ଼ା |
| 6 | 2492 | 0.44 | 0.20 | ଶାରଦ ଦୁଇ | ଅଜୟ ମାନ୍ନା, ପି.: ଯୁଧିଷ୍ଠିର ମାନ୍ନ, ତୁଳସୀ ମାନ୍ନା, ସ୍ୱା.: ଯୁଧିଷ୍ଠିର ମାନ୍ନ, ଜା: ମାହେଶ, ବା: ଭଳଭଦ୍ରପୁର |
| | 2524 | 0.46 | 0.20 | ଶାରଦ ଦୁଇ | |
| 13 | 2232 | 0.48 | 0.06 | ଶାରଦ ଦୁଇ | ଅତୁଲଚନ୍ଦ୍ର ଦାସ, ପି.: ଭାଗବତ ଦାସ, ଜା: ରାଜୁ, ବା: ନିଜଗାଁ |
| 15 | 1186 | 0.08 | 0.08 | ଶାରଦ ଏକ | ଅନନ୍ତ କୁମାର ଘୋଷ, ପି.: ଦ୍ୱାରୀ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| | 1187 | 0.12 | 0.12 | ଶାରଦ ଏକ | |
| 18 | 2172 | 0.07 | 0.01 | ଶାରଦ ଦୁଇ | ଅନନ୍ତ କୁମାର ମିଶ୍ର, ପି.: ବିଦ୍ୟାଧର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 2173 | 1.75 | 0.20 | ଶାରଦ ଦୁଇ | |
| | 2179 | 0.38 | 0.07 | ଶାରଦ ଦୁଇ | |
| | 2180 | 0.11 | 0.03 | ଶାରଦ ଦୁଇ | |
| 23 | 293 | 1.12 | 0.21 | ଶାରଦ ଦୁଇ | ଅନ୍ନପୂର୍ଣ୍ଣା ଦାସ ମହାପାତ୍ର, ସ୍ୱା.: ଦେବେନ୍ଦ୍ରନାଥ ଦାସ ମହାପାତ୍ର, ଜା: କରଣ, ବା: ନିଜଗାଁ |
| 29 | 33 | 0.10 | 0.08 | ଶାରଦ ଦୁଇ | ଅପର୍ତ୍ତି ଦଣ୍ଡପାଟ, ପି.: ଝାଡ଼େଶ୍ୱର ଦଣ୍ଡପାଟ, ସାବିତ୍ରୀ ଦଣ୍ଡପାଟ, ସ୍ୱା. ଝାଡ଼େଶ୍ୱର ଦଣ୍ଡପାଟ, ଜା: ମାଝୀ, ବା: ତୋଟାପଡ଼ା |
| | 34 | 0.11 | 0.05 | ଶାରଦ ଦୁଇ | |
| | 37 | 0.15 | 0.12 | ଶାରଦ ଦୁଇ | |
| | 38 | 0.17 | 0.14 | ଶାରଦ ଦୁଇ | |
| 30 | 2178 | 0.26 | 0.18 | ଶାରଦ ଦୁଇ | ଅବିନାଶ ଚନ୍ଦ୍ର ଦାସମହାପାତ୍ର, ପି.: ସନ୍ୟାସୀ ଚରଣ ଦାସମହାପାତ୍ର, ଜା: କରଣ, ବା: ନିଜଗାଁ |
| 31 | 2350 | 0.12 | 0.01 | ଶାରଦ ଦୁଇ | ଅମ୍ବିକା ସାହୁ, ସ୍ୱା.: ଶଶିଭୂଷଣ ସାହୁ, ଜା: ସଦଗୋପ, ବା: ତୋଟାପଡ଼ା |
| 39 | 2316 | 0.02 | 0.02 | ଶାରଦ ଦୁଇ | ଅଶନୀ କୁମାର ଦାସମହାପାତ୍ର, ଆନନ୍ଦ କୁମାର ଦାସମହାପାତ୍ର, ପି.: ମୃତ୍ୟୁଞ୍ଜୟ ଦାସମହାପାତ୍ର, ଜା: କରଣ, ବା: ନିଜଗାଁ |
| 50 | 2921 | 0.44 | 0.17 | ଶାରଦ ଦୁଇ | ଉତ୍ତମ କୁମାର ଘଡ଼େଇ, ପି.: ଦୁର୍ଯ୍ୟୋଧନ ଘଡ଼େଇ, ଜା: ସଦଗୋପ, ବା: ତୋଟାପଡ଼ା |
| 51 | 1525 | 0.72 | 0.02 | ଶାରଦ ଦୁଇ | ଉମେଶ ଚନ୍ଦ୍ର ଦାସମହାପାତ୍ର, ପି.: ଶିବ ପ୍ରସାଦ ଦାସମହାପାତ୍ର, ଜା: କରଣ, ବା: ନିଜଗାଁ |
| | 1601 | 0.72 | 0.26 | ଶାରଦ ଦୁଇ | |
| 57 | 2919 | 0.19 | 0.02 | ଶାରଦ ଦୁଇ | କାର୍ତ୍ତିକ ଚନ୍ଦ୍ର ଘୋଷ, ପି.: ଗୁହିନ ଘୋଷ, ଜା: ସଦଗୋ, ବା: ନଜଗାଁ |
| 61 | 1545 | 0.04 | 0.02 | ଶାରଦ ଦୁଇ | କାଦମ୍ବିନୀ ମହାନ୍ତି, ସ୍ୱା.: କୃଷ୍ଣପ୍ରସାଦ ମହାନ୍ତି, ଜା: କରଣ, ବା: ଗୋପାଳ ପ୍ରସାଦ |
| | 1546 | 0.05 | 0.05 | ଶାରଦ ଦୁଇ | |
| 64 | 2495 | 0.52 | 0.18 | ଶାରଦ ଦୁଇ | କାଳିପଦ ସାହୁ, ପି.: ଉପେନ୍ଦ୍ର ସାହୁ, ଜା: ସଦଗୋପ, ବା: ତୋଟାପଡ଼ା |
| 65 | 645 | 0.10 | 0.01 | ଶାରଦ ଦୁଇ | କାଳିଚରଣ ମହାନ୍ତି, ପି.: ପଞ୍ଚାନନ ମହାନ୍ତି, ଜା: ମାହେଶ, ବା: ନିଜଗାଁ |
ଏ ସମ୍ପର୍କରେ ରାଜନଗର ବ୍ଲକ ଭେଙ୍କା ଗାଁର ରାମନାଥ ଦାସ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଓ ସଂରକ୍ଷଣ କେନ୍ଦ୍ରରେ ୧୭୦୦ରୁ ଅଧିକ ଲୁଣାକୁମ୍ଭୀର ଥିବା ବନ ବିଭାଗ ଗଣନା କରିଛି। ତେବେ ଏମାନଙ୍କ ସଂଖ୍ୟା ଅଧିକ ଅଛି। ଭିତରକନିକା ସଂଲଗ୍ନ ବିଭିନ୍ନ ନଦୀ ଏମାନଙ୍କ ବାସସ୍ଥାନ ହୋଇଛି। ଭୟଙ୍କର ଓ ସଂରକ୍ଷିତ ଜୀବ ହୋଇଥିବାରୁ ଏମାନଙ୍କ ନିକଟକୁ କେହି ଯାଆନ୍ତି ନାହିଁ। କୁମ୍ଭୀର ହାବୁଡ଼ରେ ପଡ଼ିବା ଉପାନ୍ତ ଅଞ୍ଚଳରେ ଏକ ନିତିଦିନିଆ ଘଟଣା ହୋଇଛି। ଭାଗ୍ୟ ଭଲ ଥିଲେ ଏମାନଙ୍କ ହାବୁଡ଼ରୁ ନିସ୍ତାର ମିଳେ। ୨୦୧୭ ମସିହାରେ ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗାଁର ମମତା ଦଳାଇ ନିଜ ଭଉଣୀକୁ ବଞ୍ଚାଇଥିବା ବେଳେ କଣ୍ଡିରା ଗାଁର ସିତୁ ମଲ୍ଲିକ ୨୦୧୮ରେ ଦାଦାଙ୍କୁ ବଞ୍ଚାଇ ଥିଲା। ଏହି ଦୁଇଜଣଙ୍କୁ ଶିଶୁ ସାହସିକତା ପୁରସ୍କାର ମିଳିଥିବା ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଦୋଳଗୋବିନ୍ଦ ଜେନା କହିଛନ୍ତି, ସରକାରୀ ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଭିତରକନିକା ଆଖପାଖ ଅଞ୍ଚଳରେ ମାତ୍ର ୨୬ ଜଣଙ୍କୁ କୁମ୍ଭୀର ମାରିଛି। ତେବେ ଏହି ତଥ୍ୟ ଠିକ୍ ନୁହେଁ। କୁମ୍ଭୀର ଟାଣି ନେଇଥିବା ବ୍ୟକ୍ତିଙ୍କ ମୃତଦେହ ନ ମିଳିଲେ ଥାନାରେ ଏକ ମିସିଂ କେସ୍ ହେଉଛି। ଏପରି ଘଟଣାର ସ୍ଥାନୀୟ ୫ଟି ଥାନାରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିଛି। ଏଥିସହ କୁମ୍ଭୀର ଆକ୍ରମଣ ସଂଖ୍ୟା ପ୍ରତିବର୍ଷ ୨୦ରୁ ଅଧିକ ହୋଇଛି। ତେବେ ଗତ ୧୦ ବର୍ଷ ମଧ୍ୟରେ ମାତ୍ର ୪୮ ଜଣ ଆହତ ହୋଇଥିବା ଓ ଗତ ୫ ବର୍ଷ ମଧ୍ୟରେ ମାତ୍ର ୩୬ଟି ପଶୁ ହାନି ହୋଇଥିବା ବନ ବିଭାଗ ଦର୍ଶାଇଛି। କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆ ତୁଠ ନିର୍ମାଣ ଦାୟିତ୍ୱ ବନ ବିଭାଗ ନେଇଛି। ମାତ୍ର ଭିତରକନିକାସ୍ଥ ସମସ୍ତ ୪୧୮ ଗାଁରେ ଗାଧୁଆ ତୁଠ ନିର୍ମାଣ ହୋଇପାରିନାହିଁ। ଚଣ୍ଡିଆଗଡି ଗାଁର କିଶୋର ସରକାର କୁହନ୍ତି, କୁମ୍ଭୀର ଉପଦ୍ରବ ଥିବା ନଦୀକୂଳବାସୀଙ୍କ ପାଇଁ ସୁରକ୍ଷିତ ଗାଧୁଆ ତୁଠର ଆବଶ୍ୟକତା ଅଛି। ନଦୀକୂଳରେ ବହ୍ଲା ଓ ତାରଜାଲି ଦେଇ ଏହି ତୁଠ ହେବା କଥା। ତେବେ କେତେକ ସ୍ଥାନରେ ନିମ୍ନଧରଣର କାର୍ଯ୍ୟ ଯୋଗୁ ଏହି ତାରବାଡ଼ ରହୁନାହିଁ। ଗଡ଼ଗଡି, ବାଳକାଟୀ, ପତ୍ରପୁର, ନୂଆଗାଁଠାରୁ ଆରମ୍ଭ କରି ରାଜଗଡ଼, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ନଦୀଘାଟ ଜନଜୀବନ ପାଇଁ ଅସୁରକ୍ଷିତ ହୋଇପଡିଛି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ବନାଞ୍ଚଳର ପଶୁପକ୍ଷୀଙ୍କୁ ସୁରକ୍ଷା ଦିଆଯାଉଛି। ଏଥିସହ କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ଲାଗି ବିଭିନ୍ନ ନଦୀକୂଳରେ ସୁରକ୍ଷିତ ଗାଧୁଆ ତୁଠ ନିର୍ମାଣ ହେଉଛି। ସେହିପରି ଜନସଚେତନତା କାର୍ଯ୍ୟକ୍ରମ ସହ ମୃତାହତଙ୍କ ଅଭିଯୋଗକୁ ଭିତ୍ତିକରି କ୍ଷତିପୂରଣ ଦିଆଯାଉଛି ବୋଲି ସେ କହିଛନ୍ତି।



ଭିତର କନିକାରେ କୁମ୍ଭୀର ।

### ସିପୁନଙ୍କୁ ସହାୟତା କଲେ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ



ସ୍ୱାସ୍ଥ୍ୟ ଅଧିକାରୀ ସିପୁନଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରୁଛନ୍ତି।

**ଆଳି,୧୪।୫(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମହୁ ଗାଁର ଦୈତାରୀ ସେଠୀଙ୍କ ପୁଅ ସିପୁନ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଚିକିତ୍ସା ନିମନ୍ତେ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ସହାୟତା ଯୋଗାଇ ଦେଇଛନ୍ତି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ବାରିକ ସିପୁନ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ମହୁ ହାଇସ୍କୁଲର ୧୯୯୨ ବ୍ୟାଚ୍ ମାଟ୍ରିକ ଛାତ୍ରୀଛାତ୍ର ସିପୁନଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି। ସିପୁନଙ୍କ ଚିକିତ୍ସା ଲାଗି ଅଧିକ ଅର୍ଥର ଆବଶ୍ୟକତା ରହିଛି। ତେଣୁ ସହଯୋଗ ଯୋଗାଇଦେବାକୁ ସିପୁନଙ୍କ ବାପା ଦୈତାରୀ ନିବେଦନ କରିଛନ୍ତି।

## ଭୁଲ୍ ଟିକା ପାଇଁ ନବଜାତ ଶିଶୁର ମୃତ୍ୟୁ ଅଭିଯୋଗ

**ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**

**ଡେରାବିଶ, ୧୪।୫(ସ୍ୱ.ପ୍ର.)**

ଭୁଲ୍ ଟିକା ଦେବା ଯୋଗୁ ଜଣେ ନବଜାତ ଶିଶୁପୁତ୍ରର ଶନିବାର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେରାବିଶ ବ୍ଲକର ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର-୨ ଗାଁର ଗୌରାଙ୍ଗ ମହାରଣାଙ୍କ ସ୍ତ୍ରୀ ସୁନିତା ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ହେଲେ ଶନିବାର ସକାଳେ ଡାକ୍ତରଙ୍କ ପରାମର୍ଶକ୍ରମେ ଟିକା ନେବା ପରେ ସୁନିତା ନିଜ ଘରକୁ ଫେରୁଥିବା ବାଟରେ ହଠାତ୍ ଶିଶୁପୁତ୍ରଟି ଟାଣିହୋଇ ନାଠି ହୋଇଯାଇଥିଲା। ପାଟିରୁ ଧଳା ଫେଣ ବାହାରିଥିଲା। ପରେ ଶିଶୁପୁତ୍ରକୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁଟିର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ପରିବାର ଓ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ କରିଥିଲେ। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ନେତୃସ୍ଥାନୀୟ ବ୍ୟକ୍ତି ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ମୃତ ଶିଶୁପୁତ୍ରଙ୍କ ବାପା ଗୌରାଙ୍ଗଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ସୁନୀତାଙ୍କ ଶୁକ୍ରବାର ସକାଳୁ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୩ଟାରେ ତାଙ୍କର ଏକ ସୁସ୍ଥ ଶିଶୁପୁତ୍ର ଜନ୍ମ ହୋଇଥିଲା। ମା' ଓ ଶିଶୁ ରାତିରେ ଡାକ୍ତରଙ୍କ ଚିକିତ୍ସାଧୀନ ଥାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ହେଲେ ସକାଳୁ ସରକାରୀ ନିୟମ ଅନୁଯାୟୀ ଓ ଡାକ୍ତରଙ୍କ ପରାମର୍ଶକ୍ରମେ ଶିଶୁପୁତ୍ରଙ୍କୁ ପୋଲିଓ ବୁନ୍ଦା ଖୁଆଯିବା ସହ ହେପାଟାଇଟିସ ଟିକାର ଇଞ୍ଜେକଶନ ଦିଆଯାଇ ଘରକୁ ନେବାକୁ କୁହାଯାଇଥିଲା। ବାଟରେ ଶିଶୁଟି ଅସୁସ୍ଥ ହେବାରୁ ମା'ବାପା ଓ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଟିକା ଓ ଇଞ୍ଜେକଶନ ପାଇଁ ଲେଖିଥିବା ଡାକ୍ତର ଓ ଦେଇଥିବା କର୍ମଚାରୀଙ୍କୁ ପଚାରି ଥିଲେ। ଏଥିସହ ଭୁଲ ଟିକା ଇଞ୍ଜେକଶନ ଦେବାରୁ ସୁସ୍ଥ ଭାବେ ଜନ୍ମଗ୍ରହଣ କରିଥିବା ଶିଶୁପତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ କରି ହୋହାଲ୍ଲା କରିଥିଲେ। ଖବରପାଇ ଡେରାବିଶ ଥାନା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରିସ୍ଥିତି ଆୟତ ପାଇଁ ଚେଷ୍ଟା କରିଥିଲା। ଏ ସମ୍ପର୍କରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଚିତ୍ତରଞ୍ଜନ ବେହେରାଙ୍କୁ ପଚାରିବାରେ ଏହି ଘଟଣା ବାବଦରେ ସୂଚନା ପାଇଛି। ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି। ସେମାନଙ୍କ ନିର୍ଦ୍ଦେଶ ଓ ସରକାରୀ ନିୟମ କାନୁନ୍ ଅନୁଯାୟୀ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ମୃତ ଶିଶୁପୁତ୍ରକୁ ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକ।

## ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଦଳବଦଳ

**ରାଜନଗର, ୧୪।୫(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ନୂଆ ସରପଞ୍ଚମାନେ ଦାୟିତ୍ୱ ନେଇଛନ୍ତି। ଏବେ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଅଦଳବଦଳ କରାଯାଇଛି। ସେହିପରି କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଞ୍ଚାୟତ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ଈଶ୍ୱରପୁର, କଣ୍ଡିରା ଓ ବେଲପାଳ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଗୁଣସିନ୍ଧୁ ମଣ୍ଡଳଙ୍କୁ ରାଜପୁର, କେରେଡ଼ାଗଡ଼ ପଞ୍ଚାୟତ, ମନୀନ୍ଦ୍ର ପ୍ରଧାନ ଭିତରଗଡ଼, କୁରୁଣ୍ଟି ଓ ଘଡ଼ିଆମାଳ ପଞ୍ଚାୟତ ଏବଂ ଚନ୍ଦନ କୁମାର ଦାସ ତାଳଚୁଆ, ବ୍ରାହ୍ମଣସାହି, କୃଷ୍ଣନଗର ପଞ୍ଚାୟତ ଦାୟିତ୍ୱ ତୁଲାଇବେ। ସେହିପରି ଦାସ ମୁର୍ମୁ ପଞ୍ଚାୟତ ବଦଳରେ ବ୍ଲକରେ ରହି କାର୍ଯ୍ୟ କରିବେ। ସେହିପରି କନିଷ୍ଠଯନ୍ତ୍ରୀମାନଙ୍କ ମଧ୍ୟରୁ ଅନିରୁଦ୍ଧ ନାୟକ ରଙ୍ଗଣୀ, କେରୁଆଁପାଳ, ବାଘମାରୀ, ତାଳଚୁଆ, କୃଷ୍ଣନଗର, ଡାଙ୍ଗମାଳ, ଖମାରସାହି, ବେଲପାଳ ପଞ୍ଚାୟତ ଦାୟିତ୍ୱରେ ରହି ଉନ୍ନୟନ କାର୍ଯ୍ୟ ଦେଖିବେ। କନିଷ୍ଠଯନ୍ତ୍ରୀ ଉମାଶଙ୍କର ଦଳାଇ ଓସ୍ତିଆ, ବନ୍ଧପଡା, ରାଜନଗର, ମହିଁଷାସୁର, ପ୍ରଭାତ କୁମାର ମାଝି ଈଶ୍ୱରପୁର, ଘଡିଆମାଳ, ଭିତରଗଡ଼, ଚାନ୍ଦିବାଉଁଶମୂଳ, ମହୁଲିଆ ପଞ୍ଚାୟତର କାର୍ଯ୍ୟ ତଦାରଖ କରିବେ। ଅନ କୁମାର ସ୍ୱାଇଁ କଣ୍ଡିରା, ଗୁପ୍ତି, ସାତଭାୟା, ଡେରା, ବ୍ରାହ୍ମଣସାହି ପଞ୍ଚାୟତ ଏବଂ କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରା କୋଇଲିପୁର ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଦେଖିବେ ବୋଲି ଜଣାପଡ଼ିଛି। ଜିପିଟିଏ ଅର୍ପଣ ମଲ୍ଲିକ ବାଲିସାହିପାଟଣା, କେରେଡାଗଡ଼ ଓ ରାଜପୁର ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଦେଖିବେ। ଟିସି ରାଜେନ୍ଦ୍ର ପ୍ରସାଦ ମହାନ୍ତି କୁରୁଣ୍ଟି, ହାତିନା ଓ ସାନବଡ଼ଗୋପାଳପୁର ପଞ୍ଚାୟତ ଦାୟିତ୍ୱ ମିଳିଛି। ସେହିପରି ରାଜନଗର ବ୍ଲକର ସହକାରୀ ଯନ୍ତ୍ରୀ ଜଳଧର ବେହେରା ଡାଙ୍ଗମାଳ, ହାତିନା, ଡେରା, ସାତଭାୟା, ଖମାରସାହି, କେରୁଆଁପାଳ, ରଙ୍ଗଣୀ, ବାଘମାରୀ, କୃଷ୍ଣନଗର, ଘଡିଆମାଳ, ଈଶ୍ୱରପୁର, ତାଳଚୁଆ, ଗୁପ୍ତି, ଚାନ୍ଦିବାଉଁଶମୂଳ, ମହୁଲିଆ, କୋଇଲିପୁର, ଭିତରଗଡ, କଣ୍ଡିରା, କୁରଣ୍ଟି, ବ୍ରାହ୍ମଣସାହି ଆଦି ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ସୁପରଭିଜନ କରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ ରାଜନଗର, ସାନବଡ଼ଗୋପାଳପୁର, ଓସ୍ତିଆ, ବେଲପାଳ, କେରେଡାଗଡ଼, ମହିଁଷାସୁର, ବାଲିସାହିପାଟଣା, ରାଜପୁର ଓ ବନ୍ଧପଡ଼ା ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବେ। ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ଚିଠି ନଂ. ୧୨୩୫, ୧୨୩୦ ଓ ୧୨୧୧/୨୨ରେ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

## ଚୋରି ଘଟଣାରେ ୧୧ ଅଟକ

**ଆଳି,୧୪।୫(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୧୧ଜଣଙ୍କୁ ପୋଲିସ ଦୁଇ ଦିନ ହେଲା ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି। କିଛିଦିନ ହେଲେ ଥାନା ଅଞ୍ଚଳରେ ଲୁଟେରାମାନେ ସକ୍ରିୟ ଚୋରି କରିଥିଲେ। ମାସେ ହେବା ଲୁଟେରାମାନେ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରୁ ଚୋରି କରିବାଠାରୁ ଆରମ୍ଭ ନୂଆ ବଜାରର ୨ଟି ସୁନା ଦୋକାନ ଚୋରି କରିଥିଲେ। ପରେ ରାତିରେ ବଡ଼ଆଙ୍କୋ ଗାଁର ସାଧୁଚରଣ ମହାଲିକଙ୍କ ପରିବାର ଉପରେ ୬ ଜଣ ସଶସ୍ତ୍ର ଡକାୟତ ବିଭିନ୍ନ ମାରଣାସ୍ତ୍ର ଧରି ସାଧୁଚରଣଙ୍କୁ ଛୁରା ମାଡ଼ କରିବା ସହିତ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରିଥିଲେ। ପରେ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାରୁପା ଅଳଙ୍କାର ଲୁଟି ନେଇଥିଲେ। ଅଞ୍ଚଳରେ ସିରିଜ ଚୋରିକୁ ନେଇ ପୋଲିସ ଚିନ୍ତାରେ ପଡି ଯାଇଥିଲା। ଜିଲା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କାରାଯାଇ ଏହି ଲୁଟ୍‌ପାଟ ଭିଆଉଥିବା ଲୁଟେରାମାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଚଢ଼ାଉ ଚାଲିଥିଲା। ପୋଲିସ ଦୁଇଦିନ ହେବ ବିଭିନ୍ନସ୍ଥାନରେ ଚଢ଼ାଉ କରି ୧୧ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଏହି ଗ୍ୟାଙ୍ଗରେ ଅଧିକ ଲୋକ ସାମିଲ ଥିବା ସନ୍ଦେହ କରି ପୋଲିସ ବିଭିନ୍ନ ସ୍ଥାନରେ ଛପା ମରିବା ଜାରି ରଖିଛି।



କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଯଅଁରାବାରିମୂଳ ଗାଁରେ ବାଙ୍କବିହାରୀଙ୍କ ବାଡିରେ ଗୋଲପ ଗଛରେ ଫୁଲ ଓ ଫଳ ହୋଇଛି।

# ଅଧଫୁଟ୍ ତଳେ ବିଛା ଯାଉଛି ପାଣି ପାଇପ୍

- ସରୁ ପାଇପ୍ ଯୋଗୁ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ
- ଡେରାବିଶ ଗ୍ରାମ୍ୟ ଜଳ ଯୋଗାଣ, ପରିମଳ ବିଭାଗର ମନମାନି

**ଡେରାବିଶ, ୧୪।୫(ସ୍ୱ.ପ୍ର.)**

ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ୩ ଫୁଟ ତଳେ ପାଣି ପାଇପ୍ ବିଛାଯିବାକୁ ନିୟମ ଥିବାବେଳେ ଅଧଫୁଟ ମାଟି ଖୋଳି ପକାଯାଉଛି। ମୋଟା ପାଇପ୍ ଜାଗାରେ ସରୁ ପାଇପ୍ ଲଗାଯାଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଯନ୍ତ୍ରୀ ଓ ଉଚ୍ଚ ପଦାଧିକାରୀଙ୍କ ମନମାନି ଯୋଗୁ ଲୋକମାନଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚି ପାରୁନାହିଁ ବୋଲି ଅଭିଯୋଗ ହେଉଛି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ ଦୁଇଜଣ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି। ସେମାନେ ହେଲେ ବିଭୁଦତ୍ତ ଦାସ ଓ ଦେବାଶିଷ ଧଳ। ଦେବାଶିଷ ବ୍ଲକ ଦାୟିତ୍ୱରେ ଥିବାବେଳେ ବିଭୁଦତ୍ତ ଜେଇ-୧ ହୋଇ ଗୋଲରାହାଟ ପଞ୍ଚାୟତସ୍ଥିତ ପଣ୍ଡୁଆଠାରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟରେ କାର୍ଯ୍ୟରତ। ବ୍ଲକର ବିଭିନ୍ନ ପଞ୍ଚାୟତରେ ପୂର୍ବରୁ ୬୩ ଏମ୍ଏମ୍ ପାଇପ୍ ବିଛାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଯାଉଥିଲା। ଏହାଦ୍ୱାରା ପାଇପ୍ କଣା କରି ପାଣି ଚୋରି ହେବା ସହ କମ୍ କ୍ଷମତା ବିଶିଷ୍ଟ ପମ୍ପ ଥିବାରୁ ପାଣିର ସ୍ରୋତ ଗାଁର ଶେଷ ମୁଣ୍ଡଯାଏ ପହଞ୍ଚି ପାରୁ ନ ଥିଲା। ଫଳରେ ସରକାରଙ୍କ ଜଳ ଯୋଗାଣର ନିର୍ଦ୍ଧାରିତ ସମୟ ମଧ୍ୟରେ ସବୁ ଗାଁକୁ ପାଣି ଯାଇପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ନୂଆ ନିୟମ ଅନୁଯାୟୀ ୬୩ ଏମ୍ଏମ୍ ସ୍ଥାନରେ ମାତ୍ର ୨୦ ଏମ୍ଏମ୍‌ର ପାଇପ୍ ବିଛାଯିବା ପାଇଁ ବ୍ୟବସ୍ଥା ହୋଇଛି। ପ୍ରଥମ ଦଫାରେ ଗୋଲରାହାଟ, ପଲେଇ ଓ ହରିଅଙ୍କ ପଞ୍ଚାୟତରେ ଏହି ପାଇପ୍ ବିଛାଇବାକୁ ସରକାର ୩ କୋଟି ୭୦ ଲକ୍ଷ ଟଙ୍କାର ଟେଣ୍ଡର କରିଛନ୍ତି। କାମ ମଧ୍ୟ ଶେଷହେବାକୁ ବସିଲାଣି। ହେଲେ ସରକାରଙ୍କ ସମସ୍ତ ନିୟମକାନୁନ୍‌କୁ ମୋଡ଼ିମକଚି କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କୁ ସୁହାଇଲା ଭଳି ବେନିୟମ କାର୍ଯ୍ୟକୁ ସହଯୋଗ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ, ପାଇପ୍ ମାଟିର ଅଢ଼େଇ ଫୁଟ ତଳେ ବିଛା ହେବା କଥା। କିନ୍ତୁ ଗୋଲରାହାଟର ଡେରାବିଶ ମୁସ୍‌ଲିମ ବସ୍ତିରେ ଅଧଫୁଟରୁ ୧ ଫୁଟ ତଳେ ଏହି ପାଇପ୍ ବିଛାଯାଇଛି। ଏପରି କି ଗାଁ ଦେଇ ପ୍ରବାହିତ ୯ନଂ. କେନାଲ କଡ଼େ କଡ଼େ ମାତ୍ର ଅଧଫୁଟ ତଳେ ପାଇପ୍ ବିଛାଯାଇଛି। ଏହି କେନାଲ ଉପରେ ପ୍ରତିଦିନ ଭାରିଯାନ ଯିବାଆସିବା କରୁଥିବାରୁ ପାଇପ୍‌ର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୨୦୨୧ରେ ବାଲିଆ ପଞ୍ଚାୟତର ଧରମପୁରଠାରେ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ପାଖରେ ଥିବା ଦଳିତ ବସ୍ତିରେ ପାଇପ୍ ବିଛାଯାଇ ପାଣି ଦେବାର ବ୍ୟବସ୍ଥା ହୋଇଥିଲା। ଏହି ପାଇପ୍ ୩ ଫୁଟ୍ ତଳେ ବିଛାଯିବାର ନିୟମ ଥିବା ବେଳେ ମାତ୍ର ଫୁଟେରୁ ଦେଢ଼ଫୁଟ ମାଟି ତଳେ ଯାଇଛି, ଯାହା ଖୁବ୍‌ଶୀଘ୍ର ନଷ୍ଟ ହେବାର ସମ୍ଭାବନା ରହିଛି। ଦଳିତ ବସ୍ତିକୁ ବହୁଦିନ ଧରି ପାଣି ଯୋଗାଣର ବ୍ୟବସ୍ଥା କରାଯାଇ ନ ଥିଲା। ସେମାନେ କନିଷ୍ଠ ଯନ୍ତ୍ରୀ ଦାସଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନ ଥିଲା। ସେହିଭଳି ଗୋଲରାହାଟ ପଞ୍ଚାୟତର କୁଆଁରପୁରଠାରେ ୧ କୋଟି ଟଙ୍କା ବ୍ୟୟରେ ଏକ ଓଭର ହେଡ୍ ଟାଙ୍କି ନିର୍ମାଣ ହୋଇଛି। ହେଲେ ଠିକ୍ ଭାବେ ପାଣିର ମାନ ପରୀକ୍ଷା କରା ନ ଯାଇ ତରବର ଭାବେ ପମ୍ପହାଉସ୍ ବସାଯାଇଛି। ଏହି ପାଣିରେ ଆଇରନ୍ ଆସୁଥିବାରୁ ଲୋକମାନଙ୍କ ବ୍ୟବହାର ପାଇଁ ଅନୁପଯୋଗୀ ହୋଇଛି। ସରକାରୀ ଅର୍ଥ ଖର୍ଚ୍ଚ ପୂର୍ବରୁ ଠିକଣା ଭାବେ ପରୀକ୍ଷା ନିରୀକ୍ଷା କରାଯାଉ ନ ଥିବାରୁ ଏହାର ସୁଫଳ ମିଳିପାରୁନାହିଁ ବୋଲି ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଗ୍ରାମ୍ୟ ପାନୀୟ ଜଳ ବିଭାଗର ଦୁର୍ନୀତି ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ବ୍ଲକ ଅଞ୍ଚଳର ଜଳକ୍ଳିଷ୍ଟ ବ୍ୟକ୍ତିମାନେ ବହୁ ସୁଫଳ ପାଆନ୍ତେ। ସରୁ ପାଇପ୍ ବିଛାହେବା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରୁ ନିର୍ମାଣର ପରବର୍ତ୍ତୀ ୫ ବର୍ଷ ଯାଏ ଠିକାସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିବାକୁ ଚୁକ୍ତି କରିଛି। ମାତ୍ର ଅତ୍ୟଧିକ ଗ୍ରୀଷ୍ମପ୍ରବାହରେ ଜଳକ୍ଳିଷ୍ଟ ବ୍ୟକ୍ତିଙ୍କୁ ପାନୀୟ ଜଳ ଯୋଗାଣ ସମ୍ପର୍କରେ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।



ବାଲିଆରେ ଅଧଫୁଟ ତଳେ ପାଣି ପାଇପ ବିଛାଯାଉଛି। ଗୋଲରାହାଟରେ ସରୁ ପାଇପ ପକାଯାଇଛି।

## ନାବାଳିକା ଅପହରଣ ଅଭିଯୋଗ

ରୁପସା,(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ସନ୍ତୋଷପୁର ପଞ୍ଚାୟତର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅମର୍ଦ୍ଦା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ଭେଲୋରା ପଞ୍ଚାୟତର ବିଞ୍ଝପୁରା ଗ୍ରାମର ଯୁବକ ଅନନ୍ତ ସାହୁ ଶୁକ୍ରବାର ନାବାଳିକା ଜଣକୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ହେଲେ ଏଯାବତ୍ ଅପହୃତା ନାବାଳିକା ଓ ଅପହରଣକାରୀ ଯୁବକଙ୍କ ପତ୍ତା ମିଳି ନ ଥିବା ଜଣାପଡ଼ିଛି।



# ପୋଖରୀ ଖନନ ବେଳେ ମାଟି ତଳୁ ବାହାରୁଛି ରତ୍ନପଥର

ବୌଦ୍ଧ/କନ୍ଧମାଳ,୧୪।୫ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ବୌଦ୍ଧ ବ୍ଲକ ଶଗଡା ଗ୍ରାମ ପଞ୍ଚାୟତର ଶରଧାବାଲି ଗ୍ରାମରେ ଏକ ପୋଖରୀ ଖନନ ବେଳେ ମାଟି ତଳୁ ରତ୍ନପଥର ବାହାରୁଥିବା ଜଣାପଡିଛି । ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଲୋକଙ୍କ ଭିଡ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି ପୋଖରୀ ପାଖ ଅଞ୍ଚଳରେ ୧୪୪ ଧାରା ଜାରି ସହ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ ଏହି ପୋଖରୀ ଖନନ କାର୍ଯ୍ୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଚାଲୁଛି । ଖନନ ସମୟରେ ବିଭିନ୍ନ ପ୍ରକାର ରତ୍ନପଥର ସେଠାରେ ଦେଖିବାକୁ ମିଳିଥିଲା । ପରେ ବହୁ ଲୋକ ମାଟି ଖୋଳିବାରେ ଲାଗି ପଡିଥିଲେ । କେତେଜଣ ବ୍ୟକ୍ତି ରତ୍ନପଥର ବିକ୍ରି କରି ଟଙ୍କା ରୋଜଗାର କରିଥିବା ପ୍ରଚାର ହୋଇଥିଲା । ଖବର ପାଇ ଦୁଇ ଦିନ ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଶନିବାର ଉପ ଜିଲାପାଳ ସନତ କୁମାର ନାଏକ, ବୌଦ୍ଧ ବିଡିଓ, ତହସିଲଦାର ଦେବୀପ୍ରସାଦ ଦାସ ଓ ପୋଲିସ ଅଧିକାରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି । ଖଣି ବିଭାଗ ପକ୍ଷରୁ ପୋଖରୀରୁ ମିଳୁଥିବା ରତ୍ନପଥରର ପରୀକ୍ଷା କରାଯିବ ବୋଲି ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ଜାଣିବାକୁ ମିଳିଛି । ଏ ନେଇ କନ୍ଧମାଳସ୍ଥିତ ଖଣି ବିଭାଗ ଅଧିକାରୀଙ୍କୁ ଅବଗତ କରାଗଲେ ଘଟଣାର ସତ୍ୟତା ଜଣାପଡିବ।



ପୋଖରୀରୁ ବାହାରିଥିବା ରତ୍ନପଥର ।

# ପାରାଦୀପ ବେଳାଭୂମିରୁ ଛାତ୍ର ନିଖୋଜ



ନିଖୋଜ ପ୍ରୀତମ ଦାସଙ୍କ ଆଇ କାର୍ଡ, ବ୍ୟାଗ, ସାଇକେଲ୍।

**ପାରାଦୀପ,୧୪।୫(ସ୍ୱ.ପ୍ର.):** ପାରାଦୀପ କଳିଙ୍ଗ ବାଲିଯାତ୍ରା ପଡିଆ ପାଖ ସମୁଦ୍ର ବେଳାଭୂମିରୁ ଶନିବାର ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ପାରାଦୀପ ମଧୁବନସ୍ଥିତ ଗୋପାଳଜୀଉ କଲୋନୀର ପ୍ରମୋଦ କୁମାର ଦାସଙ୍କ ପୁଅ ପ୍ରୀତମ (୧୪)। ସେ ସ୍ଥାନୀୟ ବେଥାନୀ କନଭେଣ୍ଟ ସ୍କୁଲରେ ନବମ ଶ୍ରେଣୀର ପଢୁଥିଲେ। ସମୁଦ୍ର କୂଳରେ ତାଙ୍କ ସ୍କୁଲ ପୋଷାକ, ଜୋତା, ସାଇକେଲ, ବ୍ୟାଗ ଓ ଆଇ କାର୍ଡ ଥିବାରୁ ସେ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ କୋଷ୍ଟଗାର୍ଡ, ଅଗ୍ନିଶମ ବିଭାଗ କର୍ମଚାରୀ ଆସି ଖୋଜାଖୋଜି କରିଥିଲେ ହେଁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ବାପା ପ୍ରମୋଦଙ୍କ ସୂଚନା ଅନୁଯାୟୀ, ସବୁଦିନ ପରି ପ୍ରୀତମ ଶନିବାର ସକାଳେ ସ୍କୁଲ ଯାଇଥିଲେ। ପୂର୍ବାହ୍ଣ ୯ଟା ୩୦ରେ ସ୍କୁଲ ଛୁଟି ପରେ ସେ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ଅପରାହ୍ଣ ୩ଟାରେ ସମୁଦ୍ର କୂଳରୁ ତାଙ୍କ ପୋଷାକ ମିଳିଥିଲା। ଏନେଇ ପ୍ରମୋଦ ସ୍ଥାନୀୟ ଜଟାଧାରମୁହାଁଣ ସାମୁଦ୍ରିକ ଥାନା ପୋଲିସକୁ ଜଣାଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଷାକ ଓ ସାଇକେଲ ଜବତ କରିଛି। ସେଠାରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବୀଙ୍କ ସୂଚନା ଅନୁଯାୟୀ, ୪ ଜଣ ପିଲା ସକାଳ ପ୍ରାୟ ୧୦ଟାରେ ସ୍କୁଲ ପୋଷାକ ଖୋଲି ହାଫ ପ୍ୟାଣ୍ଟ ପିନ୍ଧି ପାଣିରେ ଖେଳୁଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ପୁଅ ଓ ଜଣେ ଝିଅ ଥିଲେ। ହଠାତ ୩ ଜଣ ପିଲା ତରତର ହୋଇ ପଳାଇ ଯାଇଥିଲେ। ଏଥିରୁ ପ୍ରୀତମ ପାଣିରେ ନିଖୋଜ ଥିବା ସନ୍ଦେହ ବଢ଼ିଯାଇଛି ବୋଲି ଥାନାଧିକାରିଣୀ ଡି. ମହାପାତ୍ର କହିଛନ୍ତି। ପ୍ରୀତମ ୩ ଭଉଣୀ ମଧ୍ୟରେ ଗୋଟିଏ ଭାଇ ଥିଲେ। ସେ ନିଖୋଜ ହେବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଗତ ବର୍ଷକ ମଧ୍ୟରେ ଏହି ସମୁଦ୍ର ବେଳାଭୂମିରେ ବୁଡ଼ିଯିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ବିସ୍ଫୋରଣରେ ୨ ଯବାନ ଗୁରୁତର

**ମାଲକାନଗିରି, ୧୪।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ନେଲସାରଠାରେ ବୋମା ବିସ୍ଫୋରଣରେ ୨ ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ନେଲସାର ଥାନା ନିକଟସ୍ଥ ନିର୍ମାଣାଧୀନ ରାସ୍ତା କାର୍ଯ୍ୟକୁ ସୁରକ୍ଷା ଦେବାକୁ ସିଏଏଫ୍ ଅଷ୍ଟମ ବାଟାଲିୟନର ଯବାନମାନେ ଯାଉଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ଗୁରୁତର ଯବାନଙ୍କୁ ଚିକିତ୍ସା ପାଇଁ ହେଲିକପ୍ଟର ଯୋଗେ ଦାନ୍ତେୱାଡା ଚିକିତ୍ସାଳୟକୁ ନିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି।



ଆହତ ଯବାନଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

---

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAA-BLS-0013-2021 6740 /R&DM, dated - 02.03.2022**

**No. III-03:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା–କେଶରୀପୁର (ଅତିରିକ୍ତ), ଥାନା– ସୋରୋ ସଂ–୦୩, ତହସିଲ–ସୋରୋ, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୧୬ ଅତିରିକ୍ତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାଲେଶ୍ୱର ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ସୋରୋ | କେଶରୀପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୨୦ | ଏ. ୦.୧୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ

ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧିନସ୍ଥ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ଖନନ କାର୍ଯ୍ୟ ନିମନ୍ତେ ଅତିରିକ୍ତ ଜମି ଅଧିଗ୍ରହଣ । ଗ୍ରାମ–କେଶରୀପୁର, ଥାନା–ସୋରୋ, ନଂ.୦୩, ତହସିଲ–ସୋରୋ, ଜିଲ୍ଲା–ବାଲେଶ୍ୱର, L.A. Case No. 148/20

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ– ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | |
| ୧ | ୯୬ | କ୍ଷେତ୍ରମଣି ମଳିକ, ମୁଳି ମଳିକ, ପି: ମକ ମଳିକ, ଜା:ଗୋଖା, ବା: ନିଜଗାଁ ଟୋଲା କୁଶଗାଡିଆ | ୪୩୮ | ଶାରଦ–୨ | ୦.୨୦ | ୦.୧୬ |
| | | | | ମୋଟ | ୦.୨୦ | ୦.୧୬ |

ପ୍ର.ଥା– କୌଣସି ଦେବୋତ୍ତର ଜମି ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24167/14/0003/2223

---

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAA-MBJ-0014-2022-11126/ R&DM, Dated 07 APR 2022**

**No. XXI-23:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଖସାଡିହି ସବମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ହାତିକୋଟ (ଅତିରିକ୍ତ) ଥାନା: ବେତନଟୀ, ନଂ. ୧୧, ତହସିଲ: ବାରିପଦା, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୩୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଖସାଡିହି ସବମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବାରିପଦା | ହାତିକୋଟ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୮୧ | ଏ. ୦.୩୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା–୦୧/୨୦୨୨
ଏ.୦.୩୮ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଖସାଡିହି ସବମାଇନର ନିମନ୍ତେ
ମୌଜା–ହାତିକୋଟ (ଅତିରିକ୍ତ), ଥାନା–ବେତନଟୀ,ନଂ.–୧୧, ତହସିଲ–ବାରିପଦା, ଜିଲ୍ଲା–ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪ | ୫୮୮ | ୦.୮୧ | ୦.୨୧ | ଶାରଦ ତିନି | ଅରୁଣ ମହାନ୍ତ, ଚୁନାରାମ ମହାନ୍ତ, ପି:ଛକୁ ମହାନ୍ତ, ଝାଲେ ମହାନ୍ତ, ସ୍ୱା: କର୍ମୁ ମହାନ୍ତ, ରବିନ୍ଦ୍ର ମହାନ୍ତ, ବୈଶାଖ ମହାନ୍ତ, ପି:ଅର୍ଜୁନ ମହାନ୍ତ, ଗହ୍ଲା ମହାନ୍ତ, ରମା ମହାନ୍ତ, ନୀର ମହାନ୍ତ, କ୍ଷୀର ମହାନ୍ତ, ପ:କୁନୁ ମହାନ୍ତ, କଙ୍କୀ ମହାନ୍ତ, ସ୍ୱା:କୁନୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୫୯୦ | ୧.୦୦ | ୦.୧୭ | ଶାରଦ ଦୁଇ | |
| ମୋଟ | ୨ ପ୍ଲଟକୁ | ଏ.୧.୮୧ ଡେ.ମି. | ଏ.୦.୩୮ ଡେ.ମି. | | |

OIPR-24001/14/0034/2223

---

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-MBJ-0018-2021-11547 R&DM, Dated 12 APR 2022**

No. XXI-28: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ରଙ୍ଗିଆମ, ଥାନା–ମୋରଡା, ନଂ.୧୬୬, ତହସିଲ ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର ଓ ରଙ୍ଗିଆମ ସବମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୯୨୪, ତା.୩୦.୦୩.୨୦୨୧ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–ରଙ୍ଗିଆମ, ଥାନା–ମୋରଡା, ନଂ.୧୬୬, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ–କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା–ମୟୂରଭଞ୍ଜ — ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରଙ୍ଗିଆମ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୭୩.୯୨ | ଏକର ୧୮.୫୩ | ଏଥିସହିତ ସଂଲଗ୍ନ |

**ତଫସିଲ–ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା–ମୟୂରଭଞ୍ଜ — ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୨୧.୦୬.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ–ଅର୍ଜନ ମାମଲା ସଂଖ୍ୟା–୨୬/୨୦୧୯
ଏ.୧୮.୫୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାସଗୋବିନ୍ଦପୁର ମାଇନର ଓ ରଙ୍ଗିଆମ ସବମାଇନର ମୌଜା–ରଙ୍ଗିଆମ, ଥାନା–ମୋରଡା, ନଂ.୧୬୬, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬ | ୮୮୬ | ୧.୩୨ | ୦.୩୦ | ଡାହି ଏକ | ବଡ ଇନ୍ଦରା ମାଝୀ, ମଥୁରା ମାଝୀ, ପି:ଗଣେଶା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧ | ୪୭ | ୦.୯୦ | ୦.୪୬ | ଡାହି ଦୁଇ | ଭଳି ପାତ୍ର, ସ୍ୱା:ରୁଦ୍ର ପାତ୍ର, ଉମାକାନ୍ତ ପାତ୍ର, ପି:ଗୋବିନ୍ଦ ପାତ୍ର, ଜା:ପାତ୍ର ତନ୍ତି ବା:ନିଜଗାଁ |
| ୧୫ | ୯୯୫ | ୨.୦୨ | ୦.୧୯ | ଡାହି ଦୁଇ | କାଳିଆ ମାଝୀ, ଠୁମ୍ପୁ ମାଝୀ, ବୁଲ ମାଝୀ,ପି:କାଳା ମାଝୀ, ବାଗାନ ମାଝୀ, କୁନୁ ମାଝୀ, ଦଶ ମାଝୀ, ପି:ଜୟରାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୯୯୬ | ୦.୫୮ | ୦.୨୦ | ଡାହି ଏକ | |
| ୧୮ | ୪୪ | ୦.୬୪ | ୦.୨୬ | ଡାହି ଦୁଇ | ସାମୁଏଲ ସିଂ, ପି:କ୍ଷିତିଶ ଚନ୍ଦ୍ର ସିଂ, ଜା:ଖ୍ରୀଷ୍ଟିଆନ,ବା:ନିଜଗାଁ |
| | ୬୬ | ୦.୮୩ | ୦.୦୯ | ଡାହି ଏକ | |
| | ୩୨୮ | ୦.୬୨ | ୦.୨୪ | ଘରବାରୀ | |
| ୨୬ | ୫ | ୦.୦୮ | ୦.୦୬ | ଡାହି ଦୁଇ | ଗୋବର୍ଦ୍ଧନ ପାଳ, ଗୋବିନ୍ଦ ପାଳ, ପି:ଶ୍ରୀରାମ ପାଳ, ଜା:କୁମ୍ଭାର, ବା:ନୁଣଚାଟି |
| | ୭ | ୧.୪୦ | ୦.୭୨ | ଡାହି ଦୁଇ | |
| ୩୯ | ୩୪୪ | ୦.୯୩ | ୦.୭୧ | ଡାହି ଏକ | ଜଗୁ ମାଝୀ,ରାମ ମାଝୀ, ପି:ପାଇକ ମାଝୀ,ଜା:ସାନ୍ତାଳ,ବା:ନିଜଗାଁ |
| ୪୨ | ୩୨୭ | ୦.୬୫ | ୦.୧୦ | ଡାହି ଏକ | ଜିତରାୟ ମାଝୀ, ପି:ବାଲୁକା ମାଝୀ,ଜା:ସାନ୍ତାଳ, ବା:ନିଜଗାଁ |
| ୪୬ | ୬୫ | ୦.୫୮ | ୦.୪୪ | ଡାହି ଏକ | ସାନ ଡମାନ ମାଝୀ, ପି:ବାୟା ମାଝୀ, ଭେଲୁ ମାଝୀ, ଗୋପାଳ ମାଝୀ, ବୟା ମାଝୀ, ପି:ବଡ ଡମାନ ମାଝୀ, ଭାଗ ମାଝୀ, ପି: ବଡ ଡମାନ ମାଝୀ, ପାଣ୍ଡୁ ମାଝୀ, ପି:ଖଡ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୪୨୪ | ୦.୨୦ | ୦.୧୦ | ଡାହି ଏକ | |
| | ୮୮୮ | ୦.୨୭ | ୦.୨୨ | ଡାହି ଦୁଇ | |
| | ୮୯୨ | ୦.୨୪ | ୦.୨୪ | ଡାହି ଦୁଇ | |
| ୫୧ | ୪ | ୦.୩୮ | ୦.୧୯ | ଡାହି ଦୁଇ | ଦିବାକର ବେହେରା, ବିଦ୍ୟାଧର ବେହେରା, କୁନ ବେହେରା, ମାଳତୀ ବେହେରା, ପି:ଶମ୍ଭୁନାଥ ବେହେରା, ପଦ୍ମା ବେହେରା, ସ୍ୱା:ଶମ୍ଭୁନାଥ ବେହେରା, ସୁରଥ ବେହେରା, ତାରାମଣି ବେହେରା, ପି:କାର୍ତ୍ତିକ ବେହେରା, ଜା:କୁମ୍ଭାର, ବା:ନୁଣଚାଟି |
| ୫୪ | ୩୩୯ | ୦.୩୭ | ୦.୩୦ | ଘରବାରୀ | ଦୁର୍ଗା ମାଝୀ, ଗାଲୁ ମାଝୀ, ପି:ମେଘରାୟ ମାଝୀ, କହ୍ନେଇ ମାଝୀ, ପି:କିସୁନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୩୪୫ | ୦.୩୯ | ୦.୩୦ | ଡାହି ଏକ | |
| | ୮୮୭ | ୨.୦୦ | ୦.୬୧ | ଡାହି ଏକ | |
| ୫୫ | ୩୧୩ | ୦.୪୧ | ୦.୦୧ | ଡାହି ଏକ | ଦେବେଇ ମାଝୀ,ପି:ମାନ ସିଂ ମାଝୀ,କୁନା ମାଝୀ, ପି:ଫାଗୁ ମାଝୀ, ଜା:ସାନ୍ତାଳ,ବା:ନିଜଗାଁ |
| ୫୭ | ୪୦୨ | ୧.୫୮ | ୦.୮୦ | ଘରବାରୀ | ଧର୍ମା ମାଝୀ, ପି:ସୂର୍ଯ୍ୟା ମାଝୀ, ସୂର୍ଯ୍ୟା ମାଝୀ, ଡୁରୁହୁ ମାଝୀ, ଦାସମତ ମାଝୀ,ପି:ବାଡା ମାଝୀ, ସାକିଲା ମାଝୀ, ସିଦ ମାଝୀ, ପିରୁ ମାଝୀ, ସମାଇ ମାଝୀ, ସାଲ ମାଝୀ, ପି:ଧର୍ମା ମାଝୀ, ସୂର୍ଯ୍ୟା ମାଝୀ, ସାକିଲା ମାଝୀ, ପି:ସମାଇ ମାଝୀ, ସୁନା ମାଝୀ, ନବା ମାଝୀ, ଛକୁ ମାଝୀ,ପି:ଦାସମତ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୬୨ | ୩୧୨ | ୦.୭୨ | ୦.୦୩ | ଘରବାରୀ | ନରସିଂହ ମାଝୀ, ପି:ଦୁଲ୍ଲଭ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୪୨୬ | ୨.୪୦ | ୦.୨୩ | ଡାହି ଏକ | |
| ୬୫ | ୪୬ | ୦.୫୨ | ୦.୧୧ | ଡାହି ଦୁଇ | ନାଥ ମାଝୀ, ପି:ସାଧୁ ମାଝୀ, ମାଝୀଆ ମାଝୀ, ପି:ଗୋପିଆ ମାଝୀ, ଜା:ସାନ୍ତାଳ,ବା:ନିଜଗାଁ,ଜବର ଦଖଲ, ବା:ପେଦେ ମାଝୀ, ସ୍ୱା:ଫାଡୁ ମାଝୀ,ଜା:ସାନ୍ତାଳ, ବା:ନିଜଗାଁ |
| ୬୬ | ୪୧୧ | ୨.୨୧ | ୦.୪୪ | ଡାହି ଏକ | ନାରଣ ମାଝୀ, ଶ୍ୟାମ ମାଝୀ, ଜସେବ ମାଝୀ, ପି:ଚାନ୍ଦୁ ମାଝୀ, ବାଘରାୟ ମାଝୀ, ପି:ନାରଣ ମାଝୀ, ନାରଣ ମାଝୀ, ପି:ଡୁମା ମାଝୀ, କାଳିଆ ମାଝୀ, ପି:ରାଉଲା ମାଝୀ, ଜା:ସାନ୍ତାଳ, ବା: ଅନ୍ଧାରି |
| ୭୦ | ୬୪ | ୦.୬୭ | ୦.୨୦ | ଡାହି ଏକ | ପରାଗ ମାଝୀ, ପି:ସାନଧାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୭୩ | ୩୧୬ | ୦.୮୦ | ୦.୨୩ | ଡାହି ଏକ | ପାରାଉ ମାଝୀ, ପି:ଜଗତା ମାଝୀ, ଝୁନୁକା ମାଝୀ, ପି:ପାରାଉ ମାଝୀ, ଶାଓନା ମାଝୀ, ପି:ଲକ୍ଷ୍ମଣ ମାଝୀ, ଚୈତନ୍ୟ ମାଝୀ, ପି:ବଶ୍ରା ମାଝୀ, ଲକ୍ଷ୍ମଣ ମାଝୀ,ପି:ଜଗତା ମାଝୀ, ହଗରା ମାଝୀ, ପି:ବଶ୍ରା ମାଝୀ, ମକରା ମାଝୀ,ପି:କାଳିଆ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୯୦୪ | ୦.୯୨ | ୦.୨୨ | ଡାହି ଦୁଇ | |
| ୭୬ | ୪୨୭ | ୦.୯୬ | ୦.୦୧ | ଡାହି ଏକ | ପୂର୍ଣ୍ଣ କରଣ, ପି:ବନୁ କରଣ, ଜା:ଶୁଣ୍ଡି, ବା:ନିଜଗାଁ |
| ୭୮ | ୩୨୯ | ୦.୧୪ | ୦.୦୪ | ଡାହି ଏକ | ରାମଚନ୍ଦ୍ର ମାଝୀ ଓରଫ ସରେନ ପି:ଫାଡୁ ମାଝୀ,ଜା:ସାନ୍ତାଳ, ବା:ନିଜଗାଁ |
| | ୩୩୧ | ୦.୨୨ | ୦.୦୩ | ଡାହି ଏକ | |
| ୮୩ | ୩୨୬ | ୦.୩୦ | ୦.୧୪ | ଡାହି ଏକ | ବାଲି ମାଝୀ, ଜାସିମ ମାଝୀ, କାମ୍ବଲ ମାଝୀ, ପି:ପୁଟିଆ ମାଝୀ, ଦେବି ମାଝୀ, ପି:ପିଥ ମାଝୀ, ଲକ୍ଷ୍ମଣ ମାଝୀ, ପି:ଡୁମୁକା ମାଝୀ, କୁନା ମାଝୀ, ପି:ଫାଡୁ ମାଝୀ, ଦେବେଇ ମାଝୀ, ପି:ମନସିଂଙ୍ଗ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୯୦ | ୩୪୦ | ୧.୬୦ | ୦.୦୮ | ଡାହି ଏକ | ବୁଢାଣ ମାଝୀ, ଭୁଗୁଲ ମାଝୀ, ପି:ତଳ ମାଝୀ, ଯାସ୍ମୀ ମାଝୀ, ପି:ସୂର୍ଯ୍ୟା ମାଝୀ,ହଂସି ମାଝୀ, ସ୍ୱା:ସୂର୍ଯ୍ୟା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୯୬୧ | ୦.୭୦ | ୦.୩୦ | ଡାହି ଏକ | |
| ୯୧ | ୮୯୭ | ୦.୭୮ | ୦.୨୧ | ଡାହି ଦୁଇ | ପାଉଁରା ମାଝୀ, ପି:ମାନସିଂ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୯୬ | ୩୦୩ | ୦.୩୩ | ୦.୨୦ | ଘରବାରୀ | ଭୁଲ ମାଝୀ, ବିଦାନ ମାଝୀ,ପି:ଗୁଡାମ ମାଝୀ,ଜା:ସାନ୍ତାଳ,ବା:ନିଜଗାଁ |
| ୯୮ | ୪୦୫ | ୦.୮୬ | ୦.୩୨ | ଡାହି ଏକ | ମଙ୍ଗଲା ମାଝୀ, ପି:ଗୋରାନବ ମାଝୀ,ଜା:ସାନ୍ତାଳ, ବା:ଅନ୍ଧାରି |
| ୧୦୧ | ୯୭୩ | ୦.୯୦ | ୦.୨୩ | ଡାହି ଦୁଇ | ରାଇସେନ ମୁର୍ମୁ, ପି:ମେଘରାଏ ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| ୧୦୪ | ୯୭୨ | ୨.୫୦ | ୦.୬୦ | ଡାହି ଦୁଇ | ମାତାଲ ମାଝୀ, କିସୁନ ମାଝୀ, ରଘୁ ମାଝୀ, ପି:ଧାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୯୭୬ | ୧.୦୨ | ୦.୩୮ | ଡାହି ଦୁଇ | |
| ୧୦୬ | ୩୩୨ | ୦.୩୬ | ୦.୩୨ | ଘରବାରୀ | ମାଧୁ ମାଝୀ, ପି:ଜଟା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୯୦୩ | ୦.୫୭ | ୦.୦୩ | ଡାହି ଦୁଇ | |
| ୧୧୫ | ୯୫୯ | ୧.୬୪ | ୦.୦୧ | ଡାହି ଦୁଇ | ରବି ମାଝୀ, ପି:ଲେମ୍ବ ମାଝୀ, କଙ୍କା ମାଝୀ, ପି:ଲକ୍ଷ୍ମଣ ମାଝୀ, ଭିମା ମାଝୀ,ପି:ଖେତୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୬ | ୩୦୨ | ୦.୪୫ | ୦.୦୨ | ଘରବାରୀ | ରାଇ ମଣି ମାଝୀ, ପି:କାଳିଆ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୯୦୫ | ୧.୦୦ | ୦.୩୮ | ଡାହି ଦୁଇ | |
| | ୯୧୦ | ୧.୦୦ | ୦.୦୬ | ଡାହି ଦୁଇ | |
| ୧୧୯ | ୩୯୯ | ୧.୫୭ | ୦.୦୮ | ଡାହି ଏକ | ରାଜୁ ମାଝୀ, ନବିନ ମାଝୀ, ପି:ମାଇଁଶା ମାଝୀ, ରେଣ୍ଡା ମାଝୀ, ପି:ବାହାଦୂର ମାଝୀ,ଜା:ସାନ୍ତାଳ, ବା:ଦୁଧିଆସୁଳ |
| ୧୨୦ | ୩୪୬ | ୦.୯୫ | ୦.୨୦ | ଡାହି ଏକ | ରାଜୁ ସରେନ୍, ପି:ବଡ ଭିମା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୮୮୫ | ୦.୬୪ | ୦.୨୦ | ଡାହି ଏକ | |
| ୧୨୧ | ୮୯୧ | ୦.୧୦ | ୦.୦୧ | ଡାହି ଦୁଇ | ରାନ ମାଝୀ, ପି:ପିଥ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୨୪ | ୯୭୭ | ୩.୮୦ | ୦.୪୦ | ଡାହି ଦୁଇ | ରାମଜିତ ମାଝୀ, ଭୁଣ୍ଡା ମାଝୀ, ପି:ହେଟା ମାଝୀ, ଜା:ସାନ୍ତାଳ,ବା:ନିଜଗାଁ |
| ୧୨୯ | ୪୦୩ | ୧.୫୨ | ୦.୧୩ | ଡାହି ଏକ | ରେଣ୍ଡା ମାଝୀ, ସୁରାଇ ମାଝୀ, ସିଙ୍ଗରାୟ ମାଝୀ, ଦାସମତ ମାଝୀ, ବୁକାଇ ମାଝୀ, ପି:ଛୋଟରାୟ ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରି |
| ୧୩୭ | ୩୪୧ | ୦.୬୩ | ୦.୦୪ | ଡାହି ଏକ | ଲାଙ୍ଗ ମାଝୀ, ପି:ଫଗଡା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୩୯ | ୪୩ | ୦.୭୬ | ୦.୧୫ | ଡାହି ଦୁଇ | ଲୁୟୁ ମାଝୀ, ନୁନ୍ଦୁରୁ ମାଝୀ, ପି:ମଦନ ମାଝୀ, ବୁଧି ମାଝୀ, ଝାନ ମାଝୀ, ପି: ସାଲଖାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୪୨୫ | ୧.୬୬ | ୦.୪୦ | ଡାହି ଏକ | |
| ୧୪୧ | ୪୦୪ | ୨.୨୧ | ୦.୪୫ | ଡାହି ଏକ | ଲେଡା ମାଝୀ, ରେଣ୍ଡା ମାଝୀ, ସୂର୍ଯ୍ୟା ମାଝୀ, ବିକ୍ରମ ମାଝୀ, ପି:ଧର୍ମା ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରି |
| ୧୪୮ | ୪୦୬ | ୦.୩୫ | ୦.୦୪ | ଡାହି ଏକ | ସାକାଲା ମାଝୀ, ପି:କଙ୍କା ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରି, ବେଆଇନ ଖରିଦ ସୂତ୍ରେ ଦଖଲ ସୁନାରାମ ଟୁଡୁ, କହ୍ନେଇ ଚରଣ ଟୁଡୁ, ପି:ଭକୁଲ ଟୁଡୁ, ଜା:ସାନ୍ତାଳ, ବା:ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୪୨୪୩ ତା. ୨୩.୦୫.୭୪ ଜରସମନ ଟ.୪୦୦/– ଜା:ସାନ୍ତାଳ, ବା: |
| | ୪୧୩ | ୧.୬୨ | ୦.୩୭ | ଡାହି ଏକ | |
| ୧୫୨ | ୩୧୪ | ୦.୩୨ | ୦.୨୦ | ଡାହି ଏକ | ସାକିଲା ମାଝୀ, ପି:ସଦାଏ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୬୩/୪ | ୯୦୦ | ୨.୪୨ | ୦.୬୦ | ଡାହି ଦୁଇ | ଶ୍ରୀ ଫାଦାର ପଲ ପାଇନାଡିତ ପି:ଦେବସୀ କୁଟୀ ପାଇନାଡିତ, ଜା:ଖ୍ରୀଷ୍ଟିୟାନ,ବା: ବାଲେଶ୍ୱର କ୍ୟାଥୋଲିକ୍ ଚର୍ଚ୍ଚ |
| ୧୬୩/୯ | ୩୪୮ | ୦.୪୨ | ୦.୩୫ | ଡାହି ଏକ | ଦୁର୍ଗା ମାର୍ଣ୍ଡି, ପି:ଲୁଗୁ ମାର୍ଣ୍ଡି, ଜା:ସାନ୍ତାଳ, ବା:ନିଜଗାଁ |
| | ୩୪୯ | ୦.୫୦ | ୦.୨୪ | ଘରବାରୀ | |
| ୧୬୩/୫୯ | ୪୦୭/ ୧୩୪୨ | ୧.୯୬ | ୦.୫୬ | ଡାହି ଏକ | ରାମଚନ୍ଦ୍ର ଟୁଡୁ, ବଜିନାଥ ଟୁଡୁ, ପି:ଭୁଟା ଟୁଡୁ, ଜା:ସାନ୍ତାଳ, ବା:ଅନ୍ଧାରି |
| ୧୬୩/୧୦୦ | ୪୫ | ୧.୬୦ | ୦.୪୪ | ଡାହି ଦୁଇ | କରୁଣାକର ମାର୍ଣ୍ଡି, ପି:ଦୁର୍ଗା ମାର୍ଣ୍ଡି, ଜା:ସାନ୍ତାଳ,ବା:ନିଜଗାଁ |
| ୧୬୩/୧୨୫ | ୭/୧୪୨୬ | ୦.୫୦ | ୦.୧୬ | ଡାହି ଦୁଇ | ବିଶ୍ୱଜିତ ପାଳ, ବୃଷକେତୁ ପାଳ, ପି:ରତ୍ନାକର ପାଳ, ଜା:କୁମ୍ଭାର, ବା:ନୁଣଚାଟି |
| ୧୬୩/୧୨୬ | ୯/୧୪୧୦ | ୨.୨୬ | ୦.୨୮ | ଡାହି ଦୁଇ | ଦେବରଞ୍ଜନ ପରିଡା, ପି:ରବିନ୍ଦ୍ରନାଥ ପରିଡା, ଜା:ରାହୁ, ବା:ପ୍ରଫୁଲ୍ଲ ନଗର, ଥାନା:ବାରିପଦା |
| | ୯/୧୪୧୧ | ୨.୨୭ | ୦.୩୫ | ଡାହି ଦୁଇ | |
| | ୧୦ | ୨.୦୬ | ୦.୦୧ | ଡାହି ଦୁଇ | |
| ୧୬୩/୧୩୦ | ୮୯୫/ ୧୪୩୧ | ୨.୪୫ | ୦.୪୭ | ଡାହି ଦୁଇ | ରୁହିଆ ମାଝୀ, ଲାଙ୍ଗ ମାଝୀ, ପି:ରାମ ମାଝୀ, ଜା:ସାନ୍ତାଳ, ବା:ରଙ୍ଗିଆମ |
| ୧୬୩/୧୩୩ | ୩୩୦ | ୦.୩୬ | ୦.୧୪ | ଘରବାରୀ | ରାମଚନ୍ଦ୍ର ସୋରେନ, ପି:ଫାଡୁ ସୋରେନ, ଜା:ସାନ୍ତାଳ,ବା:ନିଜଗାଁ |
| ୧୬୩/୧୩୪ | ୩୪୩ | ୦.୪୭ | ୦.୦୩ | ଡାହି ଏକ | ସିନିଗ ମାଝୀ, ସ୍ୱା:ସୁରେନ୍ଦ୍ର ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୬୩/୧୪୯ | ୩୪୭ | ୦.୨୯ | ୦.୦୧ | ଡାହି ଏକ | ସାଗ୍ରାମ ସରେନ, ପି:ଭୁଣ୍ଡା ସରେନ,ଜା:ସାନ୍ତାଳ, ବା:ନିଜଗାଁ |
| ୧୬୮ | ୧୧ | ୦.୨୭ | ୦.୧୮ | ଡାହି ଦୁଇ | ଧାନ ମୁର୍ମୁ, ପି:ସାକିଲା ମୁର୍ମୁ, ସୁମି ମୁର୍ମୁ, ସ୍ୱା:ଧାନ ମୁର୍ମୁ, ଜା:ସାନ୍ତାଳ,ବା:ରଙ୍ଗିଆମ |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| ୧୩୯ | ୪୨୫ | ୧.୬୬ | ୦.୬୮ | ଡାହି ଏକ | ଲୁୟୁ ମାଝୀ, ନୁନ୍ଦୁରୁ ମାଝୀ, ପି:ମଦନ ମାଝୀ, ବୁଧି ମାଝୀ, ଝାନ ମାଝୀ, ପି:ସାଲଖାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ମୋଟ | ୭୩ ପ୍ଲଟ | ଏ.୭୩.୯୨ ଡେ.ମି. | ଏ.୧୮.୫୩ ଡେ.ମି. | | |

OIPR-24001/14/0039/2223

## 'ଗତିଶକ୍ତିମ୍ ସଞ୍ଚାର' ପୋର୍ଟାଲ ଶୁଭାରମ୍ଭ

ନୂଆଦିଲ୍ଲୀ : ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର 'ଗତିଶକ୍ତି ସଞ୍ଚାର' ପୋର୍ଟାଲ ଲଞ୍ଚ୍ କରିଛନ୍ତି। ଏହି ପୋର୍ଟାଲ ବିଭିନ୍ନ ଦିଗରେ ସହାୟକ ହେବ। ଉକ୍ତ ପୋର୍ଟାଲ ଦ୍ୱାରା ଭିତ୍ତିଭୂମି ଶେୟାର କରିବା ସହଜ ହେବ। ଏହାଦ୍ୱାରା ସହଜରେ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ବିଭିନ୍ନ ବିଭାଗରୁ କାର୍ଯ୍ୟ ସମ୍ପର୍କିତ ମଞ୍ଜୁରୀ ମିଳିପାରିବ। ସାଧାରଣତଃ କୌଣସି କାର୍ଯ୍ୟ ପାଇଁ ମଞ୍ଜୁରୀ ପାଇବାକୁ ୧୦୦ ଦିନ ଲାଗିଥାଏ। ହେଲେ ଏହି ଆପ୍ ଦ୍ୱାରା ୨୨ ଦିନ ମଧ୍ୟରେ କାର୍ଯ୍ୟ ସମ୍ପାଦନ ହୋଇପାରିବ ଏବଂ ଏହାଦ୍ୱାରା ମନିଟରିଂ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା ଏହି ପୋର୍ଟାଲ ମାଧ୍ୟମରେ ୫ଜି ସେବା ଆରମ୍ଭ ହେବା ସମ୍ପର୍କିତ ଠିକ୍ ସମୟ ସମ୍ପର୍କରେ ମଧ୍ୟ ସୂଚନା ମିଳିପାରିବ।

### ସଂକ୍ଷେପରେ

## ଫ୍ୟୁଚର ରିଟେଲରୁ ତୋଷନୀୱାଲଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୪।୫:** ଋଣଭାରରେ ବୁଡ଼ି ରହିଥିବା ଫ୍ୟୁଚର ରିଟେଲ ଗ୍ରୁପ୍‌ର ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ସି.ପି. ତୋଷନୀୱାଲ କମ୍ପାନୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ମେ' ୧୨ରୁ କାର୍ଯ୍ୟକାରୀ ହୋଇଛି। ତୋଷନୀୱାଲଙ୍କ ପୂର୍ବରୁ କମ୍ପାନୀର ଅନେକ ବରିଷ୍ଠ ଅଧିକାରୀ ଇସ୍ତଫା ଦେଇସାରିଛନ୍ତି। ଗତ ମାସରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଫ୍ୟୁଚର ରିଟେଲ ସହିତ ହେବାକୁ ଥିବା ୨୪,୭୧୩ କୋଟି ଟଙ୍କାର କାରବାରକୁ ରଦ୍ଦ କରିଦିଆଯାଇଥିଲା। ଏହାପରେ କମ୍ପାନୀର ଅନେକ ଅଧିକାରୀ ଏବଂ ସଚିବ ଇସ୍ତଫା ଦେବା ଆରମ୍ଭ କରିଥିଲେ। ରିଲାଏନ୍ସ ଇଣ୍ଡଷ୍ଟ୍ରିର ଶେୟାରହୋଲ୍ଡରମାନେ ଫ୍ୟୁଚର ରିଟେଲ ସହ କାରବାର ବିପକ୍ଷରେ ମତଦାନ କରିବା ଦ୍ୱାରା ଏଭଳି ହୋଇଥିଲା। ସିଏଫ୍‌ଓ ତୋଷନୀୱାଲ ମେ' ୧୨ରେ କାର୍ଯ୍ୟକାଳ ଶେଷ ହେଉଥିବା ସମ୍ପର୍କରେ ଇସ୍ତଫାପତ୍ରରେ ଉଲ୍ଲେଖ କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଗହମ ରପ୍ତାନି ଉପରେ କଟକଣା

### ଅନିୟନ୍ତ୍ରିତ ରପ୍ତାନି, ଜମାଖୋର ଉପରେ ଲଗାମ ଦେବାକୁ ସରକାରଙ୍କ ପ୍ରୟାସ



**ନୂଆଦିଲ୍ଲୀ,୧୪।୫**

ଭାରତ ସରକାରଙ୍କ ପକ୍ଷରୁ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି। ସରକାର ଏହି ନିଷ୍ପତ୍ତିକୁ ତତ୍କାଳ କାର୍ଯ୍ୟକାରୀ କରିଛନ୍ତି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ, ଦେଶରେ ଘରୋଇ ଦରବୃଦ୍ଧି ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟ ନେଇ ଏଭଳି ପଦକ୍ଷେପ ନିଆଯାଇଛି। ଦେଶରେ ଅନିୟନ୍ତ୍ରିତ ରପ୍ତାନି କାରଣରୁ ଗହମର ସ୍ଥାନୀୟ ଦରରେ ବୃଦ୍ଧି ଘଟିଛି। ତେଣୁ ଗହମର ଅନିୟନ୍ତ୍ରିତ ରପ୍ତାନି ଏବଂ ଜମାଖୋର ଉପରେ ଲଗାମ ଲଗାଇବାକୁ ଏଭଳିପଦକ୍ଷେପ ନିଆଯାଇଥିବା ସରକାରୀ ସୂଚନାରୁ ଜଣାଯାଇଛି। ଏହି ପ୍ରତିବନ୍ଧକ ସ୍ଥାୟୀ ନୁହେଁ ବୋଲି ମଧ୍ୟ କୁହାଯାଇଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ୧କୋଟି ଟନ୍ ଗହମ ରପ୍ତାନି ଲକ୍ଷ୍ୟ ରଖାଯାଇଥିଲା। ତେବେ କେତେକ ପରିସ୍ଥିତି ଉପରେ ନଜର ରଖି ସରକାରଙ୍କ ପକ୍ଷରୁ ରପ୍ତାନି ଅନୁମତି ଦିଆଯିବ ବୋଲି ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଫରେନ୍ ଟ୍ରେଡ୍ (ଡିଜିଏଫ୍‌ଟି) ପକ୍ଷରୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। କୌଣସି ଦେଶରେ ଖାଦ୍ୟ ସୁରକ୍ଷାର ଆବଶ୍ୟକତା ଅନୁସାରେ ସରକାର ଗହମ ରପ୍ତାନିକୁ ଅନୁମତି ଦେଇପାରିବେ। ତେବେ ଏଥିପାଇଁ ଉକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଅନୁମତି ଆବେଦନ କରିପାରିବେ। ଏହାଛଡ଼ା ଯେଉଁମାନଙ୍କର ଶିପ୍‌ମେଣ୍ଟ ପାଇଁ ଲେଟର୍ସ ଅଫ୍ କ୍ରେଡିଟ୍ (ଏଲ୍‌ଓସି) ପୂର୍ବରୁ ଜାରି ହୋଇସାରିଛି ସେମାନେ ମଧ୍ୟ ଗହମ ରପ୍ତାନି କରିପାରିବେ ବୋଲି ଡିଜିଏଫ୍‌ଟି ପକ୍ଷରୁ କୁହାଯାଇଛି। ଋଷ୍-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ କୃଷି ବଜାର ଚାପରେ ଥିବା ସମୟରେ ଭାରତର ଏହି ନିଷ୍ପତ୍ତିକୁ ସାତ ଉଦ୍ୟୋଗୀକୃତ ଦେଶ ସମୁହ (ଜି-୭) ପକ୍ଷରୁ ନିନ୍ଦା କରାଯାଇଛି। ସୂଚନାଯୋଗ୍ୟ ଗତ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୧-୨୨ରେ ଭାରତରୁ ୨୦୫ କୋଟି ଡଲାର (୧୫.୯ ହଜାର କୋଟି ଟଙ୍କା)ର ୭୦ ଲକ୍ଷ ଟନ୍ ଗହମ ରପ୍ତାନି କରାଯାଇଛି। ଗତ ଆର୍ଥିକ ବର୍ଷରେ ରପ୍ତାନି ହୋଇଥିବା ମୋଟ୍ ଗହମ ମଧ୍ୟରୁ ୫୦% ବାଂଲାଦେଶକୁ ପଠାଯାଇଛି। ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୯.୬୩ ଲକ୍ଷ ଟନ୍ ଗହମ ପଠାଯାଇସାରିଛି। ଗତ ଆର୍ଥିକ ବର୍ଷରେ ଉକ୍ତ ଅବଧି ମଧ୍ୟରେ ୧.୩୦ ଲକ୍ଷ ଟନ୍ ଗହମ ରପ୍ତାନି ହୋଇଥିଲା।

## ନିସ୍‌ରେ ଜାତୀୟସ୍ତରୀୟ ସେମିନାର




**ଭୁବନେଶ୍ୱର,୧୪।୫**

ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ପରିସରରେ '୪ର୍ଥ ଶିଳ୍ପ ବିପ୍ଳବ ଏବଂ ଏ ଦିଗରେ ବାଣିଜ୍ୟ ଜଗତର କ୍ରମବର୍ଦ୍ଧିତ ଉନ୍ନତି' ଶୀର୍ଷକ ଜାତୀୟ ସେମିନାର ମହାସମାରୋହରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଫକିର ମୋହନ ସେନାପତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବରେ ଆଇଆଇଏମ୍ ସମ୍ବଲପୁରର ଆସୋସିଏଟ୍ ପ୍ରଫେସର ରାମକୃଷ୍ଣ ପାଢ଼ୀ ଯୋଗଦେଇଥିଲେ। ସେହିପରି ଏମ୍‌ଏସ୍‌ପିଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବବ୍ରତ ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ସୁମନ ଭଟ୍ଟାଚାର୍ଯ୍ୟ, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ଡବ୍ଲ୍ୟୁ.ଏସ୍. ଉଇଲିୟମ୍ ସମ୍ମାନିତ ଅତିଥିଭାବରେ ଯୋଗଦେଇ ସେମାନଙ୍କର ମତବ୍ୟକ୍ତ କରିଥିଲେ। ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ୪ର୍ଥ ଶିଳ୍ପବିପ୍ଳବ ଏବଂ ଛାତ୍ରୀଛାତ୍ରମାନଙ୍କର କିପରି ଉନ୍ନତ ଭବିଷ୍ୟତ ଗଠନ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତା ସ୍ମୃତିସୁଧା ନାୟକ, ଆଡ୍‌ଭାଇଜର ପ୍ରତାପ କୁମାର ତ୍ରିପାଠୀ, ଉପନିର୍ଦ୍ଦେଶକ ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ପଣ୍ୟାଗାର ନିଗମ ଏମ୍‌ଡିଙ୍କ ଡିପୋ ପରିଦର୍ଶନ


ଏମ୍‌ଡି ଗଣେଶ୍ୱର ଜେନା(ବାମ) ଓ ଡିଜିଏମ୍ ନବକିଶୋର ମିଶ୍ର।

**କଟକ,୧୪।୫**

ରାଜ୍ୟ ପଣ୍ୟାଗାର ନିଗମ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଗଣେଶ୍ୱର ଜେନା ଶନିବାର ନିଗମର ଜଗତପୁରରେ ଥିବା ଡିପୋ ପରିଦର୍ଶନ କରି କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ ଓ ରାଜ୍ୟ ଯୋଗାଣ ନିଗମର ଖାଦ୍ୟଶସ୍ୟ ଖଲାସ ବେଳେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶକରି ବିଭାଗୀୟ ଅଧିକାରୀଙ୍କୁ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକ ସଂଘର କର୍ମକର୍ତ୍ତା ଓ ଟ୍ରାନ୍ସପୋର୍ଟ ଠିକାଦାରଙ୍କ ସହ ମିଳିତ ବୈଠକ କରି ଯେଉଁ ଦିନ ରେକ୍ ଆସୁଛି ସେହିଦିନ ଅଧିକ ଶ୍ରମିକ ନିୟୋଜିତ କରି ଓ ଡିପୋ ଅଧିକ ସମୟ ଖୋଲା ରଖି ସମୟାନୁସାରେ ରେକ୍ ଖାଲି କରିବାକୁ ପରାମର୍ଶ ଦେଇଥିଲେ। ଖାଦ୍ୟଶସ୍ୟ ରହୁଥିବା ଜାଗାରେ ପରିଚ୍ଛନ୍ନତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଜେନାଙ୍କ ପରିଦର୍ଶନ ବେଳେ ନିଗମର ଉପ ମହାପ୍ରବନ୍ଧକ ନବକିଶୋର ମିଶ୍ର, ଜଗତପୁର ଡିପୋର ଅଧୀକ୍ଷକ ତଥା ଜୋନାଲ ମ୍ୟାନେଜର ଶ୍ୟାମସୁନ୍ଦର ସାହୁ, କଟକ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିବେଶକଙ୍କ ୨୯ଲକ୍ଷ କୋଟି ଟଙ୍କାର କ୍ଷତି

**ନୂଆଦିଲ୍ଲୀ,୧୪।୫**

ଗତ ୧ମାସ ହେଲା ଶେୟାର ବଜାରରେ ଲଗାତର କ୍ଷତି ଦେଖିବାକୁ ମିଳିଛି। ବିଶେଷ ଭାବରେ ଚଳିତ ମେ' ପ୍ରଥମ ସପ୍ତାହରେ ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ରେପୋ ରେଟ୍ ଏବଂ ସିଆର୍‌ଆର୍ ବୃଦ୍ଧି କରାଯିବା ପରେ ଭାରତୀୟ ବଜାରରେ ଲଗାତର ହ୍ରାସ ଦେଖିବାକୁ ମିଳିଛି। ଗତ ସପ୍ତାହ ସାରା ଶେୟାର ବଜାର ଲାଲ୍ ସଙ୍କେତରେ ବନ୍ଦ ହେବା ସହିତ ନିବେଶକଙ୍କୁ ଭାରି କ୍ଷତିର ସାମ୍ନା କରିବାକୁ ପଡ଼ିଥିଲା। ଏହା ଉପରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ହାସ ଏବଂ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ଶେୟାର ବଜାର ସ୍ଥିତି ଆହୁରି ଖରାପ କରିଥିଲା। ଗତ ଏପ୍ରିଲ ୧୧ରେ ମୁମ୍ବାଇ ଷ୍ଟକ୍ ଏକ୍ସଚେଞ୍ଜର ମାର୍କେଟ୍ କ୍ୟାପିଟାଲାଇଜେଶନ ୨୪୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ଗତ ୧ ମାସ ମଧ୍ୟରେ ସେଥିରେ ହ୍ରାସ ଘଟି ୨୪୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ୧ମାସ ମଧ୍ୟରେ ଶେୟାର ବଜାର ନିବେଶକଙ୍କର ପ୍ରାୟ ୨୯ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଏହାଛଡ଼ା ଗତ ସପ୍ତାହର ଗୁରୁବାର ସୁଦ୍ଧା ନିବେଶକମାନେ ୪ଟି ଟ୍ରେଡିଂ ସିଜନକୁ ଲାଲ୍ ସଙ୍କେତରେ ବନ୍ଦ ହେବା ସାମ୍ନା କରିବା ସହିତ ପ୍ରାୟ ୧୮.୭୪ ଲକ୍ଷ କୋଟି ଟଙ୍କା କ୍ଷତିର ସାମ୍ନା କରିଛନ୍ତି। ବୈଶ୍ୱିକ ବଜାରରେ ହ୍ରାସ ସହିତ ସୁଧ ହାର ବୃଦ୍ଧି ଏବଂ ଅର୍ଥନୈତିକ ମାନ୍ଦାବସ୍ଥା କାରଣରୁ ଭାରତୀୟ ଶେୟାର ବଜାରରେ ଚାପ ପରିଲକ୍ଷିତ ହୋଇଛି। ଏହାଛଡ଼ା ଚାଇନାରେ ଲକ୍‌ଡାଉନ୍ କାରଣରୁ ନିବେଶକମାନେ ଇକ୍ୱିଟିରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁନଥିବା କୋଟାକ୍ ସିକ୍ୟୁରିଟିଜ୍ ଲିମିଟେଡ୍‌ର ଇକ୍ୱିଟି ରିସର୍ଚ୍ଚ ମୁଖ୍ୟ ଶ୍ରୀକାନ୍ତ ଚୌହାନ କହିଛନ୍ତି।



## ୟୁକୋ ବ୍ୟାଙ୍କର ୯୨୯.୭୬ କୋଟି ଲାଭ

**ଭୁବନେଶ୍ୱର,୧୪।୫**

ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ୍ ୯୨୯.୭୬ କୋଟି ଟଙ୍କା ନେଟ୍ ଲାଭ ଉପାର୍ଜନ କରିଛି। ବ୍ୟାଙ୍କର ୨୦୨୧-୨୨ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ଜାନୁୟାରୀ-ମାର୍ଚ୍ଚରେ ୩୧୨.୧୮ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରି ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୨୯୦.୧୧% ଅଭିବୃଦ୍ଧି ହାର ହାସଲ କରିପାରିଛି। ଏହି ସମୟ ମଧ୍ୟରେ ବ୍ୟାଙ୍କର କାର୍ଯ୍ୟକାରୀ ଲାଭର ପରିମାଣ ପୂର୍ବ ଆର୍ଥିକ ବର୍ଷର ମାର୍ଚ୍ଚ ମାସ ତୁଳନାରେ ୧୫.୬୩ % ଅଭିବୃଦ୍ଧି ହାର ୪୭୯୭.୪୩ କୋଟି ଟଙ୍କାରେ ପହଞ୍ଚିପାରିଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ପୂର୍ବ ବର୍ଷ ମାର୍ଚ୍ଚ ମାସ ତୁଳନାରେ ୧୬.୯୭% ଅଭିବୃଦ୍ଧି ହାରରେ ୧୬୫୨.୩୮ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଅନ୍ୟାନ୍ୟ ଆୟ ପୂର୍ବ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୭୧୯.୧୫ କୋଟି ଟଙ୍କା ହୋଇଥିବା ବେଳେ ଏହା ୨୦୨୧-୨୨ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ୫୮୮.୯୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ବ୍ୟାଙ୍କର ମୋଟ୍ ବ୍ୟବସାୟ ପୂର୍ବ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ୩,୨୪,୩୨୪.୨୦ କୋଟି ହୋଇଥିବା ବେଳେ ଏହା ଗତ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ୩,୫୩,୮୫୦.୨୪ କୋଟି ଟଙ୍କାରେ ପହଞ୍ଚି ୯.୧୦% ଅଭିବୃଦ୍ଧି ହାର ହାସଲ କରିପାରିଛି। ସେହିପରି ବ୍ୟାଙ୍କର ମୋଟ୍ ଜମା ପରିମାଣ ପୂର୍ବ ବର୍ଷ ତୁଳନାରେ ୮.୮୨% ବୃଦ୍ଧି ପାଇ ୨,୨୪,୦୭୨.୯୦ କୋଟି ଟଙ୍କା ହୋଇଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ପରିମାଣ ପୂର୍ବବର୍ଷ ୩.୯୪% ଥିବାବେଳେ ଏହା ୨.୭୦%କୁ ହ୍ରାସ ପାଇଛି।

### ଫୁର୍‌ସତ୍

## ଅଭିନୟରେ ସୁହାନାଙ୍କ ଏଣ୍ଟ୍ରି

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଅଭିନୟ ଜଗତରେ ପାଦ ଥାପିଛନ୍ତି। ଜୋୟା ଅଖତରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଦ ଆର୍ଚିଜ୍'ରେ ଦେଖିବାକୁ ମିଳିବେ ସୁହାନା। ଖାଲି ସୁହାନା ନୁହନ୍ତି ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଝିଅ ଖୁସି କପୁର ଏବଂ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟା ନନ୍ଦା ମଧ୍ୟ ଅଭିନୟ କରୁଥିବାର ଦେଖାଯିବେ। ଫିଲ୍ମର ପୋଷ୍ଟର ଏବଂ କାଷ୍ଟକୁ ଫିଲ୍ମ ନିର୍ମାତା ସଂସ୍ଥା ପକ୍ଷରୁ ଶନିବାର ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ଫିଲ୍ମରେ ସୁହାନା ଭେରୋନିକା ଭୂମିକାରେ ନଜରକୁ ଆସିବାକୁ ଥିବାବେଳେ ଅଗସ୍ତ୍ୟା ଆରଚିଜ୍ ଏବଂ ଖୁସି ବେଟୀ ଚରିତ୍ରରେ ଅଭିନୟ କରିଛନ୍ତି। ତେବେ ସୁହାନାଙ୍କ ବଲିଉଡ୍ ଡେବ୍ୟୁ ନେଇ ବାପା ଶାହରୁଖ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଫିଲ୍ମର ଫାଷ୍ଟ ଲୁକ୍ ଶାହରୁଖ ମଧ୍ୟ ଇନ୍‌ଷ୍ଟାଗ୍ରାରେ ଶେୟାର କରିଛନ୍ତି। ସେହିପରି ବିଗ୍ ବି ଅମିତାଭ ବଚ୍ଚନଙ୍କଠାରୁ ଆରମ୍ଭ କରି ଆଲିଆ ଭଟ୍ଟଙ୍କ ପର୍ଯ୍ୟନ୍ତ ବଲିଉଡ୍‌ର ବହୁ କଳାକାର ସୁହାନା, ଅଗସ୍ତ୍ୟା ଓ ଖୁସିଙ୍କୁ ଶୁଭକାମନା ଜଣାଇବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ଦ ଆର୍ଚିଜ୍' ଏକ ରୋମାଣ୍ଟିକ ଡ୍ରାମା ଫିଲ୍ମ ହୋଇଥିବାବେଳେ ୨୦୨୩ରେ ନେଟଫ୍ଲିକ୍ସରେ ଏହା ରିଲିଜ୍ କରାଯିବ।



## କାର୍ଯ୍ୟସ୍ଥଳରେ 'ଚନ୍ଦା' ଡାକିବା ଯୌନ ନିର୍ଯାତନା

**ଲଣ୍ଡନ:** 'କାର୍ଯ୍ୟକ୍ଷେତ୍ରରେ ଯଦି କୌଣସି କର୍ମଚାରୀ ଅନ୍ୟ କର୍ମଚାରୀଙ୍କୁ ଚନ୍ଦା ବୋଲି ସମ୍ବୋଧନ କରନ୍ତି ତେବେ ଏହା ଯୌନ ନିର୍ଯାତନା ବୋଲି କୁହାଯିବ। ଜଜ୍ ଜୋନାଥାନ୍ ବ୍ରେନଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ମୁଣ୍ଡରେ କମ୍ କେଶ ରହିଛି ତେବେ ତାଙ୍କୁ ଚନ୍ଦା ବୋଲି ଡାକିବା ଆଦୌ ଉଚିତ ନୁହେଁ। ତେବେ ଏ ପ୍ରକାର ଘଟଣା ଯୌନ ନିର୍ଯାତନା ସହ ସମାନ ବୋଲି ଶୁଣାଣିବେଳେ ଖଣ୍ଡପୀଠ କହିଥିଲେ। ସହକର୍ମୀ ଚନ୍ଦା ଡାକିବା ନେଇ ୟୁକେର ଟୋନି ନାମକ ଜଣେ ବ୍ୟକ୍ତି କୋର୍ଟରେ ଅଭିଯୋଗ କରିଥିଲେ।

## ଲୁଣିଆ ଖାଦ୍ୟ ପାଇଁ ସ୍ତ୍ରୀଙ୍କୁ ଲଣ୍ଠା

**ଗାନ୍ଧୀନଗର:** ଗୁଜରାଟ ଅହମଦାବାଦର ଭାଟଭା ପୋଲିସ ଷ୍ଟେଶନରେ ୨୮ ବର୍ଷୀୟା ମହିଳା ସ୍ୱାମୀଙ୍କ ବିରୋଧରେ ଏକ ସଙ୍ଗିନ ଅଭିଯୋଗ କରିଛନ୍ତି। ଖାଦ୍ୟ ଲୁଣିଆ ହେବା କାରଣରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ଲଣ୍ଠା କରିଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ରିଜୱାନା ଶେଖ୍ ନାମ୍ନୀ ଏହି ମହିଳା ଜଣକ ଭାଟଭାର ସାନିୟାତନଗରରେ ରୁହନ୍ତି। ଘଟଣାଟି ମେ' ୮ ତାରିଖର। ଅପରାହ୍ଣ ୨ଟାବେଳେ ଇମ୍ରାନ ମଧ୍ୟାହ୍ନଭୋଜନ ପାଇଁ ଘରକୁ ଆସିଥିଲେ। ରୁଟି ଓ ତରକାରୀ ରିଜୱାନା ତାଙ୍କୁ ଖାଇବାକୁ ଦେଇଥିବାବେଳେ ଖାଦ୍ୟ ଇମ୍ରାନଙ୍କୁ ପସନ୍ଦ ଆସି ନ ଥିଲା, ଯାହାପରେ ସେ ରିଜୱାନାଙ୍କୁ ଖରାପ ଭାଷାରେ ଗାଳି କରିଥିଲେ। ଅଲଗା କିଛି ଖାଦ୍ୟ ରାନ୍ଧିବାକୁ ରିଜୱାନା କହିବା ପରେ ଇମ୍ରାନ ତାଙ୍କୁ ମାଡ଼ ମାରିବା ଆରମ୍ଭ କରିଦେଲେ। ପୋଲିସ ଥାନାରେ ଅଭିଯୋଗ କରିବା କଥା କହିବାରୁ ଇମ୍ରାନ ଆହୁରି ଅଧିକ ରାଗିଯାଇଥିଲେ ଓ ପାଖରେ ଥିବା ଏକ ରେଜରରେ ରିଜୱାନାଙ୍କୁ ଲଣ୍ଠା କରିଥିଲେ। ଏହାପରେ ରିଜୱାନା ଗତ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଇମ୍ରାନ ଶେଖ୍ (୨୯) ରାଜମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ପରିବାର ସହମତି କ୍ରମେ ରିଜୱାନା ୮ ବର୍ଷ ପୂର୍ବେ ଇମ୍ରାନଙ୍କୁ ବାହା ହୋଇଥିଲେ।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.RDM-LAA-MBJ-0061-2022-12202/ R&DM, Dated 19 APR 2022

**No. XXI-29:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ରାସଗୋବିନ୍ଦପୁର ଥାନା: ମୋରଡା, ନଂ. ୧୭୫, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୨୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଜାମ୍ବିରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ରାସଗୋବିନ୍ଦପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୭୧ | ଏ. ୦.୨୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୩୬/୧୯
ଏ.୦.୨୭ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର କେନାଲ ନିମନ୍ତେ ମୌଜା- ରାସଗୋବିନ୍ଦପୁର, ଥାନା-ମୋରଡା,ନଂ.-୧୭୫, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 10 | 244 | 0.78 | 0.15 | ଘରବାରି | ଉମାକାନ୍ତ ପଟ୍ଟନାୟକ, ତାରାକାନ୍ତ ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ, ସୀତାକାନ୍ତ ପଟ୍ଟନାୟକ, କାମିନିକାନ୍ତ ପଟ୍ଟନାୟକ, ପି:ଗୋପବନ୍ଧୁ ପଟ୍ଟନାୟକ, ଜା:କରଣ, ବା:ମୁରୁଡା |
| 57 | 241 | 0.93 | 0.12 | ଡାହି ଦୁଇ | ପ୍ରଭାତ କୁମାର ଘୋଷ, ପ୍ରଦିପ କୁମାର ଘୋଷ, ପ୍ରକାଶ କୁମାର ଘୋଷ, ପି:ନୃସିଂହ କୁମାର ଘୋଷ, ଜା:ସଦଗୋପ,ବା:ନିଜଗାଁ |
| ମୋଟ | ୨ ପ୍ଲଟକୁ | ଏ.୧.୭୧ ଡେ.ମି. | ଏ.୦.୨୭ ଡେ.ମି. | | |

OIPR-24001/14/0046/2223



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E-Mail ID:serw_balasore@yahoo.in, Ph.No.06782/260318, Balia, Balasore
**"e" Procurement Notice for Bridge Work**
Identification No.Online Tender-Bridge N.C.B. No.332

Letter No.1456/WE Date.12.05.2022

**No.O-211:** 1. Name of the Work: Bridge Work. 2. Total No. of Work: 2 Nos. (Two). 3. Estimated Cost: Rs.496.19 & 562.52 Lakhs (Approximately). 4. Eligible Class of Contractor: "A" Class & "Special" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion: 15 (Fifteen) Calendar Months for the work. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & Time of seeking tender clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.332 | 21.05.2022 at 11.00 A.M. | 07.06.2022 upto 5.00 P.M. | 06.06.2022 upto 5.00 P.M. | 08.06.2022 at 11.00 A.M. | Will be intimated later |

Further details can be seen from the website: www.tendersodisha.gov.in.
**Sd./- Er. S.K. Mishra, Chief Construction Engineer, R.W.Circle, Balasore**
OIPR-25105/11/0010/2223



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**
No:-Tender - Online - BBSR Divn. - 05, Date: 09.05.2022
Ph.No.-0674-2301787, Fax No.- 0674-2300965, E Mail ID: eerw_bbsr@yahoo.co.in

**e-Procurement NOTICE**

**No.O-210:** 1.Name of the work : Repair of Road work. 2. Total No. of Road : 1 No. 3. Class of contractor: a) Estimated cost more than Rs. 40.00 lakh & not exceeding to Rs. 1.50 Crore :"A" & "B" Class (of Odisha PWD) or relevant class of other licensing authorities. b) Estimated cost more than Rs. 20.00 lakh & not exceeding to Rs. 40.00 lakh : "B" & "C" Class (of Odisha PWD) or relevant class of other licensing authorities. c) Estimated cost not exceeding to. Rs. 20.00 lakh : "C" & "D" Class (of Odisha PWD) or relevant class of other licensing authorities. 4. Estimate cost of Individual project : Rs. 87.61 lakh. 5. Time for completion : 3 (Three) Calendar months. 6.Other details.

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
**ବ୍ୟାଗ୍ ଓ ପର୍ସ:** ଯୁବତୀ ହୁଅନ୍ତୁ କି ଯୁବକ ବିଭିନ୍ନ ପ୍ରକାରର ଷ୍ଟାଇଲିସ୍ ବ୍ୟାଗ୍ କିମ୍ବା ପର୍ସ କ୍ୟାରି କରନ୍ତି। ବର୍ତ୍ତମାନ କାଓ ପ୍ରିଣ୍ଟର ବ୍ୟାଗ୍ ଓ ପର୍ସ ଟ୍ରାଏ କରନ୍ତୁ। ଏହି ପ୍ରିଣ୍ଟର ୱାଲେଟ୍ ଠାରୁ ଆରମ୍ଭ କରି କାର୍ଡ ହୋଲଡର୍ ପକେଟ୍ ୱାଲେଟ୍, ସୋଲଡର୍ ବ୍ୟାଗ୍, ହ୍ୟାଣ୍ଡ ବ୍ୟାଗ୍, ହ୍ୟାଣ୍ଡ ପର୍ସ ଇତ୍ୟାଦି ମାର୍କେଟରେ ଓ ଅନଲାଇନ୍ ସାଇଟ୍‌ରେ ମଧ୍ୟ ଉପଲବ୍ଧ। ଟ୍ରିପ୍ କିମ୍ବା ପିକ୍‌ନିକ୍‌ରେ ଯାଉଥିଲେ କାଓ ପ୍ରିଣ୍ଟର ବ୍ୟାଗ୍‌ପ୍ୟାକ୍ କ୍ୟାରି କଲେ ୟୁନିକ୍ ଲୁକ୍ ପାଇପାରିବେ।

**ସ୍କାର୍ଫ:** ଖରାଦିନ ହେଉ କି ବର୍ଷାଦିନ ସ୍କାର୍ଫ ସବୁବେଳେ ଫ୍ୟାଶନ୍‌ରେ ରହିଥାଏ। ତେବେ ଆପଣଙ୍କ ସିମ୍ପଲ୍ ଲୁକ୍‌କୁ ଷ୍ଟାଇଲିସ୍ କରିବା ପାଇଁ କାଓ ପ୍ରିଣ୍ଟର ସ୍କାର୍ଫ ବ୍ୟବହାର କରନ୍ତୁ। ଟ୍ରାଡିଶନାଲ୍ କୁର୍ତ୍ତି ହେଉ ଅବା ଜିନ୍ସରେ କାଓ ପ୍ରିଣ୍ଟର ସ୍କାର୍ଫ ବ୍ୟବହାର କଲେ ଡିଫରେଣ୍ଟ ଓ ଫ୍ୟାଶନେବଲ୍ ଲାଗିବେ।

**ଆସେସରିଜ୍:** ଲେଦର୍, ଭିସ୍କସ୍ କିମ୍ବା ୱେଭିଂ ବେଲ୍ଟ ପିନ୍ଧି ବୋର୍ ହୋଇଗଲେଣି କି, ତେବେ ଆପଣଙ୍କ ପାଇଁ କାଓ ପ୍ରିଣ୍ଟେଡ୍ ବେଲ୍ଟ ଏବେ ବେଷ୍ଟ ଅପ୍ସନ। ଏହା ପାର୍ଟି ଫଙ୍କଶନ୍ କିମ୍ବା ସାଙ୍ଗମାନଙ୍କ ସହ ଗେଟ୍ ଟୁଗେଦର୍ ଗଲା ବେଳେ ପିନ୍ଧିଲେ ଫଙ୍କି ଲୁକ୍ ଦେବ। କଳା କିମ୍ବା ଧଳା କଲର୍ ଡ୍ରେସ୍ ସହ ଏହି ବେଲ୍ଟ ଟିମ୍‌ଅପ୍ କରିପାରିବେ। ସେହିପରି ଏହି ପ୍ରିଣ୍ଟର ବୁଟ୍‌ରୁ ଆରମ୍ଭ କରି ହାଇ ହିଲ୍, ଫ୍ଲାଟ୍ ହିଲ୍ ଭଳି ବିଭିନ୍ନ ପ୍ରକାରର ଫୁଟ୍‌ୱେର୍



ମିଳୁଛି, ଯାହାକୁ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇ ପାରିବେ। ଏଥିସହ ଏହି ପ୍ରିଣ୍ଟର ଫେସ୍ ମାସ୍କ, ମୋବାଇଲ୍ କଭର୍, କ୍ୟାପ୍ ଇତ୍ୟାଦି ମଧ୍ୟ ଉଭୟ ମାର୍କେଟ ଓ ଅନଲାଇନ୍ ସାଇଟ୍‌ରେ ମିଳୁଛି।

**ଜୁଏଲେରି:** ଏହି ପ୍ରିଣ୍ଟର ଇୟରିଂ, ନେକଲେସ୍, ପେଣ୍ଡେଣ୍ଟ, ବ୍ରେସଲେଟ୍ ଓ ରିଙ୍ଗ୍ ଟ୍ରାଏ କରନ୍ତୁ। ଟ୍ରାଡିଶନାଲ୍ ହେଉ କି ୱେଷ୍ଟର୍ନ ସବୁ ପ୍ରକାର ଡ୍ରେସ୍‌ରେ ଏସବୁ ଜୁଏଲେରି ପେୟାର୍ ଅପ୍ କଲେ ସମସ୍ତଙ୍କଠାରୁ ୟୁନିକ୍ ଲୁକ୍ ପାଇପାରିବେ।

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ରିଜିଓନାଲ ର୍ୟାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍‌କୁ ............ କମ୍ପାନୀ ଡିଜାଇନ୍ କରିଛି ?
୨– ୪ର୍ଥ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୨ର ମାସ୍କଟ୍ ............ ?
୩– 'ପିଏମ୍ ମିତ୍ର' ସ୍କିମ୍ ........ କେନ୍ଦ୍ର ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି।
୪– ରୁକୈୟା ସୁଲ୍‌ତାନ ବେଗମ୍ ମୋଗଲ ସମ୍ରାଟ୍ .........ଙ୍କ ପତ୍ନୀ ଥିଲେ ?
୫– ନ୍ୟାଶନାଲ୍ ଆଚିଭ୍‌ମେଣ୍ଟ ସର୍ଭେ ........ ବର୍ଷରେ ଥରେ କରାଯାଇଥାଏ।

## ଗତ ଥରର ଉତ୍ତର

୧ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ
୨ ବେଙ୍ଗାଲୁରୁ
୩ ଏଲିଶା ଓଟିସ୍
୪ ଜେନେଭା
୫ ୧୯୧୫ ମସିହା

## ଉତ୍ତରଦାତା



ଧର୍ମପଦ ତ୍ରିପାଠୀ, ଭୁବନେଶ୍ୱର



ପ୍ରମିଳା ତ୍ରିପାଠୀ, ଭଦ୍ରକ



ଭୁବନ ଆନନ୍ଦ ରାଉତ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଦୀର୍ଘତମ ହାଇୱେ



୧– ପାନ୍ ଆମେରିକାନ୍ ହାଇୱେ.............................. ୪୮,୦୦୦ କି.ମି.
୨– ହାଇୱେ ୧, ଅଷ୍ଟ୍ରେଲିଆ.................................. ୧୪, ୫୦୦ କି.ମି.
୩– ଟ୍ରାନ୍ସ ସାଇବେରିଆନ୍ ହାଇୱେ............................ ୧୧,୦୦୦ କି.ମି.
୪– ଟ୍ରାନ୍ସ କାନାଡା ହାଇୱେ.................................... ୭,୮୨୧ କି.ମି.
୫– ଗୋଲ୍ଡେନ୍ କ୍ୱାଡ୍ରିଲାଟେରାଲ୍ ହାଇୱେ ନେଟ୍‌ୱର୍କ ଇଣ୍ଡିଆ..... ୫,୮୪୬ କି.ମି.
୬– ଚାଇନା ନ୍ୟାଶନାଲ୍ ହାଇୱେ ୦୧୦.......................... ୫,୭୦୦ କି.ମି.
୭– ୟୁଏସ୍ ରୁଟ୍ ୨୦............................................ ୫, ୪୧୫ କି.ମି.
୮– ୟୁଏସ୍ ରୁଟ୍ ୬ ............................................. ୫, ୧୫୮ କି.ମି.
୯– ଇଣ୍ଟରଷ୍ଟେଟ୍ ୯୦, ୟୁଏସ୍.................................. ୪,୮୬୦ କି.ମି.
୧୦– ଇଣ୍ଟରଷ୍ଟେଟ୍ ୮୦, ୟୁଏସ୍.................................. ୪, ୬୬୬ କି.ମି.

# ଗାଁଠୁ ଛୋଟ ଦେଶ

**ଏଇ ପୃଥିବୀରେ ଏମିତି ବି ଦେଶ ରହିଛି ଯାହାର କ୍ଷେତ୍ରଫଳ ଗୋଟିଏ ଛୋଟ ଗାଁଠାରୁ ବି କମ୍। ସେଭଳି ଏକ ଦେଶ ହେଉଛି ମୋନାକୋ। ଜାଣିବା ଏହି ଦେଶ ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ମାନବ ବିକାଶ ସୂଚୀ ୧ରୁ ଅଧିକ ଥିବାରେ ଏହା ହେଉଛି ପୃଥିବୀର ଏକମାତ୍ର ଦେଶ।
- ଭାଟିକାନ ସିଟି ପରେ ପୃଥିବୀର ସବୁଠୁ କ୍ଷୁଦ୍ରତମ ଦେଶ ହେଉଛି ମୋନାକୋ। ଯାହାର କ୍ଷେତ୍ରଫଳ ମାତ୍ର ୨.୦୨ ବର୍ଗ କିଲୋମିଟର।
- ୨୦୧୬ ଜନଗଣନା ଅନୁଯାୟୀ ଏହାର ଜନସଂଖ୍ୟା ୩୮,୪୯୯। ସାନ୍ଦ୍ରତା ବା ସ୍ଥାନ ପ୍ରତି ଜନସଂଖ୍ୟା ଅନୁସାରେ ଏହା ପୃଥିବୀର ଜନଗହଳି ଦେଶ। ତେବେ ପ୍ରତିଦିନ ଏଠାରକୁ ଇଟାଲୀ ଏବଂ ଫ୍ରାନ୍ସରୁ ୫୦,୦୦୦ କର୍ମୀ ଆସୁଥିବାରୁ ଏହାର ଜନସଂଖ୍ୟା ଦୁଇଗୁଣ ହୋଇଯାଏ।
- ପୃଥିବୀର ଧନିକ ଶ୍ରେଣୀୟ ବ୍ୟକ୍ତିମାନଙ୍କ ଲାଗି ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ। ବିଶେଷକରି ଏଠାରେ ଥିବା କ୍ୟାସିନୋ ଡେ ମଣ୍ଟେକାର୍ଲୋରେ ବସି ଜୁଆ ଏବଂ ଅନ୍ୟାନ୍ୟ ଖେଳର ମଜା ନେବା ଏବଂ ଓସେନୋଗ୍ରାଫିକ ମ୍ୟୁଜିୟମ୍‌ରେ ଗଭୀର ସମୁଦ୍ରର ବିଭିନ୍ନ ଦୃଶ୍ୟକୁ ଉପଭୋଗ ଲାଗି ପର୍ଯ୍ୟଟକ ବେଶି ଆକୃଷ୍ଟ ହୋଇଥାନ୍ତି। ଏହି ଜୁଆଖେଳ ଟେବୁଲ୍‌ଗୁଡିକ ୧୮୫୬ ମସିହାରୁ ରହିଥିବା କୁହାଯାଏ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏଠାକାର ବାସିନ୍ଦାଙ୍କୁ କ୍ୟାସିନୋ ମଧ୍ୟରେ ଜୁଆ ଖେଳିବାର ଅନୁମତି ନାହିଁ।
- ଏହି ଦେଶର ସମସ୍ତ ରାଜକୋଶ ଏହାର ପର୍ଯ୍ୟଟନ ଏବଂ କ୍ୟାସିନୋରୁ ଆସିଥାଏ।
- ଏଠାରେ ଆୟୋଜିତ ଗ୍ରାଣ୍ଡ ପ୍ରିକ୍ସ କାର୍ ରେସ୍ ବିଶ୍ୱ ପ୍ରସିଦ୍ଧ।
- ଏଠାକାର ସ୍ଥାୟୀ ବାସିନ୍ଦାଙ୍କୁ ମୋନେଗାସ୍କ୍ କୁହାଯାଉଥିବା ବେଳେ ବାହାର ଦେଶରେ ଜନ୍ମିତ କିନ୍ତୁ ଏଠାରେ ଘର କରି ରହୁଥିବା ବାସିନ୍ଦାଙ୍କୁ ମୋନାକୋଇଆନ୍ ବୋଲି କୁହାଯାଇଥାଏ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୫ ମେ, ୨୦୨୨ Bhubaneswar, Sunday, May 15/2022

# ଷଷ୍ଠ ସ୍ଥାନରେ କେକେଆର୍

**ପୁଣେ,୧୪।୫:** ଆଣ୍ଡ୍ରେ ରସେଲଙ୍କ ଅଲାରଉଣ୍ଡ ପ୍ରଦର୍ଶନ ବଳରେ ସନରାଇଜର୍ସ ହାଇଦ୍ରାବାଦ୍‌କୁ ୫୪ ରନ୍‌ରେ ହରାଇ ଦେଇଛି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)। ଏହି ବିଜୟ ଯୋଗୁ ୧୨ ପଏଣ୍ଟ ସହିତ କୋଲକାତା ପଏଣ୍ଟ ଟେବୁଲରେ ୬ଷ୍ଠ ସ୍ଥାନକୁ ଉଠିବା ସହ ତା'ର ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍‌କୁ ଓପନର ଅଜିଙ୍କ୍ୟ ରାହାନେ(୨୮ ରନ୍, ୩ ଛକା) ଓ ନୀତୀଶ ରାଣା(୨୬ ରନ୍, ୧ ଚୌକା ଓ ୩ ଛକା) ୪୮ ରନ୍‌ର ଭଲ ଆରମ୍ଭ ଦେଇଥିଲେ। ଦୁଇ ସେଟ୍ ବ୍ୟାଟରଙ୍କୁ ଉମ୍ରାନ ଗୋଟିଏ ଓଭରରେ ପ୍ୟାଭିଲିଅନ ପଠାଇ ଥିଲେ। ପରବର୍ତ୍ତୀ ଓଭରରେ ଅଧିନାୟକ ଆୟାର(୧୫)ଙ୍କୁ ଉମ୍ରାନ ଆଉଟ୍ କରି କେକେଆରକୁ ସଙ୍କଟରେ ପକାଇ ଦେଇଥିଲେ। ତା' ପରେ ରସେଲ(୪୯* ରନ୍, ୩ ଚୌକା ଓ ୪ ଛକା) ଓ ସାମ ବିଲିଂସ(୩୪ ରନ୍, ୩ ଚୌକା ଓ ୧ ଛକା) ୬ଷ୍ଠ ଉଇକେଟ ଲାଗି ୬୩ ରନ୍ ଯୋଡ଼ିଥିଲେ। ଫଳରେ କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୭୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ହାଇଦ୍ରାବାଦ୍ ପାଇଁ ଉମ୍ରାନ ୩ ଉଇକେଟ ନେଇଥିଲେ। ଜବାବରେ ହାଇଦ୍ରାବାଦ୍ ଲଗାତର ବ୍ୟବଧାନରେ ଉଇକେଟ ହରାଇବାରୁ ମ୍ୟାଚ୍ ଜିତିବା ପରିସ୍ଥିତି ସୃଷ୍ଟି କରିପାରି ନ ଥିଲା। ଓପନର ଅଭିଷେକ ଶର୍ମା ୪୩(୪ ଚୌକା ଓ ୨ ଛକା) ଓ ଏଡେନ ମାରକ୍ରାମ ୩୨(୩ ଛକା) ରନ୍ କରିଥିଲେ। ହାଇଦ୍ରାବାଦ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା।


ଆଣ୍ଡ୍ରେ ରସେଲ

### ସଂକ୍ଷିପ୍ତ ସ୍କୋର

**କୋଲକାତା ନାଇଟ୍ ରାଇଡର୍ସ:** ୨୦ ଓଭରରେ ୧୭୭/୬ (ରସେଲ-୪୯*, ବିଲିଙ୍ଗ୍ସ-୩୪, ଉମ୍ରାନ-୩/୩୩, ଭୁବନେଶ୍ୱର-୧/୨୭)।

**ସନରାଇଜର୍ସ ହାଇଦ୍ରାବାଦ୍:** ୨୦ ଓଭରରେ ୧୨୩/୮(ଅଭିଷେକ-୪୩, ମାରକ୍ରାମ-୩୨, ରସେଲ-୩/୨୨, ସୌଦି-୨/୨୩)।

# ଓଡ଼ିଶା ସେମିଫାଇନାଲରେ

## ଜାତୀୟ ସିନିୟର ମହିଳା ହକି

ଭୋପାଳ, ୧୪।୫ (ପି.ଟି.)

ଝାଡ଼ଖଣ୍ଡ, ହରିୟାଣା, କର୍ଣାଟକ ଓ ଓଡ଼ିଶା ଦ୍ୱାଦଶ ହକି ଇଣ୍ଡିଆ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ଓଡ଼ିଶା ୨-୦ ଶୁଟଆଉଟରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ମଧ୍ୟ ପ୍ରଦେଶ ତରଫରୁ ପ୍ରଶୁ ସିଂ ପରିହାର (୧୦ମ ମିନିଟ) ଏବଂ ଓଡ଼ିଶା ପକ୍ଷରୁ ନେହା ଲାକ୍ରା (୩୮ତମ) ଗୋଲ ଦେଇଥିଲେ। ଶୁଟ୍‌ଆଉଟ୍‌ରେ ନେହା ଲାକ୍ରା ଓ ରୋଜିତା କୁଜୁର ଗୋଲ ସ୍କୋର କରି ଓଡ଼ିଶାକୁ ବିଜୟୀ କରାଇଥିଲେ। ସେହିପରି ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ହରିୟାଣା ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। ପଞ୍ଜାବ ଓ କର୍ଣାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିବା ପରେ ଶୁଟ୍ ଆଉଟରେ କର୍ଣାଟକ ୫-୪ ଗୋଲରେ ବିଜୟୀ ହୋଇଥିଲା। ଝାଡ଼ଖଣ୍ଡ ମଧ୍ୟ ୫-୪ ଶୁଟ୍‌ଆଉଟରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା।

# ସେରେନାଙ୍କ ସମକକ୍ଷ ହେଲେ ସ୍ୱିଟେକ

ରୋମ୍, ୧୪।୫ (ଏପି)

ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ତଥା ପୋଲାଣ୍ଡର ଇଗା ସ୍ୱିଟେକ୍ ୬-୨, ୬-୧ରେ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଇଟାଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ତାଙ୍କ କ୍ରମାଗତ ମ୍ୟାଚ ବିଜୟ ସଂଖ୍ୟା ୨୭ରେ ପହଞ୍ଚିଥିବା ବେଳେ ସେ ୭ ବର୍ଷ ପୂର୍ବେ ସେରେନା ୱିଲିୟମ୍ସ କରିଥିବା ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ୱିଲିୟମ୍ସ ଲଗାତର ସମାନ ସଂଖ୍ୟକ ମ୍ୟାଚ ୨୦୧୪ ଓ ୨୦୧୫ରେ ଜିତିଥିଲେ। ୨୦ ବର୍ଷୀୟା ସ୍ୱିଟେକ ୫୪ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ମଧ୍ୟ ୨୦୨୦ରେ ଫ୍ରେଞ୍ଚ ଓପନ ଜିତି ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୋଲାଣ୍ଡ ଗାରୋସରେ ଏଥର ମଧ୍ୟ ତାଙ୍କୁ ଟାଇଟଲ ଫେଭରାଇଟ୍ ବିବେଚନା କରାଯାଉଛି। ସ୍ୱିଟେକ ରବିବାର ଫାଇନାଲରେ ଓନସ ଜାବେଉର କିମ୍ବା ରୁଷିଆର ଡାରିଆ କାସାଟକିନାଙ୍କୁ ଭେଟିବେ।


ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିବା ପରେ ଉତ୍‌ଫୁଲ୍ଲିତ ଇଗା ସ୍ୱିଟେକ୍।

## ଆଇପିଏଲ୍-୧୫

### ଆଜିର ମ୍ୟାଚ

ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଗୁଜରାଟ ଟାଇଟାନ୍ସ
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ରାଜସ୍ଥାନ ରୟାଲ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୨ | ୭ | ୫ | ୧୪ | +୦.୨୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | -୦.୩୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | +୦.୨୧୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୦୨୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୫ | ୭ | ୧୦ | -୦.୨୭୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୪ | ୮ | ୮ | +୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୩ | ୯ | ୬ | -୦.୬୧୩ |




# ସେମିଫାଇନାଲରୁ ଓଡ଼ିଶାର ବିଦାୟ

## ଜାତୀୟ ସବ୍‌ଜୁନିୟର ପୁରୁଷ ହକି

ଗୋଆ, ୧୪।୫

ଏଠାରେ ଚାଲିଥିବା ଦ୍ୱାଦଶ ହକି ଇଣ୍ଡିଆ ଜାତୀୟ ସବ୍ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ୨୦୨୨ର ସେମିଫାଇନାଲ ପର୍ଯ୍ୟାୟରୁ ହକି ଆସୋସିଏଶନ ଅଫ୍ ଓଡ଼ିଶା ବିଦାୟ ନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ ସମୟ ଖେଳ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଓଡ଼ିଶା ଦଳ ତରଫରୁ ସଞ୍ଜୀତ ତିର୍କୀ (୩୮ତମ ମିନିଟ) ଗୋଲ ସ୍କୋର କରି ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ଝାଡ଼ଖଣ୍ଡର ଅଭିଷେକ ଟିଗା (୩୯ତମ) ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ପରେ ପେନାଲ୍ଟି ଶୁଟଆଉଟରେ ଝାଡ଼ଖଣ୍ଡ ୩-୧ ଗୋଲରେ ବିଜୟ ଲାଭ କରିଥିଲା। ବିଜୟୀ ଦଳ ପକ୍ଷରୁ ରୋହିତ ତିର୍କୀ, ଅସିମ ଏକ୍କା ଓ ଅଭିଷେକ ଟିଗା ଗୋଲ ସ୍କୋର କରିଥିବାବେଳେ ଓଡ଼ିଶା ପକ୍ଷରୁ ଏକମାତ୍ର ଗୋଲ ଅଧିନାୟକ ଅର୍ବିନ ଟପ୍ପୋ ସ୍କୋର କରିଥିଲେ। ଝାଡ଼ଖଣ୍ଡ ଫାଇନାଲରେ ଉତ୍ତର ପ୍ରଦେଶକୁ ଭେଟିବ। ଉତ୍ତର ପ୍ରଦେଶ ସେମିଫାଇନାଲରେ ହକି ହରିୟାଣାକୁ ୮-୦ ଗୋଲରେ ପରାସ୍ତ କରିଛି।

# ରାୟୁଡୁଙ୍କ ୟୁ ଟର୍ନ

**ମୁମ୍ବାଇ,୧୪।୫:** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟର ଅମ୍ବାତି ରାୟୁଡୁ ଶନିବାର ଚଳିତ ଆଇପିଏଲ ତାଙ୍କର ଅନ୍ତିମ ସିଜନ ହେବ ବୋଲି ଟୁଇଟ୍ କରିବାର ଘଣ୍ଟାକ ପରେ ଡିଲିଟ୍ କରି ଦେଇଥିଲେ। ଏଥି ନେଇ ପ୍ରଶଂସକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି। ''ମୁଁ ଖୁସିର ସହିତ ଘୋଷଣା କରୁଛି ଯେ, ଏହା ମୋ ପାଇଁ ଅନ୍ତିମ ଆଇପିଏଲ୍। ୧୩ ବର୍ଷ ଧରି ଦୁଇଟି ମହାନ୍ ଦଳର ମୁଁ ଅଂଶ ଥିଲି। ଆନ୍ତରିକତା ସହିତ ମୁଁ ମୁମ୍ବାଇ ଇଣ୍ଡିଆନ୍ସ ଓ ସିଏସ୍‌କେକୁ ଏହି ଚମତ୍କାର ଅଭିଯାନ ପାଇଁ ଧନ୍ୟବାଦ୍ ଜଣାଉଛି'' ବୋଲି ରାୟୁଡୁ ତାଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟରୁ ପୋଷ୍ଟ କରିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ ଟୁଇଟ୍ କରି ଲେଖିଥିଲେ, ତୁମ ସହିତ ୧୯ ବର୍ଷରୁ କମ୍ ଦିନରୁ ଖେଳିଛି। ସର୍ବଦା ତୁମ ବ୍ୟାଟିଂ ଏବଂ ତୁମେ ଯେଉଁ ଏନର୍ଜି ସହିତ ଖେଳ, ତାହାକୁ ମୁଁ ପ୍ରଶଂସା କରେ। ଆଗକୁ ତୁମ ଅଭିଯାନ ଲାଗି ଶୁଭକାମନା।

# ଆଇପିଏଲ୍ ବେଟିଂ ର୍‍ୟାକେଟ୍: ୩ ଅଟକ

ନୂଆଦିଲ୍ଲୀ,୧୪।୫

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମ୍ୟାଚ୍ ଫିକ୍ସିଂ ର୍‍ୟାକେଟ୍ ଚଳାଇବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଦିଲ୍ଲୀ ଓ ହାଇଦ୍ରାବାଦ୍‌ରୁ ୩ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଏମାନେ ପାକିସ୍ତାନରୁ ମିଳିଥିବା ଇନ୍‌ପୁଟ୍ ଆଧାରରେ ୨୦୧୯ ଆଇପିଏଲ୍‌ର କିଛି ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରିବା ସହ ମ୍ୟାଚ୍ ଫିକ୍ସିଂ ର୍‍ୟାକେଟ୍ ଚଳାଇଥିଲେ। ଏହି ର୍‍ୟାକେଟ୍ ସାମ୍ନାକୁ ଆସିବା ପରେ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ଦେଶବ୍ୟାପୀ ତଦନ୍ତ ଆରମ୍ଭ ହୋଇଥିବା କୁହାଯାଇଛି।

ଏଫ୍‌ଆଇଆର୍ ଅନୁଯାୟୀ, ପାକିସ୍ତାନରୁ ମିଳୁଥିବା ଟିପ୍ସ ଆଧାରରେ ଆଇପିଏଲ ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରୁଥିବା କ୍ରିକେଟ ବେଟିଂରେ କିଛି ବ୍ୟକ୍ତିଙ୍କ ନେଟ୍‌ୱର୍କ ସକ୍ରିୟ ଥିବା ସିବିଆଇକୁ ସୂଚନା ମିଳିଥିଲା। ଏଥିରେ ଅଭିଯୁକ୍ତ ଭାବେ ଦିଲ୍ଲୀର ରୋହିଣୀ ଅଞ୍ଚଳର ଦିଲୀପ କୁମାର, ହାଇଦ୍ରାବାଦ୍‌ର ଗୁରାମ ବାସୁ ଏବଂ ଗୁରାମ ସତିଶ୍‌ଙ୍କ ନାମ ଉଲ୍ଲେଖ ରହିଛି। ଏହି ନେଟ୍‌ୱର୍କ ୨୦୧୩ରୁ ସକ୍ରିୟ ରହିବା ସହ ଲୋକଙ୍କୁ ବେଟିଂରେ ସାମିଲ କରି ଠକୁଥିବା କୁହାଯାଇଛି। ବେଟିଂ ଉଦ୍ଦେଶ୍ୟରେ ଏହି ର୍‍ୟାକେଟର ସଦସ୍ୟମାନେ ଅଜଣା ବ୍ୟାଙ୍କ ଅଧିକାରୀଙ୍କ ସହ ମିଳିତ ଭାବେ ମିଛ ପ୍ରମାଣପତ୍ର ବ୍ୟବହାର କରି ଆକାଉଣ୍ଟ ମଧ୍ୟ ଖୋଲିଥିଲେ ବୋଲି କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ କୁହାଯାଇଛି।

''ବେଟିଂ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବ୍ୟାଙ୍କ ଆକାଉଣ୍ଟକୁ ଭାରତର ଜନସାଧାରଣଙ୍କ ଠାରୁ ଆସିଥିବା ଟଙ୍କାକୁ ହାୱାଲା କାରବାର ମାଧ୍ୟମରେ ବିଦେଶରେ ଥିବା ସେମାନଙ୍କ ସହଯୋଗୀଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ମିଳିଥିବା ସୂଚନା ମୁତାବକ, ଏହି ତଥାକଥିତ ବେଟିଂ ନେଟ୍‌ୱର୍କ ୨୦୧୦ରୁ କ୍ରିକେଟ ବେଟିଂରେ ସମ୍ପୃକ୍ତ ରହିଛି'' ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

# ଆଇସିୟୁରେ ଓଡ଼ିଶାର ମହାନ୍ ଖେଳାଳି ଅରୂପାନନ୍ଦ

**ଭୁବନେଶ୍ୱର,୧୪।୫(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରୀଡ଼ାର ଲିଜେଣ୍ଡ ତଥା ମହାନ୍ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଏବେ ରାଜଧାନୀର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ୫ଦିନ ତଳେ ପାହାଳ ପାଖ ଜୟପୁର ଗାଁରେ ଥିବା ନିଜ ଘରେ ସେ ପଡି ଯାଇଥିଲେ। ଓଡ଼ିଶା ଖେଳ ଇତିହାସରେ ସେ ଜଣେ କିମ୍ବଦନ୍ତୀ ଖେଳାଳି। ଅରୂପାନନ୍ଦ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଭାରତୀୟ ସିନିୟର ବାସ୍କେଟବଲ ଦଳ ପାଇଁ ଖେଳିବାର ଗୌରବ ହାସଲ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ଭାରତୀୟ ସିନିୟର ଦଳର କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଘରୋଇ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅରୂପାନନ୍ଦ ସର୍ଭିସେସ ସାଙ୍ଗକୁ ଓଡ଼ିଶା ପକ୍ଷରୁ ମଧ୍ୟ ଖେଳିଥିଲେ। ଓଡ଼ିଶାର ବାସ୍କେଟବଲ ପ୍ରସାର ଦିଗରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ଦୁଇ ଦଶନ୍ଧି ତଳୁ ସେ ବିଜୁ ପଟ୍ଟନାୟକ ଲାଇଫ୍ ଟାଇମ୍ କ୍ରୀଡ଼ା ପୁରସ୍କାର ହାସଲ କରିସାରିଛନ୍ତି। ଗତ ମାର୍ଚ୍ଚ ୨୧ରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବରେ ତାଙ୍କୁ ଲାଇଫ୍ ଟାଇମ୍ ପୁରସ୍କାର ମିଳିଥିଲା। ତାଙ୍କ ଚିକିତ୍ସା ଭାର ପରିବାର ଲୋକେ ବୁଝୁଥିଲା ବେଳେ ଓଡ଼ିଶା ସରକାରଙ୍କ ପାଖରୁ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି। ଚିକିତ୍ସା ପରବର୍ତ୍ତୀ ସମୟରେ ତାଙ୍କୁ କିପରି ଉନ୍ନତ ସେବା ମିଳିବ ସେ ଦିଗରେ ଓଡ଼ିଶା ସରକାରଙ୍କ ଠାରୁ ସହାୟତା ଲୋଡ଼ିଛନ୍ତି।




# ଏସ୍‌ଏସ୍‌ବି ସହ ଡ୍ର ରଖିଲା ସ୍ପୋର୍ଟ୍ସ ଓଡ଼ିଶା

**ଭୁବନେଶ୍ୱର, ୧୪।୫ (ପି.ଟି.):** ସ୍ଥାନୀୟ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର ଏକ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ପଶ୍ଚିମବଙ୍ଗର ଏସ୍‌ଏସ୍‌ବି ମହିଳା ଦଳ ସହ ଏହାର ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖିଛି। ଓଡ଼ିଶା ସ୍ପୋର୍ଟ୍ସ ତରଫରୁ ପ୍ୟାରୀ ଖାଖା ୨୯ତମ ମିନିଟରେ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପଶ୍ଚିମବଙ୍ଗ ଦଳର ସନ୍ଧ୍ୟା କାଛାପ ୪୧ତମ ମିନିଟରେ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। କ୍ୟାପିଟାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଗୋକୁଲମ କେରଳ ୫-୦ ଗୋଲରେ କିକ୍‌ଷ୍ଟାର୍ଟ ଦଳକୁ ପରାସ୍ତ କରିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଜେସିବି ଖୋଳୁଛି ପୋଖରୀ



**ନୟାଗଡ଼ ଅଫିସ,୧୪।୫:** ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତର ଷଠିଆପଲ୍ଲୀ ଗାଁ ପୋଖରୀକୁ ଜେସିବି ଖୋଳୁଛି। ଟ୍ରାକ୍ଟରରେ ବୁହା ହେଉଛି ମାଟି । ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି କାମ । ଶ୍ରମିକଙ୍କର ଦେଖା ନାହିଁ । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଚାଲିଥିବା ପୋଖରୀ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ଜିଲା ସାରା ଏପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଚାଲିଛି। ଅଭିଯୋଗ କଲେ ଉତ୍ତର ମିଳୁଛି ଯନ୍ତ୍ର କାମ କରୁଥିବାର ପ୍ରମାଣ ମିଳୁନି । ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ । ଅଭିଯୋଗ ସହ ପ୍ରମାଣ ଯୋଗାଇ ଦେଲେ ମଧ ପ୍ରଶାସନ ଅଣଦେଖା କରୁଥିବା ଦାଶ କହିଛନ୍ତି ।

# କିଡ୍‌ନୀ ରୋଗରେ ୫ ବର୍ଷରେ ୧୦ ମୃତ

ନୟାଗଡ଼ ଅଫିସ,୧୪।୫

- ମୃତ୍ୟୁ ସହ ଲଢୁଛନ୍ତି ୪ ରୋଗୀ
- ଚଢ଼େୟାପଲ୍ଲୀରେ ଭୟର ବାତାବରଣ

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ପଞ୍ଚାୟତର ଚଢ଼େୟାପଲ୍ଲୀ ଏବଂ ଓଷାମସ୍କା ଗାଁ ଦଳିତସାହିରେ କିଡ୍‌ନୀ ଜନିତ ରୋଗ ଘାତକ ସାଜିଛି। ୫ ବର୍ଷରେ ୧୦ଜଣଙ୍କ ମୃତ୍ୟୁ ଘଟିଛି । ଏବେ ବି ୪ରୋଗୀ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଜଣକ ପରେ ଜଣେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ଓ ସେହି ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ ତୁରନ୍ତ କାରଣ ଖୋଜା ଯାଉ, ରୋଗୀମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।




ଅସୁସ୍ଥ ଚିନ୍ତାମଣି ନାୟକ ଓ କରୁଣାକର ନାୟକ

ସୂଚନା ଅନୁଯାୟୀ, ଚଢ଼େୟାପଲ୍ଲୀ ଦଳିତସାହିରେ ୧୫ ପରିବାରର ୧୧୧ ଲୋକ ବାସ କରନ୍ତି । ସେହିପରି ଓଷାମସ୍କା ଗାଁର ଦଳିତସାହିରେ ୯ ପରିବାରରେ ୮୯ ଲୋକ ବାସ କରନ୍ତି। ଉଭୟ ସାହିରେ ଗୋଟିଏ ଲେଖାଏଁ ନଳକୂପ ଅଛି । ହେଲେ ସେହି ନଳକୂପ ପାଣି ପାନୀୟ ଉପଯୋଗୀ ନୁହେଁ। ନଳକୂପରୁ କସରା ରଙ୍ଗର ପାଣି ବାହାରୁଛି । କିଛି ସମୟ ରଖିଦେଲେ ପାଣି ଉପରେ ଏକ ଆବରଣ ବସି ଯାଉଛି । ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକେ ଏକାଧିକଥର ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଏପରିକି ରାଜନେତାଙ୍କୁ ଜଣାଇଛନ୍ତି। ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ପାରୁ ନାହିଁ । ଏଭଳିସ୍ଥଳେ ଚଢ଼େୟାପଲ୍ଲୀ ଦଳିତସାହିର ବାଞ୍ଛାନିଧି ନାୟକ(୫୦)ଙ୍କ ଗତ ଏପ୍ରିଲ ୨୯ରେ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଛି। ସେହିପରି ଚିନ୍ତାମଣି ନାୟକ(୫୦), କାହ୍ନୁ ଚରଣ ନାୟକ(୪୫) ଅନୁରୂପ ଭାବେ ରୋଗରେ ଘାଣ୍ଟି ହୋଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ପୁଣି ଓଷାମସ୍କା ଦଳିତସାହିର ଚର୍ତୁଭୂଜ ନାୟକ(୫୦)ଙ୍କ ଗତ ଫେବୃୟାରୀ ୧୯ରେ ମୃତ୍ୟୁ ଘଟିଛି । ସେହି ସାହିର କରୁଣାକର ନାୟକ(୪୦) କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

ଏନେଇ ଚଢ଼େୟାପଲ୍ଲୀ ଦଳିତ ସାହିର ଚିନ୍ତାମଣି ନାୟକ ଏବଂ ଓଷାମସ୍କା ଦଳିତ ସାହିର କରୁଣାକର ନାୟକ କୁହନ୍ତି, ନଳକୂଅର ପାଣିରେ ଲୌହ ଅଂଶ ରହିଛି। କସରା ରଙ୍ଗର ପାଣି ବାହାରୁଛି । ସେହି ପାଣି ପାନୀୟ ଜଳ ଉପଯୋଗୀ ହୋଇ ନ ଥିଲେ ହେଁ ବିକଳ୍ପ ନ ଥିବାରୁ ପାନୀୟ ଜଳ ଓ ରୋଷେଇ ପାଇଁ ବ୍ୟବହାର ହେଉଛି। ଏଣୁ ଗାଁର ପ୍ରାୟ ଅଧିକାଂଶ ଲୋକେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି । କିନ୍ତୁ ନଳକୂଅର ପାଣି ଫ୍ଲୋରାଇଡ୍ ନୁହଁ ବୋଲି କୁହାଯାଉଛି । ପ୍ରଥମତଃ ଗାଁର ପାଣିର ନମୁନା ନେଇ ପରୀକ୍ଷା କରାଯିବା ଦରକାର । କେଉଁ କାରଣରୁ କିଡ୍‌ନୀ ରୋଗ ହେଉଛି ତାର ତର୍ଜମା ହେବା ଆବଶ୍ୟକ । ଭଲ ପାଣି କିପରି ଲୋକମାନେ ପିଇବେ ତାର ବନ୍ଦୋବସ୍ତ ହେବା ଦରକାର । ସେହିପରି ଯେଉଁମାନେ ରୋଗରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କୁ ମାଗଣାରେ ଚିକିତ୍ସା କରାଯିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଲୋକଙ୍କ ପାଖରେ ଅର୍ଥ ନ ଥିବାରୁ ରୋଗର ଚିକିତ୍ସା କରି ନ ପାରି ପ୍ରାଣ ହରାଉଛନ୍ତି । ସରକାର ଲୋକଙ୍କ ଦୁଃଖ ନ ବୁଝିଲେ ଆମେ ଜଣେ ପରେ ଜଣେ ପ୍ରାଣ ହରାଇ ଚାଲିଥିବୁ ବୋଲି ସେ କ୍ଷୋଭର ସହ କହିଛନ୍ତି ।

## କଳସ ଶୋଭାଯାତ୍ରା



**ଖଣ୍ଡପଡ଼ା,୧୪।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତସ୍ଥିତ ସୋମନାଥ ମହାଦେବଙ୍କ ବୈଶାଖୀ ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ନିକଟସ୍ଥ କୁସୁମୀ ନଦୀରୁ କଳସୀରେ ଜଳ ନେଇ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ଏହି ଯଜ୍ଞ ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକମାନେ କହିଛନ୍ତି ।

# ନୀଳମାଧବ ଜୀଉଙ୍କ ଚାଚେରୀ ଭୋଗଖିଆ ନୀତି ଆରମ୍ଭ

ଖଣ୍ଡପଡ଼ା,୧୪।୫(ସ୍ୱ.ପ୍ର.)

- ୨୪ ପର୍ଯ୍ୟନ୍ତ ଚାଲିବ ଏହି ପରମ୍ପରା
- ଚାଲିଛି ଚନ୍ଦନଯାତ୍ରାର ନୀତିକାନ୍ତି

କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ଶୁକ୍ରବାର ଥିଲା ଦ୍ୱାଦଶ ଦିବସ। ଶ୍ରୀଜୀଉମାନେ ଚନ୍ଦନ ପୋଖରୀକୁ ଅପରାହ୍ନ ପ୍ରାୟ ସାଢେ ୫ଟାରେ ଜଳକ୍ରୀଡା କରିବାକୁ ବିଜେ ହୋଇଥିଲେ । ଠାକୁର ଅକ୍ଷୟ ତୃତୀୟା ତଥା ଚନ୍ଦନ ଯାତ୍ରାର ପ୍ରଥମ ଦିନରେ ପରମ୍ପରା ଅନୁଯାୟୀ ନୀଳମାଧବ ବିଦ୍ୟାପୀଠରେ ଭୋଗଲାଗି ହୋଇଥିବାରୁ ଶ୍ରୀଜୀଉମାନେ ଚଳିତବର୍ଷ ବିଭିନ୍ନ ସାହିକୁ ଚାଚେରୀ ଭୋଗ ଖାଇବାକୁ ଯିବା ଏକ ପ୍ରକାର ନିଶ୍ଚିତ ହୋଇଥିଲା । ତେବେ ଚନ୍ଦନଯାତ୍ରାର ୧୧ ଚାପ ପରେ ଯଦି ଠାକୁରମାନେ ବାଟ ଭାଙ୍ଗି ସାହି ମଧ ଦେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ଠାକୁରଙ୍କ ପାରମ୍ପରିକ ଚାଚେରୀ ଭୋଗ ନୀତି ସମ୍ପନ୍ନ ହେବ ବୋଲି ଧରି ନିଆଯାଏ । ଏହି ପ୍ରରିପ୍ରେକ୍ଷୀରେ ଶୁକ୍ରବାର ଶ୍ରୀଜୀଉମାନେ ୧୧ ଚାପରେ ଚନ୍ଦନ ପୋଖରୀକୁ ବିଜେ ହୋଇଥିଲେ । ଅପରାହ୍ନରେ ଶ୍ରୀଜୀଉମାନେ ଜଳକ୍ରୀଡା ସମ୍ପନ୍ନ କରି ଚନ୍ଦନ କୁଣ୍ଡରେ ସ୍ନାନ କରି ସନ୍ଧ୍ୟା ଚାପ ପରେ ରାତି ପ୍ରାୟ ସାଢେ ୯ଟାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଓ ହରପାର୍ବତୀଙ୍କୁ ସାଥିରେ ନେଇ ପୃଥକ୍ ପୃଥକ୍ ସୁସଜ୍ଜିତ ମଣି ବିମାନରେ ଯାତ୍ରାପଦା ବଜାର, ହାଟମୁଣ୍ଡ ପାଟଣା, ମଝିସାହି ପାଟଣା ଓ ସେବକସାହି ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଭାଗୀୟ ନିଷ୍ପତ୍ତି ତଥା ପରମ୍ପରା କ୍ରମେ ବିଭିନ୍ନ ସାହି ପରିକ୍ରମା ଅବସରରେ ପ୍ରତ୍ୟେକଙ୍କ ଦୁଆରେ ଭୋଗ ଲାଗି ହେବ। ଏହି ପ୍ରକ୍ରିୟା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।



ଚାଚେରୀ ଭୋଗ ପାଇଁ ଶ୍ରୀଜୀଉଙ୍କୁ ନିଆଯାଉଛି ।

ସୂଚନାଯୋଗ୍ୟ, ଠାକୁରମାନେ ଅକ୍ଷୟତୃତୀୟାଠାରୁ ମନ୍ଦିରରୁ ବାହାରି ସେବକସାହି, ମେଡିକାଲ ଓ ବଙ୍ଗଳା ଛକ ଦେଇ ଜଳକ୍ରୀଡା କରିବାକୁ ଆସିଥାନ୍ତି। ସନ୍ଧ୍ୟା ଚାପ ପରେ ପୁନର୍ବାର ସେହି ବାଟଦେଇ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ମାତ୍ର ଅକ୍ଷୟତୃତୀୟାର ୧୦ଦିନ ପରେ ଅର୍ଥାତ୍ ୧୧ ଚାପ ପରେ ବିଭିନ୍ନ ସାହି ଦେଇ ବିଜେ ହେବା ପରେ ଠାକୁରମାନେ ଚାଚେରୀ ଭୋଗ ଖାଇବାର ନିଶ୍ଚିତ ହୋଇଥାଏ ।

# ୬୭ ମାମଲାର ଫଇସଲା ହେଲା

ଓଡ଼ଗାଁରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଓଡ଼ଗାଁ,୧୪।୫(ସ୍ୱ.ପ୍ର.):** ସ୍ଥାନୀୟ ଦେୱାନୀ ଅଦାଲତ ପରିସରରେ ରବିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୬୭ ମାମଲାର ଫଇସଲା ହୋଇଛି । କେବଳ ବ୍ୟାଙ୍କ ସମ୍ବନ୍ଧୀୟ ୧୨୨ ମାମଲାରୁ ୧୧ର ଫଇସଲା ହୋଇ ୩ ଲକ୍ଷ ୪୩ ହଜାର ୨୫୮ଟଙ୍କା ଅସୁଲ ହୋଇଛି। ବରିଷ୍ଠ ଦେୱାନୀ ଜଜ୍ ତଥା ସହକାରୀ ଦୌରାଜଜ୍ ଶିବାଶିଷ ଗିରି ଦେୱାନୀ ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ(ଅଧ୍ୟକ୍ଷ ତାଲୁକ ଲିଗାଲ ସର୍ଭିସ କମିଟି) ସୁଜନ, ଗ୍ରାମ ନ୍ୟାୟାଧିକାରୀ ସୁଧାବାଇ ଅଗ୍ରୱାଲଙ୍କ ଉପସ୍ଥିତିରେ ବରିଷ୍ଠ ଦେୱାନୀ ଅଦାଲତରେ ୨୫ ମାମଲା, କନିଷ୍ଠ ଦେୱାନୀ ଅଦାଲତରେ ୪ ମାମଲା ଏବଂ ଗ୍ରାମ୍ୟ ନ୍ୟାୟାଳୟରେ ୨୬ ଏଫ୍‌ଆରଟି ଓ ଗୋଟିଏ ବୈବାହିକ ମାମଲାର ସମାଧାନ ହୋଇଛି ।

NIFTEM | ସତ୍ୟମେଵ ଜୟତେ | MOFPI MINISTRY OF FOOD PROCESSING INDUSTRIES GOVERNMENT OF INDIA

**ଜାତୀୟ ଖାଦ୍ୟ ପ୍ରଯୁକ୍ତି ଉଦ୍ୟମିତା ଏବଂ ପରିଚାଳନା ଅନୁଷ୍ଠାନ, କୁଣ୍ଡଲି**

ଭାରତ ରାଜପତ୍ର ସିଜି-ଡିଏଲ୍-ଇ-୩୦୦୭୨୦୨୧-୨୨୮୬୧୪ ଅନୁଯାୟୀ ଜାତୀୟ ମହତ୍ତ୍ୱଧାରୀ ଅନୁଷ୍ଠାନ
ଇ-ମେଲ: admission@niftem.ac.in, ଫୋନ: ୦୧୩୦-୨୨୮-୧୧୦୧/୧୦୭୦,
ପ୍ଲଟ୍ ନଂ.୯୭, ସେକ୍ଟର-୫୬, ଏଚ୍‌ଏସ୍‌ଆଇଆଇଡିସି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, କୁଣ୍ଡଲି- ୧୩୧୦୨୮, ଜିଲ୍ଲା- ସୋନିପତ, ହରିୟାଣା

**ନାମଲେଖା ବିଜ୍ଞପ୍ତି ୨୦୨୨-୨୩**

**ଗୁରୁତ୍ୱପୂର୍ଣ୍ଣ ତାରିଖଗୁଡ଼ିକ**

| | |
|---|---|
| ଏମ୍.ଟେକ୍, ଏମ୍‌ବିଏ ଏବଂ ପିଏଚ୍.ଡି ପାଠ୍ୟକ୍ରମଗୁଡ଼ିକ ପାଇଁ ଅନ୍‌ଲାଇନ ଦରଖାସ୍ତ ଗ୍ରହଣ ଆରମ୍ଭ ହେବ | ୧୧।୦୫।୨୦୨୨ |
| ଅନ୍‌ଲାଇନ ଦରଖାସ୍ତ ଦାଖଲର ଶେଷ ତାରିଖ | ୧୧।୦୬।୨୦୨୨ |

କିପରି ଆବେଦନ କରିବେ: ଆବେଦନକାରୀମାନଙ୍କୁ ଅନ୍‌ଲାଇନ୍‌ରେ www.niftem.ac.inରେ ଆବେଦନ କରିବାକୁ ହେବ । ଅଣସଂରକ୍ଷିତ/ଓବିସି–ଏନ୍‌ସିଏଲ/ଇଡବ୍ଲ୍ୟୁଏସ୍/ଟିଏଫ୍‌ଡବ୍ଲ୍ୟୁ ବର୍ଗର ପ୍ରାର୍ଥୀମାନଙ୍କୁ ପ୍ରତ୍ୟେକ ଦରଖାସ୍ତ ଫର୍ମ ପାଇଁ ଟ.୧୦୦୦/–ର ଦେୟ ପୈଠ କରିବାକୁ ହେବ ଏବଂ ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି ବର୍ଗର ପ୍ରାର୍ଥୀମାନଙ୍କୁ ଟ.୫୦୦/– ପୈଠ କରିବାକୁ ହେବ । ବ୍ୟାଙ୍କ ଶୁଳ୍କ ପ୍ରାର୍ଥୀମାନଙ୍କ ଦ୍ୱାରା ବହନ କରାଯିବ । ଅଧିକ ବିବରଣୀ ଏବଂ ସମୟ ସମୟରେ କୌଣସି ଅପଡେଟ୍ ପାଇଁ ଆବେଦନକାରୀମାନେ ଏନ୍‌ଆଇଏଫ୍‌ଟିଇଏମ୍ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ ।
ଏନ୍‌ଆଇଏଫ୍‌ଟିଇଏମ୍, କୁଣ୍ଡଲି ନିମ୍ନଲିଖିତ ଶିକ୍ଷାଗତ ପାଠ୍ୟକ୍ରମ ପ୍ରଦାନ କରୁଛି:–
- ବି.ଟେକ୍.: ଖାଦ୍ୟ ପ୍ରଯୁକ୍ତି ଏବଂ ପରିଚାଳନା (ଏଫ୍‌ଟିଏମ୍)ରେ ଚାରିବର୍ଷିଆ ନିୟମିତ ଡିଗ୍ରୀ କାର୍ଯ୍ୟକ୍ରମ ।
- ଏମ୍.ଟେକ୍.: ପାଞ୍ଚଟି ସ୍ରୋତରେ ଦୁଇବର୍ଷିଆ ନିୟମିତ ଡିଗ୍ରୀ ପାଠ୍ୟକ୍ରମ, ୧. ଖାଦ୍ୟ ପ୍ରଯୁକ୍ତି ଏବଂ ପରିଚାଳନା (ଏଫ୍‌ଟିଏମ୍), ୨. ଖାଦ୍ୟ ପ୍ରକ୍ରିୟା ଯାନ୍ତ୍ରିକୀ ଏବଂ ପରିଚାଳନା (ଏଫ୍‌ପିଇଏମ୍), ୩. ଖାଦ୍ୟ ସୁରକ୍ଷା ଏବଂ ଗୁଣବତ୍ତା ପରିଚାଳନା (ଏଫ୍‌ଏସ୍‌କ୍ୟୁଏମ୍), ୪. ଖାଦ୍ୟ ଯୋଗାଣ ଶୃଙ୍ଖଳ ପରିଚାଳନା (ଏଫ୍‌ଏସ୍‌ସିଏମ୍) ଏବଂ ୫. ଖାଦ୍ୟ କାରଖାନା ସଂଚାଳନ ପରିଚାଳନା (ଏଫ୍‌ପିଓଏମ୍) ।
- ଏମ୍‌ବିଏ: ଦୋହରା ବିଶେଷଜ୍ଞତା ସହିତ ଦୁଇବର୍ଷିଆ ନିୟମିତ ଡିଗ୍ରୀ ପାଠ୍ୟକ୍ରମ, (୧) ଖାଦ୍ୟ ଏବଂ କୃଷି ବ୍ୟବସାୟ ପରିଚାଳନା (ବାଧ୍ୟତାମୂଳକ) ଏବଂ (୨) ବିପଣନ/ଫାଇନାନ୍ସ/ଅନ୍ତର୍ଜାତୀୟ ବ୍ୟବସାୟ (ଯେକୌଣସି ଗୋଟିଏ ବଛାଯିବ) ।
- ପିଏଚ୍.ଡି.: ପାଞ୍ଚଟି ସ୍ରୋତରେ ନିୟମିତ ଡିଗ୍ରୀ ପାଠ୍ୟକ୍ରମ, ୧. କୃଷି ଏବଂ ପରିବେଶ ବିଜ୍ଞାନ (ଏଇଏସ୍), ୨. ମୌଳିକ ଏବଂ ପ୍ରାୟୋଗିକ ବିଜ୍ଞାନ (ବିଏଏସ୍), ୩. ଖାଦ୍ୟ ଯାନ୍ତ୍ରିକୀ (ଏଫ୍‌ଇ), ୪. ଖାଦ୍ୟ ବ୍ୟବସାୟ ପରିଚାଳନା ଏବଂ ଉଦ୍ୟମିତା ବିକାଶ (ଏଫ୍‌ବିଏମ୍ ଆଣ୍ଡ ଇଡି) ଏବଂ ୫. ଖାଦ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି (ଏଫ୍‌ଏସ୍‌ଟି) ।

ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.niftem.ac.in/niftem.ac.in/newsite/page_id=1494
ନିବନ୍ଧକ

# କାଳବୈଶାଖୀ ପ୍ରଭାବିତ ଲୋକଙ୍କୁ ସହାୟତା



ଜନପ୍ରତିନିଧିମାନେ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

ଦଶପଲ୍ଲା,୧୪।୫(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅଧୀନ ଖାମାରସାହି ପଞ୍ଚାୟତରେ କାଳବୈଶାଖୀ ବର୍ଷାର ପ୍ରଭାବରେ ପ୍ରାୟ ୮୦ ବଖରା ଚାଳ ଛପର ଉଡ଼ିଯାଇଥିଲା । ସେହି ପରିବାରର ସଦସ୍ୟମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ଆଖି ଆଗରେ ରଖି ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଖମାରାସାହି ପଞ୍ଚାୟତର ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ମଙ୍ଗଳ ମହାଶୟ, ନାଏବ ସରପଞ୍ଚ କୁବେର ପାତ୍ର, ଖମାରସାହି ପଞ୍ଚାୟତର ସାମାଜିକ କର୍ମୀ ବସନ୍ତ କୁମାର ପ୍ରଧାନ ଓ ଭାବଗ୍ରାହୀ ତାରେଣିଆ ପ୍ରମୁଖ ଗାଁକୁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ଅସହାୟ ପରିବାରକୁ ୮୦ଖଣ୍ଡ ପଲଥିନ ପ୍ରଦାନ କରିଛନ୍ତି । ଅଚଳ ହୋଇପଡିଥିବା ନଳକୂଅ ମରାମତି କରାଯାଇଛି ।

CGEWHO
**କେନ୍ଦ୍ରୀୟ ସରକାରୀ କର୍ମଚାରୀ କଲ୍ୟାଣ ଆବାସ ସଙ୍ଗଠନ**
(ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର)

**ଇ-ନିଲାମ ସମ୍ବନ୍ଧୀୟ ଘୋଷଣା (ଜନସାଧାରଣଙ୍କ ପାଇଁ)**

ବିବରଣୀ: ବେଗୁନିଆବରାଇ, ଭୁବନେଶ୍ୱରଠାରେ କାର୍ ପାର୍କିଂ ସହିତ ୨ ବିଏଚ୍‌କେ, କ୍ଷେତ୍ର: ୧୦୮୧ ବର୍ଗଫୁଟ, ୨ୟ ମହଲାରେ (ଗୃହପ୍ରବେଶ ପାଇଁ ପ୍ରସ୍ତୁତ) ।

| ଆବେଦନ ରାଶି (ଟ.) (ଏନ୍‌ଆର୍) | ରିଜର୍ଭ ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଇଏମ୍‌ଡି (ଟଙ୍କାରେ) ଫେରସ୍ତଯୋଗ୍ୟ | ବର୍ଦ୍ଧନ ମୂଲ୍ୟ (ଟଙ୍କାରେ) |
|---|---|---|---|
| ୨୦୦୦/– | ୩୭,୨୬,୦୦୦/– | ୩,୭୨,୬୦୦/– | ୩୭,୨୬୦/– |

ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ : ୦୨।୦୫।୨୦୨୨ (ସୋମ)
ଅନ୍‌ଲାଇନ ପଞ୍ଜୀକରଣ ସମାପ୍ତି : ୨୫।୦୫।୨୦୨୨ (ବୁଧ)
ଇ–ନିଲାମର ତାରିଖ : ୨୭।୦୫।୨୦୨୨ (ଶୁକ୍ର)
ଅଧିକ ବିବରଣୀ ପାଇଁ ସିଜିଇଡବ୍ଲ୍ୟୁଏଚ୍‌ଓ ୱେବ୍‌ସାଇଟ୍ www.cgewho.in ପରିଦର୍ଶନ କରନ୍ତୁ କିମ୍ବା ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।
davp 20105/12/0003/2223

## ୧୫ ରୁ ୭ ଦିନିଆ ସ୍କୁଲସ୍ତରୀୟ ବାସ୍କେଟ ବଲ ଟୁର୍ନାମେଣ୍ଟ

**ବ୍ରହ୍ମପୁର ଅଫିସ,୧୪।୫**

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ଓ ଜିଲା ବାସ୍କେଟ ବଲ ସଂଘର ୭ ଦିନିଆ ସ୍କୁଲସ୍ତରୀୟ ବାସ୍କେଟ ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୧୫ ରୁ ୨୨ ପର୍ଯ୍ୟନ୍ତ ଏସ୍‌ପି ଅଫିସ କାର୍ଯ୍ୟାଳୟ ପରିସରରେ ଥିବା ବାସ୍କେଟ ବଲ କୋର୍ଟରେ ଖେଳାଯିବ। ଏଥିରେ କିଶୋର ଓ ଯୁବ ଦୁଇଟି ବର୍ଗରେ ଉଭୟ ପ୍ରତିଯୋଗିତା ହେବ। ଜିଲାର ବିଭିନ୍ନ ସ୍କୁଲର ୧୩ ବର୍ଷରୁ କମ୍ ବାଳିକା ଓ ବାଳକମାନେ କିଶୋର ବର୍ଗରେ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ କନିଷ୍ଠ ବର୍ଗରେ ଅଂଶଗ୍ରହଣ କରିବେ। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ବାସ୍କେଟ ବଲ ସଂଘ ଆନୁକୂଲ୍ୟରେ ଏହି ସାପ୍ତାହିକ ଟୁର୍ନାମେଣ୍ଟ ୧୫ରୁ ୨୨ ପର୍ଯ୍ୟନ୍ତ ଅପରାହ୍ନ ୪.୩୦ରେ ଆରମ୍ଭ ହେବ।

यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦
**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି" ଭିତ୍ତିରେ ତା.୧୭.୦୬.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** ଋଣଗ୍ରହୀତା: ଶ୍ରୀ ସାରଦା ପ୍ରସାଦ ସାହୁ, ପିତା: ନିରଞ୍ଜନ ସାହୁ, ମେସର୍ସ ନିଉ ଉମାଶଙ୍କର ଜୁଏଲର୍ସର ସତ୍ତ୍ୱାଧିକାରୀ, ସା:ମୁକୁନ୍ଦପୁର, ସିପି-୭୫୪୧୦୩, ଜାମିନ୍‌ଦାର: ଶ୍ରୀ ମାନସ ରଞ୍ଜନ ସାହୁ, ପିତା: ନିରଞ୍ଜନ ସାହୁ, ସା:ମୁକୁନ୍ଦପୁର, ସିପି, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡିଶା, ପିନ୍-୭୫୪୧୦୩/ବକେୟା ରାଶି:ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୯,୮୪,୨୭୪.୪୭ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ମାନସ ରଞ୍ଜନ ସାହୁ ଏବଂ ଶ୍ରୀ ସାରଦା ପ୍ରସାଦ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୨୨୫୮, ଖାତା ନଂ.୭୦୯ (ଏ୦.୦୬ ଡିସିମିଲି), ମୁକୁନ୍ଦପୁର ମୌଜା ଏବଂ ଗ୍ରାମ ଜଗତସିଂହପୁର ତହସିଲି, ସମୁଦାୟ ଏରିଆ: ଏ୦.୦୬ ବା ୨୬୧୩ ବର୍ଗଫୁଟ, ମୁକୁନ୍ଦପୁର, ପୋ/ଥାନା: ଜଗତସିଂହପୁର, ମୁକୁନ୍ଦପୁର ସିପି ଛକ ନିକଟ, ଜଗତସିଂହପୁର, ଓଡିଶା-୭୫୪୧୦୩। | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୨. | **କଟକ ବକ୍ସିବଜାର ଶାଖା, ମୋ.: ୮୯୦୪୪୭୨୦୫୧** (୧)ଶ୍ରୀ ପ୍ରଦୀପ ଚନ୍ଦ୍ର ମହାରଣା, (୨)ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାରଣା, ଠିକଣା:ସା- ଶାନ୍ତି ବିହାର, କନିକା ରୋଡ, ତୁଳସୀପୁର, କଟକ, ଜିଲ୍ଲା:କଟକ, ଓଡିଶା-୭୫୩୦୦୮ / ବକେୟା ରାଶି: ତା.୦୬.୦୪.୨୦୨୨ରିଖ ସୁଦ୍ଧାଟ.୧୫,୫୭,୧୯୧.୧୭ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାରଣାଙ୍କ ନାମରେ ଥିବା ବାସୋପଯୋଗି ଜମି ଯାହାର ମୌଜା:ନୂଆପଡା, କଟକ ତହସିଲି ନଂ.୨୪୬, ଥାନା:କଟକସଦର, ଜିଲ୍ଲା:କଟକ,ଆରଓଆର ଖତିୟାନ ନଂ.୬୧୪/୨୬୧୬, ପ୍ଲଟ ନଂ.୨୫୩୨/୬୦୯୧, ଏରିଆ: ଏ୦.୦୩୬ ଡିସିମିଲି, ପ୍ଲଟ ନଂ.୨୫୩୧/୬୦୯୨, ଏରିଆ: ଏ୦.୦୫୬ ଡିସିମିଲି, କିସମ:ଘରବାରୀ, ୨ଟିପ୍ଲଟର ସମୁଦାୟ ଏରିଆ:ଏ୦.୦୯୨ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ୧୦ ଓ ୧୧, ଦକ୍ଷିଣ- ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୨୯, ପଶ୍ଚିମ- ରାସ୍ତା। | ଟ.୬୯,୭୮,୦୦୦/- / ଟ.୬,୯୭,୮୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 008711980050000 IFSC Code: UBIN0800872 |
| ୩. | **ସିଡିଏ ବିଡାନାସୀ ଶାଖା, ମୋ.:୯୯୧୮୩୦୧୪୩୩** ଋଣଗ୍ରହୀତାମାନେ:(୧)ମେସର୍ସ ଡି ପି ପଲିମର, ସତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଭାଓଶିଙ୍କା, (୨) ଶ୍ରୀମତୀ ରେଖା ଭାଓଶିଙ୍କା, ସ୍ୱା:ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ଜାମିନ୍‌ଦାରମାନେ: (୧)ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କାଙ୍କ ଆଇନଗତ ଉତ୍ତରାଧିକାରୀମାନେ: (କ)ଶ୍ରୀମତୀ ଉମା ମୋଦି, ପିତା: ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ନରେନ୍ଦ୍ର କିଶୋର ମୋଦି, ଏସ୍‌ଏଚ୍‌କେ ପ୍ରସାଦ ମଠ ରେସିଡେନ୍ସି, ଫ୍ଲାଟ ନଂ.୪୦୧, ୫୦-୫୦-୩୫/୨, ବି ଏସ୍ ଲେଆଉଟ୍, ବିଶାଖାପାଟନମ୍-୫୩୦୦୧୩, (ଖ) ଶ୍ରୀମତୀ ପାର୍ବତୀ ଅଗରୱାଲ, ପିତା: ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ଠିକଣା: ପୁରୁଣା ପୋଷ୍ଟ ଅଫିସ୍ ରୋଡ, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, (ଗ) ଶ୍ରୀ ଓମ୍ ପ୍ରକାଶ ଭାଓଶିଙ୍କା, ପିତା: ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କା (ପୁତ୍ର), ଠିକଣା: ମାତାମଠ, କ୍ୟାଣ୍ଟନମେଣ୍ଟ ରୋଡ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, (ଘ) ଶ୍ରୀମତୀ ବିନୀତା ମୋଦି, ପିତା: ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: କିଶାନ କୁମାର ମୋଦି, ସା: ନୟାସଡକ, ପୋ.: ଚାନ୍ଦିନୀ ଚୌକ, ଥାନା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯, (ଙ) ଶ୍ରୀମତୀ ଅନୀତା ସରଓଗି, ପିତା: ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କା (କନ୍ୟା), ସ୍ୱା: ରଞ୍ଜିତ କୁମାର ସରଓଗି, ଠିକଣା: ରାଞ୍ଚି ରୋଡ, ପୁରୁଲିଆ, ମୁନିସିପାଲିଟି ୱାର୍ଡ ନଂ.୩, ଟାକ୍ସି ଷ୍ଟାଣ୍ଡ, ପୁରୁଲିଆ, ପଶ୍ଚିମବଙ୍ଗ, ପିନ୍-୭୨୩୧୦୧ / ବକେୟା ରାଶି: ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୨,୮୬,୫୧,୬୨୪.୩୧ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | ସ୍ୱର୍ଗତ ଦ୍ୱାରିକା ପ୍ରସାଦ ଭାଓଶିଙ୍କା ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୩୮/୧୦, ପ୍ଲଟ ନଂ.୨୪, ଏରିଆ: ଏ୦.୧୫୨ ଡିସିମିଲି, ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ଜିଲ୍ଲା: କଟକ, ଓଡିଶା-୭୫୩୦୦୧, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ରାଧେଶ୍ୟାମ ଗୋଇଙ୍କା, ଦକ୍ଷିଣ- ସାଜନ ଭାଓଶିଙ୍କା, ପୂର୍ବ- ରାସ୍ତା, ପଶ୍ଚିମ- ରାଧେଶ୍ୟାମ ଗୋଇଙ୍କା । | ଟ.୬,୦୩,୪୫,୦୦୦/- / ଟ.୬୦,୩୪,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 588601980050000 IFSC Code: UBIN0558869 |
| ୪. | **କଟକ ଇସିବି ଶାଖା, ମୋ.:୭୦୦୮୪୨୨୩୭୭** (୧)ମେସର୍ସ ସାଇ ବାବା ଗ୍ଲାସ ହାଉସ୍, ସତ୍ତ୍ୱାଧିକାରୀ: ଶ୍ରୀ ଜୟନ୍ତ ପ୍ରସାଦ, ପିତା: ସ୍ୱର୍ଗତ ପରମାନନ୍ଦ ପ୍ରସାଦ, ରାଣୀହାଟ, ରାଧାକୃଷ୍ଣ ମନ୍ଦିର ନିକଟ, ପୋ.: ବକ୍ସି ବଜାର, କଟକ-୭୫୩୦୦୧, (୨)ସତ୍ତ୍ୱାଧିକାରୀ: ଶ୍ରୀ ଜୟନ୍ତ ପ୍ରସାଦ, ପିତା: ସ୍ୱର୍ଗତ ପରମାନନ୍ଦ ପ୍ରସାଦ, (୩)ଶ୍ରୀମତୀ ଛାୟା ଦେବୀ, ସ୍ୱା:ସ୍ୱର୍ଗତ ପରମାନନ୍ଦ ପ୍ରସାଦ,ଉଭୟଙ୍କ ଠିକଣା: ସା.-ଯୋବ୍ରା, ପରେଶ୍ୱର ସାହି, ପୋ.: କଲେଜ ଛକ, ଥାନା: ମାଲଗୋଦାମ, ଜିଲ୍ଲା:କଟକ, ଓଡିଶା-୭୫୩୦୦୩ / ବକେୟା ରାଶି: ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୨୪,୬୧,୦୫୭.୪୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | ଶ୍ରୀମତୀ ଛାୟା ଦେବୀ, ସ୍ୱା:ସ୍ୱର୍ଗତ ପରମାନନ୍ଦ ପ୍ରସାଦଙ୍କ ନାମରେ ଥିବା ବାସୋପଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ.୭୫୮/୨୧୮, ପ୍ଲଟ ନଂ.୨୯୭/୨୨୬୮, ଏରିଆ: ଏ୦.୦୨୪ ଡିସିମିଲି, ଗ୍ରାମ/ମୌଜା: କଟକ ଟାଉନ୍, ୟୁନିଟ୍ ନଂ.୨୪, କଲେଜ ଛକ, ଥାନା :ମାଲଗୋଦାମ, ଜିଲ୍ଲା:କଟକ, ରାଜ୍ୟ:ଓଡିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ମୁନିସିପାଲିଟି ରାସ୍ତା, ଦକ୍ଷିଣ- ପଲେଶ୍ୱର ମହାଦେବ, ପୂର୍ବ- ରେଭିନ୍ୟୁ ପ୍ଲଟ ନଂ.୨୯୮, ପଶ୍ଚିମ- ଏହି ପ୍ଲଟର ଅଂଶ । | ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 021121980050000 IFSC Code: UBIN0902110 |
| ୫. | **ଢେଙ୍କାନାଳ ଶାଖା, ମୋ.:୮୯୬୮୦୦୯୨୮୬** (୧)ମା ତାରିଣୀ ବର୍ତ୍ତନ ଭଣ୍ଡାର, ସତ୍ତ୍ୱାଧିକାରୀ: ଶ୍ରୀ ବାବୁଲି ଦାସ, (୨)ଶ୍ରୀ ବାବୁଲି ଦାସ, ପିତା: ସ୍ୱର୍ଗତ ରଘୁନାଥ ଦାସ, (୩) ଶ୍ରୀମତୀ ପ୍ରତୀମା ଦାସ, ସ୍ୱା: ବାବୁଲି ଦାସ, (୪)ଶ୍ରୀ ମନୋଜ୍ କୁମାର ଦାସ, ପିତା: ବାବୁଲି ଦାସ, ସମସ୍ତଙ୍କ ଠିକଣା: କୁମାର ସାହି, କାଞ୍ଚନ ବଜାର, ଢେଙ୍କାନାଳ-୭୫୯୦୦୧, ଓଡିଶା / ବକେୟା ରାଶି: ଆକାଉଣ୍ଟ ନଂ.୧୨୮୧୩୧୦୦୦୦୨୧୯୩-ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୨୧,୧୧,୦୫୬.୨୬ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ , ଆକାଉଣ୍ଟ ନଂ.୧୨୮୩୧୧୦୦୦୦୦୫୧୧-ତା.୩୦.୦୪.୨୦୨୨ରିଖ ସୁଦ୍ଧା ଟ.୧୩,୯୯,୩୨୬.୬୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ , ଆକାଉଣ୍ଟ ନଂ.୧୨୮୩୦୧୦୦୦୨୪୦୩୪-ତା.୧୫.୧୧.୨୦୨୧ରିଖ ସୁଦ୍ଧା ଟ.୩,୪୫,୧୨୯/- + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | ଶ୍ରୀ ବାବୁଲି ଦାସ, ପିତା: ସ୍ୱର୍ଗତ ରଘୁନାଥ ଦାସଙ୍କ (ଇନ୍ଦିପୁର, ଲୁଣି, ଢେଙ୍କାନାଳ-୭୫୯୦୨୫) ନାମରେ ଥିବା ବାସୋପଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୦୦୮(ଏରିଆ:ଏ୦.୦୦୫୭ଡିସିମିଲି), ପ୍ଲଟ ନଂ.୫୦୦୮/୬୧୪୭/୨୧୨୬୮ (ଏରିଆ:ଏ୦.୦୦୨୭ଡିସିମିଲି), ପ୍ଲଟ ନଂ.୫୦୦୮/୨୧୨୬୭ (ଏରିଆ: ଏ୦.୦୧୮୩ ଡିସିମିଲି), ପ୍ଲଟ ନଂ.୫୦୦୮/୬୧୪୭(ଏରିଆ:ଏ୦.୦୦୫୩ ଡିସିମିଲି), ଖାତା ନଂ.୩୪୭୦/୩୪୫୫, ମୌଜା: ଢେଙ୍କାନାଳ ଟାଉନ୍, ଏରିଆ: ଏ୦.୦୩୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଦୟାନିଧୀ ସେଣ, ଦକ୍ଷିଣ- ଭ୍ରମରବର ସାହୁ, ପୂର୍ବ- ରାସ୍ତା, ପଶ୍ଚିମ- ରାସ୍ତା । | ଟ.୬୬,୯୧,୦୦୦/- / ଟ.୬,୬୯,୧୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 197921980050000 IFSC Code: UBIN0919799 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୧୬.୦୬.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ
ଇ-ନିଲାମ ତାରିଖ ଏବଂ ସମୟ: ତା.୧୭.୦୬.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ଇ-ନିଲାମ ଆରମ୍ଭ ପୂର୍ବରୁ
ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ରଶ୍ମିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮
ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩
**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଗତସିଂହପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଗତସିଂହପୁର ଶାଖା ନିକଟରେ ଉତ୍ତରଦାୟୀ ରହିବେ ।ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଜଗତସିଂହପୁର ଶାଖା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ:(୧)ଶ୍ରୀ ବିମାଧର ସ୍ୱାଇଁ, ମେସର୍ସ ଲକ୍ଷ୍ମୀପ୍ରିୟା ଫାର୍ମାସ୍ୟୁଟିକାଲ୍ସର ସତ୍ତ୍ୱାଧିକାରୀ, (୨)ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସ୍ୱା: ଶ୍ରୀ ବିମାଧର ସ୍ୱାଇଁ, ଠିକଣା: ସା-ଜୟବାଡା, ପୋ/ଥାନା/ଜିଲ୍ଲା: ଜଗତସିଂହପୁର । | ତା.୦୭.୦୨.୨୦୨୨ସୁଦ୍ଧା ଟ.୩୦,୭୧,୦୦୦/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୨ / ୧୨.୦୫.୨୦୨୨ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୮୮/୬୯୭, ଖାତା ନଂ.୨୮୦, ମୌଜା: ଜୟବାଡା, ଥାନା: ଜଗତସିଂହପୁର, ନଂ.୨୨୮, ଜିଲ୍ଲା: ଜଗତସିଂହପୁର । |
| ଋଣଗ୍ରହୀତା: ଶ୍ରୀ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ପିତା: ସ୍ୱର୍ଗତ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ଆଚାର୍ଯ୍ୟ ନନ୍ ଓଭେନ୍ ଫେବ୍ରିକର ସତ୍ତ୍ୱାଧିକାରୀ, ଠିକଣା: ପାଇକଣ, କାଳିଆବୋରା, ଜଗତସିଂହପୁର-୭୫୪୧୦୩। | ତା.୦୭.୦୨.୨୦୨୨ ସୁଦ୍ଧା ଟ.୧୭,୮୮,୦୦୦/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୨ / ୧୨.୦୫.୨୦୨୨ | ଗୃହପୋଯୋଗି ଜମି ଯାହାର ଖାତା ନଂ.୩୬୩/୨୮୦, ପ୍ଲଟ ନଂ.୪୫, ମୌଜା: ପାଇକଣ, ଏରିଆ: ଏ୦.୧୨ ଡିସିମିଲି, ଗ୍ରାମ: ପାଇକଣ କାଳିଆବୋରା, ପୋ.: ଓଡିଶୋ, ଥାନା/ଜିଲ୍ଲା: ଜଗତସିଂହପୁର । |
| ଋଣଗ୍ରହୀତା: ଶ୍ରୀ କ୍ଷିରୋଦ ସେଠୀ, (ମେସର୍ସ ସ୍ୱସ୍ତିକ ର ସତ୍ତ୍ୱାଧିକାରୀ), ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପଲତା ସେଠୀ, ଉଭୟଙ୍କ ଠିକଣା: ସା- ବଗସାହି, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର । | ତା.୦୯.୦୫.୨୦୨୨ ସୁଦ୍ଧା ଟ.୬,୯୭,୭୨୨.୫୬ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୨୫.୧୦.୨୦୧୯ / ୧୨.୦୫.୨୦୨୨ | କ୍ଷିରୋଦ କୁମାର ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୮୭/୪୯୩୧ ଏବଂ ୮୮/୪୯୩୨, ଖାତା ନଂ.୨୭୫/୧୮, ମୌଜା: ମକୁନ୍ଦପୁର, ସିପି ସ୍କୋୟାର, ଜଗତସିଂହପୁର । |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ୫୫ ଲକ୍ଷ କ୍ଷତିପୂରଣ ଦେବାକୁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ

ଭଞ୍ଜନଗର,୧୪।୫(ଡି.ଏନ୍.ଏ)- ଭଞ୍ଜନଗର କୋର୍ଟ ପରିସରରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୮୮ଟି ମାମଲା ଫଇସଲା କରାଯାଇଛି। ସେଥିରୁ ୧୪ ମୋଟରଯାନ ଦୁର୍ଘଟଣା ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୫୫ ଲକ୍ଷ ଟଙ୍କା ହିତାଧିକାରୀମାନଙ୍କୁ ଦେବାପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପାରିବାରିକ ସମସ୍ୟା ମାମଲା ୯, ଦେୱାନୀ ମାମଲା ୩, ଫୌଜଦାରି ମାମଲା ୫୯ଟି ଫଇସଲା କରାଯାଇଛି । ଏନ୍‌ଆଇ ଆକ୍ଟରେ ୩ଟି ମାମଲାର ଫଇସଲା କରାଯାଇ ୨ଲକ୍ଷ ୩୫ ହଜାର ଜରିମାନା ବାବଦକୁ ଆଦାୟ କରାଯାଇଛି । ଏଡିଜେ ଡ. ଅରୁଣ କୁମାର ସାହୁ, ସବ୍‌ଜଜ୍ ସୋମାଲିନା ମିଶ୍ର, ଏସ୍‌ଡିଜେଏମ୍ ମନସ୍ୱିନୀ ରଥ, ଜେଏମ୍‌ଏଫ୍‌ସି ପ୍ରଜ୍ଞା ରାଉତ ମାମଲାଗୁଡ଼ିକୁ ଫଇସଲା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ତାଲୁକା ଆଇନ ସହାୟତା ସଂସ୍ଥାର ସଭ୍ୟ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ସୋମନାଥ ନାୟକ, ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଅମରେଶ ମହାପାତ୍ର, ସନ୍ତୋଷ ତିଆଡି, କର୍ମଚାରୀ ସୁନିଲା ମୁଦୁଲି, ଅଙ୍କନ ପ୍ରଧାନ, ମାଧବ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

### ପୁଇଁତୋଳା ନୃସିଂହ ମନ୍ଦିର ପରିଦର୍ଶନ କଲେ ବିଧାୟକ

ଗଞ୍ଜାମ,୧୪।୫(ଡି.ଏନ୍.ଏ.): ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ନୃସିଂହ ମନ୍ଦିରରେ ନୃସିଂହ ଚତୁର୍ଦ୍ଦଶୀ ଶନିବାର ପାଳିତ ହେଉଛି। ଏହି ଅବସରରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ନୃସିଂହ ମନ୍ଦିରରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ବିଧାୟକଙ୍କ ପରିଦର୍ଶନ ବେଳେ ଗଞ୍ଜାମ ଏନ୍‌ଏସି ଉପାଧକ୍ଷ ସୁରେନ୍ଦ୍ର କୁମାର ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଯୁବ ନେତା ସୀମାଞ୍ଚଳ ସାହୁ, ଶିବରାମ ଜେନା, ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ପୂର୍ବତନ ସମିତି ମେମ୍ବର ଗଗନ ସ୍ୱାଇଁ, ଶଙ୍କର ସ୍ୱାଇଁ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### କାଶୀନଗର ସମବାୟ ନିର୍ବାଚନ ନେଇ ତତ୍ପରତା

କାଶୀନଗର,୧୪।୫-ବିଜେଡି ଗଜପତି ଜିଲାରେ ପଞ୍ଚାୟତ, ଏନ୍‌ଏସି ଦଖଲ କଲା ପରେ ବର୍ତ୍ତମାନ ସମବାୟ ନିର୍ବାଚନରେ ନିଜ ଦଳ ନେତାଙ୍କୁ ଥଇଥାନ ନିମନ୍ତେ ପ୍ରୟାସ ଆରମ୍ଭ କରିଛି। ଏହି ବ୍ଲକର ୧୪ ପ୍ରାଥମିକ କୃଷି ସମବାୟ ସମିତି ରହିଛି। ବହୁ ଚାଷୀ ସମିତିସଭ୍ୟ ହେବାରୁ ବଞ୍ଚିତ ହୋଇଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜ ଅକ୍ତିଆରରେ ସମିତି ରଖିବା ପାଇଁ ନିଜର ଲୋକଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରି ରଖିଛନ୍ତି। ବର୍ତ୍ତମାନ ସମବାୟ ନିୟମ ପ୍ରକାରେ ୧୫ ଡାଇରେକ୍ଟର ନିର୍ବାଚିତ ହେବେ। ସଭାପତି ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହେବେ। ୧୫ଟି ଜୋନରୁ ମହିଳା, ଜନଜାତି, ଅନୁସୂଚିତ ଜାତି, ବଡ଼ ଚାଷୀ, କ୍ଷୁଦ୍ର ଚାଷୀ, ଭୂମିହୀନ ଚାଷୀ ଡାଇରେକ୍ଟର ହେବେ। ଯାହାକି ସମିତିଗୁଡ଼ିକରେ ଏହି ବର୍ଗର ଚାଷୀ ସଭ୍ୟ ନାହାନ୍ତି। ଆସନ୍ତା ମାସରେ ନିର୍ବାଚନ ହେବ। ସଭ୍ୟ ଭୋଟର ତାଲିକା ପ୍ରକାଶ ପାଇଛି। ବ୍ଲକରେ ଭାଜପା, କଂଗ୍ରେସ ମଧ ସମିତି ନିର୍ବାଚନରେ ଭାଗ ନେବା ଚର୍ଚ୍ଚା ଚାଲିଛି।

# କନ୍ଧମାଳରେ ସଂଗ୍ରହ ହେବ ୧୦ ହଜାର ଟନ୍ କେନ୍ଦୁପତ୍ର

ଫୁଲବାଣୀ ଅଫିସ, ୧୪।୫

କରୋନା ପ୍ରଭାବରେ ଗତ ଦୁଇ ବର୍ଷ ହେଲା କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ବନ୍ଦ ରହିଥିଲା। ଚଳିତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକୁ ପୁଣି ଆରମ୍ଭ କରାଯାଇଛି। ଏଥର ଜିଲାରେ ୧୦ ହଜାର ଟନ କେନ୍ଦୁପତ୍ର ସଂଗ୍ରହ କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

କନ୍ଧମାଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଏଠାରେ ଆଦିବାସୀମାନଙ୍କ ଆର୍ଥିକ ଉପାର୍ଜନର ଅନ୍ୟତମ ମାଧ୍ୟମ ହେଉଛି କେନ୍ଦୁପତ୍ର ସଂଗ୍ରହ। ଜିଲାର ପ୍ରାୟ ୫୦ ହଜାର ଲୋକ ଏଥିରେ ନିୟୋଜିତ ଅଛନ୍ତି। ବିଶେଷକରି ମହିଳା ମାନେ ଏହି କାର୍ଯ୍ୟରେ ଅଧିକ ସଂଖ୍ୟାରେ ନିୟୋଜିତ ହୁଅନ୍ତି । ସେମାନେ ଗଛରୁ କେନ୍ଦୁପତ୍ର ତୋଳିବା ଠାରୁ ଆରମ୍ଭ କରି କେରି ବାନ୍ଧିବା ପର୍ଯ୍ୟନ୍ତ କାର୍ଯ୍ୟ କରି ଭଲ ପାରିଶ୍ରମିକ ପାଇଥାଆନ୍ତି । ଏ ବର୍ଷ ରାଜ୍ୟ ସରକାର ପାରିଶ୍ରମିକ ଓ ବୋନସ ବୃଦ୍ଧି କରି ଥିବାରୁ କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି । ଫୁଲବାଣୀ କେନ୍ଦୁପତ୍ର ଡିଭିଜନ ଅଧୀନରେ ଫୁଲବାଣୀ, ଗୋଚ୍ଛାପଡା ଇଷ୍ଟ, ଗୋଚ୍ଛାପଡା ୱେଷ୍ଟ, ବାଲିଗୁଡା, ଦଶପଲ୍ଲା, ଭଞ୍ଜନଗର, ତୁମୁଡିବନ୍ଧ ଭଳି ୭ଟି ରେଞ୍ଜ ରହିଛି । ଏହି ସବୁ ରେଞ୍ଜରୁ ଚଳିତ ବର୍ଷ ୧୦ ହଜାର ଟନ କେନ୍ଦୁପତ୍ର ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି । ଡିଭିଜନ ଅଧିନରେ ଥିବା ପ୍ରାୟ ୪ ଶହ କେନ୍ଦୁପତ୍ର ଫଡିରେ ପତ୍ର ସଂଗ୍ରହ ଜାରି ରହିଛି । ଭଙ୍ଗାରୁଜା ହୋଇ ରହିଥିବା କେନ୍ଦୁପତ୍ର ଫଡି ସବୁ ମରାମତି କରାଯାଇଛି। ଚଳିତ ଥର ପ୍ରାୟ ୪୨ ହଜାର କେନ୍ଦୁପତ୍ର ତୋଳାଳୀ ଏହି କାର୍ଯ୍ୟରେ ନିୟୋଜିତ ଥିବା ବିଭାଗ ପକ୍ଷରୁ ଜଣାପଡିଛି । ଗତ ମାସରେ ରାଜ୍ୟ ସରକାର ତୋଳାଳୀ ମାନଙ୍କ ପାଇଁ ସଂଗ୍ରହ ମୂଲ୍ୟ ବୃଦ୍ଧି କରିଛନ୍ତି । କାର୍ଯ୍ୟରେ ନିୟୋଜିତ ଥିବା ସିଜନାଲ କର୍ମଚାରୀଙ୍କ ଭତ୍ତା ଓ ବୋନସ ମଧ୍ୟ ବୃଦ୍ଧି କରାଯାଇଛି। ଜିଲାର ପ୍ରାୟ ୪ ହଜାର ସିଜନାଲ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ। ତେଣୁ ଜିଲାରେ ଲକ୍ଷ୍ୟ ମୁତାବକ କେନ୍ଦୁପତ୍ର ସଂଗ୍ରହ ହେବା ଅନୁମାନ କରାଯାଉଛି । ଜିଲାର କିଛି ଅଂଚଳରେ ତୋଳାଳୀ ମାନଙ୍କୁ ନିୟମିତ ଭାବେ ପାରିଶ୍ରମିକ ଓ ବୋନସ ମିଳୁ ନ ଥିବା ମଧ ଅଭିଯୋଗ ଆସୁଛି। ଏହାଦ୍ୱାରା ତୋଳାଳି ଓ ସିଜନାଲ କର୍ମଚାରୀ ମାନେ ନିରୁତ୍ସାହିତ ହେବା ଆଶଂକା କରାଯାଉଛି। ଏ ନେଇ କେନ୍ଦୁଲିଫ ଡିଏଫଓ ହେମନ୍ତ କୁମାର ସାହୁଙ୍କୁ ପଚାରିବାରୁ ବୋନସ ମିଳିବାରେ କୌଣସି ସମସ୍ୟା ନାହିଁ। ଠିକ ସମୟରେ ତୋଳାଳି ମାନଙ୍କୁ ପାରିଶ୍ରମିକ ଓ ବୋନସ ମିଳିବା ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

## ୨୦ରେ କାଉନ୍‌ସିଲ ବୈଠକ
# ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଦାବି



କଲେଜ ଅଞ୍ଚଳରେ ସଫେଇ ଚାଲିଛି।

ଭଞ୍ଜନଗର,୧୪।୫(ଡି.ଏନ୍.ଏ)

ଭଞ୍ଜନଗର ସହରର ପରିସୀମା ଦିନକୁ ଦିନ ବୃଦ୍ଧି ପାଉଛି। ତା' ସାଙ୍ଗକୁ ଜନସଂଖ୍ୟା ମଧ ବୃଦ୍ଧି ପାଉଛି। ଯେଉଁ ଅନୁପାତରେ ସହରର ପରିସୀମା ବୃଦ୍ଧି ପାଉଛି ସେହି ଅନୁପାତରେ ସଫେଇ କର୍ମଚାରୀ ନାହାନ୍ତି। ତେଣୁ ନୂଆଁସାହିଠାରୁ ଶ୍ରୀରାମନଗର, ବାଗ୍‌ଦେବୀ ରୋଡ଼, ବେଲଗୁଣ୍ଠା ରୋଡ଼ ଅଞ୍ଚଳରେ ଦୈନନ୍ଦିନ ସଫେଇ ହେଉନାହିଁ। ମଝିରେ ମଝିରେ କର୍ମଚାରୀ ସୁବିଧା କରିନେଇ ସମ୍ପୃକ୍ତ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ହେଉଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ମଇଳା ରହିଯାଉଛି। ବର୍ତ୍ତମାନ ଏନ୍‌ଏସିରେ ୭ଜଣ ନିୟମିତ ଏବଂ ୫୦ ଜଣ ଦିନ ମଜୁରିଆ ସଫେଇ କର୍ମଚାରୀ ଅଛନ୍ତି। ପୂର୍ବରୁ ୬୯ ସଫେଇ କର୍ମଚାରୀ ଥିଲେ। ଖାଲିଥିବା ସଫେଇ କର୍ମଚାରୀ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଁ ୩ମାସ ପୂର୍ବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିଲା। କିନ୍ତୁ ଜିଲା ପ୍ରଶାସନ ତାହାକୁ ଅନୁମୋଦନ ଦେଇନଥିଲେ। ତେଣୁ ଅଧିକ ଶ୍ରମିକ ରଖାଯାଇ ପାରିନଥିଲା। ଇତିମଧ୍ୟରେ ନୂତନ କାଉନ୍‌ସିଲ ଗଠନ ହୋଇଛି। ଆସନ୍ତା ୨୦ ତାରିଖରେ କାଉନ୍‌ସିଲର ପ୍ରଥମ ବୈଠକ ହେବ। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ପ୍ରଥମ ଥର ପାଇଁ ଭଞ୍ଜନଗର ଏନ୍‌ଏସିରେ ବିରୋଧୀ ଦଳକୁ ଦେଖିବାକୁ ମିଳିବ ନାହିଁ। ଶାସକ ଦଳର ଅଧକ୍ଷ ସାଙ୍ଗକୁ ସମସ୍ତ ୧୫ ଜଣ କାଉନ୍‌ସିଲର ମଧ ଶାସକ ଦଳରୁ ନିର୍ବାଚିତ ହୋଇଛନ୍ତି। ତେଣୁ ଲୋକଙ୍କ ସମସ୍ୟାକୁ ଶାସକଦଳ କାଉନ୍‌ସିଲରମାନେ ବୈଠକରେ ଉଠାଇବେ ନା ନୀରବ ରହିବେ ତାହା ଆଗାମୀ ବୈଠକରେ ଜଣାପଡ଼ିବ।

# ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ମାନୁନି ଜିଲା ଶିକ୍ଷାବିଭାଗ
## ପୁନର୍ବାସ ଯୋଜନାରେ ନିଯୁକ୍ତି ଦିଆଯାଇ ନ ଥିବା ଅଭିଯୋଗ

ପାରଳାଖେମୁଣ୍ଡି,୧୪।୫(ଡି.ଏନ୍.ଏ.)

ସରକାରୀ କଳରେ ଚାକିରିଆଙ୍କ ସ୍ଥାୟୀତ୍ୱ ଓ ଚାକିରି ସମୟରେ ମୃତ୍ୟୁ ଘଟିଲେ ପରିବାରର ଜଣେ ସଦସ୍ୟଙ୍କୁ ଯେଉଁ ବିଭାଗରେ ଚାକିରି କରୁଥିବେ ସେହି ବିଭାଗରେ ଯୋଗ୍ୟତା ଅନୁସାରେ ଚାକିରି ଦେବା ସର୍ଭିସ କୋଡ଼ରେ ନିୟମ ରହିଛି। ହେଲେ ସେହି ନିୟମ ଅନୁଯାୟୀ ଯୋଗ୍ୟ ହୋଇଥିବା ଲୋକଙ୍କୁ ଦୀର୍ଘଦିନ ହେଲା ଚାକିରି ମିଳିପାରିନାହିଁ। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମାକୁ ଗଜପତି ଜିଲା ଶିକ୍ଷା ବିଭାଗ ମାନୁନଥିବାର ଅଭିଯୋଗ ହୋଇଛି। ପୁନର୍ବାସ ଯୋଜନାରେ ନିଯୁକ୍ତି ଦେବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା ଜାରି ହୋଇଥିବା ସତ୍ତ୍ୱେ ଜିଲା ଶିକ୍ଷାଧିକାରୀ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି ବୋଲି ପୁନର୍ବାସ ଯୋଜନାରେ ଆବେଦନ କରିଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ ମଧ କେହି ଶୁଣୁନଥିବା ସେମାନେ କହିଛନ୍ତି। ପ୍ରକାଶ ଯେ, ଅଭିଯୋଗକାରୀଙ୍କ ପରିଜନ ଶିକ୍ଷାବିଭାଗରେ କାର୍ଯ୍ୟ କରୁଥିଲେ। ହେଲେ କାର୍ଯ୍ୟକାଳ ମଧ୍ୟରେ ଦେହାନ୍ତ ଘଟିଥିବାରୁ ରାଜ୍ୟସରକାରଙ୍କ ନିୟମ ମୁତାବକ ଘରର ଜଣେ ବ୍ୟକ୍ତିଙ୍କୁ ଚାକିରୀ ଦେବାର ନିୟମ ରହିଛି। ନିୟମାନୁଯାୟୀ ଏମାନେ ପୁନର୍ବାସ ଯୋଜନାରେ ଆବେଦନ କରିଥିଲେ। ଏପରି ଭାବରେ ଜିଲାରେ ବିଭିନ୍ନ ସମୟରେ ଗ୍ରେଡ୍‌-ସି ଓ ଡି ପଦବୀ ପାଇଁ ମୋଟ ୬୨ଜଣ ଆବେଦନ କରିଥିଲେ। ହେଲେ ୨୦୧୯ରେ ୬୨ରୁ ୧୬ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ଅବଶିଷ୍ଟ ୪୬ଜଣଙ୍କୁ ନିଯୁକ୍ତି ଦିଆଯାଇ ନଥିବାର ସେମାନେ ଅଭିଯୋଗ କରିଛନ୍ତି। ତେବେ ଶୀଘ୍ର ଘରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆନଗଲେ ଆଗାମୀ ଦିନରେ ଜିଲା ଶିକ୍ଷା ବିଭାଗ ଆଗରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବା ସହ ଆବଶ୍ୟକ ପଡିଲେ ଆତ୍ମାହୁତି ଦେବୁ ବୋଲି ରମେଶ ଚନ୍ଦ୍ର ପାଲକା, ଧର୍ମେନ୍ଦ୍ର କୁମାର ସାହୁ, ହିମାଂଶୁ କରାଡ, ଜଗଦୀଶ ନାୟକ,ଅର୍ଚ୍ଚିତା ବେହେରା, ମିଖାଏଲ ଗମାଙ୍ଗ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କୁ ପଚାରିବାରୁ ୨୦୧୯-୨୦ ବର୍ଷରେ ରିହାବିଲିଟେସନ ସ୍କିମ ନିୟମରେ କିଛିଟା ସଂଶୋଧନ ହୋଇଛି । ପ୍ରାର୍ଥୀଙ୍କ ଅନେକ ତଥ୍ୟ ଆବଶ୍ୟକ ପଡୁଛି ସେମାନଙ୍କୁ ମଗାଯାଇଛି ଯଥା ଶୀଘ୍ର ଖାଲିଥିବା ପଦବୀ ଗୁଡିକରେ ରିହାବିଲିଟେସନ ସ୍କିମରେ ବିବେଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।



ଚାକିରି ଲାଗି ଆବେଦନ କରିଥିବା ଆବେଦନକାରୀମାନେ।

### ଗଞ୍ଜେଇ ସହ କାର ଜବତ

ଆର.ଉଦୟଗିରି,୧୪।୫(ଡି.ଏନ୍.ଏ.)

ଶିକୁଲିପଦର ପଞ୍ଚାୟତର ପୋଇପଡା ଓ ଓଲଣ୍ଡା ମଧ୍ୟରେ ମୋହନା ଥାନା କର୍ତ୍ତୃପକ୍ଷ ପାଟ୍ରୋଲିଂ କରୁଥିବା ବେଳେ ଏକ କାର ଆସିଥିଲା। ସେହି କାରଟିକୁ ମୋହନା ଥାନାଧିକାରୀ ସୁଜିତ କୁମାର ନାୟକଙ୍କ ସୂଚନା ଅନୁସାରେ ଥାନାର ସତ୍ୟନାରାୟଣ ଦେବତା ଏବଂ ତାଙ୍କ ଦଳ ସେହି ସମୟରେ ତଦନ୍ତ କରି ୭୯କେଜି ଗଞ୍ଜେଇ ଦେଖି ଜବତ କରିଛନ୍ତି। ପୋଲିସକୁ ଦେଖି ଗଞ୍ଜେଇ ବ୍ୟବସାୟୀ ଏବଂ କାର ଡ୍ରାଇଭର କାରକୁ ରଖି ଦୌଡ଼ି ପଳେଇଥିଲେ।

# ମହେନ୍ଦ୍ର କଳା ସାହିତ୍ୟ ସଂସଦର ଶୋକସଭା

ବ୍ରହ୍ମପୁର ଅଫିସ୍,୧୪।୫

ମହେନ୍ଦ୍ର କଳା ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପଣ୍ଡା ଅଧକ୍ଷତା କରିଥିଲେ। ଉପସଭାପତି ଦୀନବନ୍ଧୁ ଶ୍ରୀପଲବଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ କହ୍ନେଇ ପଣ୍ଡା ଓ ସହ ସମ୍ପାଦିକା ଉଷାରାଣୀ ମହାପାତ୍ର ଯୋଗ ଦେଇଥିଲେ। ସ୍ୱର୍ଗତ କର ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଥିଲେ। ସେ ଏକାଧାରରେ ନାଟ୍ୟକାର, ପ୍ରବୀଣ ଭାଷ୍ୟକାର ଓ ସ୍ତମ୍ଭକାର ଥିଲେ। ଏଥିସହ ଆଧୁନିକ ସମୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନା ସମୂହକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ୍ ଆଚାରୀ, ଦୟାନନ୍ଦ ସାହୁ, ସଂସାର ଅନୁଷ୍ଠାନ ମୁଖ୍ୟ ରମେଶ ଚନ୍ଦ୍ର ସାହୁ, କୁମାର ମନୋଜ, କୁମୁଦିନୀ ଶ୍ରୀପଲବ, ଝିଲି କୁମାରୀ ସାହୁ, ନଳିନୀକାନ୍ତ ଗୌଡ, ଅରୁଣ କୁମାର ସାହୁ ଓ ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

ଶେରଗଡ଼,୧୪।୫(ଡି.ଏନ୍.ଏ.)

ବ୍ଲକ ସ୍ତରୀୟ ନିର୍ଭୟା କଢ଼ି, ମୋ ଗେହ୍ଲା ଝିଅ ଓ ବାଲ୍ୟ ବିବାହ ବନ୍ଦ କାର୍ଯ୍ୟକ୍ରମ ମହୁପଦର ପଞ୍ଚାୟତ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଞ୍ଚଳରେ ନାରୀ ମାନଙ୍କ ସୁରକ୍ଷା, ବାଲ୍ୟ ବିବାହ ନ କରିବା, କନ୍ୟା ସନ୍ତାନମାନଙ୍କୁ ଉପଯୁକ୍ତ ଯତ୍ନ ନେବା ଉପରେ ଉକ୍ତ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।ଶେରଗଡ ଶିଶୁ ବିକାଶ ଯୋଜନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ୍, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶମ୍ଭୁନାଥ ନନ୍ଦି, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରେଖା ସୁନ୍ଦରୀ ମଲିକ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାସ, ଜିଲା ଶିଶୁ ସଂଯୋଜକ ଦେବ୍ରତ ମହନ୍ତ, ଏବିଇଓ ସୈରିନ୍ଦ୍ରୀ କୁମାରି ଦଳେଇ, ସରପଞ୍ଚ ଟୁକୁନା ଦାସ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କିଶୋରୀ ବାଳକ ଓ ବାଳିକାମାନଙ୍କୁ ପୁରସ୍କାର ସହ ମାନପତ୍ର ଅତିଥିମାନେ ପ୍ରଦାନ କରିଥିଲେ।

# ୩ ସୁପାରି କିଲର, ମାଷ୍ଟର ମାଇଣ୍ଡଙ୍କ ରିମାଣ୍ଡ ଅବଧି ସରିଲା

ଦିଗପହଣ୍ଡି,୧୪।୫(ଡି.ଏନ.ଏ.)

**ଡବଲ ମର୍ଡର ଘଟଣା**

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ପାଳଝାଡି ଗ୍ରାମର ବହୁ ଚର୍ଚ୍ଚିତ ଡବଲ ମର୍ଡର ଘଟଣାର ୨୨ ଦିନ ବିତିଛି। ଗାଁର ଦୁଇ ଜଣ ବିଜେଡି ନେତା ସୁଦର୍ଶନ ସୁଆର ଏବଂ ସୁଧୀର ଚନ୍ଦ୍ର ପାତ୍ରଙ୍କ ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ଜେଲରୁ ରିମାଣ୍ଡରେ ଅଣାଯାଇଥିବା ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ପ୍ରଶାନ୍ତ କୁମାର ଗୌଡ ଏବଂ ହତ୍ୟା ପାଇଁ ତାଙ୍କ ଦ୍ୱାରା ନିଯୁକ୍ତ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡିର ବୁଢୁ ଦାସ, ଲାଠି ଗ୍ରାମର କୁନା ଗୌଡ, ଚମାଖଣ୍ଡି ଥାନା ଜଗନ୍ନାଥପୁର ଗ୍ରାମର ବି. ଦେବରାଜ ରେଡ୍ଡୀ ପ୍ରମୁଖ ସୁପାରୀ କିଲରମାନଙ୍କ ରିମାଣ୍ଡ ଅବଧି କୋର୍ଟଙ୍କ ଆଦେଶ ମୁତାବକ ଶନିବାର ସରିବା ପରେ ଅଭିଯୁକ୍ତ ମାନଙ୍କୁ ପୁଣି ଥରେ ବିଚାର ବିଭାଗୀୟ ଜେଲକୁ ପଠାଯାଇଛି। ପୂର୍ବରୁ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନିଆଯାଇ କ୍ରାଇମ ରିକ୍ରିଏସନ କରାଯିବା ସହ ଭିଡିଓ ଓ ଫଟୋ ଉତ୍ତୋଳନ କରାଯାଇଥିଲା। ପରେ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ଥାନାରେ ବ୍ରହ୍ମପୁର ଡିଏସପି ସ୍ୱରାଜ ଦେବତା, ହତ୍ୟାକାଣ୍ଡର ତଦନ୍ତକାରୀ ଅଧିକାରୀ ତଥା ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଅଭିଯୁକ୍ତ ମାନଙ୍କୁ ମାରାଥନ ଜେରା କରିବା ସହ ହତ୍ୟାକାଣ୍ଡ ସମ୍ପର୍କରେ ସବିଶେଷ ତଥ୍ୟ ଆଦାୟ କରିଛି। ବ୍ରହ୍ମପୁର ଏସପି ଶ୍ରବଣ ବିବେକ ଏମ୍ ଗତ ଗୁରୁବାର ରାତି ପ୍ରାୟ ୮ ଟାରେ ଦିଗପହଣ୍ଡି ଥାନାରେ ପହଞ୍ଚି ଜେଲରୁ ରିମାଣ୍ଡରେ ଅଣାଯାଇଥିବା ଅଭିଯୁକ୍ତ ମାନଙ୍କୁ ପଚରାଉଚୁରା କରିଥିଲେ। ଇତି ମଧ୍ୟରେ ଦିଗପହଣ୍ଡି ଥାନା ଆଇଆଇସି ବସନ୍ତ କୁମାର ସେଠୀଙ୍କ ଏଠାରୁ ଗଞ୍ଜାମ ପୋଲିସ ଜିଲାକୁ ବଦଳି ହେବାର ୧୦ ଦିନ ବିତିଯାଇଥିଲେ ମଧ କାହାରିକୁ ନୂଆ ଆଇଆଇସି ଭାବେ ନିଯୁକ୍ତ ମିଳିନାହିଁ। ଏସଆଇ ବଳଭଦ୍ର ଗଣ୍ଡ ଭାରପ୍ରାପ୍ତ ଆଇଆଇସି ଭାବେ ଦାୟିତ୍ୱରେ ଥିବା ଜଣାପଡିଛି। ଦିଗପହଣ୍ଡି ଥାନାରେ ତୁରନ୍ତ ଜଣେ ଦକ୍ଷ ଆଇଆଇସିଙ୍କୁ ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କୃଷି ଅଧିକାରୀ।

ଫୁଲବାଣୀ ଅଫିସ/ଟିକାବାଲି, ୧୪।୫

ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ଗଣ୍ଡଗାଁରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧକ୍ଷ ଦିଲ୍ଲୀପ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୃଷି ବିଭାଗର ଅଧିକାରୀମାନେ ଯୋଗଦେଇ କୃଷକମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ। ବିଶେଷ କରି କୃଷି ଉପକରଣ, ଯନ୍ତ୍ର ପାତି ଆଦିରେ ଚାଷ କଲେ ଆମେ କିପରି ଅଧିକ ଲାଭବାନ ହୋଇ ପାରିବା ତାହା ଉପରେ ତଥ୍ୟ ପ୍ରଦାନ କରିଥିଲେ। ଖାଲି ଧାନ ନୁହେଁ, ପନି ପରିବା ଚାଷ ଉପରେ ମଧ ଗୁରୁତ୍ୱ ଦିଆ ଯାଇଥିଲା।

### ମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଭଞ୍ଜନଗର,୧୪।୫(ଡି.ଏନ୍.ଏ)

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶନିବାର ବ୍ଲକ ଓ ଏନ୍‌ଏସିର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ବ୍ଲକ ଓ ଏନ୍‌ଏସିରେ ଚାଲିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କିଛିଦିନ ମଧ୍ୟରେ ବ୍ଲକ ଓ ଏନ୍‌ଏସିର ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଉଦ୍‌ଘାଟନ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ତୁରନ୍ତ କିଭଳି ସରିବ ସେ ଉପରେ ମଧ ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ଅନିଲ କୁମାର ସେଠୀ, ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଆସିକା,୧୪୫ (ଡି.ଏନ.ଏ.)

ଆସିକା ତହସିଲ ଅନ୍ତର୍ଗତ ମୁନିଗାଡି ଓ ଗହଙ୍ଗୁ ଗ୍ରାମରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ମୁନିଗାଡି ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ଅଧକ୍ଷତା କରିଥିଲା ବେଳେ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, ବରିଷ୍ଠ ସହାୟକ ଅଶୋକ କୁମାର ପଣ୍ଡା, ରାଜସ୍ୱ ପରିଦର୍ଶକ ବିଶ୍ୱନାଥ ଲେଙ୍କା, ମୁନିଗାଡି ସରପଞ୍ଚ ସବିତା ସ୍ୱାଇଁ, ସମିତିସଭ୍ୟା ନମିତା ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ସ୍ୱଦେଶ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏତଦ ଅବସରରେ ଏହି ପଞ୍ଚାୟତର ୧୫ଜଣଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଥିଲା ବେଳେ ବିଭିନ୍ନ ରାଜସ୍ୱ ବିଭାଗୀୟ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଗହଙ୍ଗୁଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ମନୋଜ କୁମାର ପରିଡା କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଗାଁରୁ ଗଡ଼ିପାରୁନି ବିଜୁ ଗାଁ ଗାଡ଼ି

ଆର.ଉଦୟଗିରି,୧୪।୫(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାଁରୁ ଗାଁକୁ ବିଜୁ ଗାଁ ଗାଡି ଯୋଜନା ପ୍ରଣୟନ କଲେ। ଉଦ୍ଦେଶ୍ୟ ଥିଲା ଗାଁର ଗରିବ ଆଦିବାସୀମାନେ ବିଭିନ୍ନ କାମଧନ୍ଦାରେ ବାହାରକୁ କମ୍ ଖର୍ଚ୍ଚରେ ଯିବାଆସିବା କରିପାରିବେ। କିନ୍ତୁ ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ ଏହି ଯୋଜନାରେ ଦିଆଯାଇଥିବା ଗାଡି ଟାଣିଲେ ଆଗକୁ ଗଡୁନି ଓ ଠେଲିଲେ ଚକାଜାମ ହୋଇଯାଉଛି। କାରଣ ଆର.ଉଦୟଗିରି ବ୍ଲକ ଏକ ଆଦିବାସୀ ବହୁଳ ପାହାଡ଼ିଆ ଦୁର୍ଗମ ଅଞ୍ଚଳ। ଏହି ଅଞ୍ଚଳରେ ବାସ କରୁଥିବା ଗରିବ ଜନସାଧାରଣଙ୍କ ଯାତାୟାତ ନିମନ୍ତେ କୌଣସି ସୁବିଧା ନଥିବା ଯୋଗୁ ରାଜ୍ୟ ସରକାରଙ୍କ ଆଦିବାସୀ ମଙ୍ଗଳ ବିଭାଗ ସହାୟତାରେ ଗତ କିଛି ବର୍ଷ ପୂର୍ବେ ଗଜପତି ଜିଲାର ଆର.ଉଦୟଗିରି, ମୋହନା ଓ ନୂଆଗଡ଼ ବ୍ଲକରେ ବାସ କରୁଥିବା ଲୋକଙ୍କ ସୁବିଧା ନିମନ୍ତେ ପ୍ରତି ପଞ୍ଚାୟତରୁ ବସ ସେବା ଆରମ୍ଭ କଲେ। କିନ୍ତୁ ଏହାର ପରିଚାଳନା ଦାୟିତ୍ୱ ଦେଲେ ଆଦିବାସୀ ମହିଳା ସ୍ୱୟଂ ସହାୟକ ଦଳକୁ, ଯେଉଁ ମହିଳାମାନଙ୍କୁ ଲେଖିପଢ଼ି ଜଣାନାହିଁ କି ଗାଡ଼ି ରକ୍ଷଣାବେକ୍ଷଣ ବିଷୟରେ ଜ୍ଞାନ ନାହିଁ। ପ୍ରଶାସନ ମଧ ଏହା କିଭଳି ରକ୍ଷଣାବେକ୍ଷଣ ହେବ ତାରି ଉପରେ ସେମାନଙ୍କୁ ତାଲିମ ଦେଲାନାହିଁ। ଫଳରେ ଏହି ଆଦିବାସୀ ମହିଳାଙ୍କ ନାଁରେ କିଛି ଦଲାଲ ଗାଡ଼ି ଭଲ ଚାଲିବା ସମୟରେ ବ୍ୟବହାର କଲେ ଓ ଯେଉଁ ସମୟରେ ଗାଡିର ରକ୍ଷଣାବେକ୍ଷଣ ଦରକାର ପଡିଲା, ସେହିଦିନରୁ ଦଲାଲମାନେ ଗାଡି ଚଳେଇବା ବନ୍ଦ କରିଦେଲେ। ଫଳରେ ବସଗୁଡିକ ଖତ ଖାଉଥିବା ଦେଖିବାକୁ ମିଳୁଛି। ଏ ନେଇ ସ୍ଥାନୀୟ ବିଡିଓ ପ୍ରଦିପ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ପ୍ରତି ବ୍ଲକରେ ବିଜୁ ଗାଁ ଗାଡିର ମେଣ୍ଟେନାନ୍ସ ମାଗିବା ଫଳରେ ମହିଳା ମଣ୍ଡଳ ତାହା କରିବାକୁ ଅସମର୍ଥ। ତେଣୁ ସେମାନେ ବ୍ଲକକୁ ଫେରାଇ ଦେଇଥିଲେ। ଦାୟିତ୍ୱ ନେଇଥିବା ମହିଳା ମଣ୍ଡଳ ଗାଡି ଠିକ୍ ଭାବେ ମେଣ୍ଟେନାନ୍ସ ନ କରିପାରିବାରୁ ଅଚଳ ଅବସ୍ଥାରେ ପଡିରହିଛି।



ବିଜୁ ଗାଁ ଗାଡ଼ି ଅଚଳ ଅବସ୍ଥାରେ ପଡ଼ିଛି।

# ପ୍ରସ୍ତାବରେ ଅଟକିଛି ଟ୍ରକ୍ ଟର୍ମିନାଲ ନିର୍ମାଣ

ଛତ୍ରପୁର,୧୪।୫(ଡି.ଏନ.ଏ.)

**ଜାତୀୟ ରାଜପଥ ମରଣଯନ୍ତା**

ଗଞ୍ଜାମ ଜିଲାରେ ପ୍ରତିବର୍ଷ ଦୁର୍ଘଟଣା ବଢିବା ସହ ମୃତ୍ୟୁ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଶିଳ୍ପାନୁଷ୍ଠାନକୁ ମାଲ ପରିବହନ କରୁଥିବା ଟ୍ରକ୍‌ଗୁଡିକ ଘଣ୍ଟା ଘଣ୍ଟା ଜାତୀୟ ରାଜପଥ ଉପରେ ଅଟକି ରହୁଛି। ଏଥିଲାଗି ମଧ ବିଭିନ୍ନ ସମୟରେ ଦୁର୍ଘଟଣା ସହ ଜୀବନହାନି ଘଟୁଛି। ଜାତୀୟ ରାଜପଥରେ ଫ୍ଲାଏଓଭର, ଅଣ୍ଡରପାସ୍ ନ ଥିବାରୁ ଏଭଳି ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜପଥ ପାର୍ଶ୍ୱରେ ଗୋଟିଏ କିମ୍ବା ଦୁଇଟି ଟ୍ରକ ଟର୍ମିନାଲ ନିର୍ମାଣ ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୧ ଡିସେମ୍ବର ୨୧ରେ ଏ ସମ୍ପର୍କରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜମି ଚିହ୍ନଟ କରି ଜଣାଇବାକୁ ଜିଲା ପ୍ରଶାସନକୁ ଚିଠି ଆସିଥିଲା। ଅଦ୍ୟାବଧି ଏହାର ଉତ୍ତର ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ଯାଇନି। ଫଳରେ ରାଜପଥ ପାର୍ଶ୍ୱରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପ୍ରସ୍ତାବରେ ଅଟକି ଥିବା ଜଣାପଡିଛି। ସୁରକ୍ଷା ଦୃଷ୍ଟିରୁ ଟ୍ରକ ଟର୍ମିନାଲ ନିର୍ମାଣ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଣୁ ଅତି ଶୀଘ୍ର ଗୋଟିଏ କିମ୍ବା ୨ ଟର୍ମିନାଲ ନିର୍ମାଣ ଲାଗି ୧୦ରୁ ୨୦ ଏକର ଜମି ଚିହ୍ନଟ କରିବାକୁ କୁହାଯାଇଛି। ଏନେଇ ପରିବହନ କମିଶନର ଓ ରାଜ୍ୟ ପରିବହନ ବିଭାଗକୁ ଜଣାଇବାକୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଥିବା ଜଣାଯାଇଛି। ଗଞ୍ଜାମ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗ୍ରାସୀମ୍ କେମିକାଲ ଇଣ୍ଡଷ୍ଟ୍ରିଜ, ଗୋପାଳପୁର ପୋର୍ଟ, ଟାଇଟାନିୟମ ପ୍ଲାଣ୍ଟ, ଆଇଆରଇ ପ୍ଲାଣ୍ଟ, ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ, ଜଗନ୍ନାଥପୁର ସିମେଣ୍ଟ ଗୋଦାମ, ଏଫ୍‌ସିଆଇ ଗୋଦାମ ଓ ଗୁଡ଼ଶେଡ୍ ଆଦି ରହିଛି। ଏଥିଲାଗି ଦୈନିକ ବହୁ ସଂଖ୍ୟାରେ ଟ୍ରକ ଏଠାକୁ ଯିବା ଆସିବା କରିଥାନ୍ତି। ଉକ୍ତ ଟ୍ରକଗୁଡିକ ରହିବା ପାଇଁ କୌଣସି ସୁବିଧା ନ ଥିବାରୁ ଏଗୁଡିକ ଜାତୀୟ ରାଜପଥରେ ପାର୍କିଂ ହେଉଛି । ୨୦୨୦ ସୁଦ୍ଧା ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୫୦ ପ୍ରତିଶତ କମାଇବା ନେଇ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ରାଜ୍ୟ ପରିବହନ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଡକ ସୁରକ୍ଷା କମିଟି ଗଠନ ହୋଇଥିଲା। ଏହି କମିଟି ବୈଠକରେ ଦୁର୍ଘଟଣାର କାରଣ ଖୋଜା ଯାଇ ଆବଶ୍ୟକ ପଦକ୍ଷେପ ନେବାକୁ କମିଟି ଅଧକ୍ଷ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି ।

# ୨ବାଇକ୍ ଧକ୍କାରେ ମାନସଙ୍କ ମୃତ୍ୟୁ ଘଟିଥିଲା

ନୟାଗଡ଼ ଅଫିସ,୧୪।୫

ଗତ ୧୨ ତାରିଖରେ ନୟାଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାର ଦୃଶ୍ୟ ସିସିଟିଭିରେ ରହିଛି । ସିସିଟିଭିର ଏହି ଲାଇଭ୍ ଦୃଶ୍ୟକୁ ଦେଖିଲେ ସେଦିନର ଦୁର୍ଘଟଣା କେତେ ଭୟଙ୍କର ଥିଲା ସ୍ପଷ୍ଟ ହୋଇଛି । ଘଟଣା ଦିନ ପୂର୍ବାହ୍ନରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେଉଛି। ୨ ବାଇକ୍‌ରେ ୪ଜଣ ଥିଲେ । ଦୁର୍ଘଟଣଗ୍ରସ୍ତ ଏକ ବାଇକ୍‌ରେ ନୟାଗଡ଼ ହାଟପଦାର ସୁପ୍ରଭା ମାଝି(୪୦) ଓ୍ୱାଇଁ ଓଡ଼ଗାଁ ନବରଙ୍ଗପୁରର ମାନସ ରଞ୍ଜନ ନାୟକ(୨୫)ଙ୍କ ସହ ନୟାଗଡ଼ ପୁରୁଣା ସହରକୁ ଯାଉଥିଲେ । ଅନ୍ୟ ବାଇକ୍‌ରେ ଜଣେ ଯୁବକଙ୍କ ସହ ସହ ଜଣେ ମହିଳା ଥିଲେ । ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ସମୟରେ ଯୋଶୀ ନାମକ ଘରୋଇ ଯାତ୍ରୀବାହୀ ବସ୍ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିଲା । ଦୁର୍ଘଟଣାରେ ସେହି ବସ୍ ତଳକୁ ବାଇକ୍ ସହ ମାନସ ଖସିଯାଇଥିଲେ। ମାନସଙ୍କ ଶାଶୁ ରାସ୍ତା ଉପରେ ପଡିଥିଲେ ।



ସିସିଟିଭି ଫୁଟେଜରୁ ମିଳିଥିବା ଦୁର୍ଘଟଣାର ଦୃଶ୍ୟ ।

## ଶାଶୁ ଆହତ, ଜ୍ୱାଇଁ ମୃତ୍ୟୁ ଘଟଣା

### ସିସିଟିଭିରେ ଦୁର୍ଘଟଣାର ଅସଲ ଚିତ୍ର

ବସଟି କିଛି ବାଟ ଯିବା ପରେ ହଠାତ୍ ଅଟକି ଯାଇଥିଲା। ବସର ଡ୍ରାଇଭର ଜାଣିବା ବେଳକୁ ମାନସ ବସର ପଛ ପାଖ ଚକା ନିକଟରେ ପଡି ରହିଥିଲେ । ପରେ ଅନ୍ୟ ବାଇକ୍‌ରେ ଥିବା ୨ ଜଣ ତରବର ହୋଇ ଫେରାର ହୋଇଯାଇଥିଲେ । ସିସିଟିଭିରେ ସେହି ବାଇକ୍‌ର ନମ୍ବର ଜଣା ପଡୁନାହିଁ । ସେହିପରି ବାଇକ୍ ଚଳାଉଥିବା ଯୁବକଙ୍କୁ ଚିହ୍ନି ହେଉନାହିଁ । ନୟାଗଡ଼ ଟାଉନ ଥାନା ପୋଲିସ ନିକଟସ୍ଥ ଏକ ଦୋକାନରୁ ସିସିଟିଭି ଫୁଟେଜ ସଂଗ୍ରହ କରିବା ପରେ ଦୁର୍ଘଟଣାର ଅସଲି ଚିତ୍ର ପଦାକୁ ଆସିଛି । ଯାହାକି ସୋସିଆଲ ମିଡିଆରେ ଶନିବାର ଭାଇରାଲ ହୋଇଛି । ଏହି ଦୁର୍ଘଟଣାରେ ମାନସଙ୍କ ମୃତ୍ୟୁ ଘଟିଛି । ଏନେଇ ମୃତ ମାନସଙ୍କ ସ୍ତ୍ରୀ ରୁପା କୁହନ୍ତି, ପୁଅର ଦେହ ଖରାପ ଥିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିଲୁ । ମୋ ବୋଉ ଓ ସ୍ୱାମୀ ପୁଅକୁ ଦେଖି ପୁରୁଣା ସହର ନୟାଗଡ଼କୁ ଯାଉଥିଲେ । ଏଭଳିସ୍ଥଳେ ହଠାତ୍ ସ୍ୱାମୀଙ୍କ ମୃତ୍ୟୁ ପରିବାର ପାଇଁ ଗଭୀର ଦୁଃଖ ଆଣିଛି ।

## ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରି ମୃତ

ଫୁଲବାଣୀ ଅଫିସ, ୧୪।୫: କାମ କରୁଥିବା ବେଳେ ଶନିବାର ଜଣେ ରାଜମିସ୍ତ୍ରିଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ସେ ହେଲେ ଖଜୁରିପଡା ବ୍ଲକ ଗିରିକୁଡି ପଞ୍ଚାୟତ ବେଡଙ୍ଗପାଳୁ ଗ୍ରାମର ଶ୍ରୀବଚ୍ଛ ବେହେରା। ଶ୍ରୀବଚ୍ଛ ଫୁଲବାଣୀ ସହର ମାଷ୍ଟରପଡାସ୍ଥିତ ଅଶ୍ୱିନୀ ମହାନ୍ତିଙ୍କ ଘରେ କାମ କରୁବା ବେଳେ ଅସାଧାରଣ ବସତଃ ବିଦ୍ୟୁତ୍‌ସଂସ୍ପର୍ଶରେ ଆସିବାରୁ ଛାତ ଉପରୁ ତଳକୁ ପଡିଯାଇଥିଲେ। ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ୭ ବର୍ଷର ପୁଅ, ୩ ବର୍ଷର ଝିଅ ଥିବା ବେଳେ ସ୍ତ୍ରୀ ଗର୍ଭବତୀ ଅଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

### ୨୫୧ ମାମଲାର ଫଇସଲା

ନୟାଗଡ଼ ଅଫିସ,୧୪।୫: ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଏହି ଲୋକ ଅଦାଲତରେ ୮୪୪ ଜମିଜମା, ଫୌଜଦାରୀ ଓ ଗାଡିମୋଟର ଦୁର୍ଘଟଣା ଜନିତି କ୍ଷତିପୂରଣ ମାମଲା ଓ ୨୭୪୯ ବ୍ୟାଙ୍କ ଋଣ ଅନାଦେୟ ମାମଲା ଏପରି ମୋଟରେ ୩୫୯୩ ମାମଲା ଆଗତ କରାଯାଇଥିଲା। ଏଥିରୁ ୨୫୧ ମାମଲା ଫଏସଲା କରାଯାଇ ଜରିମାନା ବାବଦକୁ ୧ ଲକ୍ଷ ୧୭ ହଜାର ୮୦୦ ଟଙ୍କା, ଗାଡି ମୋଟର ଦୁର୍ଘଟଣା ବାବଦକୁ ୮୮ ଲକ୍ଷ ୨୫ ହଜାର ହଜାର , ବ୍ୟାଙ୍କ ଋଣ ଅନାଦେୟ ମାମଲା ରେ ୨୪ ଲକ୍ଷ ୭୩ ହଜାର ୬୫୮ଟଙ୍କା ରାଜସ୍ୱ/ବୀମାରାଶି ଆଦାୟ ଓ ସ୍ଥିରିକୃତ ହୋଇଥିଲା ।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୬୧ ମାମଲା ଫଇସଲା

ପାରଳାଖେମୁଣ୍ଡି,୧୪।୫ (ଡି.ଏନ୍.ଏ.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଶନିବାର ଦ୍ୱିତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ସବଜଜ୍ ଦୀପକଙ୍କର ପଟ୍ଟନାୟକ, ଆଇନ ସେବା ପ୍ରାଧକରଣ ସଚିବେ ରବି ନାରାୟଣ ବେହେରା ଓ କୋର୍ଟ ରେଜିଷ୍ଟର ସତ୍ୟବ୍ରତ ରଣା, ଉପ ଖଣ୍ଡିୟ ବିଚାର ବିଭାଗୀୟ ଅଧିକାରୀନି ବର୍ଷା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଦୟଗିରୀ କୋର୍ଟଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଲୋକ ଅଦାଲତରେ ସମୁଦାୟ ୨୯୯ ମାମଲା ବିଚାରକୁ ନିଆଯାଇଥିବା ବେଳେ ୬୧ କେସ୍‌ର ସମାଧାନ କରାଯାଇଥିଲା।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା, ସ୍ୱାମୀ କୋର୍ଟଚାଲାଣ

ଗୋପାଳପୁର,୧୪।୫ (ଡି.ଏନ୍.ଏ.): ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଡୁଲୁ ରୋଡ଼ ସ୍ଥିତ ଘର ପଛପଟେ ଥିବା ଏକ କୂଅରୁ ଗତ ୧୨ରେ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ଏହି ଘଟଣାରେ ଶନିବାର ଗୋଳନ୍ଥରା ଥାନା ପୋଲିସ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କନିଷି ହାଟ ଗ୍ରାମର ଚିଙ୍କୁ ଦଳ ବେହେରା (୨୭)। ଗତ ଫେବୃୟାରୀ ୬ରେ ଶେରଗଡ଼ ଥାନା ବନ୍ଧଗୁଡ଼ା ଗ୍ରାମର ମାମୁନି ବିଷୋୟୀଙ୍କ ସହ କନିଷି ହାଟ ଗ୍ରାମର ଚିଙ୍କୁ ଦଳ ବେହେରାଙ୍କ ବିବାହ ହୋଇଥିଲା।


# Office of the District Manager, Odisha State Civil Supplies Corporation Ltd. (OSCSC), Nayagarh

Phone:-06753-253942
District Website:-www.nayagarh.nic.in
No.3384, Dt.12.05.2022

## Tender Cancellation Notice

**No.CAD-505:** In pursuance to the Letter No.23021 and 23022 Dt.10.05.2022 of Addl. Govt Advocate, Office of the Advocate General, Odisha, Cuttack in connection with WP(C) No.11529/2022 and 11533/2022 filed by Sri Prasanna Kumar Panigrahi and Sri Dillip Kumar Panda respectively in the Hon'ble High Court of Odisha, Cuttack, the Tender Call Notice No. 1397 Dt. 10.03.2022 for Selection and Appointment of Level-II Transport Contractor for transportation of food grains from RRCs to Retail Centres (FPS) in the district Nayagarh of the State of Odisha is hereby cancelled.

Sd./- Collector-cum-Chairman
of the Tender Committee, Nayagarh
OIPR-07057/11/0010/2223

# ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

No. 7713/OMC/ 2022
Date: 13/05/2022

## NOTICE

**No.CAD-509:** Pursuant to the Advertisement No. 65/OMC dated 04.01.2022, the lists of provisionally selected candidates for the posts of Jr. Accountant & Electrician-III in order of merit have been uploaded/ displayed in OMC website (https://omcltd.in).

Candidates are advised to visit OMC website (https://omcltd.in) for details.

Sd/- General Manager (P&A)

*NB: Candidates are advised to check the OMC website (https://omcltd.in) regularly for further updates*

OIPR-30005/11/0031/2223

# OFFICE OF THE ROURKELA MUNICIPAL CORPORATION: ROURKELA

No.6334, Dated 12.5.22

## INVITATION FOR BID

### Bid Identification No. :- MC/RMC/30/2022

**No.C-291:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/30/2022 for 02 nos Civil work with value of Rs. 40.24 lakh to Rs. 44.26 lakh.

1. Bid documents will be available in website www.tendersorissa.gov.in from 13.05.2022. 2. Bids must be submitted on "online" on or before 21.05.2022 by 17.00 hours. 3. Bids shall be opened at 11.00 hours on 23.05.2022 in the office of the undersigned in the presence of the bidders or their authorized agents. 4.Other details will be available in the web site tendersorissa.gov.in.

Sd./- Municipal Commissioner
Rourkela Municipal Corporation
OIPR-13131/11/0025/2223

# OFFICE OF THE ROURKELA MUNICIPAL CORPORATION: ROURKELA

No.6331, Dated 12.5.22

## INVITATION FOR BID

### Bid Identification No. :- MC/RMC/31/2022

**No.C-292:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/31/2022 for 07 nos Civil work with value of Rs. 56.53 lakh to Rs.89.23 lakh.

1.Bid documents will be available in website www.tendersorissa.gov.in from 13.05.2022. 2.Bids must be submitted on "online" on or before 23.05.2022 by 17.00 hours. 3. Bids shall be opened at 11.00 hours on 24.05.2022 in the office of the undersigned in the presence of the bidders or their authorized agents. 4. Other details will be available in the web site tendersorissa.gov.in.

Sd./- Municipal Commissioner
Rourkela Municipal Corporation
OIPR-13131/11/0024/2223

# OFFICE OF THE MUNICIPAL COUNCIL, DHENKANAL

DHENKANAL (ODISHA), PIN - 759001
Tel. No. 06762-224401(O), Fax No.: 06762-223355, E-mail: dhenkanalm.hud@gmail.com

No. 1378 Date: 13.05.2022

## NOTICE INVITING TENDER

No. C-287: Sealed tenders, in conformity with the Detailed Tender Call Notice in two bid systems (Technical Bid & Financial Bid) are invited from the intending Partenership Firms registered under Indian partnership Act, 2013/Company registered under companies Act, 2013/Organization registered under the societies registration Act, 1860, A Limited Liability Partnership (LLP) registered under the LLP Act, 2008 having eligibility criteria as mentioned in technical bid for the execution of work as noted belwo so as to reach the Executive Officer, Dhenkanal Municipality through Registered Post/Speed Post/Courier/Dropping in tender box only upto 10 A.M. on Dt.25.05.2022.

The tender documents are to be obtained from Dhenkanal Municipality on deposit of the non-refundable cost of Rs.11800.00 including GST, in shape of Cash/Demand Draft in favour of "Executive Officer, Dhenkanal Municipality" payable at Dhenkanal from Dt.14.05.2022 to 25.05.2022 during office hours i.e. upto 8.00 A.M. The Technical Bid of the tender will be opened at 11.30 A.M. on Dt.25.05.2022 in presence of bidders of their authorized representatives, who may be present at the time of opening of the tenders. Dhenkanal Municipality will in no way, be responsible for any delay in receipt of the tender document. The financial bid of those, who will have qualified in technical bids, shall be opened in presence of bidders within seven days from the date of opening of technical bid. The particular date will be communicated to the eligible bidders through telephone/letter/email after opening of technical bid.

| Sl. No. | Name of the Work | Period of Contract | Cost of Bid Document in Rs. | E.M.D (In %) |
|---|---|---|---|---|
| 1 | Road Sweeping, Cleaning of Drains, bush uprooting in Ward No. 01 to 10 and transportation of road sweeping waste to designated point/wealth centres located around 05 Km. distant under Dhenkanal Municipality & land filling | Two years from the date of agreement Estimated Cost of Rs.19,61,380.00 | Rs.11800.00 including GST by cash or by DD in favour of "Executive Officer, Dhenkanal Municipality" payable at Dhenkanal | 1% of the Annual Estimated cost (Refundable without interest) in favour of "Executive Officer, Dhenkanal Municipality" payable at Dhenkanal |
| 2 | Road Sweeping, Cleaning of Drains, bush uprooting in Ward No. 11 to 23 and transportation of Road Sweeping waste to designated point/wealth centres located around 05 Km. distant under Dhenkanal Municiaplity & land filling | Two years from the date of agreement Estimated Cost of Rs.18,59,306.00 | Rs.11800.00 including GST by cash or by DD in favour of "Executive Officer, Dhenkanal Municipality" payable at Dhenkanal | 1% of the Annual Estimated cost (Refundable without interest) in favour of "Executive Officer, Dhenkanal Municipality" payable at Dhenkanal |

1. Name of the purchaser at the time of procurement of DTCN should not be disclosed. Money receipt against the issue of the tender paper through Cash/DD is enclosed in Technical Bid documents.
2. Only Ink/Dot Pen signed copy of DTCN (Detail Tender Call Notice) issued by the office shall be entertained.
3. The detailed tender notice available in our website i.e. **www.dhenkanalmunicipality.com**.

The authority reserves right to accept or reject any or all the Bid without assigning any reason thereof.

Sd./- Executive Officer, Dhenkanal Municipality
OIPR-13146/11/0005/2223

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ହିନ୍ଦୋଳ

## ବିଜ୍ଞାପନ

ସଂଖ୍ୟା: ୫୭୭ ତା:୧୨।୦୫।୨୦୨୨

No.C-278: ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ଜାତୀୟ ସହରାଞ୍ଚଳ ଜୀବିକା ମିଶନ (DAY NULM) ନାମକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ସହରାଞ୍ଚଳ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL) ଏବଂ ରେସନକାର୍ଡ଼ରେ ଅନ୍ତର୍ଭୁକ୍ତ ହୋଇଥିବା ବ୍ୟକ୍ତି ବିଶେଷଙ୍କ ନିମନ୍ତେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବ୍ୟାଙ୍କ ମାଧ୍ୟମରେ ବ୍ୟକ୍ତିଗତ ଓ ଦଳଗତ ଋଣ ପ୍ରଦାନ କରାଯିବା ନିମନ୍ତେ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆବେଦନ ପତ୍ର ଗ୍ରହଣ କରାଯାଉଅଛି। ବ୍ୟକ୍ତିଗତ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ପାଇଁ ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଦଳଗତ (SHG) ପାଇଁ ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ମାଧ୍ୟମରେ ଋଣ ସହଯୋଗ କରାଯାଇପାରିବ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ତଥା ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆବେଦନ ଫର୍ମ ଆସନ୍ତା ତା୨୪।୦୫।୨୦୨୨ରିଖ ମଧ୍ୟରେ କାର୍ଯ୍ୟ ଦିବସଗୁଡ଼ିକରେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ।

**ଆବଶ୍ୟକୀୟ ସଂଲଗ୍ନ କାଗଜାତ**

୧. ବି.ପି.ଏଲ୍/ରେସନ କାର୍ଡ଼ର ଦୁଇକିତା ନକଲ। ୨. ବୟସ ଏବଂ ଠିକଣା ପ୍ରମାଣପତ୍ର (ଭୋଟ ପରିଚୟ ପତ୍ର, ଆଧାର କାର୍ଡ଼, ଡ୍ରାଇଭିଙ୍ଗ୍ ଲାଇସେନ୍ସ, ପ୍ୟାନ୍‌କାର୍ଡ଼)। ୩. ବ୍ୟବସାୟ ପ୍ରକଳ୍ପର ପୂର୍ଣ୍ଣ ବିବରଣୀ (Project Report)। ୪. ବର୍ତ୍ତମାନର ୨ଗୋଟି ପାସପୋର୍ଟ ସାଇଜ୍ ରଙ୍ଗିନ ଫଟୋ। ୫. ଦରଖାସ୍ତ କରିବା ପୂର୍ବରୁ ଉକ୍ତ ଯୋଜନା ମାଧ୍ୟମରେ ଲାଭବାନ ହୋଇ ନ ଥିବା କିମ୍ବା କୌଣସି ଋଣ ନେଇ ନ ଥିବା, ତା'ର ଲିଖିତ ପ୍ରତିଶ୍ରୁତି ନାମର ଦୁଇକିତା ନକଲ। ୬. ଗୋଷ୍ଠୀ ଗଠନ ଅଧିବେସନ (SHG Resolution)ର ଦୁଇକିତା ନକଲ କେବଳ ସ୍ୱୟଂ ସହାୟିକା ଦଳମାନଙ୍କ ପାଇଁ। ୭. ବ୍ୟାଙ୍କ ଜମାଖାତାର ଦୁଇକିତା ନକଲ। ୮. ଭିନ୍ନକ୍ଷମ (PH), ଜନଜାତି (SC)/ଜନ ଉପଜାତି (ST) ହୋଇଥିଲେ ଯଥାକ୍ରମେ ଜିଲ୍ଲା ମେଡ଼ିକାଲ ଓ ବୋର୍ଡ଼ର ପ୍ରଦତ୍ତ ପ୍ରମାଣପତ୍ର ଓ ତହସିଲଦାରଙ୍କ ପ୍ରମାଣ ପତ୍ରର ଦୁଇକିତା ନକଲ।

**ଦ୍ରଷ୍ଟବ୍ୟ:** ବ୍ୟକ୍ତି ବିଶେଷ କିମ୍ବା ଦଳ (SHG) ଗତ ତିନିବର୍ଷ ମଧ୍ୟରେ କୌଣସି କ୍ଷେତ୍ରରେ ଋଣୀ ହୋଇ ନ ଥିବେ। ଋଣୀ ଥିଲେ ଦରଖାସ୍ତ ଫର୍ମକୁ ଖାରଜ କରାଯିବ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ
OIPR-13160/11/0004/2223

# The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in

No. CAD-510 OSIC GST No. 21AAACO2101M1Z1

## TENDER CALL NOTICE

Tender Notice No.2142/RE/OSIC Dt.13.05.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for 3 nos. of work** i.e. **1. a.)** "Shifting of 11 KV line & Sub-station for the work- Construction of H.L. Bridge over Gunighat Nallah at 1st Km on Baghsiuni to Atkabeda Road under BSY in the District of Nabarangpur for the year 2019-20 in the District of Nabarangpur", **b.)** "Shifting of 11 KV line & Sub-station for the work- Construction of H.L. Bridge over river Indravati at 0.50 th KM on Dudriguda to Ghataria Road under BSY in the District of Nabarangpur for the year 2019-20 in the District of Nabarangpur" **2.)** "Supply and installation of 250 KVA 11/0.4 KV Sub-Station for power supply to 120 KW SPP load to M/s. The Principal, ANWESHA Hostel at Chhend, Rourkela under RED, Rourkela, TPWODL in the District of Sundargarh" **3)** Supply and installation of High Mast Light.Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only. Sd/-

GENERAL MANAGER(O)
OIPR-14073/11/0016/2223

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 7976/IND-II-PH-1027 ତାରିଖ 7.05.2022
No. CAD-516

## ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜଗତସିଂହପୁର ତହସିଲଦାର ଓଡ଼ିଶାର ଜଗତସିଂହପୁର ଜିଲ୍ଲା, ଜଗତସିଂହପୁର ତହସିଲ ଅନ୍ତର୍ଗତ ଆଳିପିଙ୍ଗଳ-ଅଡ଼ଙ୍ଗା ଗ୍ରାମରେ ୮.୯୩ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଆଳିପିଙ୍ଗଳ-ଅଡ଼ଙ୍ଗା ଦେବୀ ନଦୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୨।୦୬।୨୦୨୨ରିଖ ଦିବା ୧୦.୩୦ ଘଟିକା ସମୟରେ **ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଆଳିପିଙ୍ଗଳ ମାର୍କେଟ କମ୍ପ୍ଲେକ୍ସ ନିକଟ ପଡିଆରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଜଗତସିଂହପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଜଗତସିଂହପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଜଗତସିଂହପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ପାରାଦୀପ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ପାରାଦୀପ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0063/2223 ସ୍ୱା./-ସଦସ୍ୟ ସଚିବ

# GOVERNMENT OF ODISHA DEPARTMENT OF WATER RESOURCES

Office of the Superintending Engineer
Bhanjanagar Irrigation Division, Bhanjanagar
Phone No. 06821-291004,
e-mail ID: bnjirrigation2010@gmail.com

## e-Procurement Notice No. e-BNID-02/2022-23

No.A-165:- Bid documents consisting of Work, Estimated cost, Cost of tender paper, Time of completion, Class of contractor, the set of terms and conditions of contract and other necessary documents can be seen in e-procurement portal www.tendersodisha.gov.in.

1. Name of the work: Canal, Flood Bank & Road works.
2. No. of works: 49 (Fortynine) No. of work.
3. Class of contractor: Varies from 'D' Class or 'C' Class.
4. Bid Identification No.: BNID-12/2022-23 & 60/2022-23.
5. Estimated cost put to tender: Rs.5.03 lakh to 11.59 lakh.
6. Period of completion : 05 (Five) months.
7. Date & time of availability of bid documents in the portal: 17.05.2022 to 26.05.2022 upto 5.00 P.M.
8. Last date / time for receipt of bids in the portal: 26.05.2022 upto 5.00 P.M.
9. Date of opening of bid: 27.05.2022 at 11.00 A.M. in the Office of the Superintending Engineer, Bhanjanagar Irrigation Division, Bhanjanagar.
10. Date of lottery: 08.06.2022 at 11.00 A.M. in the Office of the Superintending Engineer, Bhanjanagar Irrigation Division, Bhanjanagar (If situation arises).
11. Submission of affidavit: The bidder should mention his full present postal address, e-Mail ID, Valid mobile number in his Original Affidavit for each work during uploading of tender.
12. **Submission of original licence (for Engineering contractor) at the time of verification of documents.**

Further details can be seen from the e-Procurement portal www.tendersodisha.gov.in.

Sd./- Superintending Engineer, Bhanjanagar Irrigation Division
OIPR-32010/11/0004/2223

# 1st Corrigendum Notice

## ODISHA STATE MARITIME MUSEUM JOBRA, CUTTACK-753007

### CONTRACTUAL EMPLOYMENT NOTICE

Notice No :OSMM/01(CONTR)/2022

**No.A-172:** In partial modifications to this office recruitment advertisement No. OSMM/O1(CONTR:) /2022, Clause No. 8(b)and 8(b)I may be read as,

(b) All applications will be supported by the latest supportive documents of Educational Qualification, Technical Qualification, Experience, date of birth certificate, Aadhaar Card and ESM Certificate duly self-attested by the candidate & an affidavit acknowledging the genuineness of furnished documents in duly approved Notary stamp paper. In absence of the self attested certificates or enclosing forged certificates, the application will be rejected and no intimation will be given.

(I) Incomplete or unsigned application (or without Left/Right Thumb Impression on applications in case of deformities) and not accompanied by self-attested copies of certificates, received at office of "The Superintending Engineer, Mahanadi South Division-I -Cum- Member Secretary, Odisha State Maritime Museum, Jobra, Cuttack" will be rejected. The applications received after the last date of receipt of application or without photographs duly self-attested shall summarily be rejected. No further correspondence regarding rejection shall be entertained. Candidates will not be intimated in case of rejection of their application

**(Note:-** All the posts are contractual for a period of 1(one) year only. The number of vacancies are provisional and can be modified at any stage of recruitment process. The appointment is purely temporary and can not be claimed for regularization. The authority reserves all the rights in respect of the recruitment).

All other details can be seen on the website **www.odishastatemaritimemuseum.org.in.**

Sd./- Superintending Engineer,
Mahanadi South Division No I, Cuttack
OIPR-32024/11/0003/2223

# ତହସିଲଦାର କାର୍ଯ୍ୟାଳୟ, ଚିକିଟି (ଗଞ୍ଜାମ)

ବିଜ୍ଞପ୍ତି ସଂଖ୍ୟା ୨୨୩୦, ସୈରାତ/ତା.୧୦.୦୫.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

No.F-50:ଚିକିଟି ତହସିଲରେ ଥିବା ନିମ୍ନଲିଖିତ ଖଣିଜ ଦ୍ରବ୍ୟ ଉତ୍ସଗୁଡିକର 2022-2023 ବର୍ଷଠାରୁ 2026-2027 (ପାଞ୍ଚ) ବର୍ଷିଆ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଫରମ ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜାତର ତିନି (3) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ତା.11.05.2022 ରିଖ ଦିନ 7.00 A.M. ଘଟିକା ସମୟ ଠାରୁ ତା.10.06.2022 ରିଖ ମଧାହ୍ନ 1.00 PM ପର୍ଯ୍ୟନ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ଥିବା Drop Box ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ତାରିଖ ଅନ୍ତେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତଗୁଡିକ ତା.16.06.2022 ରିଖ ଦିବା 9.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯାଇ ନ ଥାଏ ତାହା ହେଲେ ଦ୍ୱିତୀୟ ଥର ପାଇଁ ତା.23.06.2022 ରିଖ ଓ ତୃତୀୟ ଥର ପାଇଁ ତା.04.07.2022 ରିଖ ଦିବା 5.30 ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବରେ ଦରଖାସ୍ତ କରିପାରିବେ । ସେଗୁଡିକୁ ତା ପରଦିନ ପୂର୍ବାହ୍ନ 11.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲା ଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିବେ । ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଇରାତ ଉତ୍ସ, ପ୍ରକାର, ମୌଜାର ନାମ, ପ୍ଲଟ ନଂ., ରକବା ଏବଂ ଦରଖାସ୍ତ ଗ୍ରହଣ ସମୟ ସୀମା ଇତ୍ୟାଦି ସୂଚନା ଗଞ୍ଜାମ ଜିଲ୍ଲା ୱେବସାଇଟ୍ http://ganjam.nic.in ସଇରାତ ଅଧୀନରେ ଉପଲବ୍ଧ ହେବା ସହିତ ତହସିଲ କାର୍ଯ୍ୟାଳୟ ଚିକିଟିର ବିଜ୍ଞାପନ ଫଳକ ମଧ୍ୟ ଉପଲବ୍ଧ ହେବ ।

### DETAIL SOURCES TO BE LEASED OUT UNDER LONGTERM LEASE BASIS FROM THE FINANCIAL YEAR 2022-2023 TO 2026-2027 OF CHIKITI, TAHASIL

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକର | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତିଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତିଘନ ମି.) (ଟଙ୍କାରେ) | ମୋଟ ଦେୟ (ପ୍ରତିଘନ ମି.) (ଟଙ୍କାରେ) | M.G.Q. ଅନୁସାରେ ବାର୍ଷିକ ସୈରାତର ପରିମାଣ | ବ୍ୟାଙ୍କ ଜମା ଓ ସଲଭେନସି ପ୍ରମାଣ ପତ୍ର ପରିମାଣ (ଟଙ୍କାରେ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | କେ.ନୂଆଗାଁ ବାଲି | କେ.ନୂଆଗାଁ | 401 | 04 | 2.750 ଏକର | ନଦୀ | 35 | 120 | 155 | 10000 | As per Rule Point No.5 | 77500 |
| | | | | 531 | 5.685 ଏକର | | | | | | | |
| | | | | 1371 | 2.450 ଏକର | | | | | | | |
| | | | | 2206 | 1.470 ଏକର | | | | | | | |

OIPR-24287/11/0001/2223 ସ୍ୱା./-ତହସିଲଦାର, ଚିକିଟି

## ସଂକ୍ଷେପରେ

### ଦୁର୍ଘଟଣାରେ କାର୍ ଚାଳକଙ୍କ ମୃତ୍ୟୁ

ରସୁଲପୁର,୧୪।୫(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର କୁଆଖିଆ ଓଭରବ୍ରିଜ୍ ନିକଟରେ ଏକ କାର୍ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ କାର୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଙ୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତ ଯୁବକ କଟକ ଜିଲା କିଶନନଗର ଥାନା ମୁଲପାଣ୍ଡେ ଗାଁର ଅବଦୁଲ୍ ମାଲିକ ଅଲ୍ଲୀ ଖାନ୍‌ଙ୍କ ପୁଅ ଅବଦୁଲ ଆଦିଲ ଖାନ୍ (୨୩) ବୋଲି ଜଣାପଡ଼ିଛି। ତେବେ ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଯାଇଛି। ସୂଚନା ମୁତବାକ, ଅବଦୁଲ ଆଦିଲ ତାଙ୍କ ସାଙ୍ଗଙ୍କ ସହ ଭଦ୍ରକରୁ ଘରକୁ ଫେରୁଥିଲେ। କୁଆଖିଆ ନିକଟରେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାରୁ ଗୋଟିଏ ପଟରେ ଗାଡ଼ି ଚଳାଚଳ କରୁଛି। ଘଟଣାସ୍ଥଳରେ ଏକ ଅଜଣା ଟ୍ରକ କାର୍ ଆଡ଼କୁ ମାଡ଼ି ଆସିବାରୁ କାର୍ ସହ ଟ୍ରକ୍‌ର ମୁହାଁମୁହିଁ ହୋଇଥିଲା। ଫଳରେ କାର୍ ଚାଳକ ଗୁରୁତର ହୋଇଥିଲେ। ଖବର ପାଇ କୁଆଖିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବଦୁଲ ଆଦିଲଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ମୃତ ଯୁବକଙ୍କ ଦାଦା କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୬୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୨୭୬ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଷ୍ଟର ଡୋଜ୍



ଯାଜପୁର ଅଫିସ/ଧର୍ମଶାଳା,୧୪।୫: ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାର ଗଣମାଧମ ପ୍ରତିନିଧିମାନଙ୍କୁ ଶନିବାର ଯାଜପୁର ମ୍ୟୁନିସିପାଲିଟି ଗୃହ, ଯାଜପୁରରୋଡ କେଏନ୍‌ଡିଏ ସମ୍ମିଳନୀ ହଲ୍ ଓ ଧର୍ମଶାଳା ପ୍ରେସ୍ କ୍ଲବଠାରେ କୋଭିଡର ତୃତୀୟ ଡୋଜ ଟୀକା ଦିଆଯାଇଛି। ଯାଜପୁର ଟାଉନରେ ୧୧୦, ଯାଜପୁର ରୋଡରେ ୯୦ ଓ ଧର୍ମଶାଳାରେ ୭୬ ଜଣ ସମୁଦାୟ ୨୭୬ ଗଣମାଧମ ପ୍ରତିନିଧି ଟିକା ନେଇଛନ୍ତି। ଯାଜପୁର ରୋଡ କେନ୍ଦ୍ରରେ ସରୋଜିନୀ ଜେନା ପରିଚାଳନା କରିଥିବାବେଳେ ପୂର୍ବତନ ପୌରାଧକ୍ଷା ସବିତା ରାଉତ ଟିକାକରଣ କେନ୍ଦ୍ରକୁ ପରିଦର୍ଶନ କରି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସେହିପରି ଧର୍ମଶାଳା ପ୍ରେସ୍ କ୍ଲବରେ ଅନୁଷ୍ଠିତ ଟିକାକରଣ ଶିବିରକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ସୁଧୀର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପରେ ଖବରଦାତାଙ୍କୁ ଟିକାକରଣ କରାଯାଇଥିଲା। ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସଯୋଗ କରିଥିଲେ।

# ମଦ୍ରାସା ଗୃହ ଭଙ୍ଗାକୁ ନେଇ ଅସନ୍ତୋଷ

## ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ

ଯାଜପୁର ଅଫିସ୧୪।୫

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁର ପଞ୍ଚାୟତ ନୁର୍ ମହଲାରେ ଥିବା ମଦ୍ରାସା ନୁରିଆକୁ କେହି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ପୂର୍ବତନ ସରପଞ୍ଚ ଅବଦୁଲ କାଦିର ମୁଖ୍ୟ ଶାସନ ସଚିବ, ପଞ୍ଚାୟତରାଜ ସଚିବ, ଯାଜପୁର ଜିଲାପାଳ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ମେଲ୍ ଜରିଆରେ ଅବଗତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଅଭିଯୋଗ ଅନୁସାରେ ମଦ୍ରାସା ନୁରିଆରେ ୫ ଶ୍ରେଣୀରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିଲେ । ଏହି ମଦ୍ରାସାରେ ଶ୍ରେଣୀଗୃହ ଅଭାବ ଥିବାରୁ ବିଞ୍ଝାରପୁର ପଞ୍ଚାୟତ ସମିତି ପକ୍ଷରୁ ୯ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା । ତେବେ ନୂତନ ଶ୍ରେଣୀଗୃହ ନିର୍ମାଣ ଆଳରେ ପୁରୁଣା ଶ୍ରେଣୀଗୃହକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହେଉଛି । ତେବେ କୌଣସି



ଭଙ୍ଗାଯାଇଥିବା ମଦ୍ରାସା।

ସରକାରୀ ଗୃହ ଭଙ୍ଗା ହେବା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନୁମତି ଆବଶ୍ୟକ ଥାଏ । ଯଦି ଗୃହଟି ବିପଦଜନକ ହୋଇଥାଏ ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ଭାଙ୍ଗି ଦିଆଯିବା କଥା । ହେଲେ ଏହି ମଦ୍ରାସାକୁ ଭାଙ୍ଗିବାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ କୌଣସି ଖବର ନ ଥିବା ଜଣା ପଡିଛି । ଅପରପକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଜ୍ୟୋତିପ୍ରକାଶ ସାମଲଙ୍କ କହିବା ମୁତାବକ ମଦ୍ରାସା ଭାଙ୍ଗିବାକୁ ନେଇ ତାଙ୍କ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇନାହିଁ। ସେହିପରି ମଦ୍ରାସା ଭାଙ୍ଗିବା ଘଟଣାକୁ ନେଇ ବ୍ଲକ ଶିକ୍ଷାଧିକାରୀ ଓ ବିଡିଓଙ୍କ ନିକଟରେ କୌଣସି ଖବର ନ ଥିବା ଜଣାପଡିଛି । କୌଣସି ଅନୁମତି ନ ଥାଇ କେତେଜଣ ମୁଷ୍ଟିମେୟ ଲୋକେ ଠିକାଦାରୀ କରିବା ପାଇଁ ଏହି ମଦ୍ରାସାକୁ ଭାଙ୍ଗି ଦେଇଥିବା ନେଇ ଅଭିଯୋଗ ହୋଇଛି । ସେହିପରି ଏହି ମଦ୍ରାସାକୁ ଆସିଥିବା ୯ଲକ୍ଷ ଟଙ୍କାର ଅନୁଦାନରେ ନିର୍ମାଣ ହେବାକୁ ଥିବା ଶ୍ରେଣୀଗୃହର କାର୍ଯ୍ୟାଦେଶ ବ୍ଲକର କନିଷ୍ଠଯନ୍ତ୍ରୀ ବିକାଶ ଦାସଙ୍କ ନାମରେ ରହିଛି । ତେବେ ମଦ୍ରାସା ଭାଙ୍ଗିବାକୁ ନେଇ ସେ କିଛି ଜାଣନ୍ତି ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ଦାସ ସୂଚନା ଦେଇଛନ୍ତି। ଏହି ମଦ୍ରାସାର ଅନ୍ୟ ଶ୍ରେଣୀଗୃହ ନ ଥିବାରୁ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହୋଇଛନ୍ତି। ଏହାକୁନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏସମ୍ପର୍କରେ ମଦ୍ରାସାର ମୁଖ୍ୟ ମୌଲବୀ (ପ୍ରଧାନ ଶିକ୍ଷକ) ସେକ୍ ଅବଦୁଲ ମୁକ୍ତଦିର୍ କୁହନ୍ତି, ମଦ୍ରାସାର ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସମସ୍ତଙ୍କ ସହମତିରେ ତାହାକୁ ଭାଙ୍ଗି ଦିଆଯାଇଛି।

# 'ବାଲ୍ୟ ବିବାହକୁ ନା, ଶିକ୍ଷାକୁ ହଁ' କାର୍ଯ୍ୟକ୍ରମ



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବ୍ରହ୍ମବରଦା,୧୪।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର 'ବାଲ୍ୟ ବିବାହକୁ ନାଁ, ଶିକ୍ଷାକୁ ହଁ' ଲକ୍ଷ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତଥା ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ଝରଣା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଓ କିଶୋର ଆଇନ, ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ଆଇନ ତଥା ଅଦଭିକା କାର୍ଯ୍ୟକ୍ରମର ପ୍ରମୁଖ ଗୁରୁତ୍ୱ ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ସୁପରଭାଇଜର ମିନାକ୍ଷୀ ଦାସ ଓ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ମଞ୍ଚ ପକ୍ଷରୁ ସଫିଆ ସେଖ ଓ ମୁଜଦଲଫା ସେଖ ବାଲ୍ୟବିବାହ କିପରି ରୋକିହେବ ଓ କିଶୋରୀ ମାନେ କିପରି ଶିକ୍ଷିତ ହେବେ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ବିଷୟରେ ନିଜ ନିଜର ମତପ୍ରକାଶ କରିଥିଲେ। ଅଙ୍ଗନୱାଡି କର୍ମୀ ସସ୍ମିତା ପାତ୍ର, କାଞ୍ଚନ ମିଶ୍ର, ଖେରୁନ୍ ନେଶା, ରୁମାନା ଖାତୁନ, କଳ୍ପନା ପାଣି, ଅନିତା ଦାସ, ପ୍ରିୟତମା କର ଓ ସୁହାନା ପରୱିନ ପ୍ରମୁଖ ଉପସ୍ଥିତ ରହି ଆଗନ୍ତୁକ କିଶୋରୀ-ବାଳିକାମାନଙ୍କୁ ବିଭିନ୍ନ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ।

# ବ୍ୟକ୍ତିଗତ ଜମିରେ ଢଳେଇ ରାସ୍ତା ନିର୍ମାଣକୁ ବିରୋଧ

ବ୍ରହ୍ମବରଦା,୧୪।୫(ଡି.ଏନ.ଏ.)

ଧର୍ମାଶାଳା ବ୍ଲକ ଅର୍ନ୍ତଗତ ମଙ୍ଗଳପୁର ପଞ୍ଚାୟତ କୋଠଡିହ ଗ୍ରାମ ସାହୁ ଘରକୁ ଯାଉଥିବା ଢଳେଇ କଂକ୍ରିଟ ରାସ୍ତା ନିର୍ମାଣ ବ୍ୟକ୍ତିଗତ ଜମିରେ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ନିର୍ମାଣ ପାଇଁ ବ୍ଲକ ପକ୍ଷରୁ ୩ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ନିୟମ ଅନୁସାରେ ଯଦି ବ୍ୟକ୍ତିଗତ ଜମିରେ ସରକାରୀ ରାସ୍ତା ନିର୍ମାଣ କରାଯାଏ ତେବେ ଜମିର ମାଲିକାନା ସର୍ବସାଧାରଣ ବ୍ୟବହାର ନିମନ୍ତେ ଲିଖିତ କରନ୍ତି। କିନ୍ତୁ ସେଭଳି ଭାବେ ଏହି ରାସ୍ତା ନିର୍ମାଣ କରାଯାଇ ନାହିଁ। ଏହାସହ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର ଢଳେଇ ରାସ୍ତା ନିର୍ମାଣ କରୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କିନ୍ତୁ ଠିକାଦାର କାମ ବନ୍ଦକରି ବିଳମ୍ବିତ ରାତିରେ ରାସ୍ତା କାମ ଶେଷ କରିଥିଲେ। ଏବିଷୟରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ରାତିଅଧରେ ସେ କାହିଁକି କାମ କଲେ ମୁଁ ସେ ବିଷୟରେ ଜାଣିନାହିଁ, ଅଭିଯୋଗ ପାଇଛି ବିଡ଼ିଓଙ୍କ ସହ କଥା ହେଲାପରେ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।



ଘରୋଇ ଜାଗାରେ ନିର୍ମାଣ ହୋଇଥିବା ରାସ୍ତା।

## ହାଇୱା ତଳେ ଚାପିହୋଇ ଜଣେ ମୃତ

ଧର୍ମଶାଳା,୧୪।୫(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରେଇକଣା ଗ୍ରାମରେ ହାଇୱା ତଳେ ଚାପିହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସୁବ୍ରତ ରାୟ (୪୫)। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗ୍ରାମରେ ପୋଖରୀ ଖୋଳାଯାଉଛି। ତେଣୁ ମାଟି ବୋଝେଇ କରି ଏକ ହାଇୱା ସେଠାରୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ସମୟରେ ସେଠାରେ କାର୍ଯ୍ୟ ତଦାରଖ କରୁଥିବା ସୁବ୍ରତ ହାଇୱା ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲିଚନ୍ଦ୍ରପୁର ପୋଲିସ ନଂ.୯୧୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ପୁଅ ବୋହୂଙ୍କ ମାଡ଼ରେ ବୃଦ୍ଧ ଆହତ

## ବରିଷ୍ଠ ନାଗରିକଙ୍କ ଅଭିଯୋଗ ଶୁଣୁନି ମଙ୍ଗଳପୁର ପୋଲିସ

ଝୁମ୍ପୁରୀ,୧୪।୫(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ ଅଞ୍ଚଳର ଜଣେ ୮୫ ବର୍ଷୀୟ ବୃଦ୍ଧ ଗତ ୧ ସପ୍ତାହ ତଳେ ପୁଅ ବୋହୂଙ୍କ ଆକ୍ରମଣର ଶିକାର ହୋଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୋଲିସ ଏ ପର୍ଯ୍ୟନ୍ତ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ନିଜାମପୁର ପଞ୍ଚାୟତ ତଳ ରଡ଼ଗାଁ ଗ୍ରାମର ବୃଦ୍ଧ ଦୟାନିଧି ପୃଷ୍ଟିଙ୍କୁ ତାଙ୍କ ପୁଅବୋହୂ ମାଡ଼ ମାରିଥିଲେ। ଦୟାନିଧି ରହୁଥିବା ଘରେ ବାରମ୍ବାର ଷଣ୍ଢ ପଶି ଯାଉଥିଲା । ସେଥିପାଇଁ ସେ ଘର ଦୁଆର ମୁହଁରେ ଦୁଇଟି ବାଉଁଶ ପୋତୁଥିଲେ । ଏହାକୁ ପୁଅ ବୋହୂ ଓ ନାତି ବିରୋଧ କରିବା ସହ ପୋତୁଥିବା ବାଉଁଶକୁ ଓପାଡ଼ି ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ଗୁରୁତର ହୋଇ ଦୟାନିଧି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସେ ସୁସ୍ଥ ହେବା ପରେ ଆକ୍ରମଣକାରୀ ପୁଅ,ବୋହୂ ଓ ନାତିଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ନୀରବ ରହିବାକୁ ବରିଷ୍ଠ ନାଗରିକ ସଂଘ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ନାପସନ୍ଦ କରାଯାଇଛି। ଏସ୍‌ପି ଏଥିରେ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ରାଜନୈତିକ ଦଳ 'ଜାଗ୍ରତ ଭାରତ ପାର୍ଟି' ଶୁଭାରମ୍ଭ

ରସୁଲପୁର,୧୪।୫(ଡି.ଏନ.ଏ.)

ନୂଆ ରାଜନୈତିକ ଦଳ ଜାଗ୍ରତ ଭାରତ ପାର୍ଟି (ଜେବିପି) ଯାଜପୁର ବିରଜା ମାଟିରୁ ଶୁଭାରମ୍ଭ ହୋଇଛି। ଏନେଇ ପାର୍ଟି ଆବାହକ ଜ୍ଞାନରଞ୍ଜନ ସ୍ୱାଇଁ ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ଏସ୍‌କେ ଲଜିଂ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସଭାପତି ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ପାର୍ଟି ତା'ର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଗଣତନ୍ତ୍ରକୁ ଜଣତନ୍ତ୍ରରେ ସମୀତ କରାଯିବା ନୀତିକୁ ଦୃଢ଼ ଭାବେ ବିରୋଧ କରିଛି। ତେବେ ପାର୍ଟିକୁ ସ୍ୱୀକୃତି ମିଳିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୬ମାସ ମଧ୍ୟରେ ସଂଗଠନକୁ ପାର୍ଟି ମାନ୍ୟତା ମିଳିଯିବ ବୋଲି ସମ୍ମିଳନୀ ଜରିଆରେ କୁହାଯାଇଛି। ଗଣତନ୍ତ୍ରକୁ ସୁଦୃଢ଼, ସଶକ୍ତ କରିବା, ଗଣତନ୍ତ୍ରରେ ଗଣଭାଗୀତାକୁ ସୁନିଶ୍ଚିତ କରିବା ଓ ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ନିଯୁକ୍ତି ଏବଂ ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବ୍ୟବସ୍ଥିତ କରିବା ପାଇଁ ପାର୍ଟି ଲଢ଼େଇ ଜାରି ରଖିବ। ପାର୍ଟି ପକ୍ଷରୁ ତୃଣମୂଳସ୍ତରରୁ ସଂଗଠନକୁ ସଜାଡ଼ିବା ସହ ଆଭିମୁଖ୍ୟକୁ ଲୋକାଭିମୁଖି କରିବା, ରାଜନୀତିରେ ସବୁ ବର୍ଗର ଲୋକଙ୍କୁ ସ୍ଥାନ ମିଳିବା, ଦକ୍ଷ ଓ ଶିକ୍ଷିତଙ୍କୁ ରାଜନୀତିରେ ଅଗ୍ରାଧିକାର ଦିଆଯିବା ଓ ଦେଶ ପାଇଁ ପ୍ରସ୍ତୁତ ନୀତି ଗ୍ଲାସ ରୁମ୍‌ରୁ ନୁହେଁ ବରଂ ଗ୍ରାସ୍ ରୁଟରୁ ପ୍ରସ୍ତୁତ ହେଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ସଭାପତି ଡ. ମହାନ୍ତି ସୂଚନା ଦେଇଛନ୍ତି। ଏଥିସହିତ ଭାରତବର୍ଷରେ ପାର୍ଟି ତା'ର ଶାଖା ଖୋଲିବ। ସବୁ ରାଜ୍ୟରେ କାର୍ଯ୍ୟକର୍ତ୍ତା ରହିବେ। ଏଥିପାଇଁ ଖୁବ୍ ଶୀଘ୍ର ଦିଲ୍ଲୀରେ ଏକ ସମ୍ମିଳନୀ ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଛି। ପାର୍ଟି ପକ୍ଷରୁ ଅଭିଯାନ ଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇ କୁରୁକ୍ଷେତ୍ରରେ ଶେଷ କରାଯିବ ବୋଲି ଅଧକ୍ଷା ରେଣୁ ବିଶ୍ୱାଳ, ପଛୁଆବର୍ଗ ସଭାପତି ଜଳଧର ମଳିକ, ସଂଯୋଜକ ଅଜୟ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।




ଜାଗ୍ରତ ଭାରତ ପାର୍ଟି ପକ୍ଷରୁ ସୂଚନା ଦିଆଯାଉଛି।

## ହନୁମାନ ଯଜ୍ଞୋତ୍ସବ

ଚଣ୍ଡିଖୋଲ,୧୪।୫(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଭାକୁଡ଼ ଗ୍ରାମରେ ଥିବା ପ୍ରସିଦ୍ଧ ହନୁମାନ ମନ୍ଦିରରେ ଶନିବାରଠାରୁ ୩ ଦିନ ବ୍ୟାପୀ ସପ୍ତମ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ପ୍ରାତଃ ସମୟରେ ବିରୂପା ନଦୀର ମୂଳବସନ୍ତ ଘାଟରୁ ଜଳ ଗ୍ରହଣ କରି ୧୦୮ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏହାପରେ ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯାଇ କଳସ ସ୍ଥାପନ ହୋଇଥିଲା। କର୍ତ୍ତା ଭାବେ କ୍ଷୀରୋଦ ଚନ୍ଦ୍ର ସାହୁ ସପତ୍ନୀକ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ତିନି ଦିନିଆ ଆଧାତ୍ମିକ ଉତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହେବ। ଯଜ୍ଞ ପାଇଁ ୭ ଜଣ ପୁରୋହିତ ନିୟୋଜିତ ହୋଇଛନ୍ତି। ମାଣ୍ଡୁକା ପଞ୍ଚାୟତର ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିବା ଦେଖିବାକୁ ମିଳିଛି।

# ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ



ଜଳ ସଂଗ୍ରହ ପାଇଁ ନଦୀକୂଳରେ ପୂଜାର୍ଚ୍ଚନା କରାଯାଉଛି।

ଧର୍ମଶାଳା,୧୪।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଡ଼ି ପୀଠରେ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଛି। ଯଜ୍ଞ କମିଟି ସଦସ୍ୟମାନେ ଦେଉଳିପାଳ ନିକଟସ୍ଥ ବ୍ରହ୍ମଣୀ ନଦୀରେ ପୂଜାର୍ଚ୍ଚନା କରି କଳସରେ ଜଳ ଉଠାଇ ଏକ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ବିଶ୍ୱଶାନ୍ତି ପାଇଁ ଅନୁଷ୍ଠିତ ଏହି ଯଜ୍ଞ ଆସନ୍ତା ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହେବ। ଯଜ୍ଞର ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ବ୍ୟବସ୍ଥା ହୋଇଛି। କମିଟି ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ରାୟ, ସମ୍ପାଦକ ସୁନୀଲ କୁମାର ସ୍ୱାଇଁଙ୍କ ସମେତ ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଯଜ୍ଞ ପରିଚାଳନାରେ ସହଯୋଗ କରୁଛନ୍ତି।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୯୫ଲକ୍ଷ ୯୪ ହଜାର ୩୨ ଟଙ୍କା ଆଦାୟ

ଯାଜପୁର ଟାଉନ,୧୪।୫(ଡି.ଏନ.ଏ.)

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଲୋକ ଅଦାଲତରେ ମୋଟ୍ ୧୧୫ ମକଦ୍ଦମା ଫଏସଲା କରାଯାଇଛି। ସେଥିମଧ୍ୟରୁ ୩୧ ଫୌଜଦାରି, ୧୫ ମୋଟର ଦୁର୍ଘଟଣାଜନିତ ମାମଲା, ୫୬ ଦେୱାନୀ ଓ ୧୩ ପାରିବାରିକ କଳହ ମକଦ୍ଦମା ରହିଛି। ଏହି ଲୋକ ଅଦାଲତରେ ୮୨ ବ୍ୟାଙ୍କ ମାମଲାର ଫଏସଲା କରାଯାଇ ମୋଟ୍ ୯୫ ଲକ୍ଷ ୯୪ ହଜାର ୩୨ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତକୁ ଜିଲା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ପୁନମ୍ ଜେନା ପରିଚାଳନା କରିଥିଲେ। ପରିବାର ଅଦାଲତ ବିଚାରପତି ମମିତା ଦାସ, ବରିଷ୍ଠ ଦେୱାନୀ ବିଚାରପତି ହୃଷୀକେଶ ସାହୁ, ବରିଷ୍ଠ ଦେୱାନୀ (ଏଲ୍‌ଆର୍‌ଆଣ୍ଡ୍‌ଏଲ୍‌ଟିଭି) ବିଚାରପତି ଦୁର୍ବାଶା ଦୁର୍ଗା, ଅତିରିକ୍ତ ବରିଷ୍ଠ ଦେୱାନି ପ୍ରସନ୍ନ କୁମାର ବେହେରା, ଏସଡିଜେଏମ୍ ବିଶ୍ୱକଲ୍ୟାଣୀ ମିଶ୍ର, ମୁନସଫ୍ ମିସ୍ ଜୁଏଲ୍ ପଟ୍ଟନାୟକ ଓ ଅନ୍ୟ ବିଚାରପତି ଅଂଶଗ୍ରହଣ କରିଥିଲେ।




ଲୋକ ଅଦାଲତରେ ମାମଲା ଫଇସଲା କରାଯାଉଛି।

# 'ମୃତ୍ୟୁ ପରେ ବଞ୍ଚିଥିବା ମଣିଷଟିଏ ଗଗନ'

ବରୀ,୧୪।୫(ଡି.ଏନ.ଏ.)

ଜନ୍ମ ଥିଲେ ମୃତ୍ୟୁ ସତ୍ୟ। କିନ୍ତୁ ନିଜର କର୍ମ, ନିଷ୍ଠା, ଆଦର୍ଶ କିଛି ମଣିଷକୁ ବଞ୍ଚାଇ ରଖିଥାଏ। ସେମାନଙ୍କ ମଧ୍ୟରୁ ଅନ୍ୟତମ ପ୍ରତିଭା ହେଉଛନ୍ତି ବରୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଗଗନ ଜେନା। ସ୍ୱାଧୀନତା ସଂଗ୍ରାମୀ ରାମ ଜେନାଙ୍କ ସୁପୁତ୍ର ଗଗନ ବିଭିନ୍ନ ସାମାଜିକ ସଂଗଠନ ଓ ସଂସ୍କାରମୂଳକ କାର୍ଯ୍ୟରେ ଯୋଗଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଶନିବାର ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ପ୍ରତିମୂର୍ତ୍ତି ଅନାବରଣ ଓ ସ୍ମୃତିଚାରଣ ସଭାରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏଭଳି ମନ୍ତବ୍ୟ ରଖିଛନ୍ତି। ଗଗନ ଛାତ୍ରବେଳରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ୧୯୯୨ରେ ବରୀ ବ୍ଲକ୍ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଗତବର୍ଷ କରୋନା ସମୟରେ ତାଙ୍କର ଦେହାନ୍ତ ଘଟିଥିଲା।



ଗଗନ ଜେନାଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

ସ୍ମୃତିସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବରୀ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଷ୍ଣୁଚରଣ ମହାନ୍ତି, ବରିଷ୍ଠ ନାଗରିକ ଅର୍ଜୁନ ଚରଣ ରାଉତ, ଲୋକନାଥ ଦାସ, କର୍ଣ୍ଣଚନ୍ଦ୍ର ଘଡ଼ାଇ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ପୂର୍ବତନ ସରପଞ୍ଚ କେଦାର ସାମଲ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, କୃଷକନେତା ମୁକୁନ୍ଦ ସାମଲ, ବରିଷ୍ଠ ଖବରଦାତା ମହେଶ୍ୱର ବଳ ଓ ପ୍ରତାପ କୁମାର ଦାସ ପ୍ରମୁଖ ଯୋଗଦେଇ ଜେନାଙ୍କ କର୍ମମୟ ଜୀବନୀ ଉପରେ ଆଲୋଚନା କରିଥିଲେ। ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ଷେତ୍ରରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବା ଶୈଳୀ ଯୋଗୁ ସେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଅତିଥିମାନେ କହିଥିଲେ। ତାଙ୍କ ଜୀବନୀ ଉପରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୂର୍ବତନ ସରପଞ୍ଚ ସାମଲ ଧନ୍ୟବାଦ ଦେଇଥିଲେ।